

ହରର୍ ଫିଲ୍ମରେ ଆଲିଆ

▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-310 • SATURDAY • 09 MAY 2026 • PAGE-12 • ₹ 7.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୩୧୦ • ଶନିବାର • ୦୯ ମେ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


# ପଶ୍ଚିମବଙ୍ଗରେ ଆଜି ଶପଥ; ତାମିଲନାଡୁରେ କେଁ

## ଶୁଭେନ୍ଦୁ ହେବେ ମୁଖ୍ୟମନ୍ତ୍ରୀ

■ କୋଲକାତା, ୮।୫ (ଏଜେନ୍ସି): ପଶ୍ଚିମ ବଙ୍ଗରେ ପ୍ରଥମ ଥର ଲାଗି ବିଜେପି ସରକାର ଗଠନ କରିବାକୁ ଯାଉଛି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ହେବେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ। ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଆନୁଷ୍ଠାନିକ ଭାବେ ଶୁଭେନ୍ଦୁ ଅଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ଏହି ଅବସରରେ ସେଠାରେ ସହପର୍ଯ୍ୟବେକ୍ଷକ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତାକାଲି ଏକ ଭବ୍ୟ



ସମାରୋହରେ ଶୁଭେନ୍ଦୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କୋଲକାତାର ଐତିହାସିକ 'ବ୍ରିଗେଡ୍ ପାରେଡ୍ ଗ୍ରାଉଣ୍ଡ'ରେ ଏହି ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦଳୀୟ ସଭାପତି ନିତିନ ନବୀନ ଏବଂ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ମିଳିଥିବା ଖବର ଅନୁସାରେ ଶୁଭେନ୍ଦୁଙ୍କ ସମେତ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିବେ। ଜଣେ ମହିଳା ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ୨୯୪ଟି ଆସନ ମଧ୍ୟରୁ ୨୦୭ଟି ଆସନରେ ବିଜୟଲାଭ କରି ପ୍ରଚଣ୍ଡ ବହୁମତ ହାସଲ କରିଛି। ▸ପୃଷ୍ଠା-୭

## ଝୁଲୁଛି ବିଜୟଙ୍କ ଭାଗ୍ୟ

■ ଚେନ୍ନାଇ, ୮।୫ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ଆଜି ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ତାମିଲ୍ଗା ଭେଟ୍ରି କାଝଗମ୍ (ଟିଭିକେ) ମୁଖ୍ୟ ବିଜୟଙ୍କୁ ୧୨୦ ଜଣ ବିଧାୟକ ସମର୍ଥନ ଜଣାଇଛନ୍ତି ଏବଂ ଆସନ୍ତାକାଲି ସେ ଶପଥ ଗ୍ରହଣ କରିବେ। ଏଭଳି ଖବର ପ୍ରଚାରିତ ହେଉଥିବା ବେଳେ ରାଜ୍ୟପାଳଙ୍କ ପକ୍ଷରୁ କୁହାଯାଇଛି ଯେ ବିଜୟଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯାଇ ନାହିଁ। କେବଳ ୧୧୬ ବିଧାୟକଙ୍କ ସମର୍ଥନପତ୍ର ଦାଖଲ କରିଛନ୍ତି ବିଜୟ। ୧୧୮ ଜଣଙ୍କ ସମର୍ଥନପତ୍ର ମିଳିଲା ପରେ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯିବ।



ରାଜ୍ୟ ବିଧାନସଭା ନିର୍ବାଚନରେ ୧୦୮ ଆସନରେ ବିଜୟୀ ହୋଇଥିବା ଟିଭିକେକୁ ସରକାର ଗଠନ ପାଇଁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଦରକାର ଥିବା ବେଳେ ତାଙ୍କୁ ମାତ୍ର ୧୧୬ ବିଧାୟକଙ୍କ ସମର୍ଥନ ମିଳିଛି। ଏଥିରେ କଂଗ୍ରେସ (୫), ସିପିଆଇ (୨) ଏବଂ ସିପିଆଇଏମ୍ (୨) ବିଧାୟକଙ୍କ ସମର୍ଥନ ରହିଛି। ବିଜୟଙ୍କୁ ସମର୍ଥନ କରିବା ଲାଗି ଭିସିକେ ଏବଂ ମୁସଲିମ୍ ଲିଗ୍ ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମର୍ଥନପତ୍ର ଦେଇନାହାନ୍ତି। ଏହି ଦୁଇ ଦଳର ଦୁଇ ଜଣ ଲେଖାଏଁ ବିଧାୟକ ଅଛନ୍ତି। ସେମାନଙ୍କ ସମର୍ଥନ ମିଳିଲେ ବିଜୟଙ୍କ ପାଇଁ ସମର୍ଥକ ସଂଖ୍ୟା ୧୨୦କୁ ବୃଦ୍ଧି ପାଇବ। ତେବେ ଭିସିକେ ଏହାର ମୁଖ୍ୟ ଥିରୁମାଭଲନଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ସର୍ତ୍ତ ରଖିଛି। ▸ପୃଷ୍ଠା-୭

# ବାଲିଅନ୍ତା ଭିଡ଼ହତ୍ୟା: ଦେଶବ୍ୟାପୀ ଆଲୋଡ଼ନ

### ମହିଳା କମିସନ ଅଧ୍ୟକ୍ଷାଙ୍କ ତଦନ୍ତ ଆରମ୍ଭ

### ଘଟଣାସ୍ଥଳରେ ପୁଲିସ ମହାନିର୍ଦ୍ଦେଶକ

### ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ

■ ଭୁବନେଶ୍ୱର, ୮।୫ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଗତକାଲି (ଗୁରୁବାର) ପୁଲିସ ଉପସ୍ଥିତିରେ ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡ ଦେଶବ୍ୟାପୀ ଅଲୋଡ଼ନ ସୃଷ୍ଟି କରିଛି। ଗତ କିଛି ମାସ ଧରି ରାଜ୍ୟରେ କ୍ରମାଗତ ଭାବେ ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅପହରଣ, ଡକାୟତି ଭଳି ଘଟଣା ଘଟିଚାଲିଥିବା ବେଳେ ପୁଲିସ ଉପସ୍ଥିତିରେ ଜଣେ ପୁଲିସ କନେଷ୍ଟବଳଙ୍କୁ ଲୋକମାନେ ପିଟିପିଟି ମାରିଦେବା ଘଟଣାରେ ପୁଲିସ ପ୍ରଶାସନର ପାରିବାପଣିଆ ଏବଂ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଓଡ଼ିଶାରୁ ଦିଲ୍ଲୀ ଯାଏ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାର ଏଭଳି ଦୟନୀୟ ସ୍ଥିତି ସଂପର୍କରେ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବା ବେଳେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପୁଲିସର କାର୍ଯ୍ୟକଳାପକୁ ନେଇ ବିରୋଧୀ ଦଳମାନେ ସରକାରଙ୍କୁ ଘେରିଛନ୍ତି। ଅନ୍ୟପକ୍ଷରେ ସରକାରୀ ଦଳର ନେତା-ମନ୍ତ୍ରୀମାନେ ମଧ୍ୟ ପରୋକ୍ଷରେ ରାଜ୍ୟର ଏଭଳି ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ପୀଡ଼ିତା ଯୁବତୀଙ୍କ ଅଭିଯୋଗ କ୍ରମେ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି ▸ପୃଷ୍ଠା-୭



## ସୌମ୍ୟଙ୍କୁ ବେଠି ଖଟାଉଥିଲେ ଆଇପିଏସ୍

■ ଭୁବନେଶ୍ୱର, ୮।୫ (ସମିସ): ଭିଡ଼ ହିଂସାର ଶିକାର ହୋଇ ମୃତ୍ୟୁବରଣ କରିଥିବା ଜିଆର୍‌ପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣା ପରେ ଚର୍ଚ୍ଚାର ପରିଧିକୁ ଆସିଛନ୍ତି ଏଡ଼ିଜି ପାହ୍ୟାର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ। ବିଭିନ୍ନ ସମୟରେ ବିବାଦ, ବିତର୍କ ମଧ୍ୟରେ ରହିଥିବା ସମ୍ପୃକ୍ତ ଆଇପିଏସ୍ ଦୀର୍ଘ ବର୍ଷ ହେଲା ସୌମ୍ୟରଞ୍ଜନଙ୍କୁ ମାନସିକ ନିର୍ଯାତନା ଦେଉଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କର ଜିଆର୍‌ପି ସହ କୌଣସି ସମ୍ପୃକ୍ତି ନ ଥିବା ସତ୍ତ୍ୱେ ପୂର୍ବ କାର୍ଯ୍ୟ ସମ୍ପର୍କ ଆଧାରରେ ସେ ଅନ୍ୟୂନ ୮ରୁ ଊର୍ଦ୍ଧ୍ୱ କନେଷ୍ଟବଳଙ୍କୁ ନିଜ ଘରେ ବେଠି ଖଟାଉଥିଲେ ବୋଲି ପୁଲିସ ମହଲରେ ଚର୍ଚ୍ଚା ଚାଲିଛି। ଏମାନଙ୍କ ମଧ୍ୟରୁ ୬ ଜଣ କନେଷ୍ଟବଳ ପାଳି କରି ଘର ଆଗରେ ପହରା ଦେଉଥିଲେ। ଘସାମୋଡ଼ା ଓ ଅନ୍ୟ ବ୍ୟକ୍ତିଗତ କାମ ପାଇଁ ଦୁଇଜଣ ନିୟୋଜିତ ଥିଲେ। ଘରୋଇ ଜିମ୍ ଓ ଆଇପିଏସ୍‌ଙ୍କ ବେନାମୀ ଜିମ୍‌ର ତତ୍ତ୍ୱାବଧାନ କରୁଥିଲେ ସୌମ୍ୟରଞ୍ଜନ । ମାତ୍ର ଏଥିପାଇଁ ତାଙ୍କୁ ଫଟା ପାହୁଲାଟିଏ ମିଳୁ ନ ଥିଲା।

ଅଭିଯୋଗ ଅନୁସାରେ ବଡ଼ି ବିଲ୍ଡିଂ ପ୍ରତି ସୌମ୍ୟରଞ୍ଜନଙ୍କର ଆସକ୍ତି ଥିଲା। ୨୦୧୩ରେ ସେ ପୁଲିସ କନେଷ୍ଟବଳ ଚାକିରି ପାଇବା ପରେ କଟକରେ ଅବସ୍ଥାପିତ ହୋଇଥିଲେ। ମାତ୍ର ଏକ ବ୍ୟକ୍ତିଗତ ମାମଲାକୁ ନେଇ ସୌମ୍ୟଙ୍କ ନାମରେ କଟକ ମହିଳା ଥାନାରେ ଏକ ମାମଲା ▸ପୃଷ୍ଠା-୭

ଘର ଜଗିବା କାମରେ ନିଯୁକ୍ତ ଥିଲେ ୬ ଜଣ କନଷ୍ଟେବଲ

ବ୍ୟକ୍ତିଗତ କାମ ଓ ମୋଡ଼ାଘସା ପାଇଁ ଲାଗିଥିଲେ ଅନ୍ୟ ୨

ବ୍ୟକ୍ତିଗତ ଓ ବେନାମୀ ଜିମ୍‌ର ତତ୍ତ୍ୱାବଧାରକ ଥିଲେ ସୌମ୍ୟ

ବିବାଦ ପରେ ବନ୍ଦ କରି ଦିଆଯାଇଥିଲା ସୌମ୍ୟଙ୍କ ଦରମା

## ପୁଣି ଏକ ହତ୍ୟା

### ଲୁହାଛଡ଼ରେ ଯୁବକକୁ ପିଟିପିଟି ମାରିଦେଲେ

■ ବାଲିପାଟଣା, ୮।୫ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଧୀନ ରାମଚନ୍ଦ୍ରପୁର ପୋଲ ନିକଟରେ ଘଟିଥିବା ବର୍ବର ହତ୍ୟାକାଣ୍ଡକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଥମି ନ ଥିବା ବେଳେ କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ଅଠାନ୍ତର ଛକରେ ଶୁକ୍ରବାର ଆଉ ଏକ ହତ୍ୟାକାଣ୍ଡ ଘଟିଛି। ଟଙ୍କା ଓ ନିଶା କାରବାରକୁ କେନ୍ଦ୍ରକରି ଅଠାନ୍ତର ଛକରେ ଶୁକ୍ରବାର ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ରାକେଶ ମହାନ୍ତି (୪୨)। ତାଙ୍କୁ ସ୍ଥାନୀୟ ଅଞ୍ଚଳର ଅନ୍ୟ ଜଣେ ଯୁବକ ଲୁହାଛଡ଼ରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି।



ପୁଲିସ ସୂଚନା ଅନୁସାରେ, ବେଙ୍ଗବତୀ ଗ୍ରାମର ପିଣ୍ଟୁ ସାହା ଓ ରାକେଶଙ୍କ ମଧ୍ୟରେ ଟଙ୍କା ଓ ନିଶା କାରବାରକୁ କେନ୍ଦ୍ରକରି ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଆଜି ପୁଣି ଉଭୟଙ୍କ ମଧ୍ୟରେ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପିଣ୍ଟୁ ଏକ ଲୁହାଛଡ଼ରେ ରାକେଶକୁ ପିଟିଥିବା କୁହାଯାଉଛି। ପିଣ୍ଟୁଙ୍କ ମାଡ଼ରେ ଗୁରୁତର ରାକେଶଙ୍କୁ ସଂକଟାପନ୍ନ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଥିଲା। ସେଠାରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବାଲିପାଟଣା ଥାନା ପୁଲିସ ଅଭିଯୁକ୍ତ ପିଣ୍ଟୁକୁ ଗିରଫ କରିବା ସହ ମାମଲାର ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛି। ଏ ନେଇ ଖୁବ୍‌ଶୀଘ୍ର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବାଲିପାଟଣା ଥାନା ପୁଲିସ କହିଛି।

## ସରକାର ରାଜଧର୍ମ ପାଳନ କରନ୍ତୁ: ମନ୍ତ୍ରୀ

■ ଭୁବନେଶ୍ୱର, ୮।୫ (ସମିସ): ସରକାରରେ ଯେଉଁମାନେ ଅଛନ୍ତି, ସେମାନଙ୍କର ମୂଳ କାମ ହେଲା ରାଜଧର୍ମ ପାଳନ କରିବା। କୌଣସି ପରିସ୍ଥିତିରେ କୌଣସି ଅପରାଧୀ ବର୍ତ୍ତିବା କଥା ନୁହଁ। ରାଜସ୍ୱ ବିଭାଗକୁ ନେଇ ଯେଉଁ ଅପରାଧ ହେଉଛି, ଅନେକ ରାଜସ୍ୱ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜସ୍ୱ ଅଧିକାରୀମାନେ ଯେତେବେଳେ ଆକ୍ରୋଶର ଶିକାର ହେଉଛନ୍ତି, ସେମାନଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ହେଉଛି। ଏ ସବୁ ଭିତରେ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାରଙ୍କୁ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶୁକ୍ରବାର ବାଲିଅନ୍ତା ଭିଡ଼ ହତ୍ୟା ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଅପରାଧୀମାନଙ୍କ ମନରେ ଭୟ ସଞ୍ଚାର ପାଇଁ ସରକାର ଉଦ୍ୟମ କରୁଛନ୍ତି। ବର୍ତ୍ତମାନ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାକୁ ଆହୁରି ସାର୍ବଜନୀନ କରିବାକୁ ସରକାର ଚିନ୍ତା କରୁଛନ୍ତି। ବ୍ରହ୍ମପୁରରେ ଜଣେ ଧାରଣାରତ ମହିଳାଙ୍କୁ ହତ୍ୟା କରାଗଲା। ଭୁବନେଶ୍ୱରରେ ମଧ୍ୟ ଏକ ଘଟଣା ଘଟିଛି। ସରକାର ଅପରାଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ରୋଗ ହେବା ପରେ ଚିକିତ୍ସାଠାରୁ ରୋଗ ନ ହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବା ଅଧିକ ଭଲ ବୋଲି ମନ୍ତ୍ରୀ କହିଛନ୍ତି। ବାଲିଅନ୍ତା ଘଟଣାରେ ତଦନ୍ତ ଚାଲିଛି। ବିରୋଧୀଙ୍କର ସମାଲୋଚନା କରିବାର ଅଧିକାର ଅଛି ଓ ସରକାର ସେମାନଙ୍କର ସମାଲୋଚନାକୁ ଗ୍ରହଣ କରି କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ସମାଲୋଚନା କରିବାର ଅଧିକାର ବିରୋଧୀଙ୍କର ଅଛି: ସୁରେଶ ପୂଜାରୀ

## କନେଷ୍ଟବଳ ହତ୍ୟା ମାମଲାର ନୂଆମୋଡ଼: ଗୋଡ଼-ହାତ ବାନ୍ଧିଥିଲା ପୁଲିସ !

■ ଭୁବନେଶ୍ୱର, ୮।୫ (ସମିସ): ବାଲିଅନ୍ତାରେ ଜିଆର୍‌ପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ସାମ୍ନାକୁ ଆସିଛି ଆଉ ଏକ ଭୟଙ୍କର ସୂଚନା। ସୌମ୍ୟରଞ୍ଜନଙ୍କ ଦୁଇ ହାତ ଓ ଦୁଇ ଗୋଡ଼କୁ ବାନ୍ଧି ଏକ ବାଉଁଶରେ ଝୁଲାଇ ନିଆଯାଉଥିବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ବିଭିନ୍ନ ଗଣମାଧ୍ୟମରେ ଏହା ମଧ୍ୟ ପ୍ରକାଶ ପାଇଛି। ମାତ୍ର ହାତଗୋଡ଼ ବାନ୍ଧିବା ପୂର୍ବରୁ ଓ ପରେ ସୌମ୍ୟଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ସୂଚନା ମିଳିଛି। ତେବେ ସୌମ୍ୟଙ୍କ ହାତଗୋଡ଼ ଲୋକମାନେ ନୁହନ୍ତି; ଦୁଇ ତିନିଜଣ ପୁଲିସ କର୍ମଚାରୀ ବାନ୍ଧିଥିବା କିଛି ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଗତକାଲି ବାଲିଅନ୍ତା ପୋଲ ନିକଟରେ ସ୍କୁଟି ସହ ଦୁର୍ଘଟଣା ପରେ ଦୁଇ ଯୁବତୀଙ୍କ ସହ ସୌମ୍ୟ ଓ ତାଙ୍କ ବନ୍ଧୁଙ୍କର ବଚସା ହୋଇଥିଲା। କ୍ରମଶଃ ଏହା ଗୁରୁତର ରୂପ ନେଇଥିଲା। ସୌମ୍ୟଙ୍କ ବ୍ୟବହାର ଅସ୍ୱାଭାବିକ ମନେ ହେଉଥିଲା। ଲୋକମାନେ ତାଙ୍କ ପାଖକୁ ଯିବାକୁ ଡରୁଥିଲେ। ଖବର ପାଇ ସେହି ସମୟରେ ପୁଲିସ ପହଞ୍ଚିଥିଲା ଓ ସୌମ୍ୟ ସେମାନଙ୍କୁ ମଧ୍ୟ କାମୁଡ଼ିବାକୁ ଓ ପିଟିବାକୁ ଗୋଡ଼ାଇ ଥିଲା। ପୁଲିସ କର୍ମଚାରୀମାନେ ସୌମ୍ୟ ନିଜେ ଜଣେ ପୁଲିସ କନେଷ୍ଟବଳ ବୋଲି ବି ଜାଣି ନ ଥିଲେ। ଉଭୟଙ୍କ ମଧ୍ୟରେ ଆକ୍ରମଣ ତୀବ୍ର ହେବାରେ ଲାଗିଲା। ବୁଦ୍ଧିବାଟ ନ ପାଇ ପୁଲିସ କର୍ମଚାରୀମାନେ କୌଶଳ କରି ସୌମ୍ୟଙ୍କ ଦୁଇ ହାତ ଓ ଦୁଇ ଗୋଡ଼ ବାନ୍ଧି ପକାଇଥିଲେ।

ନାମ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଥିବା ଏହି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ପୁଲିସ ତାଙ୍କ ହାତଗୋଡ଼ ବାନ୍ଧିବା ଫଳରେ ଲୋକଙ୍କୁ ମାଡ଼ ମାରିବାକୁ ଅଧିକ ସୁଯୋଗ ମିଳିଯାଇଥିଲା। ଲୋକମାନେ ସୌମ୍ୟକୁ ଯିଏ ଯେମିତି ପାରିଲେ ପିଟି ଚାଲିଲେ। ଶେଷରେ ପୁଲିସ କର୍ମଚାରୀମାନେ ଲୋକଙ୍କ ସହାୟତାରେ ସୌମ୍ୟଙ୍କୁ ଏକ ବାଉଁଶରେ ଲଟକାଇ ଏକ ମିନି ଟ୍ରକ୍ ଡାଲାକୁ ଫିଙ୍ଗି ଦେଇଥିଲେ। ଗୁରୁତର ଅବସ୍ଥାରେ ଥିବା ସତ୍ତ୍ୱେ ତାଙ୍କୁ ପୁଲିସ ଜିପ୍‌ରେ ନିଆ ନ ଯାଇ ମିନି ଟ୍ରକ୍ ଡାଲାରେ ଡାକ୍ତରଖାନା ବୁହାଗଲା। ମୁମୂର୍ଷୁ ଅବସ୍ଥାରେ ଥିବା ▸ପୃଷ୍ଠା-୭

ପୁଲିସ ହେପାଜତରେ ସୌମ୍ୟଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ

## ଆଣ୍ଡାମାନରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ: ବାତ୍ୟା ଆଶଙ୍କା କ୍ଷୀଣ, ସଅଳ ମୌସୁମୀ

■ ଭୁବନେଶ୍ୱର, ୮।୫ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୧.୫ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ତେବେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ଆକଳନ କରାଯାଉଥିଲେ ମଧ୍ୟ ଏହା କେତେକ ଘନୀଭୂତ ହେବ ଅର୍ଥାତ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ଏଯାଏଁ ସ୍ପଷ୍ଟ ହୋଇ ନାହିଁ। ତେବେ ଏହା ବାତ୍ୟାରେ ପରିଣତ ହେଲେ ମଧ୍ୟ ଓଡ଼ିଶା ଉପରେ ପ୍ରଭାବ ପକାଇବା କି ନାହିଁ ତାହା ଅସ୍ପଷ୍ଟ ରହିଛି। ବାତ୍ୟାର ତୀବ୍ରତାକୁ ନେଇ ମଧ୍ୟ କୌଣସି ଆକଳନ କରାଯାଇ ନାହିଁ। ହେଲେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଲଘୁଚାପ/ଅବପାତ/ବାତ୍ୟା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ସହଜରେ ବାଟ କଢ଼ାଇ ଆଣିବ। ଯଦି ସବୁ କିଛି ଠିକ୍‌ଠାକ୍ ରହେ, ତେବେ ଆସନ୍ତା ଜୁନ୍ ୧ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଯାଇ ପାରେ ବୋଲି ଆକଳନ କରାଯାଉଛି।

ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହେବା ପରେ ବଙ୍ଗୋପସାଗରରେ ବାତ୍ୟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। କିନ୍ତୁ ପାଣିପାଗ ବିଭାଗ ଏହାକୁ ନେଇ ଏପର୍ଯ୍ୟନ୍ତ ନିରବ ରହିଛି। ବିସ୍ତାରିତ ପରିସର ଆକଳନରେ ଆଇଏମ୍‌ଡି ଏହାକୁ ଏକ ଅବପାତ ହେବାର ଆଶଙ୍କା ପ୍ରକଟ କରିଥିଲେ ମଧ୍ୟ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତି ପ୍ରତିକୂଳ ଅବସ୍ଥାରେ ଥିବା ହେତୁ ସମ୍ଭାବ୍ୟ ଲଘୁଚାପ ଘନୀଭୂତ ନ ହେବାର ସମ୍ଭାବନା ରହିଛି। ସାଧାରଣତଃ ▸ପୃଷ୍ଠା-୭

ଲଘୁଚାପ କିମ୍ବା ଅବପାତ ହେଲେ ସ୍ଥିତି ଅନୁକୂଳ

### ମେ' ୨୦ ସୁଦ୍ଧା ଆଣ୍ଡାମାନ ସାଗର ଛୁଇଁବ

■ ନୂଆଦିଲ୍ଲୀ, ୮।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁଯାୟୀ, ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏହାର ନିର୍ଦ୍ଧାରିତ ସମୟରେ ଅର୍ଥାତ୍ ମେ' ୨୦ ତାରିଖ ସୁଦ୍ଧା ଆଣ୍ଡାମାନ ସାଗର ଛୁଇଁବ। ଏହି ଖବର କୃଷିପ୍ରଧାନ ଭାରତ ପାଇଁ ଏକ ଶୁଭ ସଙ୍କେତ ହୋଇଥିବା ବେଳେ ପ୍ରାକୃତିକ ପରିବେଶରେ ଏକ ନୂତନ ସ୍ପନ୍ଦନ ସୃଷ୍ଟି କରିଛି। ପାଣିପାଗ ବିଭାଗ ଅନୁଯାୟୀ, ମେ' ୧୪ ରୁ ୨୦ ତାରିଖ ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ବାୟୁ ସକ୍ରିୟ ହେବାର ଅନୁକୂଳ ପରିବେଶ ସୃଷ୍ଟି ହେଉଛି। ମେ' ମାସର ତୃତୀୟ ସପ୍ତାହ ବେଳକୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ବୃଦ୍ଧି ପାଇବା ସହ ବଙ୍ଗୋପସାଗର ଓ ଉତ୍ତର-ପୂର୍ବ ଭାରତ ▸ପୃଷ୍ଠା-୭

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ

## ଟ୍ରମ୍ପଙ୍କୁ ଝଟ୍‌କା: ୧୦% ବୈଶ୍ୱିକ ଶୁଳ୍କ ଅବୈଧ

■ ୱାସିଂଟନ୍, ୮।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଟ୍ରମ୍ପ୍ ପ୍ରଶାସନକୁ ଫେଡେରାଲ୍ ବାଣିଜ୍ୟ ଅଦାଲତରୁ ଲାଗିଛି ବଡ଼ ଝଟ୍‌କା। କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଇଥିବା ୧୦% ବୈଶ୍ୱିକ ଶୁଳ୍କ 'ଅବୈଧ' ଓ ବେଆଇନ। ଟ୍ରମ୍ପଙ୍କ ଦ୍ୱାରା ପୂର୍ବରୁ ଲାଗୁ କରାଯାଇଥିବା ବ୍ୟାପକ ଶୁଳ୍କକୁ ଖାରଜ କରିବାକୁ ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି ପରେ ଆମେରିକା ପ୍ରଶାସନ ଫେବୃଆରୀ ୨୪ ରେ ଭାରତ ସମେତ ସବୁ ଦେଶଙ୍କ ଉପରେ ୧୫୦ ଦିନ ଲାଗି ଏକ ନୂଆ ଶୁଳ୍କ ଲାଗୁ କରିଥିଲା। ଆମେରିକୀୟ ବାଣିଜ୍ୟ ଅଦାଲତ ଏବେ ୧୦% ବିଶ୍ୱ ଶୁଳ୍କକୁ ଅବୈଧ ଘୋଷଣା କରିଛନ୍ତି। ଆମେରିକା ଇରାନକୁ ତା'ର ସର୍ତ୍ତାବଳୀ ଗ୍ରହଣ କରିବାକୁ ବାଧ କରିବାକୁ ସ୍ଥିର କରିଥିବାବେଳେ ବିଶ୍ୱ ଶୁଳ୍କ ଯୋଗୁଁ କୋର୍ଟ ଆମେରିକା ପ୍ରଶାସନକୁ ଏକ ବଡ଼ ଝଟକା ଦେଇଛନ୍ତି। ତିନି ଜଣ ବିଚାରପତି ୨-୧ ବହୁମତରେ ରାୟ ଦେଇଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ଶୁଳ୍କ ଲାଗୁ କ୍ଷେତ୍ରରେ ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା କ୍ଷମତା ଅତିକ୍ରମ କରିଛି।

ଉଚ୍ଚତମ ନ୍ୟାୟାଳୟ କହିଥିଲେ ଯେ ଅନ୍ତର୍ଜାତୀୟ ଜରୁରିକାଳୀନ ଆର୍ଥିକ ଶକ୍ତି ଅଧିନିୟମ (ଆଇଇଇପିଏ) ଶୁଳ୍କ ଲାଗୁ କରିବାକୁ ଅନୁମତି ଦିଏ ନାହିଁ। ଆମେରିକା ଅନ୍ତର୍ଜାତୀୟ ବାଣିଜ୍ୟ ନ୍ୟାୟାଳୟ ଗୁରୁବାର ରାୟ ରେ କହିଛି ଯେ ଟ୍ରମ୍ପ୍ ୧୦% ଶୁଳ୍କ ଲାଗୁ କରିବା ପାଇଁ ୧୯୭୪ ବାଣିଜ୍ୟ ▸ପୃଷ୍ଠା-୭

ଆମେରିକା ସଂଘୀୟ କୋର୍ଟଙ୍କ ଘୋଷଣା

ଭାରତ ସମେତ ସବୁ ଦେଶଙ୍କ ଉପରେ ୧୫୦ ଦିନ ପାଇଁ ଲାଗିଥିଲା ନୂଆ ଶୁଳ୍କ

**ବାହାନଗା ସବ୍‌ରେଜେଷ୍ଟ୍ରି ଅଫିସ**

# ୩୦୦ ଟଙ୍କାର ସରକାରୀ ସ୍ଲଟ୍ ବୁକିଂ ପାଇଁ ଆଦାୟ ହେଉଛି ୬ ହଜାର

ବାଲେଶ୍ୱର, ୮।୫ (ରୁଚିକ ରଞ୍ଜନ ମହାପାତ୍ର)




**ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ**

ଜନସାଧାରଣଙ୍କ ସେବା ପାଇଁ ଖୋଲାଯାଇଥିବା ସରକାରୀ ଅଫିସ ଏବେ ସାଧାରଣ ଲୋକଙ୍କ ପାଇଁ ଯନ୍ତ୍ରଣା ଘର ପାଲଟିଛି। ବାଲେଶ୍ୱର ଜିଲ୍ଲାର ବାହାନଗା ସବରେଜେଷ୍ଟ୍ରି ଅଫିସରେ ଦୀର୍ଘ ୬ ରୁ ୭ ମାସ ଧରି ଚାଲିଥିବା ଅବ୍ୟବସ୍ଥା ଏବେ ଚରମ ସୀମାକୁ ପହଞ୍ଚିଥିବା ବେଳେ ସ୍ଲଟ ବୁକିଂ ନାଁରେ ଖୋଲାଖୋଲି ଲୁଟ୍ ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁସାରେ ସ୍ଲଟ ବୁକିଂ ଫି ମାତ୍ର ୩୦୦ ଟଙ୍କା ଥିବାବେଳେ ବାହାନଗା ସବରେଜେଷ୍ଟ୍ରି ଅଫିସରେ ଜମି କିଣାବିକା ପାଇଁ ଏହା ୩ ହଜାରରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଥିବା ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଟଙ୍କା ଦେଲେ ମଧ୍ୟ ଲୋକମାନେ ସମୟରେ ସ୍ଲଟ ପାଉନଥିବାରୁ ମାସ ମାସ ଧରି ଜମି କିଣାବିକା ଅଟକି ରହୁଛି। ଫଳରେ ଜମି କ୍ରେତା, ବିକ୍ରେତା ଓ ସାଧାରଣ ଲୋକ ନାହିଁ ନଥିବା ହଇରାଣ ହେଉଛନ୍ତି। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଏହି ସବରେଜେଷ୍ଟ୍ରି ଅଫିସରେ ସପ୍ତାହରେ ମାତ୍ର ତିନି ଦିନ ସୋମବାର, ଶୁକ୍ରବାର ଓ ଶନିବାର ଜମି ରେଜିଷ୍ଟ୍ରେସନ କାମ କରାଯାଉଛି। ପୁଣି ଶନିବାର ଛୁଟି ପଡ଼ିଲେ ସପ୍ତାହକୁ ମାତ୍ର ଦୁଇ ଦିନ କାମ ହେଉଛି। ବାକି ଚାରି ଦିନ ଅଫିସ ପ୍ରାୟ ଅଚଳ ଅବସ୍ଥାରେ ରହୁଥିବା ଅଭିଯୋଗ ହେଉଛି। ଏହା ସରକାରୀ ଅଫିସ ନା କୌଣସି ବ୍ୟକ୍ତିଗତ ଦୋକାନ ବୋଲି ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ସେପଟେ, ବାଲେଶ୍ୱର ଜିଲ୍ଲାର ଅନ୍ୟ ସବରେଜେଷ୍ଟ୍ରି ଅଫିସଗୁଡ଼ିକରେ ଏପରି ଅବସ୍ଥା ନଥିବାବେଳେ କେବଳ ବାହାନଗା ଅଫିସରେ ଏହି ଅରାଜକତା ଚାଲିଥିବାରୁ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ନେଇ ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ କରାଯାଉନାହିଁ। ସେପଟେ ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ)ଙ୍କୁ ଜନସାଧାରଣ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିରବଦ୍ରଷ୍ଟା ସାଜିଥିବାର ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଶେଷରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ମଧ୍ୟ ଲିଖିତ ଅଭିଯୋଗ ଆଣିଥିବା ଜଣାପଡ଼ିଛି। ତଥାପି ପ୍ରଶାସନର ନିରବତା ଏବେ ସନ୍ଦେହକୁ ଆହୁରି ଘନୀଭୂତ କରିଛି। ଏବେ ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ବାହାନଗା ସବରେଜେଷ୍ଟ୍ରି ଅଫିସକୁ ପ୍ରତିଦିନ ଚାଲୁ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

## ମତାମତ

ମୁଁ ଜମି ବିକି ଝିଅ ବାହାଘର କରିବି ବୋଲି ୩ ମାସ ହେଲା ଦୌଡ଼ୁଥିଲେ ବି ସ୍ଲଟ ପାଇପାରୁନାହିଁ, ଫଳରେ ମୁଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛି। ସରକାର ଲୋକଙ୍କୁ ସୁବିଧା ଯୋଗାଉଥିବା କହୁଛନ୍ତି, ହେଲେ ବାହାନଗା ସବରେଜେଷ୍ଟ୍ରି ଅଫିସରେ ଆମେ ସୁବିଧା ପାଉନୁ, ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ।

**ରମେଶ ଦାସ**, ଅଞ୍ଚଳବାସୀ

ଲୋକଙ୍କ ସମସ୍ୟାକୁ ଉପଲବ୍ଧି କରି ଏ ବାବଦରେ ଜିଲ୍ଲାପାଳ ଏବଂ ଏଡ଼ିଏମଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯିବା ପରେ ଲୋକଙ୍କ ଜମି କିଣାବିକା ଜନିତ ସ୍ଲଟ ବୁକିଂ ସମସ୍ୟା ଦୂର ହେବ।

**ଅମ୍ବିକା ଭୂୟାଁ**, ସବ୍‌ରେଜିଷ୍ଟ୍ରାର ତଥା ତହସିଲଦାର, ବାହାନଗା

ବାହାନଗା ସବରେଜେଷ୍ଟ୍ରି କାର୍ଯ୍ୟାଳୟରେ ଜନସାଧାରଣ ଅସୁବିଧା ଭୋଗ କରିବା ନେଇ ମୁଁ ଅଭିଯୋଗ ପାଇଛି। ଏ ଦିଗରେ ଏ.ଡ଼ି.ଏମଙ୍କ ସହ ଆଲୋଚନା କରି ଲୋକଙ୍କୁ କିଭଳି ଭାବେ ସୁବିଧା ସୁଯୋଗ ମିଳିପାରିବ ଏବଂ ଲୋକେ କିଭଳି ନିର୍ବିଘ୍ନରେ ଜମି କିଣାବିକା କରିପାରିବେ ସେ ଦିଗରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

**ସୂର୍ଯ୍ୟବଂଶୀ ମୟୁର ବିକାଶ**, ଜିଲ୍ଲାପାଳ, ବାଲେଶ୍ୱର

---

**● ବିଦ୍ୟୁତ ଚୋରି ଏବଂ ଏନଫୋର୍ସମେଣ୍ଟ ମାମଲାର ହେବ ସହଜ ସମାଧାନ**

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଆଜି

ବାଲେଶ୍ୱର, ୮।୫ (ସମିସ): ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଜି ନିଜର ସେବାଯୋଗାଣ ଅଞ୍ଚଳରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି। ଟିପିଏନଓଡିଏଲ୍ ର କ୍ଷେତ୍ରାଧିକାର ଅନ୍ତର୍ଗତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ସର୍କଲର ବିଭିନ୍ନ ଡିଭିଜନ ଓ ସବ-ଡିଭିଜନ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ପରିଚାଳିତ ହେଉଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ନିୟମ ଅନୁଯାୟୀ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କୁ ବିଚାରାଧୀନ ଏନଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସହଜ, ସ୍ୱଚ୍ଛ ଏବଂ ସମୟଭିତ୍ତିକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି ସମାଧାନ ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଠାରେ ଉପଭୋକ୍ତାମାନେ ବିବାଦର ସମାଧାନ ପାଇଁ ସହାୟତା ପାଇପାରିବେ। ଉପଭୋକ୍ତାମାନଙ୍କୁ ଦସ୍ତାବିଜ, ଯୋଗ୍ୟତା ମାପଦଣ୍ଡ ଏବଂ ସମାଧାନ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ସମସ୍ତ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଆଇନଗତ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟ ଲୋକ ଅଦାଲତ ବହୁ ଦିନରୁ ଅଟକି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ବିବାଦଗୁଡ଼ିକୁ କମ୍ କରିବାରେ ସହାୟକ ହେବ। ଏହା ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଏକ ସ୍ୱଚ୍ଛ ବିଦ୍ୟୁତ ପରିଚାଳନା ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ଉତ୍ସାହିତ କରିବ। ଟିପିଏନଓଡିଏଲ୍ ପକ୍ଷରୁ ବିଚାରାଧୀନ ଏନଫୋର୍ସମେଣ୍ଟ ମାମଲା ଥିବା ଉପଭୋକ୍ତାମାନଙ୍କୁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ କରି ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଞ୍ଚିବା ପାଇଁ ଅନୁରୋଧ କରାଯାଇଛି। ଲୋକ ଅଦାଲତ ସମ୍ବନ୍ଧୀୟ ସୂଚନା ସମ୍ପୃକ୍ତ ଡିଭିଜନ ଏବଂ ସବ-ଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି, ଏବଂ ଉପଭୋକ୍ତାମାନେ କୌଣସି ବି ସହାୟତା ବା ପରାମର୍ଶ ପାଇଁ ସେମାନଙ୍କ ନିକଟସ୍ଥ ଟିପିଏନଓଡିଏଲ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

# ବାଲେଶ୍ୱରରେ ବ୍ରାଉନ୍‌ସୁଗର କାରବାରର ରାକେଟ୍‌କୁ ନେଇ ଉଦ୍‌ବେଗ



ବାଲେଶ୍ୱର, ୮।୫ (ସମିସ): ମିଳିତ ନିଶା ନିବାରଣ ଅଭିଯାନ 'ମନା'ର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଚଳିତ ବର୍ଷ ଏପ୍ରିଲ୍ ୧୯ ତାରିଖରେ ହୋଇଥିବା ବାର୍ଷିକ ସମ୍ମିଳନୀର ବିବରଣୀ ପାଠ କଲାପରେ ବାଲେଶ୍ୱରରେ ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା କାରବାରର ରାକେଟ୍ ବିଷୟରେ ଉପସ୍ଥାପନା କରିଥିଲେ। ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଏହି ବିଷୟରେ ଗଭୀର ଉଦ୍‌ବେଗ ପ୍ରକଟ କରିଥିଲେ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଶଶାଙ୍କ ଶେଖର ଦତ୍ତ, ଭାସ୍କର ଚନ୍ଦ୍ର ମିଶ୍ର, କମଳାକାନ୍ତ ଦାଶ, ରବିନାରାୟଣ ଭୋଳ, ଭୂପତି ଭୂଷଣ ଦାସ, ସଞ୍ଜୟ କୁମାର ପଣ୍ଡା (ଖ), ଅକ୍ଷୟ କୁମାର ତ୍ରିପାଠୀ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଅର୍ପଣ କରିଥିଲେ।

# କାର ଧକ୍କାରେ ଯୁବକ ଗୁରୁତର

ସୋର, ୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ଷ୍ଟାର ହୋଟେଲ ନିକଟରେ ଆଜି ମଧ୍ୟାହ୍ନରେ ଏକ କାର ଧକ୍କାରେ ଜଣେ ଯୁବକ ଗୁରୁତ୍ତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ମଧ୍ୟାହ୍ନରେ ଏକ କାରରେ ହାୱଡା ଅଞ୍ଚଳର ଗୋଟେ ପରିବାରର ଚାରି ଜଣ ସଦସ୍ୟ ପୁରୀ ଅଭିମୁଖେ ଯାଉଥିବା ବେଳେ ଷ୍ଟାର ହୋଟେଲ ସମ୍ମୁଖରେ ରାସ୍ତା କଡରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବଡ଼ପୋଖରୀ ଅଞ୍ଚଳର ଶ୍ରବଣ ମହାକୁଡ଼ଙ୍କୁ ଧକ୍କା ଦେଇଥିଲା। ଫଳରେ ଶ୍ରବଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରୋଲରକୁ ପିଟିଲା କାର, ୭ ଗୁରୁତର

ସୋର, ୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ଷ୍ଟାର ହୋଟେଲ ନିକଟରେ ରାସ୍ତା କଡରେ ଠିଆ ହୋଇଥିବା ରୋଲରକୁ ଏକ କାର ଧକ୍କା ଦେବା ଫଳରେ ଚାଳକ ସମେତ ସାତ ଜଣ ଗୁରୁତ୍ତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପଶ୍ଚିମବଙ୍ଗ ଏଗ୍ରାରୁ ଏକ କାର ଯୋଗେ ଭଦ୍ରକ ଜିଲ୍ଲା ଧାମନଗରକୁ ଠାକୁର ଦର୍ଶନ ପାଇଁ ଗୋଟିଏ ପରିବାରର ୬ ଜଣ ଯାଉଥିବା ବେଳେ ତଳନଗର ଷ୍ଟାର ହୋଟେଲ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା ଏକ ରୋଲରକୁ ଭାରସାମ୍ୟ କରାଇ ଧକ୍କା ଦେଇଥିଲା। ଫଳରେ ଚାଳକ ସମେତ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଏଥିରେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାରେ ଭର୍ତି କରିଥିବା ବେଳେ ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାଫିକ ଜାମ ହଟାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାରେ ଗୁରୁତର ଆହତ ଆରୀଷ୍ମା ଖାନ, (୬), ସାହିଲ ଖାନ (୩୭), ଏମଡି ସାୟାନ ଖାନ(୩), ଏମଡି ମେଦୁଲ ଖାନ (୫୬) ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜଣାପଡ଼ିନାହିଁ।

# ଜୁନ୍ ପ୍ରଥମ ସପ୍ତାହରେ ଜିଲ୍ଲା ଫୁଟବଲ ଲିଗ୍

ବାଲେଶ୍ୱର, ୮।୫ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପରମିଟ ପଡ଼ିଆ, ନୂଆ ଷ୍ଟାଡିୟମ ଠାରେ ଜିଲ୍ଲା ଫୁଟବଲ ଲିଗ୍ ଜୁନ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଆଗ୍ରହୀ କ୍ଲବ, କଲେଜ ଏବଂ ଅନୁଷ୍ଠାନର ଖେଳାଳୀମାନେ ଆସନ୍ତା ୨୦ ତାରିଖ ସୁଧା ଜିଲ୍ଲା କ୍ରୀଡାସଂଘ ଅଫିସରୁ ଫର୍ମ ନେଇ ପଞ୍ଜିକରଣ କରାଇବେ। ଏହି ଖେଳ ଲିଗ୍ ପର୍ଯ୍ୟାୟରେ ହେବ। ଖେଳାଳୀମାନେ ସାଙ୍ଗରେ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସାଙ୍ଗରେ ନେଇ ଆସିବେ। ସବିଶେଷ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଫୁଟବଲ ନିମାଇଁ ଚରଣ ରାଉତରାୟ (୯୪୩୭୨୯୬୦୦୪) ଙ୍କ ସହିତ ଯୋଗାଯଗ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗିତାରୁ ଯୋଗ୍ୟ ବିବେଚିତ ହୋଇଥିବା ଖେଳାଳୀମାନେ ରଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

# ଧର୍ମପରାୟଣାଙ୍କ ପରଲୋକ

ଚନ୍ଦନେଶ୍ୱର, ୮।୫(ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଭଙ୍ଗପୁର ଗାଁର ଜାନକୀ କର(୮୫)ଙ୍କ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ କାରଣରୁ ସେ ବେଶ କିଛିଦିନ ହେବ ଅସୁସ୍ଥ ଥିଲେ। ହଠାତ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପଶ୍ଚିମବଙ୍ଗର ଦୀଘା ହସପିଟାଲକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା। ଗାଁରେ ମର ଶରୀର ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ ବାନ୍ଧବ ଏବଂ ଆତ୍ମୀୟସ୍ୱଜନ ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ମର ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଶବାଧାରକୁ ଏକ ପଟୁଆରରେ ଗାଁ ପରିକ୍ରମା ପରେ ଉଦୟପୁର ବେଳାଭୂମିକୁ ନିଆ ଯାଇଥିଲା। ପୁଅ ସୁଧୀର, ସୁଧାଂଶୁ ମୁଖାଗ୍ନି ଦେଇଥିଲେ।

---

# ଶ୍ୟାମାନନ୍ଦିପୁରରେ ଆମ ଗାଁ ଚନ୍ଦନ ଉତ୍ସବ ଉଦ୍‌ଯାପିତ

ଚନ୍ଦନେଶ୍ୱର, ୮।୫(ସମିସ): ଭୋଗରାଇ ବ୍ଲକ ଗୋଛିଦାତେଘରୀ ପଞ୍ଚାୟତ ଅଧୀନ ଶ୍ୟାମାନନ୍ଦିପୁରରେ ଆମ ଗାଁ ଚନ୍ଦନ ଉତ୍ସବ ଉଦଯାପିତ ହୋଇ ଯାଇଛି। ଭକ୍ତ କବି ଜୟଦେବ ମଞ୍ଚରେ ଉଦଯାପନୀ ସନ୍ଧ୍ୟାର ସଭାକୁ ଆମ ଗାଁ ଚନ୍ଦନ ଉତ୍ସବ ପରିବାରର ସମ୍ପାଦକ ଅନନ୍ତ କୁମାର ପ୍ରଧାନ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭୁବନେଶ୍ୱର ଏମ୍ସ କର୍କଟ ବିଭାଗୀୟ ମୁଖ୍ୟ ଡାକ୍ତର ସରୋଜ କୁମାର ଦାସ ମଜୁମଦାର ଯୋଗଦେଇ କହିଲେ, ଶ୍ରୀଜଗନ୍ନାଥଙ୍କ ବୃହତ ଯାତ୍ରା ଚନ୍ଦନ କେବଳ ଶ୍ରୀକ୍ଷେତ୍ରରେ ସୀମିତ ହୋଇ ରହିନି, ଏହା ସମଗ୍ର ଆର୍ଯ୍ୟାବର୍ତ୍ତକୁ ପରିବ୍ୟାପ୍ତ କରିଛି। ମୁଖ୍ୟ ବକ୍ତା ଶିକ୍ଷାବିତ ଶ୍ରୀନିବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ଜ୍ୟୋତ୍ସ୍ନା ବିଧୌତ ରଜନୀରେ ମହାପ୍ରଭୁ ଜଳକ୍ରୀଡ଼ା ମାଧ୍ୟମରେ ମାନବୀୟଲୀଳା ପ୍ରଦର୍ଶନ ସହିତ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, କବି ସୁଶାନ୍ତ କୁମାର ନାୟକ, ଓଷ୍ଟା ଦକ୍ଷିଣ ଭୋଗରାଇ ସମ୍ପାଦକ ଶାଶ୍ୱତ କୁମାର ଜେନା, ଦେବ ଶଙ୍କର ଦାଶ, ସମାଜସେବୀ ନଗେନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗଦେଇ ଚନ୍ଦନ ଯାତ୍ରାକୁ ଦର୍ଶନ କଲେ ଲକ୍ଷ୍ମୀ ପ୍ରାପ୍ତ ହୋଇଥାନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଡାକ୍ତର ମଜୁମଦାର ଲୋକଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କର୍କଟ ରୋଗ ସମ୍ପର୍କରେ ସଚେତନ କରିଥିଲେ। ରକ୍ତଦାନ ଶିବିରରୁ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ବେଳେ ମହିଳାଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରଶ୍ନମଞ୍ଚ ଓ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଗାଁର ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ପ୍ରଧାନ, ପୂର୍ବତନ ସେନା ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଖବର କାଗଜର ଅନନ୍ୟ ପ୍ରସାରଣ ପ୍ରତିନିଧି ଲକ୍ଷ୍ମୀକାନ୍ତ ପ୍ରଧାନ, ଭୋଗରାଇ ମାଟ୍ରିକ ମହକ ବ୍ଲକ ଟପ୍ପର ନିରୁପମା ବଡ଼ାଇ, ଶୁଭଶ୍ରୀ ସାହୁ, ଗୌର ଗୋପାଳ ଦାସଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ସମ୍ପାଦକ ଜଳେନ୍ଦ୍ର ସାହୁ ଅତିଥି ପରିଚୟ, ସଭାପତି ପ୍ରଦୀପ କୁମାର ଗିରି ବିବରଣୀ ପାଠ ଓ ଶେଷରେ କୋଷାଧ୍ୟକ ଗୋପାଳ ଚନ୍ଦ୍ର ଗିରି ଧନ୍ୟବାଦ ଦେଇଥିଲେ ଶ୍ରୀକାନ୍ତ ସାହୁ, କାହ୍ନୁ ଚରଣ ପ୍ରଧାନ, ଲକ୍ଷ୍ମୀକାନ୍ତ ମହାନ୍ତି, ମଧୁସୂଦନ ସାହୁ, ଦିନେଶ ମହାନ୍ତି, ଅରୁଣ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୁନାବେଶ ଓ ନାଗାର୍ଜ୍ଜୁନ ବେଶ ଦର୍ଶନ କରିବା ସହିତ ପାରମ୍ପରିକ ନୃତ୍ୟ, ଭଜନ, କୀର୍ତ୍ତନ ଓ ନାନା ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକ ଭରପୁର ମଜା ନେଇଥିଲେ।

# ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ମିଶ୍ରଣ ଓ କର୍ମକର୍ତ୍ତା ମନୋନୟନ




ସୋର, ୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକସ୍ଥିତ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ବିଦ୍ୟୁତ୍ କର୍ମଚାରୀଙ୍କ ମିଶ୍ରଣ ପର୍ବ ଏବଂ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଉପସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଟିପି ଉତ୍ତର ଓଡ଼ିଶାର ସୋର ଡିଭିଜନରେ କାର୍ଯ୍ୟରତ ୫୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ଶିଶିର ବିନ୍ଦୁ ଦାସଙ୍କ ନେତୃତ୍ୱ ଏବଂ ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାଶ ଓ ସହ ସାଧାରଣ ସମ୍ପାଦକ ଜ୍ୟୋତି କୃଷ୍ଣ ବେହେରାଙ୍କ ମାର୍ଗଦର୍ଶନରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗଦାନ କରିଥିଲେ। ଏହି ଯୋଗଦାନ ପରେ ବର୍ତ୍ତମାନର ସ୍ଥିତିକୁ ଆଖିଆଗରେ ରଖି ବିଦ୍ୟୁତ ବଣ୍ଟନ ବିଭାଗର ମନୋମୁଖୀ କାର୍ଯ୍ୟକ୍ରମ ଓ ଶ୍ରମିକ ଛଟେଇ ନୀତି ବିରୁଦ୍ଧରେ ଶ୍ରମିକ ସ୍ୱାର୍ଥକୁ ସୁରକ୍ଷା ଦେଇ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସଙ୍ଗଠନ ତରଫରୁ ଆହ୍ୱାନ ଦିଆଯାଇଥିଲା। ବିଦ୍ୟୁତ ଉପଭୋକ୍ତାଙ୍କୁ ନିରବଚ୍ଛିନ ବିଦ୍ୟୁତ ସେବା ପ୍ରଦାନ କରିବାରେ ରାଜ୍ୟସରକାରଙ୍କ ବୃହତ ପଦକ୍ଷେପ ଗୁଡିକୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ ଭାବେ ଗ୍ରହଣ କରିଥିଲେ। ସୋରରେ ବିଦ୍ୟୁତ ଶ୍ରମିକମାନଙ୍କର ମିଶ୍ରଣ ଫଳରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘ ଶକ୍ତି ବୃଦ୍ଧି ହେବା ସଙ୍ଗେସଙ୍ଗେ ମହାସଂଘର ସହ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକଙ୍କ ପ୍ରସ୍ତାବ ଓ ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତଙ୍କ ସହମତି କ୍ରମେ ସହ ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ବେହେରା, ସହ ସମ୍ପାଦକ ପ୍ରଦୀପ କୁମାର ଦାସ, ବାଲେଶ୍ୱର ସର୍କଲ ସମ୍ପାଦକ ଭାବେ ଶିଶିର ବିନ୍ଦୁ ଦାସଙ୍କୁ ମନୋନୟନ କରାଯାଇଥିଲା। ଏଥିସହ ଦେବାଶିଷ ଦେବଗୋସ୍ୱାମୀଙ୍କୁ ସୋର ଡିଭିଜନ ସମ୍ପାଦକ, ମନୋଜ କୁମାର ସିଂହଙ୍କୁ ସୋର ଡିଭିଜନ ଅର୍ଗାନାଇଜର, ଭାରତ କୁମାର ନାୟକଙ୍କୁ ସହ ଡିଭିଜନ ସମ୍ପାଦକ, ମାର୍କୋଣା ସବ୍‌ଡିଭିଜନ ସେକ୍ରେଟାରୀ ଭାବେ ବ୍ରଜ କିଶୋରେ ଦଳେଇ, ସୋର ସବ୍ ଡିଭିଜନ ସେକ୍ରେଟାରୀ ଭାବେ ପୂର୍ଣଚନ୍ଦ୍ର ବିଶ୍ୱାଳ, ଖଇରା ସବ୍‌ଡିଭିଜନ ସେକ୍ରେଟାରୀ ଅନିଲ କୁମାର ମହାନ୍ତି ଓ ବିଏସଏଲ ସୋର ଡିଭିଜନ ସମ୍ପାଦକ ଭାବେ ପ୍ରହ୍ଲାଦ ଦାସଙ୍କୁ ସର୍ବ ସହମତିରେ ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ସାଥି ବିଜନ କୁମାର ସାହୁ ପରିଚାଳନା କରିଥିବାବେଳେ ମହାସଂଘର ଯୁବ ସାଥି ନିହାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

---




# ନୂଆବଜାର ଛକଠାରେ ଗୋଲେଇ କରିବାକୁ ଦାବି

ଜଳେଶ୍ୱର, ୮।୫ (ସମିସ)



ଉତ୍ତର ଓଡ଼ିଶାର ସମ୍ବେଦନଶୀଳ ରାସ୍ତା ରାଜ୍ୟ ରାଜପଥ ୫୭କୁ ୪ଟିକିଆ ରାସ୍ତାରେ ପରିଣତ କରିବାଲାଗି ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ଏହି ରାସ୍ତାର ଜଳେଶ୍ୱର-ଦାରୁହା ପର୍ଯ୍ୟନ୍ତ ୨୪ କି.ମି. ରାସ୍ତା ପ୍ରସସ୍ତିକରଣ ଲାଗି କେନ୍ଦ୍ର ସରକାରଙ୍କ ଜାତୀୟ ସଡକ ଭିତ୍ତିଭୂମି ଫଣ୍ଡ ପକ୍ଷରୁ ୧୮୪.୯୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଦାରୁହା- ଚନ୍ଦନେଶ୍ୱର ୧୨ କି.ମି ରାସ୍ତା ଲାଗି ୧୨.୩୦ କୋଟି ଟଙ୍କାରେ ଉନ୍ନତିକରଣ କାର୍ଯ୍ୟ ଚାଲୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟରେ ଏହାର ପ୍ରସସ୍ତିକରଣ କରାଯିବାର ଯୋଜନା ରହିଛି। ଏହି ୨୪ କି.ମି. ରାସ୍ତାର କମର୍ଦ୍ଧାଠାରେ ୪ କି.ମି ବାଇପାସ୍ ହେବାର ଡିପିଆର୍ ପ୍ରସ୍ତୁତ ହେଉଥିବା ପିଡବ୍ଲୁଡି ଏସ୍‌ଡିଓ ବିକ୍ରମ ମୁର୍ମୁ କହିଛନ୍ତି। ସୂଚନାଯୋଗ୍ୟ, ୪ ଟିକିଆ ରାସ୍ତା ନିର୍ମାଣ ହେଲେ ଯାନବାହନ ଚଳାଚଳରେ ସମସ୍ୟା ରହିବ ନାହିଁ। ୪ ଲେନ ବିଶିଷ୍ଟ ରାସ୍ତାର ପ୍ରସ୍ତିକରଣ କାର୍ଯ୍ୟ ଆରମ୍ଭ ହେଲେ ଜଳେଶ୍ୱରର ବଡ ବଜାରଛକ ଠାରୁ ରେଜେଷ୍ଟ୍ରି ଅଫିସ୍ ପର୍ଯ୍ୟନ୍ତ ଦୁଇପାଶ୍ୱର୍ରେ ଥିବା ଜବରଦଖଲ ମୁକ୍ତ କରାଯିବ। ନୂତନ ଭାବେ ନିର୍ମାଣ କରାଯାଇଥିବା ରେଳ ଓଭରବ୍ରିଜ୍ ମଧ୍ୟ ୩ ଲେନ୍ ବିଶିଷ୍ଟ ନିର୍ମାଣ ହୋଇଛି। ସେହିପରି ଜାତୀୟ ରାଜପଥ ୧୬ ଠାରୁ ଦାରୁହା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ମୁକ୍ତ କରାଯିବ। ଏହା ସହିତ ରାସ୍ତାର ଉଭୟ ପାଶ୍ୱର୍ରେ ପୋତି ରହିଥିବା ନୟନଯୋରୀରେ ଡ୍ରେନ ନିର୍ମାଣ କରିବାକୁ ଦୁଇ ପାର୍ଶ୍ୱରେ ଥିବା ଗ୍ରାମବାସୀ ଦାବି କରିଛନ୍ତି। ନୂଆବଜାର ଛକଠାରେ ରୋଟାରୀ କ୍ଲବ ପକ୍ଷରୁ ନିର୍ମାଣ ହୋଇଥିବା ଟ୍ରାଫିକ୍ ପୋଷ୍ଟଟି ଏବେ ବିପଦପୂର୍ଣ୍ଣ ଭାବରେ ରହିଛି। ସେଠାରେ ଗୋଲେଇ ନ ଥିବାରୁ ଯାନବାହନ ଗୁଡିକ ବେନିୟମଭାବେ ଚଳପ୍ରଚଳ କରୁଛନ୍ତି ଓ ଦୁର୍ଘଟଣା ମଧ୍ୟ ହେଉଛି। ଏହି ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ସହିତ ନୂଆବଜାର ଛକରେ ଗୋଲେଇ କରାଯିବାକୁ ସ୍ଥାନୀୟ ବାସିନ୍ଦା ଲକ୍ଷ୍ମିନାରାୟଣ ଜେନା, ଅଶୋକ ଦାସ, ମନୋଜ ଜୋଷି, ମନିଷ ଠକର, ଦିନେଶ ଜେନା, ଜୟନ୍ତ ଦେ, ସୁକାନ୍ତ ଦେ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପୌରପାଳ ପ୍ରତୀପ କୁମାର ପ୍ରଧାନଙ୍କୁ ପଚାରିବାରୁ ଥାନା, ପିଡବ୍ଲୁଡି ଓ ପୌର କାର୍ଯ୍ୟାଳୟର ସହମତିରେ ଉକ୍ତ ଟ୍ରାଫିକ୍‌ପୋଷ୍ଟ ନିର୍ମାଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଇଲେକ୍ଟ୍ରନିକ୍ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ କିମ୍ବା ଟ୍ରାଫିକ୍ ପୁଲିସ୍‌ର ବ୍ୟବସ୍ଥା କରାଯାଇନାହିଁ। ନୂଆବଜାରଠାରୁ ଅଣ୍ଡରପାସ୍ ପର୍ଯ୍ୟନ୍ତ ରାସ୍ତାର ଡିଭାଇଡର ମଧ୍ୟରେ ସୋଲାର ଲାଇଟ୍ ଲଗାଯିବାର ଯୋଜନା ରହିଛି ବୋଲି ସେ କହିଛନ୍ତି।







ଉଚ୍ଚଶିକ୍ଷା କ୍ଷେତ୍ରରେ ସଙ୍କଟ

# ବିଶ୍ୱବିଦ୍ୟାଳୟରେ ୧୪୩୪ ଅଧ୍ୟାପକ ପଦ ଖାଲି



▶ ୭୦ ପ୍ରତିଶତ ପଦ ଖାଲି

▶ ଯୁଦ୍ଧକାଳୀନ ଭିତ୍ତିରେ ନିଯୁକ୍ତି ପାଇଁ ଏଆଇଏସ୍‌ଇସି ଦାବି

କଟକ, ୮।୫(ସମିସ)

ରାଜ୍ୟର ଉଚ୍ଚ ଶିକ୍ଷା ବ୍ୟବସ୍ଥା ଏବେ ଏକ ବଡ଼ ପ୍ରଶ୍ନବାଚୀ ମଧ୍ୟକୁ ଠେଲି ହୋଇଯାଇଛି। ରାଜ୍ୟରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟ ସମେତ ସରକାରୀ ଓ ବେସରକାରୀ କଲେଜଗୁଡ଼ିକରେ ପ୍ରାୟ ୭୦ ପ୍ରତିଶତରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ଏହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ ତୁରନ୍ତ ନିଯୁକ୍ତି ଦାବିରେ ଶୁକ୍ରବାର କଟକ ଗାନ୍ଧି ଭବନଠାରେ 'ଅଲଇଣ୍ଡିଆ ସେଭ ଏଜୁକେସନ କମିଟି' (ଏଆଇଏସଇସି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସୂଚନା ଅନୁଯାୟୀ, କେବଳ ବିଶ୍ୱବିଦ୍ୟାଳୟସ୍ତରରେ ୧୪୩୪ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ କର୍ମଚାରୀ ଅଭାବ ୭୦ ପ୍ରତିଶତ ଛୁଇଁଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବାରୁ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାକୁ କମିଟିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକ ଦାବି କରିଛନ୍ତି। ଯଦିଓ ବ୍ରହ୍ମପୁର, ଉତ୍କଳ, ରମାଦେବୀ ଓ ଫକିର ମୋହନ ଭଳି କିଛି ବିଶ୍ୱବିଦ୍ୟାଳୟ ନିଯୁକ୍ତି ପାଇଁ ବିଜ୍ଞାପନ ବାହାର କରିଛନ୍ତି, ମାତ୍ର ଅନ୍ୟାନ୍ୟ ଅନୁଷ୍ଠାନ ଏବଂ ଡିଗ୍ରୀ କଲେଜଗୁଡ଼ିକର ଅବସ୍ଥା ଏବେ ମଧ୍ୟ ଶୋଚନୀୟ ହୋଇ ରହିଛି। ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ବିଲ୍‌କୁ କମିଟି ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏହାକୁ ଏକ 'ଅଗଣତାନ୍ତ୍ରିକ' ବିଲ୍ ଦର୍ଶାଇବା ସହ ଏହା ଉଚ୍ଚଶିକ୍ଷାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ହୋଇଛି। ଏହି ବିଲ୍ ବିରୋଧରେ ସମସ୍ତ ଶିକ୍ଷାବିତ୍, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଏକଜୁଟ୍ ହେବାକୁ କମିଟିର ସମ୍ପାଦକ ସୁବାସ ନାୟକ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରିଥିଲେ ହେଁ, ଏହି ବହିଗୁଡ଼ିକର ଲେଖକ କିମ୍ବା ଉପଦେଷ୍ଟା ମଣ୍ଡଳୀରେ କିଏ ଅଛନ୍ତି ତାହା ସାର୍ବଜନୀନ କରାଯାଇ ନ ଥିବା ଏଠାରେ ଅଭିଯୋଗ ହୋଇଛି। ଏହି ସମ୍ମିଳନୀରେ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମା, ବବି ବଳବନ୍ତରାୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

# ବିଜେଡି ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**କଟକ, ୮।୫(ସମିସ):** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟଠାରେ ଆଜି ନବନିଯୁକ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ମହିଳା ସଭାନେତ୍ରୀ, ଯୁବ ଓ ଛାତ୍ର ବିଜେଡି ସଭାପତି ଏବଂ ସମସ୍ତ ବ୍ଲକ ସଭାପତିମାନଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବର୍ତ୍ତମାନର ସରକାରଙ୍କ ଉପରେ ବର୍ଷିବା ସହ କହିଥିଲେ ଯେ ଏହି ଲଢ଼େଇ କ୍ଷମତା ପାଇଁ ନୁହେଁ, ବରଂ ଓଡ଼ିଆ ଜାତିର ଅସ୍ମିତା ଓ ହକ ପାଇଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଯେଉଁ ପ୍ରଗତିର ପଥରେ ଆଗେଇଥିଲା, ବର୍ତ୍ତମାନର ସରକାର କେବଳ ଯୋଜନାର ରଙ୍ଗ ବଦଳାଇ ସେଥିରେ ଅନିୟମିତତା କରୁଥିବା ସେ ଅଭିଯୋଗ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଡ଼ା, ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୀବ ସାହୁ, ସୌମିତ ମିତ୍ରଙ୍କ ସମେତ ଜିଲ୍ଲା ମହିଳା ସଭାନେତ୍ରୀ ଅନିତା ବେହେରା, ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ ଓ ଛାତ୍ର ସଭାପତି ସୁମନ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ ବ୍ଲକ ସଭାପତିମାନେ ଉପସ୍ଥିତ ରହି ଦଳକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ।

**ଓଡ଼ିଆ ଜାତିର ଅସ୍ମିତା ଓ ହକ୍ ପାଇଁ ଲଢ଼େଇ ହେବ: ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ**

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ୧୨ ଜଣଙ୍କ ନାମରେ ମାମଲା

**କଟକ, ୮।୫(ସମିସ):** ହାଇକୋର୍ଟ କଲୋନୀ ଛକ ନିକଟରେ ଗୁରୁବାର ରାତିରେ ଆଦିତ୍ୟ ଦାସ(୨୪)ଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଶୁକ୍ରବାର ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବାଦାମବାଡ଼ି ଥାନା ପୁଲିସ। ଆଜି ପୁଲିସ ଆହତ ଆଦିତ୍ୟଙ୍କୁ ଭେଟି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ଆଦିତ୍ୟଙ୍କ ଅଭିଯୋଗ ଅନୁଯାୟୀ ୧୨ରୁ ଅଧିକଙ୍କ ନାମରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଗୁରୁବାର ରାତିପ୍ରାୟ ୧୦ଟା ସମୟରେ ଆଦିତ୍ୟ ହାଇକୋର୍ଟ କଲୋନୀ ଛକରେ ଛିଡା ହୋଇଥିବାବେଳେ ହଠାତ୍ ୧୨ରୁ ଅଧିକ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରାଣ ବଞ୍ଚାଇବା ଲାଗି ଆଦିତ୍ୟ ପାଖରେ ଥିବା ଏକ ଗଣମାଧ୍ୟମ କାର୍ଯ୍ୟାଳୟ ଭିତରକୁ ପଶିଯାଇଥିଲା, ହେଲେ ଆକ୍ରମଣକାରୀ ସେଠାରେ ବି ତାଙ୍କୁ ଛାଡି ନଥିଲେ। ତାଙ୍କୁ ସେଠାରେ ତଳେ ପକାଇ ନିର୍ଘାତ ବିଧାଗୋଇଠା ମାରିଥିଲେ। ପାଟିଶୁଣି ସ୍ଥାନୀୟ କିଛିଲୋକ ସହିତ ଦୋକାନୀ ସେଠାକୁ ଧାଇଁ ଆସିବାରୁ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଆଦିତ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଏସସିବି ପଠାଯାଇଥିଲା। ଏପଟେ ପ୍ରାଥମିକ ତଦନ୍ତରେ କମେଣ୍ଟ ମରାକୁ ନେଇ ଏଭଳି କାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି।

# କଟକ କଂଗ୍ରେସ ପକ୍ଷରୁ ନାରୀ ନ୍ୟାୟ ମଶାଲ ଶୋଭାଯାତ୍ରା



**କଟକ, ୮।୫(ସମିସ):** ମହିଳା ସଂରକ୍ଷଣ ବିଲ୍‌କୁ ଆଳ କରି ଯେଉଁଭଳି ଭାବରେ ବିଜେପି ସରକାର ସାରା ଭାରତ ବର୍ଷରେ କଂଗ୍ରେସକୁ ମହିଳା ବିରୋଧୀ ଭାବରେ ଚିତ୍ରଣ କରିବାକୁ ଅପପ୍ରଚାର କରୁଛି ସେହି ପ୍ରସଙ୍ଗରେ ସାଧାରଣ ଲୋକଙ୍କୁ ସଚେତନତା କରିବା ପାଇଁ କଂଗ୍ରେସ ପକ୍ଷରୁ ଜିଲ୍ଲାୱାରୀ ନାରୀ ନ୍ୟାୟ ମଶାଲ ଯାତ୍ରା କରାଯାଉଛି। କଟକ ନଗର (ଜିଲ୍ଲା) କଂଗ୍ରେସ ତତ୍ତ୍ୱାବଧାନରେ କଟକ ବାରବାଟୀ ନିର୍ବାଚନ ମଣ୍ଡଳୀର ସ୍ୱରାଜ ଆଶ୍ରମଠାରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କଟକ ନୟାସଡ଼କ ଛକରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା କଟକ ନଗର କଂଗ୍ରେସ ସଭାପତି ସାନ୍ତାୟନ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସର ବରିଷ୍ଠ ନେତ୍ରୀ ସୋନାଲି ସାହୁ, ପ୍ରାକ୍ତନ ବିଧାୟକ ରବି ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ କଟକ ବାରବାଟୀରେ ନୂତନ କଂଗ୍ରେସ କାର୍ଯ୍ୟାଳୟକୁ ପିସିସି ସଭାପତି ଉଦ୍‌ଘାଟନ କରିଥିଲେ। କଟକ ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, କର୍ପୋରେଟର ସନ୍ତୋଷ ଭୋଳ, ଜେ.କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ବଟକୃଷ୍ଣ ସାହୁ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ୍ ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ ଓ ଅମ୍ରିତା ଦାସ, ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ନେତ୍ରୀ ତୃପ୍ତି ଦାସ ଯୋଗଦେଇଥିଲେ। ସଭା କାର୍ଯ୍ୟକୁ ପିସିସି ଓବିସି ସେଲର ପ୍ରାକ୍ତନ ଉପାଧ୍ୟକ୍ଷ ଜଗନ୍ନାଥ ସାହୁ ଓ କଟକ କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା ପରିଚାଳନା କରିଥିଲେ।

ବୋର୍ଡ ଅଫ୍ ରେଭେନ୍ୟୁର ନୂତନ ନିର୍ମାଣାଧୀନ ବିଲ୍ଡିଂରେ ଅଘଟଣ

# ଛାତରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**କଟକ, ୮।୫(ସମିସ):** ଲାଲବାଗ ଥାନା ଅନ୍ତର୍ଗତ ବୋର୍ଡ ଅଫ୍ ରେଭିନ୍ୟୁର ନୂତନ ନିର୍ମାଣାଧିନ ବିଲ୍ଡିଂ ଛାତରୁ ଖସିପଡ଼ି ଆଜି ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗର ଆମିନୁଲ୍ ଇସଲାମ୍(୨୦)। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଅନ୍ୟ ଶ୍ରମିକଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆମିନୁଲ୍‌ଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ଗୃହରେ ଆମିନୁଲ୍‌ଙ୍କ ଶବ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।



ପୁଲିସ ସୂଚନା ଅନୁସାରେ, ବୋର୍ଡ ଅଫ୍ ରେଭିନ୍ୟୁର ନୂତନ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଏକ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ଏହି ସଂସ୍ଥା ପକ୍ଷରୁ ପଶ୍ଚିମବଙ୍ଗର ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଆଜି ମଧ୍ୟାହ୍ନରେ କାର୍ଯ୍ୟରତ ଶ୍ରମିକମାନେ ବିଲ୍ଡିଂ କାର୍ଯ୍ୟରୁ ବିରତି ନେଇ ତଳେ ଗୋଟିଏ ସ୍ଥାନରେ ବସି ଖାଉଥିଲେ। ଆମିନୁଲ୍ ତାଙ୍କ ଖାଇବା ଟିଫିନ୍ ତୃତୀୟ ମହଲାରେ ଛାଡ଼ି ଦେଇ ଆସିଥିବାରୁ ନିଜ ଟିଫିନ୍ ବାକ୍ସ ଆଣିବାକୁ ଯାଇଥିଲେ। ଟିଫିନ୍ ବକ୍ସ ଆଣି ତଳକୁ ଆସୁଥିବା ବେଳେ ଲିଫ୍ଟ ଲଗାଯିବା ପାଇଁ ଫାଙ୍କା ଥିବା ସ୍ଥାନରେ ତାଙ୍କ ପାଦ ପଡ଼ିଯାଇଥିଲା। ଯାହାଫଳରେ ସେ ତୃତୀୟ ମହାଲାରୁ ସିଧା ତଳେ ସିମେଣ୍ଟ ଚଟାଣରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୁଣ୍ଡ ଓ ଦେହରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଏସ୍‌ସିବି ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ସମୟରେ ପ୍ରଶାସନ ପକ୍ଷରୁ ପରିବର୍ତ୍ତନ କରାଯାଇଛି। ତେବେ ପ୍ରବଳ ଖରାରେ କେମିତି କାର୍ଯ୍ୟ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିନା ସୁରକ୍ଷାରେ ଠିକା ସଂସ୍ଥା ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲା। ପୁଲିସ ଏହାର ତଦନ୍ତ କରୁଛି।

# ବିଶ୍ୱ ରେଡ୍‌କ୍ରସ୍ ଦିବସ




**କଟକ, ୮।୫(ସମିସ):** ଭାରତୀୟ ରେଡକ୍ରସ ସୋସାଇଟି କଟକ ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ଓ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସର ପ୍ରତିଷ୍ଠାତା ସାର୍ ହେନେରୀ ଡୁନାଣ୍ଟଙ୍କ ଜନ୍ମଦିବସ ଅବସରରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗରିବ ଓ ଅଭାବୀ ଲୋକଙ୍କ ଜୀବନ ରକ୍ଷା କ୍ଷେତ୍ରରେ ରେଡକ୍ରସର ଭୂମିକାକୁ ସେ ପ୍ରଶଂସା କରିବା ସହ ପାଣ୍ଠି ବୃଦ୍ଧି ଓ ରକ୍ତ ସଂଗ୍ରହ ଶିବିର ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ପାଣ୍ଠି ସଂଗ୍ରହ ପାଇଁ ନୂତନ ରସିଦ ବହି ଓ କ୍ୟୁଆର୍ କୋଡ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ଜରୁରିକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ ଆଗାମୀ କାର୍ଯ୍ୟଖସଡ଼ା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଅବକାରୀ ଅଧୀକ୍ଷକ କରୁଣାକର ତିୱାରୀ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାସ ଏବଂ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଠଗଡ଼ ଓ ବାଙ୍କୀ ଉପଜିଲ୍ଲାପାଳଙ୍କ ସମେତ ବହୁ ଅଧିକାରୀ ଓ ରେଡକ୍ରସ ସଦସ୍ୟ ଉପସ୍ଥିତ ଥିଲେ।

**ପାଣ୍ଠି ସଂଗ୍ରହ ଓ ସଦୁପଯୋଗ ଉପରେ ଗୁରୁତ୍ୱ**

# ସୁବାସ ସଙ୍ଗଠନ ପକ୍ଷରୁ ଅଭିନବ ପ୍ରତିବାଦ

**କଟକ, ୮।୫(ସମିସ):** ବାଦାମବାଡି ମୁଖ୍ୟରାସ୍ତା ଶୋଚନୀୟ ହୋଇପଡ଼ିଛି। ଗତ ୧ ତାରିଖରେ ଏହି ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଯୋଗୁଁ ଜଣଙ୍କ ଜୀବନ ଯାଇଛି। ଅନେକ ଏଠାରେ ଗୁରୁତର ଆହତ ହୋଇଛନ୍ତି। ଅଘଟଣ ପରେ ରାତାରାତି ଖାଲକୁ ପୋତି ଦିଆଯାଇଥିଲା; କିନ୍ତୁ ମୃତକଙ୍କୁ କେହି ସମବେଦନା ଜଣାଇ ନଥିଲେ। ସିଏମ୍‌ସିର ୨୦୨୫-୨୬ ବଜେଟ୍‌ରେ ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲେ ମଧ୍ୟ ବାଦାମବାଡି ଭଳି ପ୍ରମୁଖ ରାସ୍ତାରେ ଗୋଟେ ସୁରକ୍ଷିତ ରାସ୍ତା ନିର୍ମାଣ ହୋଇ ପାରୁନାହିଁ। ତେଣୁ ସୁଭାଷ ସଂଗଠନ ତରଫରୁ 'ଭିକ୍ଷା ସତ୍ୟାଗ୍ରହ' କରାଯାଇଥିଲା। ସଂଗଠନର କର୍ମୀମାନେ ହାତରେ ଭିକ୍ଷା ଥାଳି ଧରି ଅର୍ଥ ସଂଗ୍ରହ କରୁଛନ୍ତି। କଟକ ମୁଖ୍ୟ ରାସ୍ତାର ସମସ୍ତ ଖାଲକୁ ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ମରାମତି କରିବା, ଗତ ୫ ବର୍ଷରେ ଏହି ରାସ୍ତାରେ ହୋଇଥିବା ଖର୍ଚ୍ଚ ଓ କାର୍ଯ୍ୟର ଶ୍ୱେତପତ୍ର ଜାରି କରିବା, ଖାଲ ଯୋଗୁଁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଦାବି ନେଇ ଏହି ଭିକ୍ଷା ସତ୍ୟାଗ୍ରହ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ତଥା ସଭାପତି ସୁରେଶ ମହାନ୍ତି, ସନ୍ତୋଷ ମହାନ୍ତି, ସୁରେଶ ଭୂଆଁ, ସଂଗ୍ରାମ ଗ୍ରହଚର୍ଯ୍ୟ, ଭବାନୀ ମହାପାତ୍ର, ରାକେଶ ରାୟ, ହରେକୃଷ୍ଣ ନାୟକ, ପ୍ରହ୍ଲାଦ ମହାରଣା, ବିବେକ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

**ରାସ୍ତା କାମ କରୁ ନ ଥିବାରୁ ଭିକ୍ଷା ମାଗିଲେ**




ଗ୍ରାମ ଦେଇ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ଯିବା ପ୍ରସଂଗ

# ହସ୍ତକ୍ଷେପ ପାଇଁ ମନା କଲେ ହାଇକୋର୍ଟ

**କଟକ, ୮।୫(ସମିସ):** ଏକ ଗ୍ରାମ ଦେଇ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସମିସନ ଲାଇନ ସଂଯୋଗକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ କଟକ ଜିଲ୍ଲାର ବାଇଝୁଆ-ଟାଙ୍ଗୀ ଅଞ୍ଚଳର ଗ୍ରାମବାସୀମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବିଦ୍ୟୁତ୍ ଲାଇନର ମାର୍ଗ କେଉଁଠି ହେବ, ସେ ବିଷୟରେ କୋର୍ଟଙ୍କର କୌଣସି ବୈଷୟିକ ଦକ୍ଷତା ନାହିଁ। ଏହି ଦାୟିତ୍ୱ ବିଶେଷଜ୍ଞ ସଂସ୍ଥାଗୁଡ଼ିକର ବୋଲି ଅଦାଲତ କହିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ ଗାଁ ପୋଖରୀ ଓ ଚାଷଜମି ଦେଇ ଯାଉଥିବା ଏହି ୭୬୫ କେଭି ଲାଇନ ଦ୍ୱାରା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। କିଛି ଗ୍ରାମବାସୀଙ୍କ ଆପତ୍ତି ଯୋଗୁଁ ଯଦି ଏହି ଜନସେବା ପ୍ରକଳ୍ପରେ ହସ୍ତକ୍ଷେପ କରାଯାଏ, ତେବେ ଏହା ଭିତ୍ତିଭୂମି ବିକାଶରେ ବାଧା ସୃଷ୍ଟି କରିବା ସହ ଖର୍ଚ୍ଚ ବୃଦ୍ଧିର କାରଣ ହେବ ବୋଲି ହାଇକୋର୍ଟ କହିଛନ୍ତି।

ଶ୍ରଦ୍ଧାଞ୍ଜଳି



ସ୍ୱ ବାଇଦ୍ନୁ ସ୍ୱାଇଁ
ଆବିର୍ଭାବ - ୧୦.୦୬.୧୯୯୧
ତିରୋଧାନ - ୨୯.୦୪.୨୦୨୬
ତୁ ଆମକୁ ଛାଡି ଏତେ ଶୀଘ୍ର ଅଫେରା ରାଇଜକୁ ଚାଲିଯିବୁ ଏହା ଆମ କଳ୍ପନା ବାହାରେ ଥିଲା। ତେବେ ତୁ ଯେଉଁଠି ବି ଥା ଆକାଶରେ ଧ୍ରୁବ ହୋଇ ଝଟକୁ ଥା ଭଗବାନ ତୋର ଆତ୍ମାକୁ ଶାନ୍ତି ଦିଅନ୍ତୁ ଏହାହିଁ କାମନା।
ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ତୋର ଅଭାଗା ପିତା, ମାତା, ଭାଇ, ଭାଉଜ,ଭଉଣୀ,ପୁତୁରା, ଝିଆରୀ, ଭଣଜା ଭାଣେଜୀ

# ରାଷ୍ଟ୍ରପତିଙ୍କୁ ଭେଟିଲେ ବ୍ରହ୍ମାକୁମାରୀ ପ୍ରତିନିଧି ଦଳ

**କଟକ, ୮।୫(ସମିସ):** ଆଜି ରାଷ୍ଟ୍ରପତି ଭବନ ପରିସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଅନୁଷ୍ଠାନର ଜାତୀୟ ସମନ୍ୱୟକାରୀ ତଥା ଆର୍ଟ ଗ୍ୟାଲେରୀ ନିର୍ଦ୍ଦେଶକ ଡାକ୍ତର ବି.କେ. ନଥମଲ ଏବଂ ବି.କେ. ମଦନ ଭାଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଏହି ଆଲୋଚନା କାଳରେ ପ୍ରତିନିଧି ଦଳ ବ୍ରହ୍ମାକୁମାରୀ ସଂଗଠନ ପକ୍ଷରୁ ପ୍ରଚାରିତ ଆଧ୍ୟାତ୍ମିକତା, ମାନବୀୟ ମୂଲ୍ୟବୋଧ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା ନିମନ୍ତେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ବିଶେଷ କରି ଶାନ୍ତିପୂର୍ଣ୍ଣ ସମାଜ ଗଠନ ଏବଂ ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ଭାବନାକୁ ଏହି ସାକ୍ଷାତକାରରେ ପ୍ରାଧାନ୍ୟ ଦିଆଯାଇଥିଲା। ସମାଜ କଲ୍ୟାଣ ତଥା ନୈତିକ ଶିକ୍ଷାର ପ୍ରସାର କ୍ଷେତ୍ରରେ ଏଭଳି ଆଲୋଚନା ଅତ୍ୟନ୍ତ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା ପ୍ରକାଶ ପାଇଛି।



# ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କର

କଟକ, ୮।୫(ସମିସ)

କଟକ ସହରର ବିଭିନ୍ନ ବସ୍ତି, ବିଶେଷ କରି କୃଷକ ବଜାର ବସ୍ତିର ବାସିନ୍ଦାମାନଙ୍କୁ ବିନା ଥଇଥାନରେ ଉଚ୍ଛେଦ କରାଯାଉଥିବା ଅଭିଯୋଗ କରି ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଉଚ୍ଛେଦ ଆତଙ୍କ ଫଳରେ ବସ୍ତିବାସିନ୍ଦାଙ୍କ ଦୈନନ୍ଦିନ ଜୀବନ ଦୁର୍ବିସହ ହୋଇପଡ଼ିଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ମିଳିତ ମଞ୍ଚର ଅଭିଯୋଗ ଅନୁଯାୟୀ, ବସ୍ତିବାସିନ୍ଦାଙ୍କ ବିସ୍ଥାପନ ଓ ଥଇଥାନ ପାଇଁ ରାଜ୍ୟରେ ନିର୍ଦ୍ଦିଷ୍ଟ ଆଇନ ରହିଥିଲେ ହେଁ ପ୍ରଶାସନ ନିଜେ ଏହି ଆଇନକୁ ସମ୍ମାନ ଦେଉନାହିଁ। ବିନା ସାଧାରଣ ଜନସ୍ୱାର୍ଥରେ ଏବଂ ବିନା ନୋଟିସରେ ଗରିବ ଶ୍ରମଜୀବୀଙ୍କ ବାସ ଅଧିକାରକୁ ଅପହରଣ କରିବା ଏବଂ ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିବା ଏକ ଗର୍ହିତ ପଦକ୍ଷେପ ବୋଲି ମଞ୍ଚ ଦର୍ଶାଇଛି। ବିନା ଥଇଥାନରେ ଉଚ୍ଛେଦ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବେଆଇନ କହି ଏଥିରୁ କ୍ଷାନ୍ତ ରହିବାକୁ ପ୍ରଶାସନକୁ ଦାବି କରାଯାଇଛି। ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେମାନଙ୍କର ମୁଖ୍ୟ ଦାବିଗୁଡ଼ିକ ହେଲା, ବିନା ଥଇଥାନରେ କୌଣସି ବସ୍ତି ଉଚ୍ଛେଦ କରାଯିବ ନାହିଁ, ବସ୍ତିବାସିନ୍ଦାଙ୍କୁ ସେମାନଙ୍କ କର୍ମସ୍ଥଳୀ ନିକଟରେ ଥଇଥାନ କରାଯାଇ ଜମି ପଟ୍ଟା ପ୍ରଦାନ କରାଯାଉ, 'ଜାଗା ମିଶନ' ଅନୁଯାୟୀ କୃଷକ ବଜାର ବସ୍ତିବାସିନ୍ଦାଙ୍କୁ ତୁରନ୍ତ ପଟ୍ଟା ଦିଆଯାଉ। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦରେ ସୁଜାତା ମହାପାତ୍ର, ରାଧାରାଣୀ ସାହୁ, ସିପ୍ରା ମହାନ୍ତି, ଲିଙ୍ଗରାଜ ବାରିକ, ସୁବାସ ନାୟକ, ପବିତ୍ର ସାହୁ, ବେଙ୍ଗ ନାୟକ ଏବଂ ମାନସୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ପ୍ରତିବାଦ**



## ଜାଲିଆତି ଘଟଣା

# କୋରେଇ ବିଇଓ ସୁଦର୍ଶନ ମଲ୍ଲିକ ନିଲମ୍ବିତ

**ଯାଜପୁର, ୮।୫(ସମିସ):** ଯାଜପୁର ଜିଲ୍ଲା କୋରେଇ ବିଇଓ ଅଫିସରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତି ମାମଲାରେ କୋରେଇ ବିଇଓ ସୁଦର୍ଶନ ମଲ୍ଲିକଙ୍କୁ ନିଲମ୍ବିତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଏହି ନିଲମ୍ବିତ କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତି ଏବଂ ବ୍ୟାଙ୍କରେ କାର୍ଯ୍ୟରତ ପୁଅ ସହିତ ମିଶି କେତେକ ଅବସରପ୍ରାପ୍ତ ଓ ମୃତ କର୍ମଚାରୀଙ୍କୁ ଜୀବିତ ଥିବା ଦର୍ଶାଇ ସେମାନଙ୍କ ଦରମାକୁ ନିଜ ଆକାଉଣ୍ଟରେ ଟ୍ରାନ୍ସଫର୍ କରୁଥିଲେ। ଏହି ଘଟଣା ଧରାପଡ଼ିବା ପରେ ଭିଜିଲାନ୍ସ ଏହାର ତଦନ୍ତ କରି ଏ ପର୍ଯ୍ୟନ୍ତ ମୋଟ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସବୁ ବେଆଇନ କାର୍ଯ୍ୟ କୋରେଇ ବିଇଓ ଅଫିସରୁ ହେଉଥିବା ବେଳେ ବିଇଓ କିଭଳି ସ୍ୱଚ୍ଛ ବୋଲି ସାଧାରଣରେ ପ୍ରଶ୍ନ ହୋଇଥିଲା। ତେବେ ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଇଓଙ୍କୁ ନିଲମ୍ବିତ କରାଯିବା ସହିତ ତାଙ୍କୁ ଯାଜପୁର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଶ୍ରୀ ମଲ୍ଲିକ ବର୍ତ୍ତମାନ କୋରେଇ ସହିତ ରସୁଲପୁର ବ୍ଲକର ଅତିରିକ୍ତ ବିଇଓ ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି।

# ଏଲ୍ଆଇସି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୮।୫(ସମିସ):** ଏଲ୍ଆଇସି ଯାଜପୁର ବ୍ରାଞ୍ଚର ମୁଖ୍ୟ ଶାଖା ପ୍ରବନ୍ଧକ ବିଜୟକୁମାର ପଣ୍ଡା ଏବଂ ଉନ୍ନୟନ ଅଧିକାରୀ ଧରଣୀଧର ସେଠୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅଭିକର୍ତ୍ତା ରବୀନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ଯାଜପୁର ଟାଉନର ତୁଳସୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସହକାରୀ ଶାଖା ପ୍ରବନ୍ଧକ ଶରତ କୁମାର ପଣ୍ଡା ଏବଂ ପ୍ରଶାନ୍ତ କୁମାର ନାହାକ ଅତିଥି ଭାବେ ଯୋଗଦେଇଥିଲେ। ଅଭିକର୍ତ୍ତା ସୁରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଅଭିକର୍ତ୍ତା ଗଣେଶ ପ୍ରସାଦ ସାହୁ, ସୁରେଶ କୁମାର ସାହୁ, ବିବେକାନନ୍ଦ ରାଉତ, ତାପସ କୁମାର ପତି, ସୁରେଶ କୁମାର ରାଉଳ, ଭରତ ଚନ୍ଦ୍ର ସାମଲ, ପ୍ରସନ୍ନ କୁମାର ନାୟକ ଏବଂ ଅରୁଣ କୁମାର ସାମଲ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଭିକର୍ତ୍ତା କମଳାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପତ୍ନୀ ଉପରକୁ ଗୁଳି କରି ସ୍ୱାମୀ ଗିରଫ

**ଯାଜପୁର, ୮।୫(ସମିସ):** ସ୍ତ୍ରୀ ଉପରେ ସନ୍ଦେହ କରି ତାକୁ ଗୁଳିମାଡ଼ କରି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ପୋଲିସ। ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଅଞ୍ଚଳରେ ଘଟିଛି ଏଭଳି ଏକ ଘଟଣା। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ମାଇକେଲ ନାଗରାଜ ଗତ ୧ ତାରିଖ ଦିନ ଏଭଳି କାଣ୍ଡ ଘଟାଇ ଫେରାର ହୋଇଯାଇଥିଲା। କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଥିଲେ ପତ୍ନୀ। ମାଇକେଲ ନାମରେ ରାଜ୍ୟ ଏବଂ ରାଜ୍ୟ ବାହାରେ ଚୋରି ଡକାୟତି ଆଦି ଏକାଧିକ ମାମଲା ଥିବା ଜାଣି ପୁଲିସ ବିଭିନ୍ନ ଆଡେ ଚଢ଼ଉ କରି ଗିରଫ କରିବାକୁ ସକ୍ଷମ ହୋଇଥିଲା। ପତ୍ନୀକୁ ହତ୍ୟା ଉଦ୍ୟମ ଓ ଚୋରା ବନ୍ଧୁକ ବ୍ୟବହାର ଆଦି ସଂଗୀନ ଦଫାରେ ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଯାଜପୁରରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ଯାଜପୁରରେ ଜିଲ୍ଲାସ୍ତରୀୟ ରେଡ୍‌କ୍ରସ୍ ଦିବସ

# 'ରେଡ୍‌କ୍ରସ୍ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ'

ଯାଜପୁର, ୮।୫(ସମିସ)




ଆଜି ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡ୍‌କ୍ରସ୍ ଶାଖା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ରେଡକ୍ରସ ଶାଖା ଅମ୍ବର କୁମାର କର ମାନବ ସେବା, ସହାନୁଭୂତି ଓ ସ୍ୱେଚ୍ଛାସେବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ରେଡ୍‌କ୍ରସ୍ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ। ଦୁର୍ଯୋଗ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ରେଡ୍‌କ୍ରସ୍‌ର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ବିରଳ ବ୍ଲଡ୍ ଗ୍ରୁପର ବ୍ଲଡକୁ ସଂରକ୍ଷଣ କରି ରଖିବାକୁ ପରାମର୍ଶ ଦେଇଥିଲେ।

ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କହିଲେ ସମାଜର ଅସହାୟ ଓ ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା ହିଁ ରେଡକ୍ରସର ମୂଳ ଲକ୍ଷ୍ୟ। ରେଡ୍‌କ୍ରସ୍ ପାଣ୍ଠିରୁ ଉଚ୍ଚ ଶିକ୍ଷା, ନାମ ଲେଖାଇବା ନିମନ୍ତେ ଅର୍ଥ ରାଶି, ମେଡିକାଲ ଶିକ୍ଷାର୍ଥୀଙ୍କ ନିମନ୍ତେ, ଆକସ୍ମିକ ଦୁର୍ଘଟଣା ତଥା ସଡ଼କ ଦୁର୍ଘଟଣା ଜନିତ ସମୟରେ ଆହତ ବ୍ୟକ୍ତି ଏବଂ ମୃତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା, ଭିନ୍ନକ୍ଷମ ପିଲାମାନଙ୍କ ଖେଳିବା ନିମନ୍ତେ, ନିରାମୟ ଔଷଧ କେନ୍ଦ୍ରରେ ମହଜୁଦ ନଥିବା ଔଷଧ ବାହାରୁ କିଣି ରୋଗୀଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ରେଡ କ୍ରସ ପାଣ୍ଠି ତରଫରୁ ଯେଉଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ସେ କହିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ୧, ୦୯, ୨୭, ୩୭୮ ଟଙ୍କା ସଂଗ୍ରହ ହୋଇଥିବା ବେଳେ ୨୮, ୦୯, ୨୦୦ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ପ୍ରକାଶ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍ କେବଳ ଚିକିତ୍ସା ସେବା ନୁହେଁ ଜୀବନ ରକ୍ଷା, ଉଚ୍ଚ ଶିକ୍ଷା ଓ ଖେଳ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ସେବା ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଅଧ୍ୟକ୍ଷା ପୌର ପରିଷଦ ଯାଜପୁର ରଞ୍ଜୁଲତା ହୋତା, ଏଡିଏମ୍ଓ ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକର ପ୍ରାରମ୍ଭରେ ରେଡ୍‌କ୍ରସ୍ ସଦସ୍ୟ ଆଡଭୋକେଟ ପ୍ରମୋଦ ମହାନ୍ତିଙ୍କ ମୃତ୍ୟୁରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ପଚାଶ ହଜାରରୁ ଊର୍ଦ୍ଧ୍ୱ ରାଶି ରେଡ୍‌କ୍ରସ୍ ପାଣ୍ଠିକୁ ଦାନ କରିଥିବା ଅନୁଷ୍ଠାନମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସେଥି ମଧ୍ୟରୁ ଏମ୍ଏସ୍ ଟାଟା ଷ୍ଟିଲ ଲିମିଟେଡ ୧୫ ଲକ୍ଷ ଅର୍ଥ ରାଶି ଦାନ କରି ପ୍ରଥମ ସ୍ଥାନ, ସିଏସ୍ଓ ଯାଜପୁର ୧୨.୫୮ ଲକ୍ଷ ଅର୍ଥରାଶି ଦାନ କରି ଦ୍ୱିତୀୟ ସ୍ଥାନ ଓ ଏମ୍ଏସ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ ୧୦ ଲକ୍ଷ ଦାନ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି।

# ଧର୍ମଶାଳାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଧର୍ମଶାଳା, ୮।୫(ସମିସ):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଆଜି ବହୁ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାରକା ନିକଟସ୍ଥ ଭାଲୁଖାଇ ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ମଣ୍ଡପ ଓ ପାର୍କ ଏବଂ ଭାଲୁଖାଇ ଠାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଏକ ଭବ୍ୟ ମନ୍ଦିର ଓ ଭକ୍ତ ନିବାସ ନିର୍ମାଣ ସହିତ ଜାରକା କୁମାରୀ ଗ୍ରାମରେ ଲକ୍ଷ୍ମୀ ପୂଜା ମଣ୍ଡପ ପରିସରରେ ନୂତନ ଭାବେ ଲକ୍ଷ୍ମୀ ମନ୍ଦିର, ତାରିଣୀ ମନ୍ଦିର ଓ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାକୁ ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସମାଜସେବୀ ମିନତୀ ସାହୁ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଯୋଗଦେଇ ଭିତ୍ତିପ୍ରସ୍ତର ଦେଇଥିଲେ। ଭାଲୁଖାଇ ଜଗନ୍ନାଥ ମନ୍ଦିର ପାଇଁ ପୁରୀ ଜଗନ୍ନାଥ ମନ୍ଦିରରୁ ବାଡ଼ଗ୍ରାହୀ ତଥା ନୀଳମାଧବଙ୍କ ମୁଖ୍ୟ ପୂଜକ ଓ ତାଙ୍କ ପତ୍ନୀ ଆଜ୍ଞାମାଳ ନେଇ ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ଜଗନ୍ନାଥ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ କୁମାର ରଣା, ପୂର୍ବତନ କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ନୂତନ ଭାବେ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ଭରତ ଚନ୍ଦ୍ର ସେଠୀ, ସୁନିଲ କୁମର ରାଉତ, ଚିତ୍ତରଞ୍ଜନ ଦାସ, ସବ୍ୟସାଚୀ ବେହେରା ପ୍ରମୁଖ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ସମସ୍ତ ସ୍ଥାନରେ ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ତୀର୍ଥରାଜ ପଣ୍ଡା, ଦେବଦତ୍ତ ପଣ୍ଡା, ପ୍ରଦୀପ୍ତ ପରିଡ଼ା, ଚନ୍ଦ୍ରମଣି ପଣ୍ଡିତ, ଶରତ କୁମାର ନାୟକ, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା ପ୍ରମୁଖ ବିଧାୟକଙ୍କ ହଜାର ହଜାର ସଂଖ୍ୟାରେ ସମର୍ଥକ ଉପସ୍ଥିତ ରହିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଧର୍ମଶାଳା, ୮।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବଡବାରିସାହିସ୍ଥିତ ଜାଗାବଳିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚକ୍ରଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ପବିତ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଧର୍ମଶାଳା ବ୍ଲକ ଓଷ୍ଟା ସଭାପତି ସୁଜାତା ମହାପାତ୍ର ଓ ବ୍ଲକ ଓଷ୍ଟା ସମ୍ପାଦକ ସଞ୍ଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶିକ୍ଷକ ରମେଶ ଚନ୍ଦ୍ର ଜେନା ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ରବି ନାରାୟଣ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଦେବବ୍ରତ ପଣ୍ଡା, ପ୍ରଶାନ୍ତ କୁମାର ରାଉତ, ପ୍ରଫୁଲ୍ଲ କୁମାର ଭଦ୍ର, ରାମଚନ୍ଦ୍ର ରାଉତ, ରବିନାରାୟଣ ବିଶ୍ୱାଳ, ନିରଞ୍ଜନ ରାମ, ଅଜୟ କୁମାର ମହାପାତ୍ର, ସୁଭାଷ ପଣ୍ଡା ଓ ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କଣ୍ଟିବାଙ୍କ ଗ୍ରାମରେ ତାରିଣୀ ମନ୍ଦିର ପ୍ରତିଷ୍ଠା



**ମଙ୍ଗଳପୁର, ୮।୫(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ କଣ୍ଟିବାଙ୍କ ଗ୍ରାମରେ ଆଜି ମା' ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ମନ୍ଦିର ନିର୍ମାତା ଜଳଧର ପରିଡ଼ାଙ୍କ ଦ୍ୱାରା ଅଙ୍କୁରା ରୋପଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଗ୍ରାମବାସୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଳଧର ପରିଡ଼ାଙ୍କ ଝିଅ ଜ୍ୱାଇଁ ଲିପିକା ଓ ମୁକ୍ତିକାନ୍ତ କର୍ତ୍ତା ଭାବେ ସଂକଳ୍ପ କରିଥିବା ବେଳେ ପଣ୍ଡିତ ରାଧେଶ୍ୟାମ ପଣ୍ଡା, ଲକ୍ଷ୍ମଣ ପାଣିଗ୍ରାହୀ ଗ୍ରାମ ଯଜମାନ ଅନନ୍ତ ମିଶ୍ର ମା'ତାରିଣୀଙ୍କ ପୂଜାର୍ଚ୍ଚନା ରୀତିନୀତି କାର୍ଯ୍ୟ ତୁଲାଇଛନ୍ତି। କଳସ ଯାତ୍ରାରେ କଣ୍ଟିବାଙ୍କ ଗ୍ରାମର ମୁଖ୍ୟ ପ୍ରଫୁଲ୍ଲ ନାୟକ, ଅନିରୁଦ୍ଧ ଦାସ, ଲଳିତ ବାରିକ, ବିଜୟ ବେହେରା, ଆନନ୍ଦ ଚନ୍ଦ୍ର ଦାସ, ସୁରେଶ ଦାସ, ବିଜୟ ବାରିକ, ଧନେଶ୍ୱର ବାରିକ, ସାଗର ପରିଡ଼ା, ବଳରାମ ପରିଡ଼ା, ଦଶରଥ ପରିଡ଼ା, ସରୋଜ ପରିଡ଼ା କାସିନାଥ ଦାସ, ଅଜୟ ବେହେରା, ଅରୂପ ବେହେରା, ମାନସ କୁମାର ନାୟକ, ସଞ୍ଜୀବ ପରିଡ଼ା, ସୁରଜ କୁମାର ଦାସ ଇତ୍ୟାଦି ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଆସନ୍ତା ଶନିବାର ଦିନ ପୂର୍ଣ୍ଣାହୁତି ହେବ ବୋଲି ଜଣା ପଡ଼ିଛି।

# ଓସିଏ ଏକାଡେମୀ ପାଇଁ ଏହାନ ମନୋନୀତ



**ଯାଜପୁର, ୮।୫(ସମିସ):** କପାସିସ୍ଥିତ ଜେନିଥ୍ ଇଂଲିଶ ମିଡିୟମ ସ୍କୁଲ ଅଧୀନରେ ପରିଚାଳିତ ଜେନିଥ୍ କ୍ରିକେଟ ଏକାଡେମୀର ଛାତ୍ର ଏହାନ ଖାନ୍‌ଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଡ. ହରେକୃଷ୍ଣ ମହତାବ ଫିଡର ସେଣ୍ଟର ରେସିଡେନ୍ସିଆଲ ଏକାଡେମୀ ପାଇଁ ମନୋନୀତ କରାଯାଇଛି। ଓସିଏ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହାନ ନିଜର କଠିନ ପରିଶ୍ରମ, ନିଷ୍ଠା ପାଇଁ ସେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ସେ ଯାଜପୁର ଜିଲ୍ଲା ତଥା ରାଜ୍ୟ କ୍ରିକେଟ ପାଇଁ ସୁନାମ ଆଣିବେ ବୋଲି ଆଶା କରାଯାଉଛି।




## କୋରେଇରେ ଜଳସଂକଟ ସମସ୍ୟା

# ସମାଧାନ ଦାବିରେ ଓଜେସିର ଗଣଧାରଣା

**ଯାଜପୁର, ୮।୫(ସମିସ):** କୋରେଇ ବ୍ଲକ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରେ ଉତ୍କଟ ଜଳସଂକଟରେ ସ୍ଥାୟୀ ସମାଧାନ ନିମନ୍ତେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏହାର ସମାଧାନ ନ ହେବାରୁ ଆଜି ଓଜେସି ନେତା ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ୫ଟି ପଞ୍ଚାୟତର ଅଭିଯୋଗକାରୀଙ୍କୁ ନେଇ ଗଣଧାରଣା ଦିଆଯାଇଥିଲା। ଯୁବ ନେତା ମନୋରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଭୁବନାନନ୍ଦ ମହାନ୍ତି, ଆଞ୍ଚଳିକ ଯୁବ ପରିଷଦ ନେତା ପଦ୍ମଲୋଚନ ମହାନ୍ତି, ଓଜେସି ନେତା ବିଦ୍ୟାଧର ଯେନା, ଦୀପକ ରଞ୍ଜନ ମହାନ୍ତି, ସେକ ମିର୍ଜାବେଗ, ପ୍ରଶାନ୍ତ କୁମାର ଜେନା, ଏସ୍‌କେ ବାବୁ ଖାନ ପ୍ରମୁଖ ଯୋଗ ଦେଇ ପାନୀୟ ଜଳ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରିଥିଲେ। କୋରେଇ ଅଞ୍ଚଳରେ ମୂଳପାଳଠାରେ ୧୨୪ କୋଟି ଟଙ୍କାର ଜଳପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯିବା ସହିତ ବୈତରଣୀ ନଦୀରୁ ବ୍ୟାପକ ବାଲି ଉଠାଣ ଦ୍ୱାରା ଜଳସ୍ତର ନିମ୍ନଗାମୀ ହୋଇଯିବାରୁ ବହୁ ଟ୍ୟୁବଓ୍ୱେଲ ଅଚଳ ହୋଇ ପଡ଼ିଛି ବୋଲି ଅଭିଯୋଗ କରାଯାଇଥିଲା। ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ ଅଧିକାରୀମାନେ ପାନୀୟ ଜଳ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ଧାରଣାରେ ବସିଥିଲେ ଆନ୍ଦୋଳନକାରୀ। ଶେଷରେ ଧାରଣା ସ୍ଥଳକୁ କୋରେଇ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଓ କୋରାଇ ଥାନାର ଆରକ୍ଷୀ ନିରୀକ୍ଷକ ରାକେଶ କୁମାର ତ୍ରିପାଠୀଙ୍କ ନେତୃତ୍ୱର ଏକ ପ୍ରଶାସନିକ ପ୍ରତିନିଧି ଦଳ ଆସି ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



## ଉନ୍ନୟନ କାର୍ଯ୍ୟ ସମ୍ପର୍କୀୟ ସମୀକ୍ଷା ବୈଠକ

# ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱାରୋପ

ଯାଜପୁର, ୮।୫(ସମିସ)



ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଗତ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ଜଳାଭାବ ଥିବା ଅଞ୍ଚଳରେ କିଭଳି ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇନପାରିବାରୁ ମିନି ପାଇପ୍ ୱାଟର ସପ୍ଲାଏ ମାଧ୍ୟମରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇଦେବାକୁ ବିଧାୟକ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବା ଏକ ସ୍ଥାୟୀ ସମାଧାନର ପନ୍ଥା ନୁହେଁ। ଆଗକୁ ବର୍ଷା ଋତୁ ଆସିବା ପୂର୍ବରୁ ଡାଇରିଆ ବ୍ୟାପିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ମିନି ପାଇପ ୱାଟର ସପ୍ଲାଏ ମାଧ୍ୟମରେ ଶୁଦ୍ଧ ପାନୀୟ ଜଳ ଯୋଗାଣର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଯୋଜନା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କ ମାଧ୍ୟମରେ ପଠାଇବାକୁ ବିଧାୟକ କହିଥିଲେ। ଏହି ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର କହିଲେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜଳାଭାବ ଥିବା ଅଞ୍ଚଳରେ ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଆମର ଦାୟିତ୍ୱ। ଏହି ଅଞ୍ଚଳରେ କେତେ ମିନି ପାଇପ୍ ୱାଟର ସପ୍ଲାଏ ସମ୍ଭବପର ହୋଇପାରିବ, ସେ ସମ୍ପର୍କରେ ତୁରନ୍ତ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚିକିତ୍ସାଳୟ, ହାଇସ୍କୁଲ ପାଇଁ ମଧ୍ୟ ମିନି ପାଇପ୍ ୱାଟର ସପ୍ଲାଏର ଆବଶ୍ୟକତା ରହିଛି। ଏତଦ୍ ବ୍ୟତୀତ ଧର୍ମଶାଳା ଅଞ୍ଚଳରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ସରକାରୀ ଜମି ଚିହ୍ନଟ କରି ରିପୋର୍ଟ ଦେବାକୁ ବିଧାୟକ ରାଜସ୍ୱ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବ-ସେଣ୍ଟର୍ ଗୁଡ଼ିକର କାର୍ଯ୍ୟ ତୁରନ୍ତ ସମାପ୍ତ କରି ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜଳସେଚନ, ଡ୍ରେନେଜ୍, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ପର୍ଯ୍ୟଟନ, ହସ୍ତଶିଳ୍ପ ବିଭାଗର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ଜଳସେଚନ, ଉପ ନିର୍ଦ୍ଦେଶକ, ପ୍ଲାନିଂ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ମାଥିଲି,୮।୫(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ କୋରାପାଲ୍ଲୀ ଗ୍ରାମର ନରସିଂହ ନାୟକ (୬୨) ଗ୍ରାମ ନିକଟରେ ଥିବା ଏକ ପୋଖରୀ କୂଳକୁ ଶୌଚ ହେବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଛି । ଗତ ସଂଧ୍ୟା ଠାରୁ ସେ ନିଖୋଜ ଥିଲେ । ପରିବାର ଲୋକେ ରାତିରେ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳି ନଥିଲା । କିନ୍ତୁ ଆଜି ଗ୍ରାମର କିଛି ଲୋକ ଶୌଚ ହେବା ପାଇଁ ଯାଇଥିବା ବେଳେ ପୋଖରୀରେ ଏକ ଶବ ଭାସୁଥିବା ଦେଖିବାକୁ ପାଇଥିଲେ । ପରିବାର ଓ ଗ୍ରାମବାସୀ ଦେଖିବା ପରେ ସଙ୍ଗେ ସଙ୍ଗେ ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗ ପାଇବା ପରେ ଥାନା ଅଧିକରିଣୀ ଦୀପାଞ୍ଜଳି ପ୍ରଧାନ ସଙ୍ଗେ ସଙ୍ଗେ ଥାନାର ସବ୍ ଇନ୍ସପେକ୍ଟର ବିକି ସୁନା ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇ ଥିଲେ । ଘଟଣା ସ୍ଥଳରେ ସବ୍ ଇନ୍ସପେକ୍ଟର ଶ୍ରୀ ସୁନା ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚିଥିଲେ । ଶବ ଜବତ କରିବା ସହିତ ମାଥିଲି ଥାନା କେଶ ନମ୍ବର ୧୦/୨୬ ରେ ଏକ ଅପମୃତ ମାମଲା ରୁଜୁ କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ । ପରିବାର ଲୋକେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି ।

# ନାରାୟଣପାଟଣା ଥାନାରେ ସଚେତନତା କାର୍ଯ୍ୟକ୍ରମ




ନାରାୟଣପଟଣା,୮।୫(ସମିସ): ନାରାୟଣପଟଣା ଥାନାରେ "ଜୁଭେଣ୍ଟିକା""କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବାଳକ ବାଳିକା ଯୋଗଦେଇଥିବା ବେଳେ ଅଙ୍ଗନବାଡି ସଦସ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ନାରାୟଣପଟଣା ଥାନା ଅଧିକାରୀ ସୁଶ୍ରୀ ମମତା ପଣ୍ଡା ,ସବ ଇନିସପେକ୍ଟର ନରସିଂହ ପାଢ଼ୀ ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତି ଥିଲେ । ନରସିଂହ ପାଢ଼ୀ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଏହି ଅବସରରେ ବାଳିକାମାନଙ୍କୁ ଥାନାରେ କିପରି ଅଭିଯୋଗ କରିବେ, ଅନ୍ୟାୟ କିମ୍ବା ଉତ୍ପୀଡ଼ନର ଶିକାର ହେଲେ କାହାକୁ ଭୟ ନକରି ଆଗକୁ ଆସିବା, ନିଜ ଅଧିକାର ସମ୍ପର୍କରେ ସଚେତନ ରହିବା ଏବଂ ପୋଲିସର ସହଯୋଗ କିପରି ମିଳିବ ସେସବୁ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ସେଥିସହ ମହିଳା ସୁରକ୍ଷା, ସାଇବର ଅପରାଧ, ଶିଶୁ ସୁରକ୍ଷା ଆଇନ ଓ ସାମାଜିକ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ମଧ ପ୍ରଦାନ କରାଯାଇଥିଲା । ଶେଷରେ ଉପସ୍ଥିତ ସମସ୍ତ କିଶୋର ବାଳିକା ମାନଙ୍କୁ ନାରାୟଣପଟଣା ପୋଲିସ ପକ୍ଷରୁ ଖାତା ପେନସିଲ ଭଳି ଅନେକ ସାମଗ୍ରୀ ପ୍ରଦାନ କରାଯାଇଥିଲା ।

## ■ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଅଭାବ ନାହିଁ

# ଖାଉଟି ଆତଙ୍କିତ ନ ହେବାକୁ ପରାମର୍ଶ

ନବରଙ୍ଗପୁର,୮।୫(ସମିସ) : ନବରଙ୍ଗପୁର ଜିଲ୍ଲାରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣର ମହଜୁଦ ଅଛି । ତେଣୁ ସାଧାରଣ ଖାଉଟି ମାନେ ଅଯଥାରେ ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକତା ନାହିଁ ବୋଲି ନବରଙ୍ଗପୁର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି



ସୂଚନା ଦେଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା କହିଛନ୍ତି । ଖାଉଟିମାନେ ଅଯଥା ଏଲପିଜି ଗ୍ୟାସ ସିଲିଣ୍ଡର ବୁକିଂ ନ କରିବାକୁ ପରାମର୍ଶ ଦିଆଯାଇଛି । ନବରଙ୍ଗପୁର ଜିଲ୍ଲାରେ ଏଲପିଜି ରନ୍ଧନ ଗ୍ୟାସ ୧୪. ୨ କେଜି ବିଶିଷ୍ଟ ୨୬୧୬ଟି ସିଲିଣ୍ଡର ଓ ବାଣିଜ୍ୟିକ ୧୯ କେଜି ବିଶିଷ୍ଟ ୧୨୫ଟି ସିଲିଣ୍ଡର ଷ୍ଟକରେ ରହିଛି ।ସେହିପରି ଜିଲ୍ଲାରେ ପେଟ୍ରୋଲ ୩୬୫୭୫୬ ଲିଟର ଏବଂ ଡିଜେଲ ୪୦୮୨୯୨ ଲିଟର ଏବଂ ପ୍ରିମିୟମ ସ୍ପିଡ୍ ପେଟ୍ରୋଲ ୧୪୧୧୧ ଲିଟର ମହଜୁଦ ଥିବା ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି । ତେଣୁ ଖାଉଟି ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଓ ସେଭଳି ୧୧୬୫୮୮ ଲିଟର ପେଟ୍ରୋଲ ଏବଂ୧୬୪୯୦୯ ଲିଟର ଡିଜେଲ ପରିବହନ ହୋଇ ରାସ୍ତାରେ ଆସୁଛି । ଏଣୁ ସମସ୍ତ ପେଟ୍ରୋଲ, ଡିଜେଲ ବ୍ୟବହାରକାରୀ ଆତଙ୍କିତ ନ ହେବାକୁ କୁହାଯାଉଛି ।ଏଥି ସହ ଏଲପିଜି କଳାବଜାରୀ ରୋକିବାକୁ କଡ଼ା ପଦକ୍ଷେପ ନିଆଯାଉଛି ବୋଲି କୁହାଯାଇଛି ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## ସେୱା ପେପର ମିଲ୍ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ନିରବ

# ୧୯ ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା : ବିଧାୟକ

ଜୟପୁର, ୮ ।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଗାଗନାପୁର ଠାରେ ସେୱା କାଗଜକଳ ଗତ ୨ ବର୍ଷ ହେଲାଣି ଉତ୍ପାଦନ ବନ୍ଦ ହୋଇ ପଡିଛି । ଏହି କାରାଖାନାର କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକ୍ଷମ ନେଇ କୌଣସି ପଦକ୍ଷପ ଗ୍ରହଣ କରୁନାହାଁନ୍ତି । ସେହିପରି ବର୍ତ୍ତମାନର ।ଜ୍ୟର ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଶିଳ୍ପ ସଚିବଙ୍କ ନିକଟରେ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ବାରମ୍ବାର ଅନୁରୋଧ ଓ ଦାବି କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ଏହି ବୃହତ ଶିଳ୍ପକୁ କାର୍ଯ୍ୟକ୍ଷମ କରିବା ନେଇ କୌଣସି ପଦକ୍ଷପ ଗ୍ରହଣ କରୁନାହାନ୍ତି । ତେଣୁ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ଆନ୍ଦୋଳନ କରାଯିବ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଚେତାବନୀ ଦେଇଛନ୍ତି । ତେଣୁ ଆସନ୍ତା ୧୯ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାଗଜକଳର ୪ଟି କର୍ମଚାରୀ ସଂଘ, ଠିକା ଶ୍ରମିକ ସଂଘ ଏବଂ ଠିକାଦାରୀ ସଂଘ ସମେତ ଅନ୍ୟାନ୍ୟ ଦଳ ଓ ସାଧାରଣ ଲୋକଙ୍କୁ ନେଇ ଧାରଣା ଦିଆଯିବ ବୋଲି ଆଜି କାଗଜକଳର ବିଭିନ୍ନ ସଂଘର କର୍ମକର୍ତ୍ତାଙ୍କୁ ନେଇ ଜୟପୁର ବାସଭବନରେ ଆଲୋଚନା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ବାହିନୀପତି ସୂଚନା ଦେଇଛନ୍ତି । ଏହିପରି ପ୍ରଶାସନ ଏବଂ ରାଜ୍ୟ ସରକାର କୌଣସି ପଦକ୍ଷପ ଗ୍ରହଣ ନକଲେଆଗାମୀ ଦିନରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଏହିପରି ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି ଯେ, ଗତ ରାଜ୍ୟ ସରକାରଙ୍କ ସମୟରେ ବ୍ୟାଙ୍କ ଗୁଡିକର ଋଣ ପ୍ରଦାନ ନେଇ ନୋ ଅବଜେକସନ ସାର୍ଟିଫିକେଟ ପ୍ରଦାନ ନେଇ କାରାଖାନା କର୍ତ୍ତୃପକ୍ଷଙ୍କୁ ସହାୟତ କରିଥିଲେ । ଏଥିନେଇ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ସମସ୍ତ ସହାୟତା କରିଥିଲେ । ଏହିପରି ଗତ ୩ ବର୍ଷ ଧରି ବନ୍ଦ ରହିଥିବା



କାରଖାନାକୁ ଉତ୍ପାଦନକ୍ଷମ କରାଯାଇଥିଲା । କିନ୍ତୁ କିଛି ଦିନ କାର୍ଯ୍ୟକ୍ଷମ କରିବା ପରେ ପୁଣି ଗତ ୨୦୨୪ ମସିହା ଅଗଷ୍ଟ ମାସରୁ ପୁଣି ବନ୍ଦ କରାଯାଇଛି । ଏଥିନେଇ ପରିଚାଳନା କର୍ତ୍ତୃପକ୍ଷ କୌଣସି ପଦକ୍ଷପ ଗ୍ରହଣ କରୁନଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କୁ ବାରମ୍ବାର ବିଭିନ୍ନ ମଞ୍ଚ ଏବଂ ନିଜେ ସାକ୍ଷାତ କରିବା ସହିତ ପେପରମିଲ କାର୍ଯ୍ୟକ୍ଷମ କରିବା ନେଇ ଅନୁରୋଧ କରିଥିଲେ ସୁଦ୍ଧା କୌଣସି ଆନ୍ତରିକତା ଦେଖାଉନାହାଁନ୍ତି ବୋଲି ବିଧାୟକ ଶ୍ରୀ ବାହିନୀପତି ଗୁରତର ଅଭିଯୋଗ କରିଛନ୍ତି । ପେପର ମିଲରୁ ବିଭିନ୍ନ ସାମଗ୍ରୀ ଚୋରି ହେଉଥିବା ନେଇ ଅଭିଯୋଗ ହେଉଛି । ତେଣୁ ଏଥିନେଇ ପୁଲିସକୁ ସତର୍କ ରହିବା ସହିତ ଚୋରି ବନ୍ଦ କରିବା ନେଇ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଜିଲ୍ଲା ଏସ୍‌ପିଙ୍କୁ ସାକ୍ଷାତ କରିବା ସହିତ ଅନୁରୋଧ କରିବେ ବୋଲି ବିଧାୟକ କହିଛନ୍ତି । କିଛି କର୍ମଚାରୀ ସଂଘର ନେତା ମାନେ ପେପରମିଲକୁ ନେଇ ରାଜନୀତି କରୁଥିବା ବେଳେ ନିଜର ଫାଇଦା ପାଇଁ କାର୍ଯ୍ୟ କରୁଛନ୍ତି । ସେମାନେ କୋଟି କୋଟି ଟଙ୍କାର ତିନି ମହଲା ଗୃହ ନିର୍ମାଣ କରୁଛନ୍ତି । କିନ୍ତୁ ପେପରମିଲ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ଚକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏଥିନେଇ ପ୍ରଥମ କର୍ମଚାରୀ ସଂଘର ସଭାପତି ପ୍ରମୋଦ ମହାନ୍ତି କହିଛନ୍ତି ଯେ, ତାଙ୍କ ସଂଘ ପକ୍ଷରୁ କାର୍ଯ୍ୟକ୍ଷମ ଏବଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ନେଇ ଦୀର୍ଘ ଦିନ ହେଲାଣି ଦୈନକି ଏକ ଘଣ୍ଟା ପେପର ମିଲ ସମ୍ମୁଖରେ ଧାରଣା ଦିଆଯାଉଛି । କିନ୍ତୁ ଜୟପୁର ବିଧାୟକଙ୍କ ନିଦ ଭାଙ୍ଗିଛି କି ବୋଲି ପ୍ରଶ୍ନ କରିବା ସହିତ ସଂଘର ନେତା ମାନଙ୍କ ବିରୋଧରେ ଟପଣୀ ଦେବା ବଦଳରେ ପେପର ମିଲର ୨୨୫ କୋଟି ଟଙ୍କା ଋଣ ଗତ ୫ ବର୍ଷରେ କେଉଁଆଡେ ଚାଲିଗଲା ତାହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ପ୍ରଶ୍ନ କରିଛନ୍ତି ।

# ଯୁବ ସମାଜସେବୀଙ୍କ ପରଲୋକ



ଉମରକୋଟ, ୮।୫ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଅବସରପ୍ରାପ୍ତ ନୌସେନା କର୍ମଚାରୀ ଜି ଗୋଲଡ ସ୍ମିଥଙ୍କର ପରଲୋକ ଘଟିଛି । ତାଙ୍କୁ ମାତ୍ର ୩୬ ବର୍ଷ ବୟସରେ ହୃଦଘାତ ହୋଇଛି । ଭାରତୀୟ ନୌସେନାରୁ ଅବସର ନେବା ପରେ ସେ ସ୍ଥାନୀୟ ଅଞ୍ଚଳର ଯୁବ ଗୋଷ୍ଠୀଙ୍କୁ ସେନା ବାହିନୀରେ ଚୟନ ହେବା ପାଇଁ ତାଲିମ ଦେଇ ଚର୍ଚ୍ଚାରେ ଥିଲେ । ସ୍ୱର୍ଗତ ଜି ରାଜୁଲଙ୍କ ପୁଅ ଜି ଗୋଲ୍ଡ ସ୍ମିଥ୍ ଉମରକୋଟ ଡି ଏନ କେ ରେ ରହୁଥିଲେ । ଅବସର ନେବା ପରେ ନିଜ ଜନ୍ମମାଟି ଉମରକୋଟ ସହରକୁ ଆସି କିଛି ନୂଆ କରିବାର ସ୍ୱପ୍ନ ରଖିଥିଲେ । ଏହି ଉପାନ୍ତ ଅଞ୍ଚଳର ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ସେବାରେ ନିୟୋଜିତ କରାଇବା ପାଇଁ ନିଜ ଖର୍ଚ୍ଚ ରେ ଏକ ଅତ୍ୟାଧୁନିକ ସ୍ୱିମିଙ୍ଗ ପୁଲ ନିର୍ମାଣ ସହ ସେନା ବାହିନୀରେ ଭର୍ତ୍ତି ହେବା ପାଇଁ ଶାରୀରିକ ଓ ମାନସିକ ଭାବେ କିପରି ପ୍ରସ୍ତୁତ ହେବେ ତାହାର ପ୍ରଶିକ୍ଷଣ ଦେଉଥିଲେ । କିଛି ଯୁବକ ଯୁବତୀ ପ୍ରଶିକ୍ଷଣ ନେବାପରେ ଚାକିରି ମଧ କରିଥିଲେ । ଏହା ସହ ସ୍ଥାନୀୟ ଅଞ୍ଚଳରେ ସମାଜ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହି ଆସିଥିଲା । କିଛି ଦିନ ପୂର୍ବେ ଦେହ ଅସୁସ୍ଥ ହେବାରୁ ବିଶାଖାପାଟଣା ମେଡିକାଲ ଯାଇଥିଲେ । ସେଠାରେ ତାଙ୍କର ପରଲୋକ ଘଟିଛି । ବିଶାଖାପାଟଣା ଠାରୁ ଘରକୁ ଆଣିବା ପରେ ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର କରାଯିବବୋଲି ପରିବାର ପକ୍ଷରୁ ସୂଚନା ମିଳିଛି ।

# ଶବ୍ଦ ପ୍ରଦୂଷଣକାରୀ ୮୫ଟି ବୁଲେଟ୍ ସାଇଲେନ୍ସର ନଷ୍ଟକଲା ପୁଲିସ

ଜୟପୁର, ୮ ।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ବାଇକ ସାଇଲେନ୍ସର ପରବର୍ତ୍ତନ କରାଯାଇ ଚାଳକଙ୍କ ଦ୍ୱାରା ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ନେଇ ପୁଲିସ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା । ଏଥିନେଇ ଏସଡିପିଓ ଅର୍ଚ୍ଚିତା ମିତ୍ତଲଙ୍କ ନିର୍ଦ୍ଦେଶକ୍ରମେ ଟାଉନଥାନା ପୁଲିସ ଦୃଢ ପଦକ୍ଷପ ଗ୍ରହଣ କରିଛନ୍ତି । ଗତ ତିନି ଦିନ ସହରର ବିଭିନ୍ନ ଛକରେ ପୁଲିସ ଛପି ରହିବା ସହିତ ବୁଲେଟର ସାଇଲେନ୍ସର ପରବର୍ତ୍ତନ କରାଯାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଅଭିଯୋଗରେ ୮୫ଟି ବାଇକ୍ ଜବତ କରିବା ସହିତ ଉକ୍ତ ବାଇକର ଶବ୍ଦ ପ୍ରଦୂଷଣ କରୁଥିବା ସାଇଲେନ୍ସର ବାହାର କରାଯାଇ ରୋଡ ରୋଲର ଚକାରେ ଚପାଇ ନଷ୍ଟ କରାଯାଇଛି । ସେହିପରି ଉକ୍ତ ବାଇକ ଚାଳକ ମାନଙ୍କ ଠାରୁ ୧ ଲକ୍ଷ ୨୭ ହଜାର ୫ଶହ ଟଙ୍କା ଜରିମାନା ବାବଦକୁ ଟଙ୍କା ଆଦାୟ କରାଯାଇଛି । ସେହିପରି କମ୍ପାନୀ ନିର୍ମିତ ସାଇଲେନ୍ସର ଆଣି ବାଇକ୍‌ରେ ସଂଲଗ୍ନ କରାଯାଇ ଛଡାଇଯାଇଛି ବୋଲି ଆଜି ଟାଉନଥାନା ଠାରେ ଆୟୋଜିତ ଏକ ସାମ୍ବିଦିକ ସମ୍ମିଳନୀରେ ଏସଡିପିଓ କୁମାରୀ ମିତ୍ତିଲ ସୂଚନା ଦେଇଛନ୍ତି । ସେହିପରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏଥିନେଇ ଅବଗତ କରିବା ସହିତ ମଟପ ଗାଡି ଧାରାର ନିୟମ କରାଯାଇ ପରିବହନ ବିଭାଗ ପକ୍ଷରୁ ଏହିପରି ଶବ୍ଦ ପ୍ରଦୁଷଣ ସୃଷ୍ଟି କରୁଥିବା ସାଇଲେନ୍ସର ନିର୍ମାତା ଏବଂ ବିକ୍ରି ଦୋକାନ

## ● ୧ ଲକ୍ଷ ୨୭ ହଜାର ଜରିମାନା ଆଦାୟ

ଉପରେ ଚଢଉ କରାଯିବା ନେଇ ନିର୍ଦ୍ଦେଶ କ୍ରମେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ଜୟପୁର ସହରର ବିଭିନ୍ନ ବାଇକ ମରାମତି ସାମଗ୍ରୀ ବିକ୍ରି ଦୋକାନ ଗୁଡିକକୁ ଏହିପରି ସାଇଲେନ୍ସର ବିକ୍ରି ନ କରିବା ନେଇ ତାଗିଦ କରାଯିବ ବୋଲି ଏସଡିପିଓ କୁମାରୀ ମିତ୍ତଲ ପ୍ରକାଶ କରିଛନ୍ତି । ଏହି ଅବସରରେ ଟାଉନଥାନା ଅଧଇକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ● ମାଲକାନଗିରି କେସିସି ବ୍ୟାଙ୍କ ଅର୍ଥ ଆତ୍ମସାତ ମାମଲା

# ୩ ଦିନିଆ ରିମାଣ୍ଡ ଅବଧି ଶେଷ, ଜେଲ୍ ଗଲେ ୩ ଅଭିଯୁକ୍ତ

ଜୟପୁର, ୮ ।୫(ସମିସ) : ମାଲକାନଗିରି କୋରାପୁଟ କେନ୍ଦ୍ରୀୟ ସମବାୟ (କେସିସି) ବ୍ୟାଙ୍କରେ ଚାଷୀଙ୍କ ଠାରୁ ଜିଲ୍ଲାର ୫ଟି ଲ୍ୟାମ୍ପ୍‌ସରୁ ଆଦାୟ ହୋଇଥିବା ଫସଲ ଋଣ ଏବଂ ୯୦ଜଣ ଚାଷୀଙ୍କ ପୁଣି ପ୍ରତ୍ସାହନ ବାବଦକୁ ପ୍ରଦାନ କରାଯାଉଥିବା ଋଣ ରାଶି ବାବଦକୁ ସମୁଦାୟ ୧ କୋଟି ୮ ଲକ୍ଷ ୭୫ ହଜାର ଅ। ।ସାତ ଅଭିଯୋଗରେ ଗତ ବୁଧବାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଭିଜିଲାନ୍ସ ୩ଦିନିଆ ରିମାଣ୍ଡରରେ ଆଣି ପଚରା ଉଚରା ପରେ ଆଜି ପୁଣି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଏହିପରି ତାଙ୍କୁ କୋର୍ଟ ପକ୍ଷରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଯାଇଛି । ଏହି ମାମଲାରେ ରାଜ୍ୟ ଭିଜିଲାନ୍ସ ଦଳ ଭୁବନେଶ୍ୱରର ଖୋର୍ଦ୍ଧା ଅଞ୍ଚଳରୁ ଏହି ଠକେଇ ତଥା ଅ। ।ସାତରେ ସାମିଲ ଦୁଇ ଠକ ଯୁଗଳଙ୍କୁ ମହିଳା ନିବେଦିତା ତରାଇ ଏବଂ ତାଙ୍କ ନିକଟରେ ରହୁଥିବା ସହଯୋଗୀ ଅଭିଯୁକ୍ତ ନୃସିଂହ ପ୍ରସାଦ ଖମାରୀଙ୍କୁ ଗିରଫ କରିବା ସହିତ ଜୟପୁର ଭିଜିଲାନ୍ସ ଦଳକୁ ହସ୍ତାନ୍ତର କରିଥିଲା । ଏହି ଦୁଇ ଠକଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି । ଏହିପରି ସେମାନଙ୍କୁ ମଧ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଯାଇଛି । ଏହିପରି ଅଧିକ ପଚରା ଉଚରା ପାଇଁ ଆବଶ୍ୟକ ସ୍ଥଳେ ଗିରଫ ୩ଜଣଙ୍କୁ ରିମାଣ୍ଡରରେ ଆଣିବା ପାଇଁ କୋର୍ଟର ଦ୍ୱାରସ୍ତ ହେବେ ବୋଲି ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାନଙ୍କ ନିକଟରୁ ଠକେଇ ଟଙ୍କାରେ କିଣିଥିବା ଦୁଇଟି ନାମଦାମୀ କାର ଏବଂ ୩ଟି ସୁପର ବାଇକ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଶ୍ରୀ ଖରା ଅନ୍‌ଲାଇନ ମାଧ୍ୟମରେ ଲୁଟ ଟଙ୍କା ମଧ୍ୟରୁ ପ୍ରାୟ ୬୩ ଲକ୍ଷ ଟଙ୍କା ତାଙ୍କ ସହଯୋଗୀ ଅଭିଯୁକ୍ତା ନିବେଦିତା ଓ ଅଭିଯୁକ୍ତ ନୃସିଂହଙ୍କ ଜମାଖାତାକୁ ଅନଲାଉଇନ ମାଧ୍ୟମରେ ପଠାଇବା ବେଳେ ବଳକା ଟଙ୍କା ନେଇ ଭିଜିଲାନ୍ସ ବିଭାଗ ତଦନ୍ତ ଜାରୀ ରଖିଛନ୍ତି । ଏହିପରି ଏହି ରାକେଟର ଅନ୍ୟ କେଉଁ ମାନେ ସାମିଲ ରହିଛନ୍ତି ସେଥିନେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ଏବଂ ଏଥିନେଇ ସମସ୍ତ ତଥ୍ୟ ସହିତ ସଂଶ୍ଳିଷ୍ଟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଭିଜିଲାନ୍ସ ଏସ.ପି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ।

# ଅପହରଣ ମାମଲାରେ ଯୁବକ ଗିରଫ

ଜୟପୁର,୮ ।୫(ସମିସ): ଜୟପୁର ସଦରଥାନାର ଖଡପା ଗ୍ରାମର ଜଣେ ନାବାଳିକାକୁ ଅପହରଣ କରିଥିବା ମାମଲାରେ ଆଜି ଜୟପୁର ସଦରପୁଲିସ ଅଭିଯୁକ୍ତକୁ କୃପାସିନ୍ଧୁ ହରିଜନ (୨୮) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ସୂଚନା ଅନୁଯାୟୀ ଜୟପୁର ସଦରଥାନା ଅନ୍ତର୍ଗତ ଖଡପା ଗ୍ରାମର ଜଣେ ନାବାଳିକା ଗତ ୨୩ ତାରିଖ ଠାରୁ ନିଖୋଜ ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା ନାବାଳିକାର ଅଜାଙ୍କ ଲିଖିତ ଭାବେ ଜଣାଇଥିଲେ ଯେ ତାଙ୍କ ନାବାଳିକା ଝିଅ ରାତି ଶୋଇଥିବା ଅବସ୍ଥାରେ ଘର ଛାଡି ଚାଲିଯାଇଛି । ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିବା ପରେ ମଧ କିଛି ନାବାଳିକାକୁ ପାଇନଥିଲେ । ଏନେଇ ସଦରଥାନାରେ ଲିଖିତ ଅଭିଯୋଗ ଦେବା ପରେ ସଦରପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଅତିରିକ୍ତ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଉମରକୋଟ,୮।୫ (ସମିସ): ପରିତ୍ୟକ୍ତ କୂଅରେ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ୱାର୍ଡ ନମ୍ବର ୯ରେ । ପ୍ରାଣ ହରାଇଥିବା ବୃଦ୍ଧା ଜଣକ ହେଲେ ଜୟପୁର ସହର ପୁରୁଣାଗୁଡାର କାମେଲେ ସୁରେଦ୍ରୁ (୭୦) । ସୂଚନା ଅନୁସାରେ କାମେଲେ ସମ୍ପର୍କୀୟଙ୍କ ପୁଅ ବାହା ଘରକୁ ଯୋଗ ଦେବାକୁ ୬ ତାରିଖ ଦିନ ଉମରକୋଟ ଆସିଥିଲେ । ଗତକାଲି ରାତିରେ ବିବାହ କାର୍ଯ୍ୟ ସରିବା ପରେ ଖାଇ ସାରି ସମସ୍ତେ ଶୋଇ ପଡ଼ିଥିଲେ । ସକାଳୁ ତାଙ୍କ ଶବ କୂଅରେ ଭାସୁଥିବା ଦେଖିବାକୁ ମିଳିଥିଲା । ଏନେଇ କାମେଲେଙ୍କ ପୁତୁରା କେ ରାମ ପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତ ଭାର ଏଏସଆଇ ହରିହର ଭତରା ସମ୍ଭାଳିଛନ୍ତି ।

# ଜିଲ୍ଲା ପରିଷଦ ବୈଠକ ବର୍ଜନ କଲେ ସଭ୍ୟ



ନବରଙ୍ଗପୁର,୮।୫(ସମିସ): ଶୁକ୍ରବାର ଜିଲ୍ଲା ପରିଷଦ ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ଉନ୍ନତିମୂଳକ କାମରେ ଶାସକ ଦଳ କର୍ମୀଙ୍କ ହସ୍ତକ୍ଷେପ ନେଇ ହୋହାଲ୍ଲା ହୋଇଥିଲା । ଜିଲ୍ଲା ପରିଷଦ ବୈଠକ ବର୍ଜନ କଲେ ଜିଲ୍ଲା ପରିଷଦ ସମସ୍ତ ସଭ୍ୟ । ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଠାରେ ନବମ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଚାଲିଥିବା ବେଳେ ବ୍ଲକସ୍ତରୀୟ ବିଭିନ୍ନ ଉନ୍ନତି ମୂଳକ କାମରେ ଶାସକ ଦଳର କର୍ମୀ ଅଯଥା ହସ୍ତକ୍ଷେପ କରୁଥିବା ଜିଲ୍ଲା ପରିଷଦ ସଭ୍ୟ ମାନେ ଅଭିଯୋଗ ଆଣିଥିଲେ । ଏହାସହ ବ୍ଲକ୍‌ସ୍ତରୀୟ ଜିଲ୍ଲା ପରିଷଦ ନିଜସ୍ୱ ପାଣ୍ଠିକୁ ମଧ ଶାସକ ଦଳର କର୍ମୀ ଙ୍କ ଅଯଥା ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଥିଲେ । ଉମରକୋଟ ଓ ଝରିଗାଁ ବ୍ଲକରେ ଏହାର ପରିମାଣ ଅଧିକ ବୋଲି ଅଭିଯୋଗ କରିଥିଲେ ଜିଲ୍ଲା ପରିଷଦ ସଭ୍ୟ । ଶାସକ ଦଳର କର୍ମୀ ମାନେ ସିଏଫସି, ଏଫଏଫସି, ବିଜିଭିଓ, ବିକେବିକେ ପାଣ୍ଠି ସହ ଏମଭିଟେକ୍ସ ଭଳି ସ୍ୱତନ୍ତ୍ର ଜିଲ୍ଲା ପରିଷଦ ଉନ୍ନୟନ ପାଣ୍ଠିକୁ ନିଜ ଅକ୍ତିଆରକୁ ନେଇ ରଖିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ । ଏହାସହ ଆଜିର ଜିଲ୍ଲା ପରିଷଦ ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଗଣଶିକ୍ଷା ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ଅନୁପସ୍ଥିତ ଥିବା ବେଳେ ତାଙ୍କ ଜାଗାରେ ତାଙ୍କ ପ୍ରତିନିଧିଙ୍କୁ ପଠାଇବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ସମସ୍ତ ସଭ୍ୟ । ସେହିଭଳି ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅନୁପସ୍ଥିତକୁ ନେଇ ସଭ୍ୟ ମାନେ ବିଗିଡି ଥିଲେ ସଭ୍ୟ । ଏପରିକି ପୂର୍ବ ବୈଠକରେ ବିଡ଼ିଓ ମାନଙ୍କୁ ଜିଲ୍ଲା ପରିଷଦ ବୈଠକରେ ଡାକିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ ଆଜିର ବୈଠକରେ ଅନୁପସ୍ଥିତ ରହିବାକୁ ନେଇ ବୈଠକରେ ହୋହାଲ୍ଲା କରିଥିଲେ ସମସ୍ତେ ଜିଲ୍ଲା ପରିଷଦ ସଦସ୍ୟ । ଯାହାକୁ ନେଇ ଅସନ୍ତୋଷ ସଦସ୍ୟମାନେ ବୈଠକକୁ ଅଧାରୁ ବର୍ଜନ କରିଥିଲେ । ଏବଂ ଏହି ସମସ୍ୟା ଗୁଡ଼ାକର ସମାଧାନ କରାନଗଲେ ଆଗାମୀ ବୈଠକ କୁ କେହି ଆସିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ଅପରପକ୍ଷରେ ଜିଲ୍ଲା ପରିଷଦର ସ୍ୱତନ୍ତ୍ର ପାଣ୍ଠିରେ ଶାସକ ଦଳ କର୍ମୀଙ୍କ ହସ୍ତକ୍ଷେପ କରିବା ଫଳରେ ସେମାନଙ୍କ ଅଧିକାରକୁ ସ୍ଥାନୀୟ ବିଡ଼ିଓ ମାନେ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନାପସନ୍ଦ କରିବା ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହାର ସମାଧାନ କରି ଯାହାର ହକ ତାକୁ ଫେରାଇ ବୈଠକ କୁ ଶୃଙ୍ଖଳିତ କରିବା ପାଇଁ ଦାବି କରିଛନ୍ତି । ସେହିଭଳି ଚଳିତ ବୈଠକ ମୁଖ୍ୟତଃ ଉନ୍ନୟନମୂଳକ କାମର ପାତରଅନ୍ତର ନୀତିକୁ ନେଇ ସଭ୍ୟ ମାନେ ବର୍ଜନ କରିଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ । ଅପରପକ୍ଷରେ ବର୍ତ୍ତମାନ ୨୦୨୪ ରୁ ୨୦୨୬ ମଧ୍ୟରେ ବିଜେପି ସରକାର ଆସିବା ପରେ ସମସ୍ତଙ୍କ ଦାବି ଅନୁସାରେ ପଦକ୍ଷେପ ନେଇ କାର୍ଯ୍ୟ କରି ପାଣ୍ଠି ଯୋଗାଇ ଦିଆଯାଇଛି । ବର୍ତ୍ତମାନ ବ୍ଲକ ସ୍ତରରେ ସେମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଆଗାମୀ ଦିନ ରେ ସମସ୍ତଙ୍କୁ ନେଇ ଆଲୋଚନା କରି ପ୍ରତ୍ୟେକଙ୍କ ଦାବିକୁ ଗ୍ରହଣ କରାଯାଇ ପଦକ୍ଷେପ ନିଆଯିବ ବୋଲି ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ପ୍ରକାଶ କରିଥିଲେ । ଆଜିର ଆୟୋଜିତ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, ତେନ୍ତୁଳିଖୁଣ୍ଟି ଜିଲ୍ଲା ପରିଷଦ ସଦସ୍ୟ ରତି କାନ୍ତ ପଣ୍ଡା, ନନ୍ଦା ହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟଦାନ ସୁନା, ଉମରକୋଟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି,ନବରଙ୍ଗପୁର ସାଂସଦ ପ୍ରତିନିଧି , ଝରିଗାଁ ବିଧାୟକ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଙ୍କ ସମେତ ଜିଲ୍ଲାର ବହୁ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ଜିଲ୍ଲା ବିଭିନ୍ନ ବିଭାଗର ବହୁ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ଘୋଷଣା



ନବରଙ୍ଗପୁର, ୮।୫(ସମିସ): ରାଜ୍ୟ କ୍ରିକେଟ୍ ସଂଘ ଏବଂ ଜିଲ୍ଲା କ୍ରିକେଟ ସଂଘ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଆନ୍ତଃ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଏକ ୧୫ ଜଣିଆ ଦଳ ଚୟନକୁ କରାଯାଇଛି । ଉକ୍ତ ୧୫ ଜଣିଆ ଦଳକୁ କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଘୋଷଣା କରିଛନ୍ତି । ସେମାନେ ହେଲେ ରାଜ ସିଂ ରାଜପୁତ, ସୁମିତ୍ କୁମାର ବାଘ, ଶୁଭମ୍ ନାୟକ, ଅଙ୍କୁଶ କୁମାର, ଦେବେନ୍ଦ୍ର କୁମାର ରାଉତ, ସ୍ୱାଧୀନ ପଟ୍ଟନାୟକ, ଆୟୁଷ୍ମାନ ପଣ୍ଡା, ବୀରେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ସତନାମି, ରାଜ ଦୀପ ବାଲା, ନିକଳେଶ ବୈଶାକ, ନିଶାନ୍ ଉଦୟ , ସାହିଲ ଖୁଜାର, ଖଗେଶ୍ୱର ଗଣ୍ଡ, ରିତ୍ ହରିଜନ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି । ମ୍ୟାନେଜର ଭାବରେ ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ଏବଂ କୋଚ୍ ଭାବରେ ପ୍ରାକ୍ତନ କ୍ରୀଡାବିତ୍ ଅଶୋକ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି । କ୍ରିକେଟ୍ ସଂଘ ର ସହ ସମ୍ପାଦକ ଏମ୍ ବାଲା କ୍ରୀଷ୍ଣା ରାଓ , ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସମେତ ସଂଘର ଅନ୍ୟ ସମସ୍ତ ସଦସ୍ୟ ଖେଳାଳିଙ୍କ ସଫଳତା ନିମନ୍ତେ କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ କଟକ ଠାରେ ଏଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଓଡ଼ିଶା କ୍ରିକେଟ ସଂଘ ଦ୍ୱାରା ଗଠିତ ୬ ଗୋଟି ଗ୍ରୁପ ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ଦଳ ଗ୍ରୁପ ଏରେ ସ୍ଥାନ ପାଇଛି । ଜିଲ୍ଲା ଦଳ ଆସନ୍ତା ମେ ୧୧ ତାରିଖରୁ ୧୬ ମେ ପର୍ଯ୍ୟନ୍ତ ଏକ ଦିବସୀୟ ଫର୍ମାଟ ରେ ନୂଆପଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଏବଂ ସମ୍ବଲପୁର -ବି ସହ ଲିଗ୍ ମ୍ୟାଚ୍ ଖେଳିବେ ବୋଲି ସୂଚନା ମିଳିଛି । ଚୟନ କାର୍ଯ୍ୟକ୍ରମରେ ଜି. ଚନ୍ଦ୍ର ଶେଖର, ଦୁର୍ଯୋ ହରିଜନ, ସୁବ୍ରତ ଗଣ୍ଡ ସମେତ କ୍ରିକେଟ୍ ସଂଘ ର ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



## ଠିକା କର୍ମଚାରୀଙ୍କ ଛଟେଇର ପ୍ରତିବାଦ

# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଆନ୍ଦୋଳନ ଚେତାବନୀ



**ବଡ଼ସାହି, ୮।୫(ସମିସ)**

ଠିକା କର୍ମଚାରୀଙ୍କ ଛଟେଇ ପ୍ରତିବାଦରେ ବଡ଼ସାହି ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ବିଦ୍ୟୁତ କର୍ମଚାରୀ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଳା ଡିଭିଜନର ସମ୍ପାଦକ ସତ୍ୟନାରାୟଣ ପାଣିଗ୍ରାହୀ ନେତୃତ୍ୱ ନେଇଥିବାବେଳେ ଖୁଣ୍ଟା ସବଡିଭିଜନ ଅଧୀନରେ ଥିବା ସମସ୍ତ ମିଟର ରିଡର, ବିଲ କଲେକ୍ଟର, ଆରସି ଓ ଡିସି କର୍ମଚାରୀ, ମରାମତି କାମରେ କର୍ଯ୍ୟରତ ଥିବା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ସଂଘର ବରିଷ୍ଠ ସଦସ୍ୟ ଜ୍ୟୋତିଲାଲ ବିଶ୍ୱାଳ, ତପନ କୁମାର ପାତ୍ର, ଦେବାଶିଷ ଦତ୍ତ, ସୁକାନ୍ତ କୁମାର ମହାପାତ୍ର, ଅଜୟ କୁମାର ବିନ୍ଧାଣୀ, ଗୌରାଙ୍ଗ ପଣ୍ଡା, କରୁଣାକର ଦଣ୍ଡପାଟ, ସୁଜିତ କୁମାର ଲେଙ୍କା, ମାନସ କୁମାର ପାତ୍ର, ସୌମ୍ୟରଞ୍ଜନ ସାହୁ, ଦୀନେଶ କୁମାର ବେହେରା, ବାଦଲ କୁମାର ମୁଖୀ, ସନ୍ତୋଷ କୁମାର ପାତ୍ର, ରଞ୍ଜନ ନାଏକ, ଭବାନୀଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ପାୱାରର ଠିକା କର୍ମଚାରୀଙ୍କ ବହିଷ୍କାର ପାଇଁ ଯେଉଁ ଚିଠା ପ୍ରସ୍ତୁତ ହୋଇଛି, ଏହାର ପ୍ରତିବାଦରେ କର୍ମଚାରୀ ସେମାନଙ୍କର ଜୀବନ ଜୀବିକାକୁ କିପରି ବଞ୍ଚାଇ ପୁନଃନିଯୁକ୍ତି ପାଇପାରିବେ; ସେ ସମ୍ପର୍କରେ ଉପସ୍ଥିତ ସଂଘ ନେତୃବୃନ୍ଦ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଏହି କର୍ମଚାରୀମାନେ ଦୀର୍ଘ ୫ ବର୍ଷ ଧରି ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଆସୁଥିବାବେଳେ ହଠାତ୍ ଠିକା ସଂସ୍ଥା ଦ୍ୱାରା ସେମାନଙ୍କର ବହିଷ୍କାର ନୋଟିସ ସମସ୍ତଙ୍କୁ ଚକିତ କରିଛି। ଏହି ବହିଷ୍କାର ନୋଟିସ ପରେ ସମସ୍ତ ଠିକା କର୍ମଚାରୀଙ୍କ ମାନସିକ ସ୍ଥିତି ଦୋହଲି ଯାଇଛି। ସରକାରଙ୍କ ଅଧୀନରେ ଥିବା ଏହି ଠିକାସଂସ୍ଥା ଏମାନଙ୍କୁ ହାତବାରିସି କରି ସମସ୍ତ କାର୍ଯ୍ୟ ହାସଲ କରି ସାରିବା ପରେ ଏଭଳି ପଦକ୍ଷେପ ନେବା ହୀନ ଚକ୍ରାନ୍ତ ଓ ଅତ୍ୟନ୍ତ ନିନ୍ଦନୀୟ ବୋଲି ମତ ପ୍ରକାଶ ପାଇଛି। ଫଳରେ ଉପଭୋକ୍ତା ତତ୍କ୍ଷଣାତ୍ ସେବା ପାଇବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଟାଟା ପାୱାର ଯଦି ଏହି ବହିଷ୍କାର ନୋଟିସର ପୁନଃବିଚାର ନ କରେ, ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବା ସହିତ ସମସ୍ତ ବିଦ୍ୟୁତ ମରାମତି କାର୍ଯ୍ୟ ବନ୍ଦ କରିବ ବୋଲି ଚେତାବନୀ ଦିଆଯାଇଛି।

# ବାରିପଦାରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ସ୍ଥିତି ଅନୁଧ୍ୟାନ



**ବାରିପଦା, ୮।୫(ସମିସ):** ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦାରେ ଏକାଧିକ ପ୍ରକଳ୍ପର ଉଦଘାଟନ କରିବା ସହ ଭବିଷ୍ୟତ ଯୋଜନାର ସମୀକ୍ଷା କରିଛନ୍ତି। ବାରିପଦା ସହରବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରି ବୁଢ଼ାବଳଙ୍ଗ ନଦୀ ସମ୍ମୁଖ ବିକାଶ ପ୍ରକଳ୍ପ ଜରିଆରେ ସୌନ୍ଦର୍ଯ୍ୟକରଣ ଓ ବନ୍ୟା ନିୟନ୍ତ୍ରଣ ପାଇଁ ବଡ଼ ଯୋଜନା ହାତକୁ ନିଆଯାଇଛି। ଏ ନେଇ ୭ନଂ ୱାର୍ଡ ଅନ୍ତର୍ଗତ ନଦୀକୂଳ ଅଞ୍ଚଳରେ 'ଇଗୋ ମେଟ୍ରିକ୍ସ' ସଂସ୍ଥା ଦ୍ୱାରା ଡ୍ରୋନ୍ ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହା ପ୍ରକଳ୍ପର ଡ୍ରଇଂ ଓ ଡିଜାଇନ ପ୍ରସ୍ତୁତିରେ ସହାୟକ ହେବ। ପ୍ରଥମ ପର୍ଯ୍ୟାୟ ବ୍ୟାରେଜ୍ ନିର୍ମାଣ ପାଇଁ ୧୯୭ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟ ଆଡ଼ିବନ୍ଧ ଓ ସୌନ୍ଦର୍ଯ୍ୟକରଣ ପାଇଁ ୩୭୦.୫ କୋଟି ଟଙ୍କା କ୍ୟାବିନେଟ୍ ମଞ୍ଜୁରି ମିଳିସାରିଛି। ଟୋକନ୍ ମନି ବାବଦରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରାଥମିକ ଭାବେ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଯାହାର ସର୍ଭେ କାର୍ଯ୍ୟ ଶୁକ୍ରବାର ମନ୍ତ୍ରୀ ଡା ମହାପାତ୍ରଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି।

ସେହିପରି ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜିଲ୍ଲାର ଶିକ୍ଷା ଓ ସାମାଜିକ ବିକାଶକୁ ଦୃଷ୍ଟିରେ ରଖି ୪ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ପିଆରଏମ ମେଡିକାଲ କଲେଜ ପରିସରରେ ରୋଗୀଙ୍କ ସମ୍ପର୍କୀୟଙ୍କ ସୁବିଧା ପାଇଁ ପେସେଣ୍ଟ ଆଟେଣ୍ଡାଣ୍ଟ ଡାଇନିଂ ହଲକୁ ଉଦଘାଟନ କରାଯାଇଛି। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଆଧୁନିକ ବୈଷୟିକ ଶିକ୍ଷା ପାଇଁ ଆକାଂକ୍ଷା ଆଇଟି ହବର ଶୁଭ ଉଦଘାଟନ କରାଯାଇଛି। ଭଞ୍ଜପୁରଠାରେ ଆଦିବାସୀ ଯୁବକ/ଯୁବତୀଙ୍କୁ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତ କରିବାକୁ 'ଦି ଆସ୍ପାୟର' ସେଣ୍ଟରକୁ ମଧ୍ୟ ଉଦଘାଟିତ ହୋଇଛି। ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ତକତପୁରଠାରେ ଆଦିବାସୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ 'ଏଥେନିକ ଟ୍ରାଇବାଲ ମଲ୍' ମନ୍ତ୍ରୀ ଡା ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଛି। ବାରିପଦାର ଐତିହ୍ୟ ସମ୍ପନ୍ନ ଶତାୟୁ ଶିକ୍ଷା ଅନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଂସ୍କୃତ କଲେଜ ପରିଦର୍ଶନ କରି ମନ୍ତ୍ରୀ ଏହାର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି କଲେଜକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ବିଷୟରେ ସୂଚନା ଦେଇଥିଲେ। ଏହି ପ୍ରକଳ୍ପଗୁଡ଼ିକ ମୟୂରଭଞ୍ଜର ଯୁବପିଢ଼ିଙ୍କୁ ଶିକ୍ଷା ଓ ପ୍ରଗତି କ୍ଷେତ୍ରରେ ନୂତନ ଦିଶା ଦେଖାଇବ, ବାରିପଦା ସହରକୁ ଏକ ସୁନ୍ଦର ଓ ସୁରକ୍ଷିତ ସହରରେ ପରିଣତ କରିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଏସଡିସି ଅଧ୍ୟକ୍ଷ ବୁଢାନ ମୁର୍ମୁ ଓ ପୂର୍ବତନ ବିଧାୟକ କାନ୍ଦରା ସୋରେନ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ପୁଣି ଭାଲୁ ଆକ୍ରମଣ ୩ ଆହତ, ଲୋକେ ଆତଙ୍କିତ

**ଉଦଳା/କୁଆମରା, ୮।୫(ସମିସ):** ଗାଁ ମଧ୍ୟକୁ ଭାଲୁ ପଶି ଆସି ଆତଙ୍କ ସୃଷ୍ଟି କରିଛି। କାବୁ କରିବାରେ ବନ ବିଭାଗ ବିଫଳ ହେଉଥିବା ଦେଖିବାକୁ ମିଳୁଛି। ପୁନର୍ବାର ଆକ୍ରମଣାତ୍ମକ ରୂପ ନେଇଛି ଭାଲୁ। ସନ୍ଧ୍ୟାରେ ଭାଲୁ ପୁଣି ୩ ଜଣଙ୍କୁ ଆକ୍ରମଣ କରିଛି। ଏଥିରେ ଜଣେ ବୃଦ୍ଧ ରହିଥିବାବେଳେ ଦୁଇଜଣ ଯୁବକ ଅଛନ୍ତି। ଗୁରୁବାର ସକାଳେ ଭାଲୁ କୁଶଳଦା ଗ୍ରାମରେ ପଶିବା ସହିତ ଦମୟନ୍ତୀ ବାରିକ ନାମକ ମହିଳାଙ୍କୁ ଆକ୍ରମଣ କରି ଗୁରୁତର କରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ବୁଦା ମୂଳରେ ଲୁଚି ରହିଥିଲା। ବନ ବିଭାଗ ଓ ରାପିଡ୍ ରେସପନ୍ସ ଟିମ ଭାଲୁ ଉପରେ ନଜର ରଖିଥିଲେ ସୁଦ୍ଧା ଭାଲୁକୁ କାବୁ କରି ପାରିନାହାନ୍ତି। ଫଳରେ ଭାଲୁଟି କୁଶଳଦା ଗ୍ରାମ ପାଖରେ ଥିବା ତଡ଼ରାଷୋଲ ଗ୍ରାମରେ ପଶି ୩ ଜଣଙ୍କୁ ଆକ୍ରମଣ କରିଛି। ଯେଉଁମାନଙ୍କ ମଧ୍ୟରେ ବୃଦ୍ଧ ଝଙ୍କାର ଟୁଡୁ ଗୁରୁତର ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଏବେ ଭାଲୁଟି ତଡ଼ରାଷୋଲ ଗ୍ରାମରେ ଲୁଚି ରହିଥିବାରୁ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ।

## ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଅ ଗିରଫ

**କୁଆମରା, ୮।୫(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ରାଇପଦା ଗ୍ରାମର ପାରିବାରିକ କଳହକୁ ନେଇ ଥାନାରେ ୧୧୭/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ଭାଗବତ ମହାପାତ୍ରଙ୍କୁ ତାଙ୍କ ପୁଅ ନିରାକାର ମାଡ଼ ମାରିବା ସହ ଚେକ୍‌ରେ ଦସ୍ତଖତ କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଗତକାଲି ରାତିରେ ନିରାକାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।

## ଘର ସମ୍ମୁଖରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୮।୫ (ସମିସ):** ବାଦାମପାହାଡ଼ ଥାନା ଅନ୍ତର୍ଗତ ପଣ୍ଡୁଗଣି ଗ୍ରାମରେ ବାଇକ୍ ଚୋରି ହୋଇଛି। ଏ ନେଇ ନାରାୟଣ ମୁର୍ମୁ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ଶଶୁର ଘରକୁ ଯାଇଥିବାବେଳେ ଘର ସମ୍ମୁଖରେ ବାଇକ୍ ପାର୍କିଂ କରିଥିଲେ। ଫେରି ଦେଖିବା ବେଳକୁ ବାଇକ ନ ଥିଲା। ବହୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ବାମନଘାଟି ଲୁହାଖଣିରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦାବି

**ରାଇରଙ୍ଗପୁର, ୮।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡସ୍ଥ ଲୁହାଖଣିରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ନିମନ୍ତେ ଦାବି ହୋଇଛି। ଏନେଇ କେନ୍ଦ୍ର କୋଇଲା ଓ ଖଣି ବିଭାଗ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ନୂଆଦିଲ୍ଲୀଠାରେ ଏକ ଦାବିପତ୍ର ବରିଷ୍ଠ ବିଜେପି ନେତା ଜୀବନ ସାହୁ ପ୍ରଦାନ କରିଛନ୍ତି। ସାକ୍ଷାତ ଅବସରରେ ରତ୍ନଗର୍ଭା ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ ଓ ବାଦାମପାହାଡ଼ ଲୁହାଖଣିରୁ ଅନେକ ପରିମାଣର ଲୁହା ପଥର



ଉତ୍ତୋଳନ ହେଉଥିବା ଦର୍ଶାଇଛନ୍ତି। କିନ୍ତୁ ସଠିକ ଭାବେ ତାହାର ସୁପରିଚାଳନା ହେଉନାହିଁ। ଏ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଛନ୍ତି। ସମସ୍ତ ଖଣିର ସୁପରିଚାଳନା ସହିତ ସ୍ଥାନୀୟ ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ମାଧ୍ୟମରେ ବେକାରୀ ଦୂରୀକରଣ କରାଯିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଥିଲେ। ଗୋରୁମହିଷାଣୀ ଓ ବାଦାମପାହାଡ଼ ଲୁହାଖଣି ଘରୋଇ କମ୍ପାନୀ ପରିଚାଳନା କରୁଥିବା ନିୟମ ଅନୁପାଳନ କରୁନାହାଁନ୍ତି। ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଥମେ ନିଯୁକ୍ତି ସୁଯୋଗ ଦେବାକୁ ଥିବାବେଳେ ସେମାନେ ବାହାର ରାଜ୍ୟର ଲୋକଙ୍କୁ ପ୍ରାଧାନ୍ୟ ନେଇ ନିଯୁକ୍ତି ଦେଉଛନ୍ତି। ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ ଦାବି ବାବଦରେ ଦୃଷ୍ଟି ଦେବା ସହ ତୁରନ୍ତ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼ ଓ ଗୋରୁମହିଷାଣୀ ଖଣି ଅଞ୍ଚଳ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ଜନସାଧାରଣ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ବୋଲି ମଧ୍ୟ କହିଛନ୍ତି।

## ଦ୍ୱିତୀୟ ଡିଆର୍‌କେ କପ୍ କ୍ରିକେଟ୍ | ନିଲାମୀ ପ୍ରକ୍ରିୟାରେ ଦିବ୍ୟରଞ୍ଜନ ଦାମୀ ଖେଳାଳି

**ବାରିପଦା, ୮।୫(ସମିସ):** ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଲାଲବଜାର ୱାରିୟର୍ସର ଆଇକନ ଖେଳାଳି ଆଦିତ୍ୟ ବସା ଦିବ୍ୟରଞ୍ଜନ ଦାସଙ୍କୁ ୧୨,୪୦୦ ଓ ଯଶୋବନ୍ତ ମାଝୀଙ୍କୁ ୧୦,୦୦୦ ଟଙ୍କାରେ କ୍ରୟ କରିଥିବାବେଳେ ପରୀ ଚ୍ୟାଲେଞ୍ଜର୍ସର ଆଇକନ ଖେଳାଳି ଅଭିଜ୍ଞାନ ମହାନ୍ତି ରୋହନ ସାହୁଙ୍କୁ ୮,୯୦୦ ଟଙ୍କା, ଜଗଦ୍ଧାତ୍ରୀ ସୁପର କିଙ୍ଗସର ଆଇକନ ଖେଳାଳି ମନୁ ରାମ ଶୁଭମ ନାୟକଙ୍କୁ ୧୦,୩୦୦ ଟଙ୍କା, ରାଫେଲ ର୍ୟାକେଟ୍‌ର ଆଇକନ ଖେଳାଳି ମାରି ଲୋକନାଥ ସୁକୁମାର ପତିଙ୍କୁ ୮,୨୦୦ ଟଙ୍କା, ମା' ଅମ୍ବିକା ୱାରିୟର୍ସର ଆଇକନ ଖେଳାଳି ଦିବ୍ୟେଶ ମହାନ୍ତି ଅଭିଜିତ ପ୍ରସାଦ ଘଣାଙ୍କୁ ୯,୯୦୦ ଟଙ୍କାରେ କ୍ରୟ କରିଛନ୍ତି। ଏହି ନିଲାମୀ ପ୍ରକ୍ରିୟା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କ୍ରିକେଟ ଖେଳାଳି ସୁନୀଲ କୁମାର ଜେନା, ଲଲାଟେନ୍ଦୁ ବେହେରା, ସୋମନାଥ ସିଂହ, ଡିଆରକେ କ୍ଲବର ପ୍ରତିଷ୍ଠାତା ନିରୋଜ କୁମାର ସାହୁ, କ୍ରୀଡ଼ା ସଂଗଠକ ଅମର କୁମାର ସେଠୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅମିତାଭ ଦାସ, ମାନସ ଧଳ, ସତ୍ୟନାରାୟଣ ଜୀଉ, ସୁମିତ ମିଶ୍ର, କରୁଣାମୟୀ ପୃଷ୍ଟି, ସମ୍ବିତ ମହାରଣା, ଅମିତ ପରିଡ଼ା, ଚନ୍ଦ୍ରଭାନୁ ସେଠୀ ଓ ପଙ୍କଜ ମହାକୁଡ଼ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୫ଟି ଦଳକୁ ନେଇ ଚଳିତ ମାସ ୨୫ରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଅମିତାଭ ଦାସ ଜଣାଇଛନ୍ତି।



## ସୀତାକୁଣ୍ଡରେ ବୁଡ଼ି ଯୁବକ ମୃତ

**ବାରିପଦା, ୮।୫(ସମିସ):** ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଯାଇ ଶେଷରେ ମୃତ୍ୟୁର କରାଳ ଗ୍ରାସରେ ପଡ଼ିଲେ ଜଣେ ଯୁବକ। ଶିମିଳିପାଳ ଲୁଲୁଙ୍ଗ ନିକଟରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସୀତାକୁଣ୍ଡ ଜଳପ୍ରପାତରେ ଗୁରୁବାର ଅପରାହ୍ନରେ ଗୋଡ଼ ଖସିଯିବା ଫଳରେ ହରେକୃଷ୍ଣ ମହାନ୍ତ (୨୩) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ସତର୍କ ସୂଚନା ଓ ନିଷେଧାଦେଶ ଜାରି କରାଯାଇଥିଲେ ହେଁ ନିୟମକୁ ଅମାନ୍ୟ କରିବା ଏଭଳି ଏକ ଅଘଟଣର କାରଣ ସାଜିଛି। ସମ୍ପର୍କୀୟଙ୍କ କହିବା ଅନୁଯାୟୀ, କୁଳିଅଣା ଥାନା ଅଞ୍ଚଳର ହରେକୃଷ୍ଣ ମହାନ୍ତ ତାଙ୍କ ୫ ଜଣ ବନ୍ଧୁଙ୍କ ସହ ହଳଦିଆବନ୍ଧ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ହରେକୃଷ୍ଣ ସୀତାକୁଣ୍ଡ ଯିବା ପାଇଁ ଜିଦ ଧରିଥିଲେ। ସୀତାକୁଣ୍ଡ ଯାଇ ସେଠାରେ ସାଙ୍ଗମାନଙ୍କ ସହିତ ଗାଧୋଇଥିଲେ। ସେ ସମୟରେ ହାଲୁକା ବର୍ଷା ହେଉଥିବାରୁ ପଥର ଗୁଡ଼ିକ ଅତ୍ୟନ୍ତ ଖସଡ଼ା ଥିଲା। ବନ୍ଧୁମାନେ ବାରଣ କରିଥିଲେ ସୁଦ୍ଧା ସେ କାହାରି କଥା ନ ଶୁଣି ଜଳପ୍ରପାତର ଉପର ଭାଗକୁ ଚଢ଼ିଯାଇଥିଲେ। ଉପର ଭାଗରେ ବୁଲୁଥିବା ସମୟରେ ଅକସ୍ମାତ ହରେକୃଷ୍ଣଙ୍କ ଗୋଡ଼ ଖସିଯାଇଥିଲା ଓ ସେ ସିଧା ପଥର ଉପର ଦେଇ ଗଭୀର ପାଣିକୁ ଖସି ପଡ଼ିଥିଲେ। ବନ୍ଧୁମାନେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ଭୟଭୀତ ହୋଇ ସ୍ଥାନୀୟ ବନ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ଦୁଇ ଘଣ୍ଟାର କଠିନ ପରିଶ୍ରମ ପରେ ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ସଦର ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କିଛି ମାସ ପୂର୍ବରୁ ମଧ୍ୟ ଏହି ସ୍ଥାନରେ ଗାଧୋଉଥିବା ସମୟରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସେଠାରେ ଗାଧୋଇବା ବାରଣ ନୋଟିସ ବୋର୍ଡ ଲଗାଯାଇଛି।

## ରାସଗୋବିନ୍ଦପୁର ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



**ରାସଗୋବିନ୍ଦପୁର, ୮।୫(ସମିସ):** ଓଡ଼ିଶା ପୁଲିସର ସିଏଡବ୍ଲୁ ଓ ସିଡବ୍ଲୁ, ସିଆଇଡି ସିବି ଓ ୟୁନିସେଫ ସହଯୋଗରେ ରାସଗୋବିନ୍ଦପୁର ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ଓ କିଶୋର କିଶୋରୀଙ୍କ ସହ ପୁଲିସର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଶିଶୁ-ବନ୍ଧୁ ପୁଲିସ ବ୍ୟବସ୍ଥା ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଆଜି ଅପରାହ୍ନ ୩ଟା ୪୫ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ କିଶୋର କିଶୋରୀଙ୍କୁ ଅନଲାଇନ ସୁରକ୍ଷା, ସାଇବର ବୁଲିଙ୍ଗ, ଶାରୀରିକ ଛବିକୁ ନେଇ ମନୋଭାବ, ମାନସିକ ସ୍ୱାସ୍ଥ୍ୟ ଓ ଡିଜିଟାଲ ଜଗତରେ ସଚେତନତା ବିଷୟରେ ଅବଗତ କରାଯାଇଥିଲା। ଏଥିସହ ଶିଶୁ ଓ କିଶୋରମାନେ ଯେକୌଣସି ସମସ୍ୟାରେ ଥାନାକୁ ଏକ ସୁରକ୍ଷିତ ଓ ସହଜ ଅଭିଗମ୍ୟ ସ୍ଥାନ ଭାବେ ମଣିବେ, ସେ ନେଇ ପ୍ରୟାସ କରାଯାଇଥିଲା। ପ୍ରତ୍ୟେକ ଥାନାରେ ୫ଟି ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ୨୫ ଜଣ କିଶୋର କିଶୋରୀ ଓ ୫ ଜଣ ଅଙ୍ଗନବାଡି କର୍ମୀଙ୍କୁ ସାମିଲ କରାଯାଇଥିଲା। ଜିଲ୍ଲା ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ଥାନା ଅଞ୍ଚଳରେ ସ୍ଥାନୀୟ ଲୋକ ସ୍ୱାଗତ କରିଛନ୍ତି। ରାସଗୋବିନ୍ଦପୁର ଥାନାର ଜୁଭେଣ୍ଟିକା ଅଧିକାରୀ ମଞ୍ଜୁଲତା ବେହେରା, ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀଙ୍କ ସମେତ ଥାନା ସମସ୍ତ କର୍ମଚାରୀ, ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରାସଗୋବିନ୍ଦପୁର ଛକରେ ଲାଗିଲା ସିସିଟିଭି କ୍ୟାମେରା

**ରାସଗୋବିନ୍ଦପୁର, ୮।୫(ସମିସ):** ରାସଗୋବିନ୍ଦପୁର ଅଞ୍ଚଳରେ ବୃଦ୍ଧି ପାଉଥିବା ଅସାମାଜିକ କାର୍ଯ୍ୟକଳାପ, ଚୋରି, ଡକାୟତି ଓ ରାହାଜାନି ଭଳି ଅପରାଧ ରୋକିବା ଉଦ୍ଦେଶ୍ୟରେ ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ରାସଗୋବିନ୍ଦପୁର ଛକରେ ଉଚ୍ଚକ୍ଷମତା ସମ୍ପନ୍ନ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଏହି କ୍ୟାମେରା ମାଧ୍ୟମରେ ଛକ ଅଞ୍ଚଳର ଚାରିପାଖରେ ଘଟୁଥିବା ସମସ୍ତ ଗତିବିଧି ଉପରେ ୨୪ ଘଣ୍ଟିଆ ନଜର ରଖାଯିବ। ଏହାଦ୍ୱାରା ଅପରାଧୀଙ୍କୁ ଚିହ୍ନଟ କରିବା ସହ ଅପରାଧ ନିୟନ୍ତ୍ରଣରେ ପୁଲିସକୁ ବହୁତ ସହାୟତା ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ରାସଗୋବିନ୍ଦପୁର ଥାନା ଅଧିକାରୀଙ୍କ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଥିବାବେଳେ ଏହାଦ୍ୱାରା ସାଧାରଣ ଲୋକଙ୍କ ସୁରକ୍ଷା ଅଧିକ ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଛି।

## ୪୧୬ ଲିଟର ଦେଶୀମଦ ଜବତ, ଜଣେ ଗିରଫ

**୫ ହଜାର ଲିଟର ପୋଚ ନଷ୍ଟ**

**ବାରିପଦା, ୮।୫(ସମିସ):** ବାରିପଦା ସଦର ଅବକାରୀ ଥାନା ପକ୍ଷରୁ ମହୁଲିଆ ଗ୍ରାମର ପୃଥକ ସ୍ଥାନରୁ ୪୧୬ ଲିଟର ଦେଶୀ ମଦ ଜବତ କରାଯିବା ସହିତ ପାଖାପାଖି ୫ ହଜାର ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ଏ ଘଟଣାରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ବୈଦ୍ୟନାଥ ସିଂ (୩୫)। ତାଙ୍କଠାରୁ ୨୬ ଲିଟର ଦେଶୀ ଜବତ ହୋଇଛି। ଅନ୍ୟଏକ ସ୍ଥାନରୁ ୩୯୦ ଲିଟର ଦେଶୀ ମଦ ଓ ୪୯୫୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ଅବକାରୀ ଥାନା ଅଧିକାରୀ ପ୍ରହ୍ଲାଦ ବିଶ୍ୱାଳଙ୍କ ନେତୃତ୍ୱରେ ହେମନ୍ତ କୁମାର ପାତ୍ର, ଦେବରାଜ ସାହୁ, ସଞ୍ଜୀବ ମହାପାତ୍ର, ଅମ୍ବିକା ପ୍ରସାଦ ନାୟକ, ରଞ୍ଜିତ ଷଡଙ୍ଗୀ ଓ ସମୟ ହାଣ୍ଡା ଚଢଉରେ ସାମିଲ ଥିଲେ।

## ଆନ୍ତର୍ଜାତିକ ନର୍ସିଂ ଦିବସ ଉପଲକ୍ଷେ ରକ୍ତଦାନ ଶିବିର



**ବାରିପଦା, ୮।୫(ସମିସ):** ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଆସୋସିଏସନର ମିଳିତ ସହଯୋଗରେ ଆନ୍ତର୍ଜାତିକ ନର୍ସିଂ ଦିବସ ଉପଲକ୍ଷେ ବ୍ଲଡ୍ ବ୍ୟାଙ୍କ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧୀକ୍ଷକ ଡାକ୍ତର ବ୍ରଜକିଶୋର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନୁର୍ଜୟ ମହାନ୍ତ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ ଦାସ ମିଳିତ ଭାବେ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠୀ, ଗୌରବ ମୋଦି, ନର୍ସିଂ ଅଧୀକ୍ଷକ କଳ୍ପନା ବେହେରା, ମାଳତୀମଣି ଦେଇ, ଉଷାମଣି ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏସନର ସଭାପତି ଶୁଭସ୍ମିତା ମହାପାତ୍ର, ସାଧାରଣ ସମ୍ପାଦକ ତୃପ୍ତିମୟୀ ଦାସ, ସମ୍ପାଦକ ଜ୍ୟୋତି ପ୍ରକାଶ ଭୁଜବଳ, ସଂଖାଳିଧର ଭଗର୍ତି, ସଚିନ୍ ସାହୁ, କନକ ବେହେରା, ଲକ୍ଷ୍ମୀ ବାସ୍କେ, ପ୍ରତିଭା ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୪ ଜଣ ମହିଳାଙ୍କ ସମେତ ୩୧ ଜଣ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର କେନ୍ଦ୍ର ଅଧିକାରୀ ଡା ନିଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ପ୍ରଭାସିନୀ ବେହେରା, କରୁଣାକର ଜେନା ଓ ପାର୍ଥସାରଥୀ ମହାନ୍ତ ପ୍ରମୁଖ ଶିବିର ପରିଚାଳନା କରିଥିଲେ।




## ଦୁର୍ଦ୍ଦିନରେ ଦୁଲାରୀଙ୍କ ଜୀବନ | ଅସହାୟ ବୃଦ୍ଧାଙ୍କୁ ସହାୟତା ପାଇଁ ଗ୍ରାମବାସୀଙ୍କ ନିବେଦନ

**କପ୍ତିପଦା, ୮।୫(ସମିସ)**

କପ୍ତିପଦା ବ୍ଲକ ଜାମବଣି ପଞ୍ଚାୟତ ୧୦ ନମ୍ବର ୱାର୍ଡ ବଡ଼ାମପଦା କାପଡଗାଦି ଗ୍ରାମର ଦୁଲାରୀ ହେମ୍ବ୍ରମ (୮୫ ବର୍ଷ) ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ପୈତୃକ ବାସଗୃହ ମାଟିରେ ମିଶିଛି। ପର ଗୁହାଳ ପିଣ୍ଡାରେ ବିତୁଛି ଜୀବନ। ଜୀବନର ଶେଷ ପାହାଚରେ ଅସରନ୍ତି ଦୁଃଖର ପାହାଡ଼। ଆଖିରେ ଅନେକ ସ୍ୱପ୍ନ, ଜୀବନ ବଞ୍ଚିବାକୁ ଅନେକ ଇଚ୍ଛା, ଅନେକ ସ୍ୱପ୍ନ। ତେବେ ତାଙ୍କୁ ସରକାରୀ ସହାୟତା ମିଳିପାରିନାହିଁ। ଏହି ଅସହାୟ ବୃଦ୍ଧାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

ଆଜକୁ ୧୦ ବର୍ଷ ପୂର୍ବେ ଆରପାରିକୁ ଚାଲିଯାଇଥିଲେ ସ୍ୱାମୀ। ଏକମାତ୍ର ଝିଅକୁ ସାହାରା କରି ଅନ୍ୟ ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଝିଅ ବଡ଼ ହେବା ପରେ ନିଜ ସୁଖ ପାଇଁ ମାଆକୁ ପରକରି ଚାଲିଗଲା ଯେ ଏ ପର୍ଯ୍ୟନ୍ତ ଦେଖାନାହିଁ। ଅସହାୟ ଅବସ୍ଥାରେ ସରକାରୀ ଯୋଜନାରେ ୩୫ କିଲୋ ଚାଉଳ ମିଳୁଛି। ୩୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ମିଳୁଥିଲା। ପ୍ରାୟ ବର୍ଷେ ହେବ ତାହା ମିଳୁନାହିଁ। ଆଖିରେ ଆଖିଏ ସ୍ୱପ୍ନ, ସରକାରଙ୍କ ପକ୍ଷରୁ ଘରଟିଏ ମିଳିବ, ଟଙ୍କା ମିଳିବ, ବାଟବଣା ଝିଅ ପୁଣି ଫେରି ଆସିବ, ମୋର ସେବା ଯତ୍ନ କରିବ। ସ୍ୱପ୍ନ ଅଧୁରା। ମୁଖମଣ୍ଡଳରେ ବିଷାଦର ଛାୟା। ପରଓଳିରେ ଦିନ କଟୁଛି। କାହାର ଦୟା ହେଲେ ଗଣ୍ଡିଏ ଖାଇବାକୁ ମିଳେ। ତାହା ପୁଣି ମିଳୁଥିବା ଚାଉଳ ପାଇଁ। ଯେଉଁଠି ଗୋରୁ ରହୁଛନ୍ତି, ସେଠି ତାଙ୍କର ଜୀବନ ବିତୁଛି। ଏ ସମ୍ପର୍କରେ ସରପଞ୍ଚଙ୍କ ସହ ଯୋଗାଯୋଗ କରିବାରୁ ତଦନ୍ତ କରି ତାଙ୍କ ନାମରେ ଜମି କିମ୍ବା ବିଧବା ପ୍ରମାଣପତ୍ର ନ ଥିବା କାରଣରୁ ଘରଖଣ୍ଡେ ମିଳିପାରୁନାହିଁ। ବୟସ ଅଧିକ ହୋଇଥିବାରୁ ଟିପ ଚିହ୍ନ ମିଶୁ ନ ଥିବାରୁ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ଅଛି। ତେବେ କେମିତି କ'ଣ ହୋଇପାରିବ ସେ ନେଇ ଚେଷ୍ଟା କରିବି ବୋଲି କହିଛନ୍ତି। ଏ ନେଇ ବିଡିଓ ରେଶ୍ମା ଟେଟେ କହିଛନ୍ତି, ସରକାରୀ ଯୋଜନାରେ ଯାହା ହୋଇପାରିବ, ଚେଷ୍ଟା କରିବି। ଏକ ଟିମ୍ ତାଙ୍କ ଗ୍ରାମକୁ ଯାଇ ତଦନ୍ତ କରି ଫେରିବା ପରେ ପଦକ୍ଷେପ ନିଆଯିବ।





# ତାଳଚେରରେ ଦୋକାନ ବଜାର, ଅଖଚକ ବନ୍ଦ




ତାଳଚେର,୮ ।୫(ସମିସ): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ରୋଗୀସେବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ ସଫଳ ହୋଇଛି । ବନ୍ଦ ପ୍ରଭାବରେ ରେଳ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୋକାନ ବଜାର, ବ୍ୟାଙ୍କ, ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ୍ ସମ୍ପୂର୍ଣ୍ଣ ଭାବରେ ବନ୍ଦ ଥିଲା । ତାଳଚେରର ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ବହ୍ଲର ଛକରେ ଜାତୀୟ ରାଜପଥ ଅବରୋଧ କରିଥିବା କମିଟିର ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ସୁରଥ ରଥ, ଗଦାଧର ପାତ୍ରଙ୍କୁ ପୁଲିସ୍ ଥାନାରେ ଅଟକ ରଖିବା ସହ ମାମଲା ରୁଜୁ କରିଥିଲା । ସେହିପରି କମିଟି ସଭାପତି ଅଭୟ ପାଣିଙ୍କ ନେତୃତ୍ୱରେ କଂଗ୍ରେସ୍ ନେତା ପ୍ରଫୁଲ୍ଲ ଦାସ, ରୀତାରାଣୀ ଦାସ, ନଖିଆ ସାହୁ, ମନୋଜ ସାହୁ, ଗଗନ ଦାସ, ଶରତ ଦାସ, ବିନୋଦ ଲାଲ୍ ପ୍ରମୁଖ ଡେରା ଓଭରବ୍ରିଜ୍‌ଠାରେ କୋଇଲା ବୋଝେଇ ଟ୍ରେନ୍ ଅଟକାଇଥିଲେ । ଆନ୍ଦୋଳନକୁ ସମର୍ଥନ କରି ନିଜ କର୍ମୀମାନଙ୍କ ସହ ରେଳରୋକରେ ସାମିଲ ହୋଇଥିଲେ ବିଧାୟକ ବ୍ରଜକିଶୋର ପ୍ରଧାନ । ସେହିପରି ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ସୁଲେଖ ସେଠୀ, ଜିନେଶ ସାହୁ, ପ୍ରଫୁଲ୍ଲ ନାଏକ, ଦାସରଥି ସାହୁ, ହରିହର ଦାସ, ସନ୍ତୋଷ ମହାରଣା, ବଳରାମ କୁଣ୍ଡଙ୍କ ନେତୃତ୍ୱରେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ପେଟ୍ରୋଲ୍ ପମ୍ପ ଇତ୍ୟାଦିରେ ପିକେଟିଂ କରି ବନ୍ଦ କରାଯାଇଥିଲା । ଆନ୍ଦୋଳନରେ ପୂର୍ବତନ ସାଂସଦ ମହେଶ ସାହୁ, କଂଗ୍ରେସ୍ ନେତ୍ରୀ ସସ୍ମିତା ବେହେରା, ରାଜକିଶୋର ସାହୁ, ରମାକାନ୍ତ ସାମଲ, ଶୁଭେନ୍ଦୁ ରଥ, ଶେଷ ମହାନ୍ତି, ସୁଶାନ୍ତ ସାମଲ, ଧୀରେନ ପାଣି, ପ୍ରତାପ ପଟ୍ଟନାୟକ, ସନ୍ତୋଷ ଦେହୁରୀ, ବାସନ୍ତି ନାଥ, ପିଣ୍ଟୁ ପ୍ରଧାନ, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ ।

# ଭାରୀଯାନ ଚଳାଚଳ କଟକଣା ମାନୁନାହାନ୍ତି କମ୍ପାନୀ ଗାଡ଼ି ଚାଳକ



ଅନୁଗୋଳ,୮ ।୫(ସମିସ): ଅନୁଗୋଳ ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳରେ ଜିଲ୍ଲା ପ୍ରଶାସନର ଅଙ୍କୁଶକୁ କୋଇଲା ପରିବହନକାରୀ କମ୍ପାନୀ ଗାଡ଼ି ଚାଳକମାନେ ମାନୁନାହାନ୍ତି । ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ସହରରେ ଭାରୀଯାନ ଚଳାଚଳରେ କଟକଣା ଜାରି ହୋଇଥିଲେ ମଧ୍ୟ ବେଲଗାମ ଭାବେ ସନ୍ଧ୍ୟା ୭ଟା ବେଳକୁ ଭାରୀଯାନଗୁଡ଼ିକ ମାଳ ମାଳ ହୋଇ ଜନଗହଳି ପୂର୍ଣ୍ଣ ରାସ୍ତାରେ ଲାଇନ ଲଗାଉଛନ୍ତି । ସନ୍ଧ୍ୟା ସମୟରେ ଜନଗହଳି ପୂର୍ଣ୍ଣ ବଜାର, ଛକ ଅଞ୍ଚଳ ଦେଇ ଗାଡ଼ି ଚଳାଚଳ ଯୋଗୁଁ ଦୁର୍ଘଟଣା ଆଶଙ୍କା ରହୁଛି । ମାତ୍ର ଅମାନିଆ ଗାଡ଼ି ଚାଳକ ଜିଲ୍ଲା ପ୍ରଶାସନର କଟକଣାକୁ ମାନୁନାହାନ୍ତି । ସନ୍ଧ୍ୟା ୭ଟା ବେଳେ ହାଇୱେ ପାଟ୍ରୋଲିଂ ପୁଲିସ ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ରଗୁଡ଼ି ସାହି ଛକରେ ଅନୁଗୋଳ ଆଡ଼କୁ ଯାଉଥିବା ଦୁଇଟି ଭାରୀଯାନକୁ ଅଟକାଇ ନୋ-ଏଣ୍ଟ୍ରି ସମୟରେ ଗାଡ଼ି ନ ଚଳାଇବାକୁ ତାଗିଦ କରିଥିଲେ । ଚାଳକଙ୍କଠୁ ଡ୍ରାଇଭିଂ ଲାଇସେନ୍ସ ନେଇଯାଇଥିଲେ । ତେବେ ଚାଳକ ଦ୍ୱୟ ପୁଲିସକୁ କହିଥିଲେ ଯେ ଗାଡ଼ି ମାଲିକଙ୍କ ବାଧ୍ୟତାମୂଳକ ଆଦେଶ ଯୋଗୁଁ ଆମେ ସମୟ ପୂର୍ବରୁ ଗାଡ଼ି ଆଣୁଛୁ । ମାଲିକ ପୁଲିସ ସହ କଥାବାର୍ତ୍ତା କରିଛନ୍ତି । ଆମ ଗାଡ଼ିକୁ କେହି ରାସ୍ତାରେ ଅଟକାଇ ପାରିବେ ନାହିଁ । ଚାଲାଣ କଟିଲେ ଆମେ ଭରିବୁ । ମାତ୍ର ଆମର ଟ୍ରିପ ଦରକାର ବୋଲି ପୁଲିସକୁ ଗାଡ଼ି ଚାଳକ କହିଥିଲେ । ଏତିକିବେଳେ ସେହି ସ୍ଥାନରେ ପଛକୁ ପଛ ୮/୧୦ ଟି ହାଇୱା ଗାଡ଼ି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା ।

# ପୂର୍ବତନ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଣିହାଁ,୮ ।୫(ସମିସ): ପୂର୍ବତନ ପାଲଲହଡ଼ା ବିଧାୟକ ତଥା ରାଜ୍ୟ ବିଜେଡି ସମ୍ପାଦକ ମୁକେଶ କୁମାର ପାଳ ଶୁକ୍ରବାର କାକୁଡ଼ିଆ ପଞ୍ଚାୟତ ଗସ୍ତ କରିଛନ୍ତି । ଏହି ଅବସରରେ କଣିହାଁ ବ୍ଲକ ବିଜେଡି ପକ୍ଷରୁ ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, କଣିହାଁ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସୁବାସ ମହାନ୍ତି, ଜୟନ୍ତ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଶାସନ ବାଲି ମାଫିଆ ମଧୁଚନ୍ଦ୍ରିକା

# ବ୍ରାହ୍ମଣୀରୁ ଖୋଲାଖୋଲି ବାଲି ଚୋରି

ଅନୁଗୋଳ,୮ ।୫(ସମିସ)







ଦିନଦିପହରେ ଟ୍ରାକ୍ଟରରେ ବୁହାହୋଇ ବେଧଡ଼କ ଚାଲିଛି ବାଲି ଚୋରି । ଖୁଲମଖୁଲା ଚାଲିଛି ଚୋରାଚାଲାଣ । ପ୍ରଶାସନକୁ ଭୟ ନାହିଁ ବାଲି ମାଫିଆଙ୍କର । ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଳାମାଲ ହେଉଛନ୍ତି ମାଫିଆ । ପ୍ରଶାସନର ଛତ୍ରଛାୟା ତଳେ ବାଲି ଚୋରି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଶୁଶୁବା ଗ୍ରାମ ଦେଇ ବୋହିଯାଉଥିବା ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ଏଭଳି ବାଲି ଚାଲାଣ କରାଯାଉଛି ।

ବ୍ରାହ୍ମଣୀ ନଦୀର ଅନେକ ସ୍ଥାନରେ ସ୍ୱୀକୃତିପ୍ରାପ୍ତ ବାଲିଘାଟ ରହିଛି । କିନ୍ତୁ ସୁସୁବା ବାଲିଘାଟ ଭଳି ଅନେକ ଘାଟ ନିଲାମ ହୋଇପାରୁ ନାହିଁ । ସୁସୁବା ବାଲିଘାଟରୁ ଅବାଧରେ ବାଲି ଚୋରା ଚାଲାଣ ହେଉଛି । ଅସାଧୁ ବ୍ୟବସାୟୀମାନେ ବାଲି ଚୋରା ଚାଲାଣ କରି ମାଲାମାଲ ହେଉଥିବାବେଳେ ସରକାରଙ୍କ ରାଜସ୍ୱହାନି ଘଟୁଛି । ଏହା ସହିତ ବାଲି ବ୍ୟବସାୟୀମାନେ ବାଲିକୁ ଚଢ଼ା ଦରରେ ବିକ୍ରି କରୁଥିବାରୁ ସାଧରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ନଦୀରୁ ବିପୁଳ ପରିମାଣରେ ବାଲି ଖୋଳି ନେଇ ଯାଉଥିବାରୁ ପ୍ରତିବର୍ଷ ଅଧିକ ଖାଲ ହୋଇଯାଉଛି । ଫଳରେ ବର୍ଷା ଦିନେ ଗାଈଗୋରୁ ପଡ଼ି ମୃତ୍ୟୁବରଣ କରୁଛନ୍ତି । ଏହାଛଡ଼ା ନଦୀ କୂଳରେ ଥିବା ଚାଷଜମିଗୁଡ଼ିକରେ ପାଣି ମାଡ଼ି ବ୍ୟାପକ ଫସଲ ନଷ୍ଟ ହେଉଛି । ଗ୍ରାମବାସୀ ବର୍ଷ ବର୍ଷ ଧରି ଏନେଇ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରିଆସୁଛନ୍ତି । ହେଲେ ସେମାନଙ୍କ ଅଭିଯୋଗ ଶୁଣିବାକୁ ସତେ ଯେପରି କେହି ନାହାନ୍ତି । ପ୍ରାୟ ୫/୬ ବର୍ଷ ହେଲା ଦୈନିକ ଶହଶହ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି । ସବୁ ଜାଣିଶୁଣି ଚୁପ୍ ବସିଛି ପ୍ରଶାସନ । ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବିପୁଳ ପରିମାଣରେ ବାଲି ଉଠୁଥିବା ଯୋଗୁଁ ନଦୀକୂଳ ଖାଇ ଗଲାଣି । ବର୍ଷା ଦିନେ ଗାଁ ଭିତରକୁ ପାଣି ପଶିବାର ଭୟ ରହିଛି । ନଦୀକୂଳ ଖାଇ ଯାଉଥିବାରୁ ଗୋଚର ଭୂମି ସଙ୍କୁଚିତ ହୋଇଗଲାଣି । ଗୋରୁ ଚରିବା ପାଇଁ ଅସୁବିଧା ହେଉଛି । ସରକାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ତିଆରି କରିବାକୁ ସହାୟତା ପ୍ରଦାନ କରୁଥିବା ବେଳେ ବାଲିର ଆକାଶଛୁଆଁ ଦର ଯୋଗୁଁ ଘର କରିବା କଷ୍ଟକର ହେଉଛି । ମାଫିଆମାନେ ଟ୍ରାକ୍ଟର ପ୍ରତି ୩ ହଜାରରୁ ୩୫୦୦ ଟଙ୍କା ନେଉଥିବାରୁ ଗରିବ ଲୋକମାନେ ବାଲି କିଣି ଆବାସ ନିର୍ମାଣ କରି ପାରୁନାହାନ୍ତି । ଫଳରେ ସେମାନଙ୍କ ଘର କାର୍ଯ୍ୟ ଆଗେଇ ପାରୁନାହିଁ । ଅନ୍ୟପକ୍ଷରେ ପ୍ରଶାସନ ତୁରନ୍ତ ଆବାସ ନିର୍ମାଣ କରିବାକୁ ଚାପ ପକାଉଛି । କଣିହାଁ ତହସିଲଦାର ଚିନ୍ମୟ ଦାସ ବାଲି ଚୋରିକୁ ସ୍ୱୀକାର କରିବା ସହ ଖୁବଶୀଘ୍ର ପୁଲିସ, ଖଣି ବିଭାଗ ଏବଂ ପ୍ରଶାସନ ମିଳିତ ଭାବେ ଚଢ଼ଉ କରାଯିବା ପାଇଁ ଯୋଜନା ଚାଲିଛି ବୋଲି କହିଛନ୍ତି । ବ୍ରାହ୍ମଣୀ ନଦୀରୁ ବାଲି ଚୋରା ଚାଲାଣ ଯୋଗୁଁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ବେଳେ ଏହାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# 'ୟାର୍ ବଇଣ୍ଡା'ର ପ୍ରତିଷ୍ଠା ଦିବସ

କିଶୋରନଗର,୮ ।୫(ସମିସ): କିଶୋରନଗର ବ୍ଲକ ୟାର୍ ବଇଣ୍ଡାର ୪୪ତମ ପ୍ରତିଷ୍ଠା ଦିବସ ଲୁହାମୁଣ୍ଡାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ୧୯୩୪ ମେ ୫ ତାରିଖ ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ଆଗମନ ଓ ବଇଣ୍ଡା ଦେଇ ବାମୁରଠାରେ ରାତ୍ରିଯାପନ କରିଥିବାରୁ ସେହିଦିନକୁ ସ୍ମୃତି କରିବା ପାଇଁ ୧୯୮୨ ମେ ୫ରେ 'ୟାର'ର ଗଠନ ହୋଇଥିଲା । ସେବେଠାରୁ ଏହି ଅନୁଷ୍ଠାନ ଗ୍ରାମାଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିଆସୁଛି । କାର୍ଯ୍ୟକ୍ରମରେ ଭଷାବିତ ଅନ୍ତର୍ଯ୍ୟାମୀ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଗଡ଼ଜାତ ଆନ୍ଦୋଳନକୁ ପ୍ରସଙ୍ଗ କରି ଅତ୍ୟାଚାରୀ ରାଜାଙ୍କୁ ପ୍ରଜା କିପରି ଗାଦିଚ୍ୟୁତ କରିଥିଲେ ଓ ବର୍ତ୍ତମାନର ଗଣତନ୍ତ୍ରକୁ ଅତ୍ୟାଚାରୀ ରାଜନେତା କିପରି କଳୁଷିତ କରି ନିଜ ସ୍ୱାର୍ଥ ପାଇଁ କ୍ଷମତାର ଦୁରୁପଯୋଗ କରୁଛନ୍ତି ସେ ବିଷୟରେ ଅବତାରଣା କରିଥିଲେ । ପ୍ରତ୍ୟେକ ନାଗରିକ ସଜାଗ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନ ସଭାପତି ଅଧ୍ୟାପକ କୃଷ୍ଣଚନ୍ଦ୍ର ଧୀର ବିଶୋଇ ସଭାପତିତ୍ୱ କରିଥିଲେ । ପ୍ରତିଷ୍ଠାତା ରଣଜିତ ପଟ୍ଟନାୟକ ଗ୍ରାମାଞ୍ଚଳ ଯୁବକେନ୍ଦ୍ର ସ୍ଥାପନ କରି ଡିଜିଟାଲ ଯୁଗରେ ଯୁବପିଢ଼ିଙ୍କୁ ଆଗୁଆ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷିତ କରାଇବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଶ୍ରମିକନେତା ଅନାଦି ସାହୁ, ଗନ୍ଧର୍ବ କାନ୍ଧିଆ, ବିଶ୍ୱ ଯୁବକେନ୍ଦ୍ରର ପ୍ରତିଷ୍ଠାତା ମନୋଜ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ମମତା ସାହୁ ଧନ୍ୟବାଦ ଦେଇଥିଲେ ।




# ନୂତନ ରଥ ନିର୍ମାଣ ଖର୍ଚ୍ଚ ବହନ କରିବେ ଧର୍ମେନ୍ଦ୍ର

ତାଳଚେର,୮ ।୫(ସମିସ): ତାଳଚେର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି । ବୈଠକରେ କମିଟି ସଭାପତି ତଥା ଉପଜିଲ୍ଲାପାଳ ସଭାପତିତ୍ୱ କରିଥିଲାବେଳେ ତାଳଚେର ବିଧାୟକ, ପୂର୍ବତନ ସାଂସଦ, ତାଳଚେର ରାଜାସାହେବ, ସାଂସଦଙ୍କ ପ୍ରତିନିଧି, ନଗରପାଳ, ନିର୍ବାହୀ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ରଥଯାତ୍ରା କମିଟି ସଦସ୍ୟମାନେ ସାମିଲ ହୋଇଥିଲେ । ପ୍ରତିବର୍ଷ ରଥ ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତାକୁ ପୂରଣ କରିବା ପାଇଁ ରଥ କମିଟି ପକ୍ଷରୁ ପ୍ରଚେଷ୍ଟା କରାଯାଇ କିଛି ବଦାନ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କରାଯାଇଥାଏ । ଅବଶିଷ୍ଟ ଅର୍ଥ ପୌର ପରିଷଦ ପକ୍ଷରୁ ମିଳିଥାଏ । କିନ୍ତୁ ଚଳିତ ବର୍ଷ ନୂତନ ରଥ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖର୍ଚ୍ଚ ବହନ କରିବେ ବୋଲି ଟେଲିଫୋନ ଯୋଗେ ନଗରପାଳ ପବିତ୍ର ଭୂତିଆଙ୍କୁ କହିଥିଲେ । ଫଳରେ ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଆଉ ଅର୍ଥର ଅଭାବ ରହିବ ନାହିଁ ବୋଲି ନଗରପାଳ ବୈଠକରେ ପ୍ରକାଶ କରିବା ପରେ କମିଟି ପକ୍ଷରୁ ମନ୍ତ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗକୁ ଯେପରି ଆର୍ଥିକ ସମସ୍ୟା ନ ହେବ ସେଥିପାଇଁ ସ୍ଥାୟୀ ପ୍ରତିକାର କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ।



# ଉପ-ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ତାଳଚେର,୮ ।୫(ସମିସ): ତାଳଚେର ପୌରପରିଷଦ ଉପନଗରପାଳ ଶୁଭଶ୍ରୀ ସୁସ୍ମିତା ପ୍ରଧାନ କାର୍ଯ୍ୟ କରିବାକୁ ଅସମର୍ଥ । ଦୀର୍ଘଦିନ ହେବ ସେ କାଉନସିଲ ବୈଠକରେ ଅନୁପସ୍ଥିତ ରହୁଛନ୍ତି । ଏଣୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି କାଉନସିଲରମାନେ । ଆସିଫ ଖାନ, ଯଶୋବନ୍ତ ମିଶ୍ର, ଲିପିକା ବେହେରା, ଜିତେନ୍ଦ୍ର ଭୂତିଆ, ସନ୍ତୋଷ ବେହେରା, ମମତା ରାଉତ, ଅଜିତ ସାହୁ, ନିରୁପମା ପଟ୍ଟନାୟକ, ସଞ୍ଜୀବ ଗଡ଼ନାୟକ, ବଲବିନ୍ଦର କୌର, ସରିତା ପାଳ, ସ୍ୱାଧୀନ ଥମ୍ବ, ଲୀନା ସାହୁ, ଶାନ୍ତନୁ ମିଶ୍ର, ଅନିତା ବିଶ୍ୱାଳ ପ୍ରମୁଖ ବିଜେପିର ୧୬ଜଣ କାଉନସିଲର ଶୁକ୍ରବାର ଅନୁଗୋଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ୨୧ ୱାର୍ଡକୁ ନେଇ ତାଳଚେର ପୌରପରିଷଦ ଗଠନ କରାଯାଇଥିବା ବେଳେ ନଗରପାଳଙ୍କ ସମେତ ବହୁ କାଉନସିଲର ବିଜେପିରେ ଯୋଗଦେବା ପରେ ବିଜେଡିର ମାତ୍ର ୫ଜଣ କାଉନସିଲର ଅଛନ୍ତି । ତେଣୁ ଆଗାମୀ ଦିନରେ ତାଳଚେର ପୌରପରିଷଦ ରାଜନୀତି କ'ଣ ହେଉଛି ତାହାକୁ ସମସ୍ତେ ଚାହିଁ ରହିଛନ୍ତି ।

# ବଇଣ୍ଡାରେ ଚନ୍ଦନ ଯାତ୍ରା

ବଇଣ୍ଡା,୮ ।୫(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ଗୁରୁବାର ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଳିତ ହୋଇଛି । ସନ୍ଧ୍ୟାରେ ପ୍ରଭୁ ରାଧାକୃଷ୍ଣ ମନ୍ଦିରରୁ ପ୍ରଭୁ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଚନ୍ଦନ ପୋଖରୀକୁ ନିଆଯାଇଥିଲା । ସେଠାରେ ବିଭିନ୍ନ ନୀତିକାନ୍ତି ପରେ ଶୋଭାଯାତ୍ରାରେ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା । ପୂଜକ ମଦନ ମୋହନ ମିଶ୍ର ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଚନ୍ଦନ ନଗରରୁ ବଇଣ୍ଡା ପରିକ୍ରମା କରାଯାଇଥିଲା । ଯାତ୍ରା ପଡ଼ିଆରୁ ରାଧାକୃଷ୍ଣଙ୍କୁ ପୁଣି ଚନ୍ଦନ ପୋଖରୀକୁ ନିଆଯାଇଥିଲା । ସେଠାରେ ସୁସଜ୍ଜିତ ନୌକାରେ ଚାପଖେଳ ସହ ଆତସବାଜି ପ୍ରଦର୍ଶନ ହୋଇଥିଲା । ମନୋରଞ୍ଜନ ପାଇଁ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଅପେରା ପରିବେଷଣ ବ୍ୟବସ୍ଥା କରାଯାଇଛି । ପୂରା ଗାଁକୁ ଆକର୍ଷଣୀୟ ଆଲୋକରେ ସଜ୍ଜିତ କରାଯାଇଥିଲା । ଯାତ୍ରାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ମିନାବଜାର ସହ ବହୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପସରା ମେଲାଇଥିଲେ । ହଣ୍ଡପା ଥାନା ଆଇଆଇସି ରାଜେଶ ଶତପଥୀ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ଅନୁଗୋଳ,୮ ।୫(ସମିସ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମିନି କନଫରେନ୍ସ ହଲ୍‌ରେ ଜିଲ୍ଲା ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଛି । ଚଳିତ ବର୍ଷର ବାର୍ତ୍ତା ରହିଛି 'ମାନବିକତା ପାଇଁ ଏକତା' । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ମାନବିକତା ଓ ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ । ମାନବିକ କଲ୍ୟାଣ ତଥା ସ୍ୱେଚ୍ଛାକୃତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବ୍ରିଜ ତଳକୁ ଖସିଲା ବାଇକ, ଜଣେ ମୃତ

ବଇଣ୍ଡା,୮ ।୫(ସମିସ): ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର କିଶୋରନଗର ବ୍ଲକ ବଇଣ୍ଡା ରେଳ ଓଭର ବ୍ରିଜ ତଳକୁ ଶୁକ୍ରବାର ଏକ ବାଇକ ଭାରସାମ୍ୟ ହରାଇ ଖସିପଡ଼ିଛି । ଏହି ଦୁର୍ଘଟଣାରେ ଅନୁଗୋଳ ବ୍ଲକ ପଞ୍ଚମହଲା ଅଞ୍ଚଳର ନୀର ପ୍ରଧାନଙ୍କ ମୃତ୍ୟୁ ହୋଇଛି । ନୀର ବାଇକ ଯୋଗେ ଆଠମଲ୍ଲିକରୁ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ବ୍ରିଜ ବାଡ଼ରେ ଧକ୍କା ହୋଇ ତଳକୁ ଖସି ପଡ଼ିଥିଲେ । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ବଇଣ୍ଡା ଫାଣ୍ଡି ପୁଲିସ ବାଇକ ଜବତ କରି ଏକ ମାମଲା ରୁଜୁ କରିଛି ।



# କୋଟିଏ ଟଙ୍କା ଠକେଇ, ଯବାନ ଗିରଫ

ଛେଣ୍ଡିପଦା,୮ ।୫(ସମିସ): ଚାକିରି କରାଇଦେବାକୁ କହି କୋଟିଏ ଟଙ୍କା ଠକେଇ ଅଭିଯୋଗରେ ଛେଣ୍ଡିପଦା ଥାନା ପୁଲିସ ଜଣେ ସେନା ଯବାନଙ୍କୁ ଗିରଫ କରିଛି । ଗିରଫ ଯବାନ ହେଲେ ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗାଁର ସଞ୍ଜୀବ କୁମାର ସାହୁ । ସଞ୍ଜୀବ ଭାରତୀୟ ସେନାରେ ହାବିଲଦାର ଭାବେ କାମ କରୁଛନ୍ତି । କିନ୍ତୁ ଗାଁକୁ ଆସି ଚାକିରି କରାଇଦେବା ନାଁରେ ବିଭିନ୍ନ ଲୋକଙ୍କଠାରୁ ସେ ପ୍ରାୟ କୋଟିଏ ଟଙ୍କା ନେଇଥିଲେ । ଗାଁର ସୁନୀଲ କୁମାର ଗଡ଼ତିଆଙ୍କଠାରୁ ତାଙ୍କ ପୁଅର ଚାକିରି କରାଇ ଦେବାକୁ କହି ୮ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ । ତେବେ ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ମଧ୍ୟ ସଞ୍ଜୀବ ନା ଚାକିରି ଦେଲେ ନା ଟଙ୍କା ଫେରସ୍ତ କଲେ । ଠକେଇର ଶିକାର ହୋଇଥିବା ଜାଣି ସମସ୍ତେ ମିଶି ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ । ଶୁକ୍ରବାର ପୁଲିସ ସଞ୍ଜୀବଙ୍କୁ ତାଳଚେରରୁ ଗିରଫ କରି କୋର୍ଟ ଚାଲାଣ କରିଛି ।



**ଚାକିରି କରାଇଦେବାକୁ କହି ଠକିଥିଲେ ଟଙ୍କା**

## ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ବୈଠକ

# ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ ଚେତାବନୀ

ଅନୁଗୋଳ,୮ ।୫(ସମିସ)



ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଦାବିରେ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିଆସୁଥିବା ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଛି । କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟିର ସକ୍ରିୟ ସଭ୍ୟ ଅବସରପ୍ରାପ୍ତ ନାଲକୋ କର୍ମଚାରୀ ମୋହନ ଚରଣ ଦେହୁରୀଙ୍କ ବିୟୋଗରେ ଶୋକ ପ୍ରକାଶ ସହ ଏକ ମିନିଟ୍ ନିରବତା ପାଳନ କରାଯାଇଥିଲା । କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବୁଦ୍ଧିଜୀବୀ ରମେଶ ସାହୁ, ବ୍ରଜବନ୍ଧୁ ସାହୁ, ନିରୋଦ ପାଳ, ତୀର୍ଥବାସୀ ଭୋଇ, ପଠାଣୀ ବାରିହା, ମାନସ ପାଳ, ଦାମୋଦର ଦାଶ, ତ୍ରେତାନନ୍ଦ ସାମନ୍ତ, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ହେମନ୍ତ କୁମାର ଦାସ, ରବୀନ୍ଦ୍ର କୁମାର ବେହେରା, ନିରୁପମା ପ୍ରଧାନ, ବବିତା ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ରହି ସର୍ବାଧିକ ରାଜସ୍ୱ ଦେଉଥିବା ଅନୁଗୋଳ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବାରେ ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଜିଲ୍ଲା ମୁଖ୍ୟ ଚିକାଳୟରେ ଟ୍ରମା କେୟାର ସେଣ୍ଟର, ଆଇସିୟୁ, ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ ସହ ଇକୋ ମେସିନ୍ ପ୍ରତିଷ୍ଠା, ମେଡିକାଲର ଅର୍ଥୋ, ଇଏନ୍‌ଟି ସହ ବିଭିନ୍ନ ବିଭାଗରେ ସର୍ଜରୀ ବ୍ୟବସ୍ଥା କରିବା, ସପ୍ତାହକୁ ଥରେ ଆସୁଥିବା ବିଶେଷଜ୍ଞ ଡାକ୍ତରଙ୍କୁ ନିୟମିତ ଭାବେ ନିଯୁକ୍ତି ଦେଇ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ବିଶେଷଜ୍ଞ ଡାକ୍ତରମାନେ ଲେଖୁଥିବା ଔଷଧ ରୋଗୀଙ୍କୁ ମାଗଣାରେ ଯୋଗାଇଦେବା, ଚିକିତ୍ସାଳୟର ଦନ୍ତ ବିଭାଗରେ ଆବଶ୍ୟକ ଉପକରଣ ଯୋଗାଇ ଦନ୍ତ ଚିକିତ୍ସାର ସୁବ୍ୟବସ୍ଥା କରିବା, ଜିଲ୍ଲାର ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ, ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର, ଚିକିତ୍ସାଳୟରେ ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନଲାଇନ୍ ଟିକେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଚିକିତ୍ସାଳୟରେ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା ଆଦି ଦାବି ସମ୍ପର୍କରେ ବୈଠକରେ ବିଷଦ ଆଲୋଚନା ହୋଇଥିଲା । ଏ ସମସ୍ତ ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରାଯିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି ।



# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ବିଜେଡିର ରଣହୁଙ୍କାର




**ଢେଙ୍କାନାଳ, ୮ ।୫(ସମିସ)**

ଭାପୁର ଅଞ୍ଚଳରେ ଜଣେ ମହିଳା ଦୁଷ୍କର୍ମ ଓ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବେଳେ ତାଙ୍କୁ ନ୍ୟାୟ ଦାବିରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଛି। ଗଣେଶ ବଜାରଠାରୁ ଶତାଧିକ ମହିଳାଙ୍କ ସହ ବିଜେଡି ନେତୃବୃନ୍ଦ ବିଶାଳ ଶୋଭାଯାତ୍ରାରେ ଯାଇ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରା ବେଳେ ବିଜେପି ସରକାର ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ପୀଡ଼ିତାଙ୍କୁ ନ୍ୟାୟ ଓ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସେହିପରି ଭାପୁର ଫାଣ୍ଡି ଅଧିକରୀଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ପୂର୍ବତନ ବିଧାୟକ ସାମଲଙ୍କ ସହ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡ. ଅବିନାଶ ସାମଲ, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ସନ୍ଦିପ ଷଡଙ୍ଗୀ, ଜିଲ୍ଲା ବିଜେଡି ମହିଳା ସଭାପତି ସାଗରୀକା ମିଶ୍ର, ବିଜେଡି ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ପୂର୍ବତନ ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ହିନ୍ଦୋଳ ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକ, କାଉନସିଲର ଲିପିକା ଦାସ, ଉର୍ବଶୀ ମହାପାତ୍ରଙ୍କ ସହ ପୀଡ଼ିତାଙ୍କ ମା' ଓ ବହୁ ବିଜେଡି କର୍ମୀ ଏସପିଙ୍କୁ ଭେଟି ଆଲୋଚନା କରିଥିଲେ। ପୁଲିସ ଅପରାଧୀ ସମ୍ପର୍କରେ ସୁରାକ ପାଇଛି, ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସପି ଅଭିନବ ସୋନକର କହିଥିଲେ। ପରେ ଏ ନେଇ ଦଳ ତରଫରୁ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଅଜୟ କୁମାର ଭଞ୍ଜ, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ଟାଉନ ସଭାପତି ବିନୋଦ କୁମାର ମହାନ୍ତି, ଯୁବନେତା ଶ୍ରୀକାନ୍ତ ଧଳ, ଜିଲ୍ଲା ସାଧରଣ ସମ୍ପାଦକ ଶୁଭ ପଣ୍ଡା, ପୂର୍ବତନ ଛାତ୍ର ସଭାପତି ସୂରଜ ମହାପାତ୍ର, କାଉନସିଲର ସାଗିର ମହମ୍ମଦ, ଜିଲ୍ଲାପରିଷଦ ସଦସ୍ୟ ଅଶୋକ କୁମାର ପରିଡ଼ା, ରଞ୍ଜନ ନାୟକ, ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ମାନସ ମହାରଣା, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ମହିଳା ବିଜେଡି ନଗର ସଭାପତି ଶ୍ରଦ୍ଧାଞ୍ଜଳି ସାହୁ, ଓମପ୍ରକାଶ ନାୟକ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସାମିଲ ଥିଲେ।

# ଦୁଷ୍କର୍ମ ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବି

**ଢେଙ୍କାନାଳ, ୮ ।୫(ସମିସ):** ସଦର ଥାନା ଭାପୁର ଗ୍ରାମର ଜଣେ ଦଳିତ ମହିଳାଙ୍କୁ ଦୁଷ୍କର୍ମ କରାଯିବା ସହ ହତ୍ୟା ଉଦ୍ୟମ କରାଯାଇଥିଲା। ତେବେ ଇତିମଧ୍ୟରେ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଜିଲ୍ଲାରେ ମହିଳା ସୁରକ୍ଷା, ଭାପୁର ଫାଣ୍ଡିକୁ ଥାନାରେ ପରିଣତ

**ପୁଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର**

କରିବା ଦାବି ନେଇ ଆମ୍ ଆଦ୍ମୀ ପାର୍ଟି ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏସ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଗାନ୍ଧୀପାର୍କଠାରେ ପ୍ରତୀକାତ୍ମକ ଧାରଣା ଦେବା ସହ କର୍ମୀମାନେ ପଦଯାତ୍ରାରେ ଯାଇ ଏସ୍‌ପିଙ୍କୁ ଭେଟିଥିଲେ। ତୁରନ୍ତ ଗିରଫ ନ କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ଅନୁରୂପ ଭାବେ ଭାପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ବହୁ ବିଳମ୍ବରେ ଗିରଫ କରିଥିଲା। ଏପରି ଅନେକ ନଜିର ରହିଛି।



ଭାପୁର ଫାଣ୍ଡି ଅଧୀନରେ ବାରମ୍ବାର ଘଟୁଥିବା ଏପରି ଅପରାଧ ପୁଲିସର ଅପାରଗତାକୁ ପଦାରେ ପକାଇଛି। ଲୋକମାନେ ପୁଲିସ ଉପରୁ ଆସ୍ଥା ହରାଇ ବସୁଛନ୍ତି। ପୂର୍ବରୁ ଆପ ତରଫରୁ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା। ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଥାନା ହୋଇପାରିଲା ନାହିଁ। ତୁରନ୍ତ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ଦାବି କରାଯାଇଛି। ଦଳର ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରାଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ସାମଲ, କୋଷାଧକ୍ଷ କବିଜ୍ୟୋତି ନିରଞ୍ଜନ ପତି, ଚିତ୍ତରଞ୍ଜନ ପାଣି, ଦେବାଶିଷ, ନନ୍ଦ, ବିଜୟ ଦାସ, ନିରଦ ଚନ୍ଦ୍ର ବାରକ, ବିଭୁରଞ୍ଜନ ସାହୁ, ଜୟନ୍ତ ଦାସ, ସୁକାନ୍ତି ରାଉତ, ଯୁଧିଷ୍ଠିର ଦାସ, ପ୍ରସନ୍ନ ବରାଳ, କବି ନାଏକ ପ୍ରମୁଖ ଏସ୍‌ପିଙ୍କି ଭେଟି ଦାବିପତ୍ର ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଭେଟି ପୀଡ଼ିତାଙ୍କ ୬ ମାସର ସନ୍ତାନର ଖାଦ୍ୟସୁରକ୍ଷା ପାଇଁ ଦାବି କରିଛନ୍ତି।

# ୯ ଗୋରୁ ଉଦ୍ଧାର, ପିକ୍‌ଅପ୍ ଜବତ; ଜଣେ ଗିରଫ



**ହିନ୍ଦୋଳ/ଖଜୁରିଆକଟା, ୮ ।୫(ସମିସ):** ଶୁକ୍ରବାର ଭୋର୍ ୪ଟାରେ ଚଢ଼ଉ କରି ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ଚାଲାଣ ହେଉଥିବା ୯ ଗୋରୁ ଉଦ୍ଧାର କରିବା ସହ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଆନ୍ତଃରାଜ୍ୟ ମାଫିଆ ହିନ୍ଦୋଳ ଉପଖଣ୍ଡ ଦେଇ ଗୋରୁ ଚାଲାଣ କରୁଥିବା ଖବରପାଇ ପୁଲିସ ବାହାଲୁଣ୍ଡା ନିକଟରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ କୁଖ୍ୟାତ ଗୋମାଫିଆ କଟକ ଜିଲ୍ଲା ନରସିଂହପୁର ଥାନା ବୀରସିଂପୁର ଅଞ୍ଚଳର ସନ୍ତୋଷ ସିଂ ଓରଫ ମିଥୁନକୁ ପୁଲିସ ଗିରଫ କରିଛି। ମାତ୍ର ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଚଢ଼ଉରେ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ ଓ ସମସ୍ତ ଏସଆଇ ଓ କର୍ମଚାରୀ ସାମିଲ ହୋଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଏପରି ଚଢ଼ଉ ଜୋରଦାର ହେବ ବୋଲି ପୁଲିସ କହିଛି।

# ଗଁଦିଆରେ ବିଜେପିର ମିଶ୍ରଣ ପର୍ବ

**ଗଁଦିଆ, ୮ ।୫(ସମିସ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଶୁକ୍ରବାର ଗଁଦିଆ ଏନ୍‌ଏସି, ବିଧାରପୁର, ବେଗା, ଲାଉଲଇ, ନିହଲପ୍ରସାଦ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟଙ୍କ ସମେତ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଗଁଦିଆରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ସଙ୍କଳ୍ପରୁ ସିଦ୍ଧି କାରଣରୁ ସମସ୍ତେ ଆଜି ବିଜେପିରେ ଯୋଗ ଦେଉଛନ୍ତି ବୋଲି ସେ କହିଥିଲେ। ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବାକୁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜସେବୀ କମଳକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ପ୍ରଭାକର ବେହେରା, ପୂର୍ବତନ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଭୂତିଆ, ବନ୍ଦିତା ସେଠୀ, ସଞ୍ଜୀବ ଦାସ, ରତିକାନ୍ତ ସାହୁ, ଅବସରପ୍ରାପ୍ତ କର୍ମଚାରୀ ଜଗମୋହନ ଦାସ, ଲାଉଲଇ ସରପଞ୍ଚ ବିଜୟଲକ୍ଷ୍ମୀ ରାଉତ, ବିଧାରପୁର ସମିତି ସଭ୍ୟଙ୍କ ସମେତ ବହୁ ଜନପ୍ରତିନିଧି ବିଜେପିରେ ଯୋଗଦେଇଛନ୍ତି। ମନ୍ତ୍ରୀ ପାତ୍ର ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।



# ପରଜଙ୍ଗ ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ



**ପରଜଙ୍ଗ, ୮ ।୫(ସମିସ):** ପରଜଙ୍ଗ ଥାନା ପରିସରରେ ଜୁଭେଣ୍ଟିକା କାଯରୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଆଇ ସୁଶ୍ରୀ ଅନାମିକା ଏବଂ ପରଜଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପୁଲିସ ବିଭାଗର କାର୍ଯ୍ୟଶୈଳୀ, ସାଇବର ଅପରାଧ, ଟ୍ରାଫିକ୍ ନିୟମ ଓ ନିଶା ନିବାରଣ ଉପରେ ସଚେତନ କରାଯାଇଥିଲା। ବିଶେଷ କରି ସାଇବର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଅଜଣା ଲୋକଙ୍କ ସହିତ ସୂଚନା ବାଣ୍ଟିବା କେତେ ବିପଦପୂର୍ଣ୍ଣ ତାହା ବୁଝାଯାଇଥିଲା। ଟ୍ରାଫିକ୍ ନିୟମ ପାଳନ କରିବା ଦ୍ୱାରା ଦୁର୍ଘଟଣାକୁ ଏଡ଼ାଇ ହେବ ବୋଲି ମଧ୍ୟ କୁହାଯାଇଥିଲା। ନିଶା ଦ୍ରବ୍ୟ ସେବନ ଯୁବ ପିଢ଼ି ପାଇଁ କେତେ କ୍ଷତିକାରକ ତାହା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ପ୍ରେରିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ଓ ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବପିଢ଼ିଙ୍କୁ ସମାଜର ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ି ତୋଳିବା ଏବଂ ସେମାନଙ୍କ ମଧ୍ୟରେ ଆଇନ ପ୍ରତି ସଚେତନତା ସୃଷ୍ଟି କରିବା। ପୁଲିସ ଓ ସାଧାରଣ ଜନତା ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଥିଲେ।

# ସାଇବର ଅପରାଧ ସମ୍ପର୍କିତ ସଚେତନତା




**ଢେଙ୍କାନାଳ, ୮ ।୫(ସମିସ):** ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା ପରିସରରେ ସାଇବର ଅପରାଧକୁ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ କଣ୍ଟାବଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲ୍ଲିକ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବରେ ଜିଏମଆର ଭାରଲକ୍ଷ୍ମୀର ଅଧିକାରୀ ସୁଧାଂଶୁ ସାହୁ ଉପସ୍ଥିତ ରହି ଆଜିର କମ୍ପ୍ୟୁଟର ଓ ମୋବାଇଲ ଯୁଗରେ ଘଟୁଥିବା ସାଇବର ଅପରାଧ ଗୁଡ଼ିକ କିଭଳି ରୋକା ଯାଇପାରିବ, ସେ ସମ୍ବନ୍ଧରେ ଉପସ୍ଥିତ ନାବାଳକ ଯୁବକଯୁବତୀ ମାନଙ୍କୁ ବୁଝାଇଥିଲେ। କଣ୍ଟାବଣିଆ ଥାନାର ବିଭିନ୍ନ ଗ୍ରାମରୁ ୧୮ ବର୍ଷରୁ କମ ଯୁବପିଢ଼ି ଯୋଗଦାନ କରିଥିଲେ। କଣ୍ଟାବଣିଆ ଅଙ୍ଗନବାଡି କର୍ମୀ ଗୀତାଞ୍ଜଳି ସାହୁ, ମାନପୁର ଅଙ୍ଗନାୱାଡି କର୍ମୀ ବନିତା ଦାସ, ସରପା ଅଙ୍ଗନାୱାଡିକର୍ମୀ ମଞ୍ଜୁ ଭୁତିଆ, ରଘୁନାଥ ପୁର ଅଙ୍ଗନାୱାଡି କର୍ମୀ ପୁଷ୍ପଲତା ସାହୁ ଓ ନୂଆ ଗାଁ ଅଙ୍ଗନାୱାଡି କର୍ମୀ ନମିତା ଦେହୁରୀଙ୍କ ସମେତ ଥାନାର ସିଡବ୍ଲ୍ୟୁପି ଓ ସରୋଜିନୀ ମହାନ୍ତି ଓ ସମସ୍ତ ସହକର୍ମୀ ଯୋଗ ଦେଇଥିଲେ। ଭିଡିଓ ମାଧ୍ୟମରେ ସାଇବର ଅପରାଧ ଘଟୁଥିବା କାରଣ ଗୁଡ଼ିକ ଦେଖା ଯାଇଥିଲା। ସୋସିଆଲ ମିଡିଆ, ଅନଲାଇନ ମାର୍କେଟିଂ, ମୋବଇଲ ଗେମ୍, ଅର୍ଥ କାରବାର, ଇଣ୍ଟରନେଟ ବ୍ୟବହାର ଆଦି ସମୟରେ ଘଟୁଥିବା ଅପରାଧ ରୋକିବା ଏହି ପ୍ରୟାସର ଉଦ୍ଦ୍ୟେଶ୍ୟ ବୋଲି ଭାରପ୍ରାପ୍ତ ଅଧିକାରୀ କହିଥିଲେ।

# ବିଶ୍ୱ ରେଡକ୍ରସ ଦିବସ ପାଳିତ




**ଢେଙ୍କାନାଳ, ୮ ।୫(ସମିସ):** ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ରକ୍ତଭଣ୍ଡାର ପରିସରରେ ଭାରତୀୟ ରେଡକ୍ରସ ସୋସାଇଟି, ଶାଖା ଓ ରେଡକ୍ରସ ରାପିଡ ରେସ୍ପନ୍ସ ଗ୍ରୁପ୍ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗମ୍ଭୀର ଓ ସେବାମୟ ପରିବେଶରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ରେଡକ୍ରସ୍ ସୋସାଇଟି, ଶାଖାର ଉପାଧ୍ୟକ୍ଷ ରୋଟାରିୟାନ ରାଜ କିଶୋର ବେହେରା ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସେ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ୍ ଜୀବନୀ, ରେଡକ୍ରସ୍ ଓ ରେଡକ୍ରିସେଣ୍ଟ୍ ସଙ୍ଗଠନର ଗଠନ ଏବଂ ମାନବ ସେବାରେ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବର୍ଷର ବିଷୟବସ୍ତୁ ୟୁନାଇଟେଡ ଇନ ହ୍ୟୁମାନିଟି ଅର୍ଥାତ୍ ମାନବିକତାରେ ଏକତାକୁ ଆଧାର କରି ସେବା, ସହଯୋଗ ଓ ମାନବିକତାର ବାର୍ତ୍ତା ପ୍ରଚାର କରିବାକୁ ସଦସ୍ୟମାନଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଶିବ ପ୍ରସାଦ ପଣ୍ଡା ଓ ଚିନ୍ମୟ ଜେନାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିରରେ ୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପରେ ରେଡକ୍ରସ ଲାଇଫ ମେମ୍ବରମାନଙ୍କ ଦ୍ୱାରା କେକ୍ କାଟି ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଇଥିଲା। ପରମାନନ୍ଦ ପଣ୍ଡା, କାଦମ୍ବରୀ ମହାଖୁଡ଼, ରଶ୍ମିତା ରଥ, ସ୍ୱପ୍ନା ଜେମ୍ସ, ରାମେଶ୍ୱର ମାଇତୀ, ସୁଜିତ ନନ୍ଦ, ନାରାୟଣ ପୋଦାର, ଚିନ୍ମୟ ଜେନା ଓ ଦୀପୁନା ପ୍ରଧାନ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ମାନବ ସେବା ହିଁ ସର୍ବୋତ୍କୃଷ୍ଟ ସେବା ଏହି ମହାନ ବାର୍ତ୍ତାକୁ ନେଇ ରେଡକ୍ରସ ସମାଜର ପ୍ରତ୍ୟେକ ଦୁଃଖ, ବିପଦ ଓ ସଙ୍କଟ ସମୟରେ ଆଶାର ଆଲୋକ ସ୍ୱରୂପ ସଦା ସର୍ବଦା ମାନବତାର ସେବାରେ ନିୟୋଜିତ ରହିଆସିଛି। ଶେଷରେ କାଦମ୍ବରୀ ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭୂତି ହେଲେ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି

**ଗଁଦିଆ, ୮ ।୫(ସମିସ):** ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ସୁପାରିଶ କ୍ରମେ ଢେଙ୍କାନାଳ ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ବିଭୁତି ଭୂଷଣ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଭୁତି ଭୁଷଣ ମହାନ୍ତି ଜିଲ୍ଲାର ଜଣେ ଯୁବ ସମାଜସେବୀ ଭାବେ ପରିଚିତ। ସେ ଗଁଦିଆ ବ୍ଲକର ଲେଥକା ପଞ୍ଚାୟତର ଓରନ୍ଦା ଗାଁର ଅଧିବାସୀ। ଅଖିଳ ଭାରତ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିହାନା ରାଜୁ ଓ ଖୁସି ଟିଗା ତାଙ୍କର ନବନିଯୁକ୍ତି ପାଇଁ ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଜନନାୟକ ରାହୁଲ ଗାନ୍ଧୀଜୀ, ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦକ ତଥା ଯୁବ କଂଗ୍ରେସ ପ୍ରଭାରୀ



ମନିଷ ଶର୍ମା, ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଉଦୟ ଭାନୁ ଚିବଜୀ, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲୁଙ୍କୁ ମଧ୍ୟ ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଗଁଦିଆ ବ୍ଲକ କଂଗ୍ରେସ କମିଟି ସଭାପତି ଡ. ବନମାଳି ଦାସ ଏବଂ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନଙ୍କ ପକ୍ଷରୁ ସାଙ୍ଗଠନିକ କ୍ଷେତ୍ରରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ଯେଉଁ ପ୍ରେରଣା ସେଥିପାଇଁ ସେ ମଧ୍ୟ କୃତଜ୍ଞ ବୋଲି କହିଛନ୍ତି।

# ଆଇଆଇଏମ୍‌ସି ଛାତ୍ରଛାତ୍ରୀଙ୍କୁ ପରିବହନ କମିଶନରଙ୍କ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୮ ।୫(ସମିସ):** ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନର ଛାତ୍ରଛାତ୍ରୀ ମାନେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କାରି ସମ୍ମାନିତ କରାଯାଇଥିଲା। ପରିବହନ ଆୟୁକ୍ତ ଛାତ୍ର ଛାତ୍ରୀଙ୍କୁ ଜଣେ ଜଣେ ଦାୟିତ୍ୱବାନ ଗାଡି ଚାଳକ ହେବା ସହ ସଡକ ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ ସେ ଆଇଆଇଏମସିକୁ ପରିଦର୍ଶନରେ ଆସିବେ। ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇଆଇଏମସିର ଇଂରାଜୀ ପାଠ୍ୟକ୍ରମର ସହଯୋଗୀ ଅଧାପକ ଡ. ବିରଞ୍ଚି ନାରାୟଣ ସେଠ୍‌ଙ୍କ ସହଯୋଗରେ ୩ଟି ପାଠ୍ୟକ୍ରମର ଛାତ୍ରଛାତ୍ରୀ ଯାଇଥିଲେ। ଏହି ସାକ୍ଷାତକାର ସମୟରେ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# କୁଣ୍ଡେଶ୍ୱର ମନ୍ଦିର ରାସ୍ତା ମରଣଯନ୍ତା

**ଖଜୁରିଆକଟା, ୮ ।୫(ସମିସ)**

ଢେଙ୍କାନାଳଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସଞ୍ଜିପଡ଼ା ପଞ୍ଚାୟତ ଓ ପାଟଲା ପଞ୍ଚାୟତକୁ ସଂଯୋଗ କରୁଥିବା ବାଙ୍କିଡି ରକଲା ଐତିହାସିକ କୁଣ୍ଡେଶ୍ୱର୍ ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘ ବର୍ଷ ଧରି ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି। ସେହି ରାସ୍ତା ଦେଇ ପ୍ରତିଦିନ ବହୁ ଭକ୍ତ ମହାଦେବଙ୍କୁ ଦର୍ଶନ କରିବାକୁ ଆସି ଥାଆନ୍ତି। ଭୋଟନେଇ ଜନସାଧାରଣଙ୍କୁ ବାରମ୍ବାର ଠକୁଥିବା ନିର୍ବାଚିତ ଜନପ୍ରତିନିଧିମାନେ ଭୋଟପାଇ ଆଖିବୁଜି ଦେଉଥିବାବେଳେ ସରକାର ତଥା ପ୍ରଶାସନ ମଧ୍ୟ ବୈମାତୃକ ମନୋଭାବ ରଖୁଛି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ୨ ଚକିଆ ଓ ୪ ଚକିଆ ଯାନରେ ପାଟଲା ବାଙ୍କିଡି ଦିଗରୁ କୁଣ୍ଡେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବା ବେଳେ ଜନସାଧାରଣ ଭକ୍ତ ବହୁ ଅସୁବିଧା ଭୋଗୁଛନ୍ତି। ସମୟେ ସମୟେ ଅନ୍ୟ ଦିଗରୁ ଯାନଟିଏ ଆସିବା ବେଳେ ରାସ୍ତା ପାର୍ଶ୍ୱ ଛାଡ଼ିବା କଷ୍ଟକର ହୋଇ ପଡୁଛି। ବିଭାଗ ପକ୍ଷରୁ ବାଙ୍କିଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସରିଥିବା ବେଳେ ସେଠାରୁ କୁଣ୍ଡେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ୪ କିମି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଛି। ସରକାରି ସ୍ତରରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଗତ ବର୍ଷ ସେପ୍‌ଟେମ୍ବର ମାସରେ ବିଭଗୀୟ କନିଷ୍ଠ ଯନ୍ତ୍ରୀ ଅଟକଳ କରି ଟେଣ୍ଡର ପ୍ରକ୍ରିୟା ପାଇଁ ସମସ୍ତ କାର୍ଯ୍ୟ ସାରିଥିଲେ। ତେବେ ଶୁଣା ଗଲା କୁଆଡେ ନିକଟସ୍ଥ ଝାଡୁ ବେରେନି ଗ୍ରାମର କେତେକ ଜନ ସାଧାରଣ ନିଜ ଗ୍ରାମ୍ ପାର୍ଶ୍ୱ ଦେଇ ଏକ ବାଇପାସ୍ ରୋଡ ନିର୍ମାଣ କରେଇବେକୁ ଜିଦ୍ ଧରି ବସିଥିଲେ। ସେମାନଙ୍କ ଅଭିଯୋଗ ଫଳରେ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଘଟିବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ। ଇତି ମଧ୍ୟରେ ବାଙ୍କିଡି, ପାନୁବେରେନି, ଝାଡୁ ବେରେଣି ଓ ରକଲା ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କୁ ଏକତ୍ର ବୈଠକକୁ ଡକାଇ କନିଷ୍ଠ ଯନ୍ତ୍ରୀ ସତ୍ୟପ୍ରକାଶ ସାମଲ ରାସ୍ତା ନିର୍ମାଣ ନେଇ ସମସ୍ତଙ୍କ ସହମତି ଭିତ୍ତିରେ ବାଙ୍କିଡି ଗ୍ରାମଠାରୁ ମନ୍ଦିର ପର୍ଯ୍ୟନ୍ତ କରାଇବାକୁ ସ୍ଥିରୀକୃତ ହେବା ପରେ ଟେଣ୍ଡର ପ୍ରକ୍ରିୟା ପୁନର୍ବାର ଆରମ୍ଭ



ହୋଇଥିବା ନେଇ ଯନ୍ତ୍ରୀ ଶ୍ରୀ ସାମଲଙ୍କୁ ମତାମତ ଲୋଡିବାରେ ପ୍ରକାଶ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ହେଲେ ପାଟଲା ପଞ୍ଚାୟତ, କନ୍ତିମିଲି ପଞ୍ଚାୟତ, ନୂଆଁ ଗାଁ କଡଲା ଆଦି ପଞ୍ଚାୟତ ବାସୀଙ୍କ ସବୁ ଦିନିଆ ଦୁଃଖ ଦୂର ହେବ ବୋଲି ଆଶା କରାଯାଉଛି।

## ସୋସୋ ଥାନା ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି



ହାଟଡ଼ିହୀ, ୮।୫ (ସମିସ): ମଦ୍ୟପଚାଳକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଉଥିବାବେଳେ ଅନେକ ଅମାନିଆ ବାଇକ୍ ଚାଳକ ବିନା ହେଲମେଟରେ ଏବଂ ଅନେକ ୩/୪ଚକିଆ ଚାଳକ ଅମାନିଆ ଢଙ୍ଗରେ ଯା'ଆସ କରୁଥିବାରୁ ସେମାନଙ୍କୁ ସାବାଡ଼ କରିବା ପାଇଁ ପୁଲିସ ପ୍ରଶାସନ ତତ୍ପରତା ଦେଖାଇଛି । ଆଜି ପୂର୍ବାହ୍ନ ସମୟରେ ଆମ୍ବଗଡିଆ ଛକଠାରେ ସୋସୋ ଥାନା ଏଏସଆଇ ନୃସିଂହ ତନ୍ତିଙ୍କ ନେତୃତ୍ୱରେ ୨ଚକିଆ ଏବଂ ୪ଚକିଆ ଗାଡ଼ି ଚାଳକଙ୍କୁ ଅଟକାଇ ମଦ ଯାଞ୍ଚ ମେସିନ୍ ଦ୍ୱାରା କଡ଼ା ଯାଞ୍ଚ କରାଯାଇଛି । ଯାଞ୍ଚ ସମ୍ପର୍କରେ ଏଏସଆଇ ଶ୍ରୀ ତନ୍ତିଙ୍କୁ ପଚାରିବାରୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବାରୁ ଏହି ପ୍ରକ୍ରିୟା କ୍ରମାଗତ ଭାବେ ଚାଲୁରହିବ ବୋଲି ସେ କହିଛନ୍ତି । ତେବେ, ସୋସୋ ପୁଲିସ ପକ୍ଷରୁ ଏଭଳି କଡାକଡ଼ି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏନେଇ ଆନନ୍ଦପୁର ଏସଡ଼ିପିଓ ଓ ସୋସୋ ଆଇଆଇଆସିଙ୍କୁ ସ୍ଥାନୀୟ ଲୋକେ ପ୍ରଶଂସା କରାଯାଇଛି ।

## ଶୁଭେନ୍ଦୁଙ୍କ ଶପଥ ଗ୍ରହଣରେ ଯଜ୍ଞଙ୍କୁ ନିମନ୍ତ୍ରଣ



ଆନନ୍ଦପୁର, ୮।୫ (ସମିସ): ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ପାଇଛନ୍ତି ଯଜ୍ଞପ୍ରସାଦ । ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ବିଧାୟକ ଦଳ ବୈଠକ ପରେ କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ୍ ଶାହ ଏହି ଘୋଷଣା କରିଛନ୍ତି । ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବା ପାଇଁ କେନ୍ଦୁଝର ଜିଲ୍ଲାର ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁଙ୍କୁ ନିମନ୍ତ୍ରଣ କରାଯାଇଛି । ପଶ୍ଚିମବଙ୍ଗ ରାଜ୍ୟ ବିଜେପି ଶାଖା ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । କଲିକତା ସହରସ୍ଥିତ ବ୍ରିଗେଡ ପଡ଼ିଆରେ ହେବାକୁ ଥିବା ଏହି ଉତ୍ସବ ପାଇଁ ଶ୍ରୀ ସାହୁ ଆଜି ଟ୍ରେନ୍ ଯୋଗେ କଲିକତା ଗସ୍ତ କରିଛନ୍ତି । ସୂଚନାଯୋଗ୍ୟ, ପଶ୍ଚିମ ମେଦିନୀପୁର ଜିଲ୍ଲାର ଗଡବେତା ବିଧାନସଭା ଆସନରେ ଯଜ୍ଞପ୍ରସାଦ ସାହୁ ପ୍ରବାସୀ ପ୍ରମୁଖ ଭାବେ ଦଳ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ । ଏହି ଆସନରେ ବିଜେପି ଟିଏମସି ପ୍ରାର୍ଥୀଙ୍କୁ ୨୬ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛି ।

## ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞ



ଚମ୍ପୁଆ/ନାରଦପୁର, ୮।୫ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡ଼ନଇଠାରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ୫ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଥିବା ଏହି ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞରେ କଳାହାଣ୍ଡି, ବଲାଙ୍ଗିର, ବରଗଡ ଆଦି ଅଞ୍ଚଳର ନାମୀଦାମୀ କୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ । ବଡନଇ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ନାମଯଜ୍ଞରେ ପ୍ରାୟ ୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା । କଳାହାଣ୍ଡିର ସୁଶ୍ରୀ ରୀନା ବାଗ, ବଲାଙ୍ଗିରର ଡୋଳମଣି ମହାରଣା, ବରଗଡ଼ର ସୁଶ୍ରୀ ସୁମି ବାଗ ଏବଂ ଗଣ୍ଡିଆପାଲିର ଲିପ୍ସାରାଣି ଖମାରୀ ଓ ସ୍ଥାନୀୟ ଗାୟକ ସରୋଜ କୁମାରଙ୍କ କୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ । ଏହାକୁ ବିରେନ ମହାନ୍ତ, ସୁଦର୍ଶନ ମହାନ୍ତ, ଶମ୍ଭୁ ମହାନ୍ତ, କାମପାଳ ମହାନ୍ତ, ଧନେଶ୍ୱର ମହାନ୍ତ, ଛତିଶ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ମିଟୁରାମ ମହାନ୍ତ, ଗୋଲକ ବିହାରୀ ନାଏକ, ପୁରୁଷତୋମ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଅସହମତି; ଇସ୍ତଫାଦେଲେ ସରପଞ୍ଚ

ଚମ୍ପୁଆ, ୮।୫ (ସମିସ)

ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ପ୍ରତିବାଦରେ ଆଜି ବ୍ରହ୍ମପୁର-କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ୱାର୍ଡମେମ୍ବର ଓ ଗ୍ରାମବାସୀଙ୍କ ସହ ଆସି ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ବିଡ଼ିଓ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ ସୁଦ୍ଧା ତାହାକୁ ମଞ୍ଜୁର କରିନାହାଁନ୍ତି । ପ୍ରକାଶ ଥାଉକି, ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ବ୍ରହ୍ମପୁର-କରଞ୍ଜିଆ ପଞ୍ଚାୟତର ହୋ ସମାଜ ପାଇଁ ଏକ କମ୍ୟୁନିଟି ସେଣ୍ଟର ଆର ଆଇ ଜାଗା ଚିହ୍ନଟ କରିବା ପରେ କାମ ଆରମ୍ଭ କରାଯାଇଥିଲା । ସରପଞ୍ଚ ସୁପ୍ରିୟା ଏଠାରେ ହୋ ସମାଜର ଲୋକ ନାହାଁନ୍ତି ତେଣୁ ବ୍ରହ୍ମପୁର ଠାରେ କରିବା ପାଇଁ ଅଡ଼ି ବସିଥିଲେ । କିନ୍ତୁ ପ୍ରକଳ୍ପଟି କରଞ୍ଜିଆ ଗାଁ ନାମରେ ଆସିଥିବାରୁ ବ୍ଲକ ପ୍ରଶାସନ ରାଜସ୍ୱ ବିଭାଗର ଅନୁମତି ପରେ କାମ ଆରମ୍ଭ କରିଥିଲେ । ସରପଞ୍ଚଙ୍କ ଅଭିଯୋଗ ହେଲା କି ପଞ୍ଚାୟତରେ ଉନ୍ନୟନ କାମ ବାବଦରେ ପଞ୍ଚାୟତର ଜେଇ ବେଉରିଆ ବାବୁ କିଛି ନ ଜଣାଇ କାର୍ଯ୍ୟ କରୁଛନ୍ତି । ଅନ୍ୟପକ୍ଷରେ କରଞ୍ଜିଆ ପଞ୍ଚାୟତରେ ହେଉଥିବା ଉର୍ନ୍ନୟନ ମୂଳକ କାର୍ଯ୍ୟ ଠିକାଦାର ଓ ଯନ୍ତ୍ରୀଙ୍କର ସୁଲାସୁତୁରାରେ ହେଉଥିବାରୁ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ନ ଲଗାଇ ପଞ୍ଚାୟତବାସୀଙ୍କୁ ଅନ୍ଧାରରେ ରଖାଯାଉଥିବା ଦେଖିବାକୁ ମିଳୁଛି । ତାଙ୍କୁ ଅଣଦେଖା କରାଯାଉଥିବ ଅଭିଯୋଗ କରି ଥିଲେ । ଏ ପ୍ରସଙ୍ଗରେ ବିଡ଼ିଓ ଶ୍ରୀ ସାହୁ ଦାୟିତ୍ୱରେ ଥିବା ଜେଇ ବେଉରିଆଙ୍କୁ ତାଗିଦ୍ କରିଛନ୍ତି । ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ ଅଞ୍ଚଳରେ ହେଉଥିବା ଉନ୍ନୟନ କାମ ଉପରେ କାହିଁକି ଜଣାନାହିଁ ବୋଲି ବିରକ୍ତି ପ୍ରକାଶ କରିଥିଲେ । ତେବେ ଅଭିଯୋଗ ଆସିବା ପରେ ସେ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଛି । କରଞ୍ଜିଆ ପରିବର୍ତ୍ତେ ବ୍ରହ୍ମପୁରଠାରେ କରିବା ପାଇଁ ସରକାରଙ୍କଠାରୁ ପ୍ରସ୍ତାବ ଅନୁମୋଦନ ହୋଇ ଆସିବା ପରେ ଯାହା କରାଯିବ ବୋଲି ବିଡ଼ିଓ କହିଥିଲେ ।



# ବିଭିନ୍ନ ପୁଲିସ ଥାନା ପକ୍ଷରୁ ଶିଶୁ ଅଧିକାର, ଓ ସୁରକ୍ଷା ସଚେତନତା




ହାଟଡ଼ିହୀ, ୮।୫ (ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନାରେ ଶିଶୁ ଅଧିକାର, ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ସଂଯୋଜନାରେ ଅପରାହ୍ନ ୪ଟା ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡିର କର୍ମୀ, ସ୍ଥାନୀୟ ଆଖପାଖ ଅଞ୍ଚଳରୁ ଅନେକ ସଂଖ୍ୟାରେ କିଶୋରୀ, ମହିଳା ସଂଗଠନର ସଦସ୍ୟା ଯୋଗଦେଇଥିଲେ । ସରକାରଙ୍କ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ମାଧ୍ୟମରେ ୧୪ରୁ ୧୬ବର୍ଷର ବୟସର କିଶୋରୀ ମାନଙ୍କୁ ବିଭିନ୍ନ ପ୍ରକାରର ସଚେତନତା କରାଯାଇଥିଲା । ଶିଶୁ ମାନଙ୍କ ଅଭିଯୋଗ ଶୁଣାଣି ଦାୟିତ୍ୱରେ ଥାନାର ସୁଷମା ସୁନ୍ଦରୀ ସେଠୀ ଥିବାବେଳେ ସେ ଉପସ୍ଥିତ ନାବାଳିକା ଓ ଯୁବତୀଙ୍କୁ ଭିନ୍ନ ଭିନ୍ନ ବାର୍ତ୍ତା ମାଧ୍ୟମରେ ସଚେତନ କରିଥିଲେ । ଆମ ପୁଲିସ ସମିତିର ସଦସ୍ୟ ଟୁଟୁ ଦକ୍ଷିଣରାୟ, ଥାନା ଇନ୍ସପେକ୍ଟର ବଳିଆ ବାରିକ, ଏସଆଇ ବିନୀତା ଲାକ୍ରା, ଏଏସଆଇ ସୁଷମା ସୁନ୍ଦରୀ ସେଠୀ, ଜମ୍ବୁବତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ କନେଷ୍ଟବଳ ଜୟକୃଷ୍ଣ ଦାସ, ଲକ୍ଷ୍ମୀପ୍ରିୟା ବଳ, ଗୃହରକ୍ଷୀ ସାରଦା ପ୍ରସନ୍ନ ଜେନା, ନିତ୍ୟାନନ୍ଦ ପୃଷ୍ଟି, ସନ୍ଦୀପ କୁମାର ସାହୁ, ଜିତେନ୍ଦ୍ର ଜେନା ପରିଚାଳନା କରିଥିଲେ ।

**ତୁରୁମୁଙ୍ଗା:** କିଶୋର କିଶୋରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ପୁଲିସ ପ୍ରତି ଭୟ ଦୂର କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ଜୁଭେନିଟିକା' କାର୍ଯ୍ୟକ୍ରମ ୟୁନିସେଫର ମିଳିତ ସହଯୋଗରେ ଶୁକ୍ରବାର ବାରିଆ ଥାନା ପରିସରରେ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀ ସାଇବର ଅପରାଧ ପ୍ରତି କିପରି ସତର୍କ ରହିବେ, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ଏବଂ ସାମାଜିକ ସମସ୍ୟା ବିଷୟରେ ସଚେତନ କରାଯାଇଥିଲା । ବାରିଆ ଥାନା ଭାରପ୍ରାପ୍ତ ଅଧିକାରୀ ସବିତା ନାଏକ, ଏସଆଇ ଅନୁସାୟା ସେଠୀଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ପାଟଣା ଥାନାରେ ମଧ୍ୟ କିଶୋର କିଶୋରୀଙ୍କୁ ସଚେତନତା କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । କିଶୋର କିଶୋରୀମାନଙ୍କୁ ସଚେତନ କରିବା ସହ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ କାର୍ଯ୍ୟକ୍ରମ ଏକ ସଫଳ ପ୍ରୟାସ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।




**ଚମ୍ପୁଆ:** ଚମ୍ପୁଆ ଥାନା ପରିସରେ ସବ୍ ଇନସପେକ୍ଟର ନିତେଶ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡି, ସବ୍ଇନସ୍ପେକ୍ଟର ହିମାଂଶୁ ଶେଖର ପ୍ରଧାନ, ଥାନା ଶିଶୁ ସୁରକ୍ଷା ଅଧିକାରୀ ରେବତୀ ବୁଡ ପ୍ରମୁଖ ଶିଶୁମାନଙ୍କର ଅଧିକାର ଓ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି ମତ ଦେଇଥିଲେ । ସାଇବର ନିରବତା ସଚେତନତା, ଶିଶୁ ଓ ମହିଳା ମାନଙ୍କର ଡିଜିଟାଲ ସୁରକ୍ଷା ଆଦି ଉପରେ ଉପସ୍ଥିତ ଅଙ୍ଗନବାଡି କର୍ମୀ ଓ ଶିଶୁ ମାନଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇବା ସହିତ ପ୍ରଜେକ୍ଟର ମାଧ୍ୟମରେ ସଚେତନତା କରାଯାଇଥିଲା ।

**ବଡ଼ବିଲ:** ବଡବିଲ ପୁଲିସ ତରଫରୁ ସ୍ଥାନୀୟ ଅଞ୍ଚଳରେ ଏହି ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ପିଲାଙ୍କୁ ସାଇବର୍ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ, ସେମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା । ପିଲାମାନେ ଏକ ସଚେତନାତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ।



**ଆନ୍ତଃରାଜ୍ୟ ଚାଲାଣ ବେଳେ ମାଡ଼ି ବସିଲା ପୁଲିସ**

# ଗଞ୍ଜେଇ ସହ ଅଟୋ ଜବତ; ୮ ଗିରଫ



ଯୋଡ଼ା/ବଡ଼ବିଲ, ୮।୫ (ସମିସ): କେନ୍ଦୁଝର ଜିଲ୍ଲା ପୁଲିସ ଦ୍ୱାରା ଚୋରା ନିଶା ବେପାରୀଙ୍କ ବିରୋଧରେ ଅଭିଯାନ ଜାରି ରହିଥିବା ବେଳେ ବଡ଼ବିଲ ପୁଲିସକୁ ମିଳିଛି ସଫଳତା । ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଓଏମ୍ସି କଲୋନୀ ନିକଟସ୍ଥ ଏକ ସ୍ଥାନରେ ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ କାର୍ଯ୍ୟ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରିଥିଲେ । ଏହି ଚଢ଼ଉରେ ଏକ ଅଟୋ ରିକ୍ସାରେ (ଓଡି ୦୯ ୱାଇ ୫୮୬୨) ବୋଝେଇ ହୋଇଥିବା ୩୩ କିଲୋଗ୍ରାମ ୧୯୦ ଗ୍ରାମ ଓଜନ ଚୋରା ଗଞ୍ଜେଇ, ଗୋଟିଏ ବିଦ୍ୟୁତ ଚାଳିତ ଓଜନ ମେସିନ, ଗୋଟିଏ ମୋବାଇଲ ଫୋନ, ନଗଦ ୨୦୦୦ ଟଙ୍କା ସମେତ ଅଟୋ ରିକ୍ସାକୁ ମଧ୍ୟ ଜବତ କରାଯାଇଛି । ଏହି କାରବାରରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି । ଏ ସମ୍ବନ୍ଧରେ ବଡ଼ବିଲ ଆଞ୍ଚଳିକ ପୁଲିସ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି ଯେ ବିଜୁ ବେହେରା (୨୫) ଓ ଘନଶ୍ୟାମ ଷଡ଼ଙ୍ଗୀ (୩୩) ଅଟୋ ରିକ୍ସାରେ ଗଞ୍ଜେଇ ଆଣି ଯୋଗାଉଥିଲେ । ସ୍ଥାନୀୟ କେତେକ ଗଞ୍ଜେଇ ବେପାରୀ ସେମାନଙ୍କଠାରୁ ଗଞ୍ଜେଇ କିଣି ବଡ଼ବିଲ ଅଞ୍ଚଳରେ କାରବାର ଚଳାଉଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ତାଙ୍କୁ ମଧ୍ୟ ଗିରଫ କରାଯାଇଛି । ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ସୁଶୀଲ ପଇଡ଼ର(୨୨), ସଦ୍ଦାମ ହୁସେନ(୩୬), ଅର୍ଜୁନ କେଶରୀ (୫୫), ଯଦାଧର ଆପଟ୍ରା(୩୫), ଏମ୍ଡି ମୁମତାଜ ଆଲାମ(୩୩) ଓ ଏମ୍ଡି ସରାବର(୩୦) । ଜଣେ କାର୍ଯକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଚଢ଼ଉ କରାଯାଇଥିଲା ।

# ବଡ଼ବିଲ କଲେଜର ଗ୍ରୀଷ୍ମକାଳୀନ କାର୍ଯ୍ୟକ୍ରମ



ବଡ଼ବିଲ, ୮।୫ (ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ବଡ଼ବିଲ କଲେଜରେ ଚତୁର୍ଥ ସେମିଷ୍ଟାର୍ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଇର୍ଣ୍ଟନଶିପ୍, ସମୁଦାୟ ସେବା ଓ ଫିଲ୍ଡ ଷ୍ଟଡି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ୧୨୦ ଘଣ୍ଟାର ସମୁଦାୟ ସେବା କାର୍ଯ୍ୟକ୍ରମ ରହିଛି । ସ୍ଥାନୀୟ ସାମାଜିକ ସଂଗଠନ ନେଟିଭ୍ ଭଏସ୍ ସହିତ ସହଯୋଗରେ ପ୍ରକଳ୍ପଟି ଆୟୋଜିତ ହେଉଛି । ଇଂରାଜୀ ବିଭାଗର ଅନିତା ଟୋପ୍ନୋ ଓ ମନୋରମା ସ୍ୱାଇଁ ମେଣ୍ଟର୍ ଭାବେ ଉପସ୍ଥିତ ଥିଲେ । ମୋଟ ୨୯ ଛାତ୍ର ମଧ୍ୟରୁ ୧୧ ଇଂରାଜୀ ବିଭାଗରୁ ଓ ୧୮ ଅନ୍ୟାନ୍ୟ ବିଭାଗରୁ ଛାତଛାତ୍ରୀ ନେଟିଭ୍ ଭଏସ୍ ନିର୍ଦ୍ଦେଶନାରେ ଯୋଗ ଦେଇଛନ୍ତି । ପ୍ରଥମ ଦିନରେ ଇଣ୍ଡକ୍ସନ୍ ଓ ଅରିଏଣ୍ଟେସନ୍ ସେସନ୍ ବଡ଼ବିଲ୍ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା । ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ ଛାତ୍ରଛାତ୍ରୀଙ୍କୁ ମ୍ୟୁନିସିପାଲିଟିର କାର୍ଯ୍ୟଭାର ଓ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ । ସେ ସ୍ୱଚ୍ଛ ଭାରତ ମିଶନ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ ଯୋଜନା ଓ ପିଏମ ସ୍ୱନିଧି ପରି ପ୍ରମୁଖ ଯୋଜନା ବିଷୟରେ ଆଲୋଚନା କରିଥିଲେ । ସେ ଯୁବକମାନଙ୍କୁ ସଚେତନତା ବ୍ୟାପ୍ତ କରିବା ଓ ସମୁଦାୟ ଉନ୍ନତିରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ । ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ, ସମୁଦାୟ ସେବା ମାଧ୍ୟମରେ ଉଜ୍ଜ୍ୱଳ ଭବିଷ୍ୟତ୍ ସୃଷ୍ଟି କରିବାକୁ ପ୍ରେରିତ କରିଥିଲେ । ମେଣ୍ଟର୍ ମନୋରମା ସ୍ୱାଇଁଙ୍କ ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରଛାତ୍ରୀମାନେ ଡିଏମ୍ଏଫ୍ ଲାଇବ୍ରେରୀକୁ ପରିଦର୍ଶନ କରି, ସେଠାରେ ଉପଲବ୍ଧ ସାଧନ ସମ୍ପର୍କରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, କାର୍ଯ୍ୟକ୍ରମ ମେଣ୍ଟର, ନେଟିଭ୍ ଭଏସ୍ ସଚିବ ରସାନନ୍ଦ ବେହେରା, ବସନ୍ତ ମହାନ୍ତ ଓ ବିକାଶ ଦାସଙ୍କ ପରି ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଶ୍ୱ ଯୁବ ରେଡ଼କ୍ରସ ଦିବସ




କେନ୍ଦୁଝର, ୮।୫ (ସମିସ): କେନ୍ଦୁଝରରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଭାରତୀୟ ରେଡ଼କ୍ରସ ସଂସ୍ଥା କେନ୍ଦୁଝର ଓ ଯୁବ ରେଡକ୍ରସ ୟୁନିଟ ଧରଣୀଧର ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଅଡିଟରିୟମରେ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କୁଳପତି ପ୍ରଫେସର ସଞ୍ଜୟ ପାତ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଏମର୍ଜେନ୍ସି ଅଫିସର ଅଭିଲାଷ ପୁରୋହିତ, ସମାଜସେବୀ ଧରିତ୍ରୀ ରାଉତ, ସିପିଜିସି ଡ଼ିଡ଼ି ବିଶ୍ୱବିଦ୍ୟାଳୟ ପ୍ରଭୁପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଜିଲ୍ଲା ରେଡ଼କ୍ରସ ଏଆର ଖାନ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜିକା ଡ଼ଃ ମମତା ମଞ୍ଜରୀ ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସୁଶ୍ରୀ ଆୟୁଷି କର ଉତ୍ସବ ସଂଚାଳନ କରିଥିବାବେଳେ ଯୁବ ରେଡ଼କ୍ରସ କାଉନସିଲର ଶୁକଦେବ ତିରିଆ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିବୃନ୍ଦ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ, କନିଷ୍ଠ ରେଡ଼କ୍ରସ କାଉନସିଲର ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରଥିଲେ ।

ଯୁବରେଡ଼କ୍ରସ ପକ୍ଷରୁ ଏକ ଜଳଛତ୍ର ଲୋକାର୍ପଣ କରାଯିବା ପରେ ଅତିଥିବୃନ୍ଦ ଜିଲ୍ଲାକାରାଗାରରେ ଅନ୍ତେବାସୀଙ୍କ ନିମନ୍ତେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପରିଦର୍ଶନ କରିଥିଲେ । ଅନ୍ତେବାସୀଙ୍କ ହୃଦ ସମସ୍ୟା, ଇସିଜି ଟେଷ୍ଟ, ବ୍ଲଡ଼ ସୁଗାର, ବ୍ଲଡ଼ ପ୍ରେସର, ଦନ୍ତ ପରୀକ୍ଷା, ଓଜନ ପରୀକ୍ଷା ଇତ୍ୟାଦି ହୃଦୟ ବିଶେଷଜ୍ଞ ଡାକ୍ତର ରଷିକାନ୍ତ ମହାନ୍ତ, ଦନ୍ତ ବିଶେଷଜ୍ଞ ଡାକ୍ତର ସଂଜୀବ ଓତା, ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଭେଷଜ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇ ନିଦାନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଧରଣୀଧର ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଡ଼ଃ ଅରୁନ୍ଧତୀ ଓଝା, ଡ଼ଃ ସୁମନ୍ତ ନାଏକଙ୍କ ସହଯୋଗରେ ଉତ୍ସବ ଆୟୋଜିତ ହୋଇଥିଲା ।




**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡ଼କ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର ସଂଯୋଜନା କରିଥିଲେ । ଭବାନୀ ପ୍ରସାଦ ବଳ, ଅମରେନ୍ଦ୍ର ମିଶ୍ର, କ୍ଷେତ୍ରବାସୀ ସୋରେନ, ଗଣେଶ ହେମ୍ବ୍ରମ, ହୃଦାନନ୍ଦ ଦାସ, ଛାତ୍ରଛାତ୍ରୀଙ୍କୁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ପାଇଁ ରେଡକ୍ରସ୍ ବାର୍ତ୍ତା ରହିଛି "ୟୁନାଇଟେଡ ଇନ୍ ହ୍ୟୁମାନିଟି" । ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ସ୍ୱେଚ୍ଛାସେବୀ ବିଭୂତି ଜେନା, ତ୍ରିଲୋଚନ ରାଉତ୍, ତୋଫାନ ପୃଷ୍ଟି, ଦେବାଶିଷ କର, ପ୍ରିୟଦର୍ଶିନୀ, ଶୁଭଶ୍ରୀ ଜେନା । ମହିଳା କାଉନସିଲର ଅଳକା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।




**ବାଲିବନ୍ଧ:** ଝୁମ୍ପୁରା ପଞ୍ଚାୟତସମିତି ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଯୁବ ରେଡକ୍ରସ ବିଭାଗର କାଉନସିଲର ଅଧ୍ୟାପକ ବିନାୟକ ମହାନ୍ତଙ୍କ ସଭାପତିତ୍ୱରେ ବିଶ୍ୱ ରେଡକ୍ରସ ଦିବସ ଅନୁଷ୍ଠିତ ହୋଇଥିଲା । ନିସ୍ୱାର୍ଥପର ଭାବେ ରେଡ଼କ୍ରସ ସଂସ୍ଥା ମାନବ ସମାଜ ପାଇଁ ଆହତ, ମୁମୂର୍ଷ ଲୋକମାନଙ୍କୁ ତତକାଳ ସାହାଯ୍ୟ, ସହଯୋଗ ଯୋଗାଇଦେବା ସହ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ବନ୍ୟା ବାତ୍ୟା, ଭୂମିକମ୍ପ ଆଦି କ୍ଷେତ୍ରରେ ନିଜେ ସୁରକ୍ଷିତ ରହି ଅନ୍ୟର ଧନଜୀବନ ରକ୍ଷା କରିବ କ୍ଷେତ୍ରରେ କାର୍ଯ୍ୟ କରିଥାଏ । ବିଭିନ୍ନ ସମୟରେ ରକ୍ତଦାନ ଶିବିର କରି ରକ୍ତ ସଂଗ୍ରହ କରି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାଏ । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ, ମହାବିଦ୍ୟାଳୟର ସହକର୍ମଚାରୀ ଦୀପକ କୁମାର ମହାନ୍ତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ ।

● ଚୋରକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

## ମନ୍ଦିରରୁ ଚୋରି ସୁନା ଅଳଙ୍କାର ଜବତ

କେନ୍ଦ୍ରାପଡ଼ା, ୮।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଚୋରି ଓ ଛିନତାଇ ଘଟଣା ବଢ଼ି ଚାଲିଥିବାବେଳେ ଏବେ ଦୁର୍ବୃତ୍ତଙ୍କ ମନ୍ଦିର ଉପରେ ନଜର ପଡ଼ିଛି। ସଦର ପୁଲିସର କାର୍ଯ୍ୟଶୈଳୀ ଉପରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଥିବାବେଳେ ଚକ୍ରୋଡା ଗ୍ରାମରେ ଘଟିଥିବା ମନ୍ଦିର ଚୋରି ଘଟଣାରେ ଚୋରକୁ ପୁଲିସ ନୁହେଁ, ଗ୍ରାମବାସୀ ଧରିଛନ୍ତି। ରବିବାର ରାତିରେ ଚକ୍ରୋଡା ଗ୍ରାମଦେବତୀ ମା' ଚାଚଖାଇ ମନ୍ଦିରରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଗ୍ରାମବାସୀ ସନ୍ଦେହ ଲୋକଙ୍କୁ ଖୋଜାଖୋଜି କରି ଜଣେ ଯୁବକଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ସଦର ପୁଲିସ ଜିମା ଦେଇଥିବାବେଳେ ପୁଲିସ କିଛି ସୁନା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ଏଥିପୂର୍ବରୁ ଚକ୍ରୋଡା ନିକଟସ୍ଥ ଭରତପୁର କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ଘଟଣା ସହ ଏହି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ନେଇ ମଧ୍ୟ ଆଶଙ୍କା କରାଯାଉଛି।

## ଗୋରୁ ଗାଡ଼ି ଜବତ



ରାଜକନିକା, ୮।୫(ସମିସ): ଗୋରୁ ବେପାରୀଙ୍କ ଦୌରାତ୍ମ୍ୟ କହିଲେ ନ ସରେ। ଗୋରୁ ଗାଡ଼ି ଅଟକଇଲା ବେଳେ ଗାଡ଼ି ଚଢ଼ାଇ ଜୀବନରୁ ମାରିଦେବାକୁ ପଛାଉନାହାନ୍ତି। ତେବେ ଆଜି ଦୁଇଟି ଗାଡ଼ିରେ ଗୋରୁ ଚାଲାଣ ହେଉଥିବାବେଳେ ଧର୍ମରକ୍ଷା ସେନା କର୍ମୀ ଅଟକାଇବାକୁ ପ୍ରୟାସ କରିଥିଲେ। ଗୋଟିଏ ଗାଡ଼ି ଖସିଯାଇଥିବାବେଳେ ଅନ୍ୟଟିକୁ ମାଡ଼ି ବସିଥିଲେ। ପରେ ଗୋରୁ ଗାଡ଼ିକୁ ରାଜକନିକା ଥାନାରେ ଜିମା ଦିଆଯାଇଥିବା ଧର୍ମରକ୍ଷା ସେନା ସଭାପତି କଳିଙ୍ଗ ସେନାପତି ସୂଚନା ଦେଇଛନ୍ତି।

## ବେଣୀପୁର ହାଇସ୍କୁଲର ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ପଞ୍ଚୁପାଣ୍ଡବ, ୮।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ସଫଳ ହୋଇଥିବା ବେଣୀପୁର ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୪ ଜଣ ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଧାନଶିକ୍ଷକ ଶଶୀକାନ୍ତ ସାହୁ ଭାଗ୍ୟଲକ୍ଷ୍ମୀ ପଣ୍ଡା (୫୧୮), ପ୍ରୀତିପ୍ରିୟା ସାହୁ (୪୯୬), ଶୁଭମଜ୍ୟୋତି ସାହୁ (୪୯୨) ଓ ଲଲିତେନ୍ଦୁ ସାହୁ (୫୨୬)ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୈଷ୍ଣବ ଚରଣ କୁଣ୍ଡ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ରାଜନଗର, ୮।୫(ସମିସ): ଓସ୍ତିଆ ପଞ୍ଚାୟତ ବାଲିକଣା ଶାସନର କର୍ମକାଣ୍ଡବିତ ତଥା ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ମିଶ୍ରଙ୍କ ପିତା ବଂଶୀଧର ମିଶ୍ରଙ୍କ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ସମଗ୍ର ରାଜନଗର ବ୍ଲକରେ ଜଣେ କର୍ମକାଣ୍ଡ ବିଶାରଦ ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ବୀରକିଶୋର ମିଶ୍ର ମୁଖାଗ୍ନି ଦେଇଥିଲେ।

**ଦାନପୁର-ଚାନ୍ଦୋଳ ପୂର୍ତ୍ତ ବିଭାଗ ରାସ୍ତା**

# ବାଲି ବୋଝେଇ ଗାଡ଼ି ଚଳାଚଳ ଯୋଗୁଁ ଶୋଚନୀୟ

ଡେରାବିଶ, ୮।୫(ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳରୁ ଦାନପୁରର ଲୁଣାସେତୁ ଯାଏ ନିର୍ମିତ ପୂର୍ତ୍ତ ବିଭାଗ ରାସ୍ତା ଏବେ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ନିୟମିତ ବାଲି ବୋଝେଇ ହାଇୱା ଭଳି ଭାରୀଯାନ ଚଳାଚଳ କରୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଦାନପୁର-ଚାନ୍ଦୋଳ ରାସ୍ତା ଉପରେ ଚାନ୍ଦୋଳ, ଦାନପୁର, ମୁକୁନ୍ଦପୁର, ରତାଦିଆଖଣ୍ଡସାହି, ଲୁଣାନଦୀ ଆରପଟ ହରିଅଙ୍କ, ଯଅଁରାବାରିମୂଳ ଓ ଇନ୍ଦାଳେ ପଞ୍ଚାୟତ ସମେତ ଗରଦପୁର ଓ ମାର୍ଶାଘାଇ ବ୍ଲକର ଜନସାଧାରଣ ଯାତାୟାତ କରନ୍ତି। ଏଥିସହିତ ଏହି ରାସ୍ତା ଦେଇ ଚାନ୍ଦୋଳ ଓ ଦାନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକେ ଯାଇଥା'ନ୍ତି। ଏହି ରାସ୍ତା କଡ଼ରେ ଦୁଇଟି ହାଇସ୍କୁଲ ଓ ତିନୋଟି ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ଛାତ୍ରଛାତ୍ରୀ ଏହା ଉପରେ ନିର୍ଭର କରନ୍ତି। ଉକ୍ତ ରାସ୍ତାରେ ପ୍ରତ୍ୟେକ ଦିନ ଲୁଣାନଦୀର ବିଭିନ୍ନ ବାଲିଘାଟରୁ ହାଇୱା ଭଳି ଶହ ଶହ ଭାରୀଯାନ ବାଲି ପରିବହନ କରୁଛି। ଏହି ହାଇୱା କ୍ଷମତାଠାରୁ ଅଧିକ ବାଲି ପରହିବନ କରିବା ସହିତ ଏହି ବାଲି ନଦୀ ଗର୍ଭରୁ ପାଣି ମଧ୍ୟରୁ ଛାଣି ଆଣୁଥିବାରୁ ରାସ୍ତା ସାରା ହାଇୱାରୁ ପାଣି ଝରି ରାସ୍ତାରେ ଜମି ରହୁଛି। ଫଳରେ ରାସ୍ତାର ଦୁଇ ପାର୍ଶ୍ୱ ଦୁର୍ବଳ ହୋଇ ଦବିଯାଉଛି। ଖାଲରେ ହାଇୱାରୁ ପାଣି ଝରି ଜମାହୋଇ ଗାତ୍ସ ସୃଷ୍ଟି କରୁଛି। ଅପରପକ୍ଷରେ ଏହି ରାସ୍ତା ଦେଇ ନଦୀ ଆରପଟକୁ ବିଭିନ୍ନ ଗୃହ ନିର୍ମାଣ ସାମଗ୍ରୀ ଓ ପଣ୍ୟଦ୍ରବ୍ୟ ଦେଇ ଯାଉଥିବା ଛୋଟ ଯାନ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅକ୍ଟୋବର ପରେ ଏହି ରାସ୍ତାକୁ ମରାମତି କରାଯାଇ କେତେକ ସ୍ଥାନରେ ଖାଲ ଭର୍ତ୍ତି କରାଯାଇ ପିଚୁ କରାଯାଇଥିଲା। ଏବେ ଭାରୀଯାନ ବାଲି ପରିବହନ କରି ମରାମତି ହୋଇଥିବା ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନରେ ଖାଲମାନ ସୃଷ୍ଟି କରିସାରିଲାଣି। ଯାହାକି ବର୍ଷା ଋତୁରେ ରାସ୍ତାଟି ବ୍ୟବହାର ଅନୁପଯୋଗୀ ହୋଇପଡ଼ିବ। ତୁରନ୍ତ ବର୍ଷାଦିନ ପୂର୍ବରୁ ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



● ହାଇଦ୍ରାବାଦରେ ଯୁବକଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ

## ଘଟଣାର ତଦନ୍ତ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ



ପଟ୍ଟାମୁଣ୍ଡାଇ, ୮।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ତରଡ଼ିପାଳ ଗ୍ରାମର ପ୍ରଶାନ୍ତ ମହାନ୍ତି ହାଇଦ୍ରାବାଦରେ କାମ କରନ୍ତି। ପରିବାର ସହ ପ୍ରଶାନ୍ତ ରହୁଥିଲେ ଓ ତାଙ୍କ ପତ୍ନୀ ଗର୍ଭବତୀ ଅଛନ୍ତି। ହାଇଦ୍ରାବାଦରେ ଥିବା ସମୟରେ ନିକଟରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଶାନ୍ତଙ୍କ ମରଶରୀର ନିଜ ଗାଁ ତରଡ଼ିପାଳରେ ପହଞ୍ଚିବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହାଇଦ୍ରାବାଦ ପୁଲିସ ଏହି ମାମଲାରେ ଉପଯୁକ୍ତ ତଦନ୍ତ କରି ନ ଥିବାରୁ ଓଡ଼ିଶା ସରକାରଙ୍କ ଜରିଆରେ ତେଲେଙ୍ଗାନା ସରକାର ଓ ହାଇଦ୍ରାବାଦ ପୁଲିସ ଉପରେ ଚାପ ସୃଷ୍ଟି କରିବା, ଉପଯୁକ୍ତ ତଦନ୍ତ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ତରଡ଼ିପାଳ ଗ୍ରାମର ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

## ପୌର ପରିଷଦ ପକ୍ଷରୁ ପଲିଥିନ ଯାଞ୍ଚ



ପଟ୍ଟାମୁଣ୍ଡାଇ, ୮।୫(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପଲିଥିନ ଯାଞ୍ଚ କରାଯାଇଛି। ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଖାଦ୍ୟ ସୁରକ୍ଷା ଅଧିକାରୀ ଭାରତ ଭୂଷଣ ସ୍ୱାଇଁ, ବହୁବିଧ କାର୍ଯ୍ୟକ୍ରମ ସହକାରୀ ପ୍ରଶାନ୍ତ ସାହୁ, ପାରାଦୀପ ପ୍ରଦୂଷଣ ବୋର୍ଡ କ୍ଷେତ୍ର ସହକାରୀ ମନୋଜ ନାୟକ ପୁଲିସ ଫୋର୍ସ ସହ ବିଭିନ୍ନ ଦୋକାନକୁ ଯାଇ ପଲିଥିନ ଯାଞ୍ଚ କରିବା ସହିତ ୩୦, ୫୦୦ ଟଙ୍କା ଜରିମାନା କରିଥିଲେ। ଏହି ଟିମ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ଭୋଜନାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ସହିତ ଏକକ ବ୍ୟବହୃତ ପଲିଥିନ, ପ୍ଲାଷ୍ଟିକ ବ୍ୟବହାର କରାଯିବା ନେଇ ଯାଞ୍ଚ କରିଥିଲେ। ବିଭିନ୍ନ ଭୋଜନାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ୫ରୁ ୬ କିଗ୍ରା ପଲିଥିନ, ୧୨ଟି ସୋଲ ଗିନା ପ୍ୟାକେଟ, ବାସି ଖାଦ୍ୟ ଜବତ ହୋଇଥିଲା।

## କୁକୁର ମୁହଁରୁ ହରିଣକୁ ବଞ୍ଚାଇଲେ କୃଷି କର୍ମଚାରୀ



ରାଜନଗର, ୮।୫(ସମିସ): ରାଜନଗରଠାରୁ ୧୨ କିଲୋମିଟର ଦୂରରେ ଥିବା ଜଙ୍ଗଲରୁ ଶୁକ୍ରବାର ସକାଳୁ ହରିଣ ପଳାଇ ଆସି ବାଘୁଆ ଉଦ୍ୟାନ କୃଷି ଅଫିସ ପାଖରେ ଥିବା ବିଲରେ ଚାରୁଥିବାବେଳେ କିଛି କୁକୁର ଆକ୍ରମଣ କରିଥିଲେ। ଉଦ୍ୟାନ କୃଷି ଅଫିସ୍‌ର କର୍ମଚାରୀ ସତ୍ୟବ୍ରତ ଚୌଧୁରୀ ଓ ରଞ୍ଜିତ ନାୟକ ଏହା ଦେଖି ୧ ଘଣ୍ଟା କାଳ ସଂଘର୍ଷ କରିବା ପରେ କୁକୁର ମୁହଁରୁ ହରିଣକୁ ଉଦ୍ଧାର କରିଥିଲେ। ପରେ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହରିଣକୁ ଆଣି ଦୋବନ୍ଧି ବିଟ ଘରେ ରଖିଛନ୍ତି। ହରିଣ ଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ବନ ବିଭାଗ ରାଜନଗର ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାରୀଙ୍କୁ ଜଣାଇବା ପରେ ସେ ସେଠାରେ ପହଞ୍ଚି ହରିଣର ଚିକିତ୍ସା କରୁଛନ୍ତି।

## ଆକାଶରେ ଅଲୌକିକ ଦୃଶ୍ୟ, ଅଞ୍ଚଳବାସୀ ଆତଙ୍କିତ



ମହାକାଳପଡ଼ା, ୮।୫(ସମିସ): ମହାକାଳପଡ଼ା ଅଞ୍ଚଳର ଆକାଶରେ ଆଜି ଏକ ଅଜବ ତଥା ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଆକାଶରେ ଏକ ଆଲୋକ କୁଣ୍ଡଳୀ ସଦୃଶ ଆକୃତି ଦେଖାଯିବା ପରେ ଲୋକଙ୍କ ମଧ୍ୟରେ କୌତୁହଳ ସହ ଭୟର ବାତାବରଣ ଖେଳିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆକାଶରେ ଏକ ଧୂଆଁଳିଆ ଆଲୋକର ଗାର ଗତି କରିଥିଲା। ପରେ ତାହା ବିଶାଳ ଆକୃତି ଧାରଣ କରିଥିଲା। ଏହି ଦୃଶ୍ୟ କିଛି ସମୟ ପାଇଁ ଆକାଶରେ ସ୍ଥିର ରହିବା ପରେ ଧୀରେ ଧୀରେ ମିଳେଇ ଯାଇଥିଲା। ଏହାକୁ ଦେଖିବା ପାଇଁ ଲୋକେ ନିଜ ନିଜ ଛାତ ଉପରକୁ ଧାଇଁଥିଲେ। କେହି କେହି ଏହାକୁ ଉଲକାପାତ ବୋଲି କହୁଥିବାବେଳେ ଅନ୍ୟ କେତେକ ଏହାକୁ କୌଣସି ଅଜଣା ମହାକାଶଯାନ ବା ରକେଟର ଅଂଶବିଶେଷ ବୋଲି ଅନୁମାନ କରୁଛନ୍ତି। ଏହି ରହସ୍ୟମୟ ଦୃଶ୍ୟର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନେକ ଲୋକ ଏହାକୁ ନିଜ ନିଜ ମୋବାଇଲ୍‌ରେ କଏଦ କରି ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡ଼ିଛି।

## କୈଳାସ ପରିଡ଼ା ରାଜନଗର ବ୍ଲକ୍ ଆମ୍ବା ଅଧ୍ୟକ୍ଷ



ରାଜନଗର, ୮।୫(ସମିସ): ରାଜନଗର ବ୍ଲକର ନୂତନ ଆମ୍ବା ଅଧ୍ୟକ୍ଷ ଭାବେ ବିଜୁ ଜନତା ଦଳ ନେତାର ବରିଷ୍ଠ ନେତା କୈଳାସ ଚନ୍ଦ୍ର ପରିଡ଼ା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ଆମ୍ବା ଅଧ୍ୟକ୍ଷ ଶ୍ରୀ ପରିଡ଼ା ଏଥିପାଇଁ ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଷ୍ଠାର ସହିତ ଏହି ଗୁରୁଦାୟିତ୍ୱ ତୁଲାଇବେ ବୋଲି କହିଛନ୍ତି। ଶ୍ରୀ ପରିଡ଼ା ଛାତ୍ର କଂଗ୍ରେସରୁ ରାଜନୀତିକୁ ଆସିଥିଲେ। ପରବର୍ତ୍ତୀ ସମୟରେ ବାଲିସାହିପାଟଣା ପଞ୍ଚାୟତରୁ ସମିତି ସଭ୍ୟ, ଯୁବ କଂଗ୍ରେସ ସଭାପତି, ବିଜୁ ଜନତା ଦଳ ବ୍ଲକ ସଭାପତି, ଥରେ ସରପଞ୍ଚ ହୋଇଥିଲେ। ଶ୍ରୀ ପରିଡ଼ା ଆମ୍ବା ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ବିଧାୟକ ଶ୍ରୀ ସାହୁ ତାଙ୍କୁ ଫୁଲତୋଡ଼ ଦେଇ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନିର୍ବାଚନରେ ଆମ୍ବାର ସଦସ୍ୟ ରଞ୍ଜନ ଜେନା, ସଞ୍ଜୟ ସ୍ୱାଇଁ, ସୁନୀତା ରାଉତ, ମଧୁସ୍ମିତା ଦାସ, ସୁରେଶ ପାତ୍ର, ପ୍ରତୀମା ସାହାଣୀ, ସ୍ୱର୍ଣ୍ଣପ୍ରଭା କୁଣ୍ଡ, ବସନ୍ତ ବେହୁରା, ସବିତା ମାହନ୍ତ, ଗୋଲେଖ ସେଠୀ, ଦିଲ୍ଲୀପ ମହାନ୍ତି, ମଞ୍ଜୁଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଶିଶୁ ଓ କିଶୋରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା**

# ପୁଲିସ ଓ କିଶୋରୀଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧିକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୮।୫(ସମିସ)

ଶିଶୁ ଓ କିଶୋରୀଙ୍କୁ ସୁରକ୍ଷା, ସଚେତନ ଓ ସଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୁଲିସ ଓ ଜାତିସଂଘ ଶିଶୁ କଲ୍ୟାଣ ସଂସ୍ଥା ସହଯୋଗରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଶିଶୁ ଓ କିଶୋରୀଙ୍କୁ ବିଭିନ୍ନ ଅପରାଧ, ଅନଲାଇନ ଠକେଇ ଓ ସାମାଜିକ ବିପଦ ସମ୍ପର୍କରେ ସଚେତନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଯୋଗଦେଇ କହିଥିଲେ,



କିଶୋର ଅବସ୍ଥାରେ ସଠିକ ମାର୍ଗଦର୍ଶନ ଓ ସଚେତନତା ରହିଲେ ଅନେକ ଅପରାଧ ଓ ଭୁଲ ପଥରୁ ଯୁବପିଢ଼ିଙ୍କୁ ଦୂରେଇ ରଖାଯାଇପାରିବ। ପୁଲିସ ଓ କିଶୋରୀଙ୍କ ମଧ୍ୟରେ ଆତ୍ମୀୟତା ଓ ବିଶ୍ୱାସ ବୃଦ୍ଧି କରିବା ହିଁ ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏ ଅବସରରେ ଛାତ୍ରୀଙ୍କ ସହ ଆଲୋଚନା, ସଚେତନତାମୂଳକ ଚଳଚ୍ଚିତ୍ର ପ୍ରଦର୍ଶନ ଓ ମତବିନିମୟ ସଭା ଆୟୋଜିତ ହୋଇଥିଲା। ପ୍ରତ୍ୟେକ ଥାନାରେ ଶିଶୁ ଓ କିଶୋରୀଙ୍କ ସୁରକ୍ଷା ପାଇଁ ଜଣେ ବିଶେଷ ପୁଲିସ ଅଧିକାରୀ ନିଯୁକ୍ତ କରାଯାଇଥିବାବେଳେ ଟାଉନ ଥାନାରେ ଇନ୍ସପେକ୍ଟର ନିଳମ ଷଡ଼ଙ୍ଗୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଇନ୍ସପେକ୍ଟର ବିଶ୍ୱଭୂଷଣ ସାହାଣୀ, ଏଏସଆଇ ବୃନ୍ଦାବନ ବେହେରା, ଅଶୋକ ମାଝୀ ଓ ଅଶୋକ ସେଠୀ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ:** ସମଗ୍ର ଓଡ଼ିଶାରେ ମହିଳା, କିଶୋରୀ ଓ ଶିଶୁ ନିର୍ଯାତନା ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ମହିଳା, କିଶୋରୀ ଓ ଶିଶୁ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜନଚେତନା ସୃଷ୍ଟି କରି ମହିଳା, କିଶୋରୀ, ଶିଶୁ




ଅପରାଧ ରୋକିବାକୁ ୟୁନିସେଫ ଓ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଆୟୋଜନ କରାଯାଉଛି। ୟୁନିସେଫ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ମହିଳା, କିଶୋରୀ ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୌରୋହିତ୍ୟ କରି ସାମ୍ପ୍ରତିକ ସମାଜରୁ ମହିଳା, କିଶୋରୀ ଓ ଶିଶୁଙ୍କ ସୁରକ୍ଷା ଓ ଅପରାଧ ରୋକିବା ଦିଗରେ ଆଇନଗତ ବ୍ୟବସ୍ଥା ସର୍ବୋପରି ଅପରାଧ ହ୍ରାସ ପାଇଁ କିଶୋରୀ ଓ ଶିଶୁଙ୍କ ମାନସିକତାରେ ପରିବର୍ତ୍ତନ ପାଇଁ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କିଶୋରୀ ଓ ଶିଶୁଙ୍କ ପୁଲିସ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏହି ସମବେଦନଶୀଳ ମାମଲା ପରିଚାଳନାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ସୁଧାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଆଇନଗତ ଦିଗ ଓ ଅପରାଧ ରୋକିବା ସମ୍ପର୍କରେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୫ଟି ୱାର୍ଡର ଅଙ୍ଗନବାଡି କର୍ମୀ, ସହାୟିକା, ଶିଶୁ, କିଶୋରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଆଦର୍ଶ ଥାନା ଏସ୍‌ଆଇ ସୁମନ୍ତ ସେଠୀ, ମହିଳା ଏଏସ୍‌ଆଇ ମେନକା ତ୍ରିପାଠୀ, ଏଏସଆଇ ବିଜୟ ସାହୁ ଓ ଗୁଣେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜନଗର:** ରାଜନଗର ସଦର ଥାନାରେ କିଶୋରୀ ବାଳିକାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ ଓ ଗୃହ ବିଭାଗ ମିଳିତ ଆନୁକୂଲ୍ୟରେ ସମଗ୍ର ରାଜ୍ୟର ୫୭୮ ଥାନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଡ଼ି ହୋଇଥିଲେ।



ଶ୍ରୀ ଖୁରାନିଆ ଆଭାସି ମାଧ୍ୟମରେ ରାଜ୍ୟର ବିଭିନ୍ନ ଥାନାରେ ଯୋଗଦେଇଥିବା କିଶୋରୀ ବାଳିକାଙ୍କୁ ପ୍ରଥମଥର ଥାନାକୁ ଆସିଥିବାରୁ କିପରି ଅନୁଭବ କରୁଛ ବୋଲି ପଚାରି ବୁଝିଥିଲେ। ପୁଲିସ ଆପଣମାନଙ୍କ ବନ୍ଧୁ, ଅସୁବିଧା ସମୟରେ ସହାୟତା ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ରାଜନଗର ଥାନା ଅଧିକାରୀ ନରେଶ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ନଳିନୀ ସ୍ୱାଇଁ, ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଏଏସଆଇ ମାମି ଦେଇ ପ୍ରମୁଖ ଯୋଗଳ ଦେଇଥିଲେ। କିଶୋରୀ ବାଳିକା ଅସୁବିଧାର ସମ୍ମୁଖୀନ ହେଲେ ଭୟ ନ କରି ଥାନାକୁ ଆସି ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଏଏସଆଇଙ୍କୁ ଭେଟି ଅଭିଯୋଗ କରିବାକୁ ଆଇଆଇସି ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। କିଶୋରୀ ବାଳିକାଙ୍କ ମଧ୍ୟରୁ ବେବିନା ନାଥଶର୍ମା ନିଜ ପ୍ରତିକ୍ରିୟାରେ ଥାନାକୁ ଆସିବାବେଳେ ଆମକୁ ଭୟ ଲାଗୁଥିଲା। ଏବେ ଭୟ ଲାଗୁନି। ପୁଲିସ ବିଭାଗ ପ୍ରତି ଆମର ଧାରଣା ବଦଳିଯାଇଥିବା କହିଥିଲେ। ଏଏସଆଇ ଶିଶିର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଙ୍ଗନବାଡି ସୁପରଭାଇଜର ମିନତୀ ମିଶ୍ର, ପ୍ରତିଭା ମହାନ୍ତି, କର୍ମୀ ଓ ସହାୟିକା ଯୋଗ ଦେଇଥିଲେ।

**ରାଜକନିକା:** ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜୁଭେଣ୍ଟିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜକନିକା ଅଞ୍ଚଳର ୫ଟି ଅଙ୍ଗନୱାଡି କେନ୍ଦ୍ରରୁ ପ୍ରାୟ ୨୫ ଜଣ କିଶୋରୀଙ୍କ ସହିତ ପାଞ୍ଚଜଣ



ଅଙ୍ଗନବାଡି ଦିଦି ଉପସ୍ଥିତ ଥିଲେ। ଥାନା ପକ୍ଷରୁ କିଶୋରୀଙ୍କୁ ଫୁଲ ତୋଡ଼ା ଦିଆଯାଇ ସ୍ୱାଗତ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପିଲାମାନେ ନିଜ ଭିତରେ ଥିବା ପ୍ରଶ୍ନ ମଧ୍ୟ କରିଥିଲେ। ତେବେ କିଶୋରୀଙ୍କ ମଧ୍ୟରେ ଆଇନ ପ୍ରତି ସଚେତନତା, ଘରୋଇ ହିଂସା ସମ୍ପର୍କରେ ପୁଲିସକୁ ଅବଗତ କରାଇବା ସହ ସଚେତନ ହେବାକୁ ଭିଡିଓ କନଫରେନ୍ସ ଜରିଆରେ ସଚେତନ ହୋଇଥିଲେ।

**ମାର୍ଶାଘାଇ:** ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଶିଶୁ ଓ କିଶୋରୀଙ୍କୁ ସଚେତନ କରିବାକୁ ମାର୍ଶାଘାଇ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ତପନ ନୟକ ଯୋଗଦେଇ ଉପସ୍ଥିତ କିଶୋରୀଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। କୌଣସି ସାଇବରଜନିତ ସମସ୍ୟାର ସମ୍ମୁଖୀନ



ହେଲେ ପୁଲିସକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଉଦ୍‌ଘାଟନ କରି ସାଇବର ଅପରାଧ ଶିକାର ହେଉଥିବା କିଶୋରୀ ବିନା ଭୟରେ ସିଧାସଳଖ ପୁଲିସ ସହାୟତା କିପରି ପାଇବେ, ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ଫ୍ରଡ୍ ମେସେଜଠୁ ଦୂରରେ ରହିବା ସହ ଅଚିହ୍ନା ବ୍ୟକ୍ତିଙ୍କ ସହିତ କୌଣସି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ଆଇଆଇସି ନାରାୟଣ ସାହୁ, ମହିଳା ଶିଶୁ ଡେସ୍କ ଅଧିକାରିଣୀ ଏସଆଇ ଧରିତ୍ରୀ ଜେନା, ଏଏସଆଇ ଶୁଭଲକ୍ଷ୍ମୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଗରଦପୁର:** କିଶୋରୀଙ୍କୁ ସଚେତନ, ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ପାଟକୁରା ଥାନା ପରିସରରେ ଭାଲେଣ୍ଟିକା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥାନାର ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ ଥିବା ଦୀପ୍ତିମୟୀ ରାଉତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପାଟକୁରା ଥାନା ଅଧୀନରେ ଥିବା ମାର୍ଶାଘାଇ ଓ ଗରଦପୁର



ବ୍ଲକର ମାଣ୍ଡିଆ, ପାଇଲୋ, ଜଗଦଳପୁର, ବ୍ରହ୍ମପୁର ଓ ପାଖଡ଼ ଅଙ୍ଗନବାଡି କେନ୍ଦ୍ରରୁ ଆସିଥିବା କିଶୋରୀ ବାଳିକାଙ୍କୁ ସଚେତନ କରାଯାଇଥିଲା। ନିଜ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିବା, ଅଚିହ୍ନା ବ୍ୟକ୍ତିଙ୍କ ସହ କେଉଁଠିକୁ ନ ଯିବା ଓ ରାସ୍ତାରେ କେହି ଅସଦାଚରଣ କଲେ ତୁରନ୍ତ ୧୦୯୮ ନମ୍ବରକୁ ଫୋନ କରି ପୁଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା। ପାଟକୁରା ଥାନାର ରେବତୀ ପରିଡ଼ା, ଗରଦପୁର ଓ ମାର୍ଶାଘାଇ ବ୍ଲକର ସୁପରଭାଇଜର ମଧୁସ୍ମିତା ବେହେରା ଓ ଶଶୀରେଖା ସିଂହ ଉପସ୍ଥିତ ଥିଲେ। ଅଙ୍ଗନବାଡି କର୍ମୀ ସଂଘମିତ୍ରା ଲେଙ୍କା, ଅନୀତା ପଣ୍ଡା, ମାନସୀ ସାହୁ, ନମିତା ନାୟକ ଓ ଆରତୀ ସେନାପତ ଯୋଗ ଦେଇଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ଥାନା ପରିସରରେ ଅଧିକାରୀ ମାନସ ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ କିଶୋରୀଙ୍କୁ ନେଇ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳ




କିଶୋରୀଙ୍କୁ ଅନଲାଇନରେ ବ୍ୟକ୍ତିଗତ ଫଟୋ ସେୟାର ନ କରିବା, ନିଜର ପାସୱାର୍ଡ ସୁରକ୍ଷା ରଖିବା ଓ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ ନ କରିବା ନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ରଶ୍ମିତା ବେହେରା, ଜୟନ୍ତୀବାଳା ଦାସ, ସରୋଜିନୀ ବେହେରା, ମମତା ରାଉତ, ଜ୍ୟୋତ୍ସ୍ନାମୟୀ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳ, ଏଏସଆଇ ଦାଶରଥି ମହାରଣା, ପ୍ରଭାତ ରାଉତ, ଟ୍ରେନର ଜୟନ୍ତ ମାହାଳି, ସୁମିତ୍ରା ନାୟକ, ଜଗନ୍ନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ବାଲିଅନ୍ତାରେ ହାଇ ଟେନ୍‌ସନ୍; ବ୍ୟାପକ ଫୋର୍ସ ମୁତୟନ







ଭୁବନେଶ୍ୱର/ହଂସପାଳ, ୮।୫(ସମିସ): ବାଲିଅନ୍ତା ଥାନାରେ ଗୁରୁବାର ତମାମ୍ ହାଇ ଟେନ୍‌ସନ୍ ଦେଖାଦେଇଛି। ରାସ୍ତାରେ ପ୍ରଥମେ ଯୁବତୀଙ୍କୁ ନିବସ୍ତ୍ର କରିଗଲା। ଏହାର ପ୍ରତିବାଦରେ ଲୋକେ ଆଇନ୍‌କୁ ହାତକୁ ନେଇ ବୀଭତ୍ସ ଭାବେ ଜିଆରପି କନ୍‌ଷ୍ଟେବଲ୍ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ହାତ ଗୋଡ଼ ବାନ୍ଧି ପିଟି ପିଟି ହତ୍ୟା କରିଦେଲେ। ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଥିଲେ ବି ପୁଲିସ ଦେଖଣାହରୀ ସାଜିଲା। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାକୁ ଲାଗିଲା। ଏହାପରେ ପୁଲିସର ପାରିବାର ପଣିଆ ଆଉ କାର୍ଯ୍ୟାନୁଷ୍ଠାନରେ ଅହେତୁକ ବିଳମ୍ବ ଯୋଗୁଁ ସୌମ୍ୟଙ୍କ ପରିବାର ଲୋକ ଏବଂ ତାଙ୍କ ଗ୍ରାମବାସୀ ଉତ୍ତେଜିତ ହୋଇ ବାଲିଅନ୍ତା ଥାନା ଘେରାଉ କରିଛନ୍ତି।

### ବେଣ୍ଣୁପୁର ପୁରୁଷ ଶୂନ୍ୟ

ସୌମ୍ୟ ହତ୍ୟା ମାମଲାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫଦାରୀ ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବେଣ୍ଣୁପୁର ଗ୍ରାମବାସୀଙ୍କୁ ଦେଖିବା ମାତ୍ରେ ପୁଲିସ ଉଠାଇ ନେଉଛି। ଏଣୁ ବେଣ୍ଣୁପୁର ଗ୍ରାମ ଏବେ ପୁରୁଷଶୂନ୍ୟ ହୋଇଯାଇଛି। ତେବେ ଗିରଫଦାରୀ ସଂଖ୍ୟା ଅଗକୁ ବଢ଼ିପାରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍

ବାଲିଅନ୍ତା ବୀଭତ୍ସ ହତ୍ୟା ମାମଲାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କ ରକ୍ତ ନମୁନା ସଂଗ୍ରହ କରିବାକୁ ଏହି ଟିମ୍ ପହଞ୍ଚିଥିଲା। ହେଲେ ସାଇଣ୍ଟିଫିକ୍ ଟିମ୍‌କୁ କୌଣସି ରକ୍ତ ନମୁନା ମିଳି ନ ଥିଲା। ତେବେ ସ୍ଥାନୀୟ ଲୋକଙ୍କ ବୟାନ, ପୀଡ଼ିତା ଏବଂ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କ ବୟାନ ସମେତ ଆନୁସଙ୍ଗିକ ପ୍ରମାଣ ଆଧାରରେ ପୁଲିସ ତଦନ୍ତ କରିବ ବୋଲି ପୁଲିସ କହିଛି।

### ପରୀକ୍ଷାରେ ଟପର; ମହିଳା ମାମଲାରେ ଗିରଫ

୨୦୧୪ ମସିହାରେ ପୁଲିସ ସେବାରେ କାର୍ଯ୍ୟ ଯୋଗ ଦେଇଥିଲେ। ସେ ଏପିଆର୍ ହୋଇଥିଲେ ପରେ ଓଆର୍ ହେଲେ। ତେବେ ସେ କାର୍ଯ୍ୟାଳୟକୁ ନ ଆସିବାରୁ ତାଙ୍କ ଦରମା ବନ୍ଦ କରାଯାଇଛି। ଆର୍‌ଆଇଙ୍କ ରିପୋର୍ଟ ଆଧାରରେ ତାଙ୍କ ଦରମା ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ସୌମ୍ୟଙ୍କ ବିରୋଧରେ ଏକ ମହିଳା ସଂକ୍ରାନ୍ତ ମାମଲା ୨୦୨୪ ମସିହାରେ ରୁଜୁ ହୋଇଥିଲା। ଜଣେ ମହିଳାଙ୍କୁ ପ୍ରତାରଣା କରିଥିଲେ ବୋଲି କଟକ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏଣୁ କଟକ ମହିଳା ଥାନା ପୁଲିସ ଏକ ୨୦୨୪/୨୧ରେ ଏକ ମାମଲା ରୁଜୁ କରି ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କୁ ଗିରଫ କରି କୋର୍ଟର୍ ଚାଲାଣ କରିଥିଲା ବୋଲି ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨ରୁ ୩ଟି ଜିମ୍‌ର ମାଲିକ ଥିବା ଖବର ମିଳୁଛି।

### ଗ୍ରାମବାସୀ ଆସି ନ ଥିଲେ ଆମେ ବି ବଞ୍ଚି ନ ଥାନ୍ତୁ; ପୀଡ଼ିତା

ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି ବାଲିଅନ୍ତା ପୀଡ଼ିତା। ତାଙ୍କ ସହ ଘଟିଥିବା ଲୋମହର୍ଷଣକାରୀ ଘଟଣାକୁ ସେ ଗୋଟି ଗୋଟି କରି ବୟାନ୍ କରାଯାଇଛି। ପୀଡ଼ିତା କହିଛନ୍ତି ବେଣ୍ଣୁପୁର ଆଡୁ ସ୍କୁଟିରେ ଯୁବତୀମାନେ ସାଇଫନ୍ ଛକ ଆଡ଼କୁ ଯାଉଥିବା ସମୟରେ ରାମଚନ୍ଦ୍ରପୁର କାଜ ନିକଟରେ ନିଛାଟିଆ ରାସ୍ତାରେ ସୌମ୍ୟ ଏବଂ ତାଙ୍କ ସାଙ୍ଗ ଯୁବତୀମାନଙ୍କ ସ୍କୁଟିକୁ ସାଇଡ୍ ମାରିଥିଲେ। ଏହାପରେ ସେମାନେ ପଡ଼ିଗଲେ। ଗାଡ଼ିରେ ଜଣଙ୍କ ଗୋଡ଼ ଫସିଗଲା। ଆଉ ଜଣେ ତଳେ ପଡ଼ିଗଲା। ଏହାଦ୍ୱାରା ସେମାନେ ଗଭୀର ଭାବେ ଆହତ ହେଲେ। ସୌମ୍ୟ ନିଶାଶକ୍ତ ଅବସ୍ଥାରେ ଥିଲେ। ତଳେ ପଡ଼ିଥିବା ଯୁବତୀଙ୍କ ମୁହଁରୁ ଓଢଣୀ ହଟାଇଲେ। ପରେ ମୁହଁକୁ ବିଧା ମାରି ଚାଲିଲେ। ଫଳରେ ସେ ଅଚେତ ହୋଇଗଲେ। କିଛି ସମୟ ପରେ ସୌମ୍ୟ ପୁଣି ଆସି ମାରିଥିଲେ। ମାଡ଼ ମାରିବା ପରେ ସୌମ୍ୟ ତାଙ୍କ ସାଙ୍ଗ ଓମ୍‌କୁ କହିଥିଲେ ଏହି ଦୁଇ ଝିଅଙ୍କୁ ଧର ରୁମ୍‌କୁ ଅପହରଣ କରି ନେଇଯିବା। ବାରମ୍ବାର ରୁମ୍‌କୁ ନେଇ ଯିବା କଥାକୁ ଦୋହରାଉଥିଲେ। ବଞ୍ଚାଅ ବଞ୍ଚାଅ ବୋଲି ଯୁବତୀମାନେ ଚିତ୍କାର କରିଥିଲେ। ଲୋକେ ଘଟଣାସ୍ଥଳରେ ରୁଣ୍ଡ ହେବା ଆରମ୍ଭ କଲେ। ଲୋକଙ୍କୁ ଦେଖିବା ପରେ ସୌମ୍ୟ ବିଲ ଆଡ଼କୁ ଦୌଡ଼ିବା ଆରମ୍ଭ କଲେ। ଯାହାଫଳରେ ଆମେ ବଞ୍ଚି ଗଲୁ। ନହେଲେ ସେ ମାରି ଦେଇଥାନ୍ତା ନ ହେଲେ ଅପହରଣ କରି ନେଇଥାନ୍ତା। ଲୋକମାନେ ନ ଆସିଥିଲେ ଆମେ ୨ଯୁବତୀ ମଧ୍ୟ ବଞ୍ଚି ପାରି ନଥାନ୍ତୁ। ଏଣୁ ପୁଲିସ ଗ୍ରାମବାସୀଙ୍କୁ ଗିରଫ ନକରୁ। ସେମାନଙ୍କୁ ଛାଡି ଦେଉ।

ତେବେ ପୂର୍ବରୁ ଏମାନଙ୍କୁ ଆମେ କେବେ ଦେଖି ନ ଥିଲୁ। କି ଜାଣି ନାହୁଁ। ସୌମ୍ୟଙ୍କ ସହ କୌଣସି ପ୍ରକାର ସମ୍ପର୍କର୍ ବି ନାହିଁ। କଥାବାର୍ତ୍ତାରୁ ଜଣାପଡୁଥିଲା ଯେ ସୌମ୍ୟ କୌଣସି ଏକ ଯୁବତୀକୁ ଭଲ ପାଉଥିଲେ। ଯୁବତୀଙ୍କ ସହ ତାଙ୍କ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ସେ ପ୍ରତିଶୋଧ ପରାୟଣ ଥିଲେ। ନିଶାସକ୍ତ ଅବସ୍ଥାରେ ଥିବାରୁ ସେ ଆମମାନଙ୍କୁ ଆକ୍ରମଣ କରିଥିଲେ। ଆଉ ରୁମ୍‌କୁ ଉଠାଇ ନେବାକୁ କହିଥିଲେ।

● ଓମ୍‌ଙ୍କ ବୟାନ ରେକର୍ଡ କଲା ପୁଲିସ

## ଡବଲ ଡୋଜ୍ ଷ୍ଟେରଏଡ୍ ନେଇଥିଲେ ସୌମ୍ୟ

ଭୁବନେଶ୍ୱର, ୮।୫(ସମିସ): ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ଦରମା ବନ୍ଦ ହୋଇଯାଇଥିଲା। ଚାକିରିକୁ ନେଇ ସେ ଚିନ୍ତିତ ଥିଲେ। କିଭଳି ଭାବେ ଏହାକୁ ସମାଧାନ କରିବେ ବାଟ ଖୋଜୁଥିଲେ। ଜିମ୍‌ରେ ଶକ୍ତିବର୍ଦ୍ଧକ ଷ୍ଟେରଏଡ୍‌କୁ ଅଧିକ ମାତ୍ରରେ ନେଉଥିଲେ। ଏହି ଘଟଣା ପୂର୍ବରୁ ସୌମ୍ୟ ଏକ ଜିମ୍‌କୁ ଯାଇଥିଲେ। ସେଠାରେ ସେ ଷ୍ଟେରଏଡ୍‌ର ଡବଲ୍ ଡୋଜ୍ ନେଇଥିଲେ। ଫଳରେ ସେ ବେକାବୁ ହୋଇପଡ଼ିଥିଲେ। ସାଧରଣତଃ ଜିମ୍ କରୁଥିବା ବଡ଼ିବିଲ୍ଡର ସିଙ୍ଗଲ୍ ଡୋଜ୍ ନିଅନ୍ତି। ସିଙ୍ଗିଲ୍ ଡୋଜ୍‌ରେ ବି ଅସୁବିଧା ହୁଏ। କିନ୍ତୁ ସୌମ୍ୟ ସେଦିନ ଡବଲ ଡୋଜ୍ ଷ୍ଟେରଏଡ୍ ନେଇଥିଲେ। ଏକାବେଳେ ୧୫ ଏମ୍‌ଏଲ୍‌ର ଦୁଇଟି ଡୋଜ୍ ନେଇଥିଲେ ବୋଲି ସୌମ୍ୟଙ୍କ ସାଙ୍ଗ ପୁଲିସକୁ ବୟାନ୍ ଦେଇଛନ୍ତି।



ଡବଲ୍ ଡୋଜ୍ ଷ୍ଟେରଏଡ୍ ନେଲା ପରେ ସେ ଓମ୍‌ଙ୍କୁ ଡକାଇଥିଲେ। ତାଙ୍କ ବାଇକ୍‌ରେ ବସି ଆସିଥିଲେ। ରାସ୍ତାରେ ବାଇକ୍‌ରେ ବସିଲା ବେଳେ ସମ୍ଭାଳି ପାରୁ ନ ଥିଲେ। ବେଳେ ବେଳେ ଅଣାୟତ ହୋଇଯାଉଥିଲେ। ସେ ଓମ୍‌ଙ୍କ ବେକକୁ ବାରମ୍ବାର ଚିପୁଥିଲେ। ଏହି ଯୁବତୀମାନଙ୍କୁ କମେଣ୍ଟ ମାରିବାକୁ ଓମ୍ ତାଙ୍କୁ ମନା କରୁଥିଲେ। ଅଟକାଇବାକୁ ଚେଷ୍ଟା କରୁଥିଲେ। ହେଲେ ସେ ଓମ୍‌ଙ୍କ କୌଣସି କଥା ମାନି ନ ଥିଲେ।

ଦୁର୍ଘଟଣା ପରେ ଜଣେ ଯୁବତୀ ତଳେ ପଡ଼ିଯିବାରେ ପରେ ସୌମ୍ୟ ହିଂସ୍ର ହୋଇ ପଡ଼ିଥିଲେ। ପ୍ରଥମେ ଗାଳି ଗୁଲିଜ କଲେ। ସୌମ୍ୟ ସେମାନଙ୍କ ମଧ୍ୟରୁ ଜଣଙ୍କୁ କୁଆଡ଼େ ରାସ୍ତା ଉପରେ ଚୁମ୍ବନ ଦେଇଥିଲେ। ତାଙ୍କ କପଡ଼ା ଫାଡି ଦେଇଥିଲେ। ତାଙ୍କୁ ନିସ୍ତୁତ ମାଡ଼ ମାରିଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଅଟକାଇବାକୁ ଚେଷ୍ଟା କଲେ ମଧ୍ୟ ସେ ଚପି ଯିବା ବଦଳରେ ପାଲଟା ଉପସ୍ଥିତ ଲୋକଙ୍କୁ ଆକମ୍ରଣ କରୁଥିଲେ। ଓମ୍ ବି ତାଙ୍କୁ ଅଟକାଇବାକୁ ଚେଷ୍ଟା କଲେ ହେଲେ ସେହି ସମୟରେ ସେ କାହା କଥା ଶୁଣୁ ନଥିଲେ।

## ସୌମ୍ୟରଞ୍ଜନଙ୍କ ପରିବାରକୁ ଭେଟିଲେ ଓଜେସି ପ୍ରତିନିଧି

ଭୁବନେଶ୍ୱର, ୮।୫(ସମିସ): ଓଡ଼ିଶା ଜନତା କଂଗ୍ରେସ (ଓଜେସି)ର ଏକ ପ୍ରତିନିଧି ଦଳ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ମୃତ ସୌମ୍ୟ ସ୍ୱାଇଁଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ସୌମ୍ୟ ସ୍ୱାଇଁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ଉତ୍ତ୍ୟକ୍ତ ଜନତାଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ। ଓଜେସି ପ୍ରତିନିଧି ମଣ୍ଡଳୀର ସଭ୍ୟମାନେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ ଏବଂ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଦଳ ତରଫରୁ ଗଭୀର ଉଦବେଗ ପ୍ରକାଶ କରାଯିବା ସହିତ ଓଜେସି ପ୍ରତିଷ୍ଠାତା ସଦସ୍ୟ ପ୍ରଦୀପ ପ୍ରଧାନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ଅବହେଳା ଏହି ଦୁର୍ଘଟଣାର ସିଧାସଳଖ ଦାୟୀ। ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ହିଞ୍ଜିଳି, ଢେଙ୍କାନାଳ, କଣାସ, ବ୍ରହ୍ମପୁର ସମେତ ଅନେକ ସ୍ଥାନରେ ଏପରି ଘଟଣା ବାରମ୍ବାର ଘଟୁଛି। ଓଡ଼ିଶାବାସୀ ଏବେ ଦୁଷ୍କର୍ମୀ ଓ ଅସାମାଜିକ ତତ୍ତ୍ୱଙ୍କ ଭୟରେ ରହୁଛନ୍ତି। ଓଜେସି ପୂର୍ବରୁ ଗତ ଗୁରୁବାର ଦିନ ମୁଖ୍ୟ ଶାସନ ସଚିବଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରି ରାଜ୍ୟରେ ଖରାପ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟ ଉଠାଇଥିଲେ। ଓଜେସିର ଦାବି ଅନୁଯାୟୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ପରିବାରକୁ ୧ କୋଟି ଟଙ୍କା ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜଣେ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯାଉ। ଆଇନ ଶୃଙ୍ଖଳା ରକ୍ଷାରେ ପୂର୍ଣ୍ଣ ବିଫଳତା ସ୍ୱୀକାର କରି ମୁଖ୍ୟମନ୍ତ୍ରୀ ଏହାର ଉତ୍ତରଦାଇତ୍ୱ ନେବାକୁ ପାର୍ଟି ଦାବି କରିଛି। ଯଦି ଏହି ଅଧୋଗତି ଜାରି ରହେ ତେବେ ଓଡ଼ିଶା ଜନତା କଂଗ୍ରେସ ରାଜ୍ୟର ସମସ୍ତ ଜିଲ୍ଲାରେ ବ୍ୟାପକ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ପାର୍ଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଶୁଭେନ୍ଦୁ ମଲ୍ଲିକ, ସଂଗ୍ରାମ ମାଝୀ ଓ ବିବେକାନନ୍ଦ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଅସୁରକ୍ଷିତ ଉପକଣ୍ଠ; ଗଳିଗଳିରେ ଅପରାଧ

■ ପୁଲିସ ନିଷ୍କ୍ରିୟତାର ସୁଯୋଗ ନେଉଛନ୍ତି ଅସାମାଜିକ ତତ୍ତ୍ୱ
■ ନିଶା କାରବାରକୁ ନେଇ ଗଡୁଛି ମୁଣ୍ଡ
■ ସୁରକ୍ଷାକୁ ନେଇ ଚିନ୍ତାରେ ପୁଲିସ ମୁଖିଆ

ଭୁବନେଶ୍ୱର, ୮।୫(ସମିସ): ପୁଲିସ ନିଷ୍କ୍ରିୟତାର ସୁଯୋଗ ନେଇ ରାଜଧାନୀ ଉପକଣ୍ଠ ସମେତ ଦ୍ୱୈତନଗରୀର ବିଭିନ୍ନ ଅଞ୍ଚଳରେ ଅସାମାଜିକଙ୍କ ଉତ୍ପାତକ୍ରମେ ବଢ଼ି ଚାଲିଛି। ଗୁରୁବାର ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ଆଜି ବାଲିପାଟଣା ଅଞ୍ଚଳରେ ଜଣେ ଯୁବକଙ୍କୁ ଲୁହାଛଡ଼ରେ ପିଟି ହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିବାରେ ଲାଗିଛି। ଯାହା କ୍ରମେ ପୁଲିସର ଉପରେ ସାଧାରଣ ଲୋକଙ୍କ ଆସ୍ଥା ତୁଟାଇ ଦେଉଛି। ତେବେ ପୂରା ଘଟଣା ଦୁଇଟିକୁ ଅନୁଧ୍ୟାନ କଲେ ପୁଲିସର ନିଷ୍କ୍ରିୟତା ହିଁ ସ୍ପଷ୍ଟ ପ୍ରମାଣିତ ହେଉଛି। ବିଶେଷକରି କମିସନରେଟ୍ ପୁଲିସ ପକ୍ଷରୁ ସହରର ପ୍ରମୁଖ ଅଞ୍ଚଳକୁ ଛାଡ଼ିଲେ ଅନ୍ୟ କୌଣସି ଅଞ୍ଚଳରେ ପାଟ୍ରୋଲିଂ କରାଯାଉନାହିଁ। ଉପକଣ୍ଠବର୍ତ୍ତୀ ଅଞ୍ଚଳର ଅନେକ ଗ୍ରାମ ଅଛି ଯେଉଁଠିକି କାଳେ କାଳେ ପୁଲିସର ପାଦ ପଡୁନାହିଁ। ଏମିତି କି ଥାନାକୁ ଯାଉଥିବା ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନାହିଁ। ଓଲଟା ଅଭିଯୁକ୍ତଙ୍କ ସହ ସଲାସୁତରା କରି ସେଗୁଡ଼ିକୁ ରଫାଦଫା କରିବାକୁ ପୁଲିସ ପକ୍ଷରୁ ଉଦ୍ୟମ କରାଯାଉଛି। କେବଳ ସେତିକି ନୁହେଁ ଗତକାଲିର ବାଲିଅନ୍ତା ହତ୍ୟାକାଣ୍ଡ ହେଉ କି ଆଜି ବାଲିପାଟଣା ହତ୍ୟାକାଣ୍ଡ; ଉଭୟ ଘଟଣାରେ ନିଶା କାରବାରକୁ କେନ୍ଦ୍ରକରି ଘଟିଥିବା ଲୋକଙ୍କ ବୟାନରୁ ଏବଂ ପୁଲିସର ସୂଚନାରୁ ଜଣାପଡ଼ିଛି। ସେହିଭଳି ବାଲିପାଟଣା ହତ୍ୟାକାଣ୍ଡ ଘଟଣାରେ ନିଶା କାରବାରରୁ ଯୁକ୍ତିତର୍କ ହୋଇ ଜଣଙ୍କୁ ଅନ୍ୟଜଣେ ହତ୍ୟା କରିଛନ୍ତି। ଉଭୟ ଘଟଣାରୁ ସ୍ପଷ୍ଟ ହୋଇଛି ଯେ, ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ନିଶା କାରବାର ହିଁ ଅପରାଧର ପ୍ରମୁଖ କାରଣ ପାଲଟିଛି। କେବଳ ବାଲିଅନ୍ତା କି ବାଲିପାଟଣା ନୁହେଁ; ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳ ଯଥା ତମାଣ୍ଡୋରୁ ଚନ୍ଦକା ଆଦି ଅଞ୍ଚଳରେ ମଧ୍ୟ ଅବାଧ ନିଶା କାରବାର ହିଁ ପ୍ରମୁଖ ଅପରାଧର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଘଟୁଥିବା ଅପରାଧ ପଛରେ ନିଶା କାରବାର ହିଁ ସ୍ପଷ୍ଟ ହୋଇଛି। ଏହିସବୁ ଅଞ୍ଚଳରେ ଚୋରା ମଦଠାରୁ ଆରମ୍ଭ କରି ବ୍ରାଉନ୍‌ସୁଗାର ବେପାର ଚାଲିଛି। ପୁଲିସ ଜାଣନ୍ତରେ ଏଭଳି ଘଟୁଥିବା କୁହାଯାଉଥିବା ବେଳେ ସାଧାରଣରେ ପୁଲିସର ନିଷ୍କ୍ରିୟତା ନେଇ ପ୍ରଶ୍ନ ଉଠୁଛି। ଯାହାର ସୁଯୋଗ ନେଇ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଯୁବଗୋଷ୍ଠୀ ନିଶା କବଳରେ ପଡ଼ି ଅପରାଧ ଭିଆଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉପକଣ୍ଠବର୍ତ୍ତୀ ଅଞ୍ଚଳର ବାଲି, ଗୋଡ଼ି ଏବଂ ପଥର ମାଫିଆମାନେ ଏଭଳି ଅସାମାଜିକ ତତ୍ତ୍ୱମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେମାନଙ୍କ କଳା କାରନାମାକୁ ସୁରକ୍ଷା ଦେବା ପାଇଁ କିଛି ବେକାର ଯୁବଗୋଷ୍ଠୀଙ୍କୁ ନିଶା ଦେଇ ଏଭଳି ଅସାମାଜିକ କାର୍ଯ୍ୟରେ ଲଗାଉଛନ୍ତି।



## ୧.୮ କୋଟି ଠକେଇ; ଆନ୍ଧ୍ରପ୍ରଦେଶରୁ ଜଣେ ଗିରଫ

ଭୁବନେଶ୍ୱର, ୭।୫(ସମିସ): ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ନିଯୁକ୍ତି ନାଁରେ ୧.୮କୋଟିରୁ ଅଧିକ ଠକେଇ ମାମଲାରେ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଜଣେ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଲ୍ଲୁରୀ ତିରୁପତି। ସେ ତାଙ୍କ ଏଲୁରୁରେ ଥିବା ଘରେ ଲୁଚିଥିବା ବେଳେ ଗିରଫ କରିଛି ଇଓଡବ୍ଲ୍ୟୁ। ସ୍ଥାନୀୟ କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରିବା ପରେ ଇଓଡବ୍ଲ୍ୟୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଓପିଆଇଡ଼ି କୋର୍ଟରେ ହାଜର କରିଛନ୍ତି। ଗିରଫ ଅଭିଯୁକ୍ତ ଡିଜିଟାଏ ଏଡେଡ୍ ସ୍କୁଲ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ସଂସ୍ଥା ପଞ୍ଜୀକରଣ ହୋଇଥିଲା। ଏହି ସଂସ୍ଥାକୁ ସରକାରୀ ସହାୟତାପ୍ରାପ୍ତ ସ୍କୁଲ ବୋଲି ଫେକ୍ ଦସ୍ତାବିଜ୍ ଦେଖାଇଥିଲେ। ଏପରିକି ଏହି ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ଚାକିରି ପାଇଁ ପ୍ରତି ରାଜ୍ୟ ଲିଡ୍ ଖବାର କାଗଜରେ ବିଜ୍ଞାପନ ଦେଉଥିଲେ। ବିଶେଷ କରି ମୁମ୍ବାଇ, ଦିଲ୍ଲୀ, ହାଇଦରାବାଦ, ଜାମ୍ମୁ ଓ କାଶ୍ମୀର, ଗୁଜୁରାଟ, ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଭଳି ରାଜ୍ୟ ଗୁଡ଼ିକୁ ଟାର୍ଗେଟ କରୁଥିଲେ। ସରକାରୀ ଓ୍ୱେବ୍‌ସାଇଟ୍ ଦେଖିବା ଭଳି ସେ ଓ୍ୱେବ୍‌ସାଇଟ୍ କରିଥିଲେ। ବିଜ୍ଞାପନ ଦେଖି ଅନେକ ଶିକ୍ଷିତ ବେପାରୀ ଫର୍ମ ପକାଉଥିଲେ। ଅଭିଯୁକ୍ତ ପ୍ରତି ପିଲାଙ୍କ ଠାରୁ ୧ହଜାର ଟଙ୍କା ଫର୍ମ ପକାଇବା ବାବଦକୁ ନେଉଥିଲେ। ଏହିଭଳି ସେ ଓଡ଼ିଶା ଭଳି ଅନେକ ରାଜ୍ୟରୁ ଚାକିରି ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲେ। ଅଭିଯୁକ୍ତ ଓ ତା'ର ସଂସ୍ଥାର ଆକାଉଣ୍ଟକୁ ୧.୮ କୋଟି ଆସିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଟଙ୍କାରେ ସେ ଜମି ଏବଂ ଏଟିଏମ୍ ମାଧ୍ୟମରେ ଉଠାଇ ନେଇଥିବା ଜଣାପଡ଼ିଛି। ଓଡ଼ିଶାରୁ ଏଭଳି ଏକାଧିକ ଯୁବକ ଠକାମିର ଶିକାର ହୋଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଯେଉଁ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଛି।



ଭାରତୀୟ ରେଡକ୍ରସ୍ ସୋଇାଇଟି, ଭୁବନେଶ୍ୱର–କଟକ ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ

# ରାଜଧାନୀ ରାଜରାସ୍ତାରେ ତାଳସଜର ମଜା

ଭୁବନେଶ୍ୱର, ୮।୫(ସମିସ)



ପ୍ରଚଣ୍ଡ ଖରାରେ ଦେହ ହାତ ଜଳିଯାଉଥିବା ବେଳେ ଫଳରସ, ଥଣ୍ଡା ପାନୀୟ, ଦହି ଓ ଲସି ଭଳି ପାନୀୟ ପ୍ରତି ଲୋକମାନେ ଆଗ୍ରହ କରିଥାନ୍ତି। କିନ୍ତୁ ଏମାନଙ୍କ ସହ ଏବେ ତାଳସଜ ବି ପ୍ରତିଯୋଗିତା କରୁଛି।

ତେଣୁ ଏବେ ରାଜଧାନୀରେ ମେଲିଛି ତାଳସଜ ପସରା। ସହରର ବହୁ ଜନଗହଳିପୂର୍ଣ୍ଣ ଛକରେ ରାଜପଥ କଡ଼ରେ ତାଳସଜ ବେପାରୀମାନେ ତାଳ ବିକ୍ରି କରୁଛନ୍ତି। ଏହି ବେପାରୀମାନଙ୍କ ପାଖରେ ଗ୍ରାହକମାନେ ବି ଭିଡ଼ ଜମାଉଛନ୍ତି। ଅଦିନିଆ ଫଳ ଓ କଅଁଳ ସୁଆଦିଆ ରସ ଖାଇବାକୁ ସାଧାରଣ ଲୋକଙ୍କ ଠାରୁ ନେଇ ବଡ଼ ବଡ଼ିଆମାନେ ବି ଏହି ବେପାରୀଙ୍କ ପାଖରେ ପହଞ୍ଚୁଛନ୍ତି।

### ଛକ ଛକରେ ଖୋଲିଛି ତାଳ ସଜ ପସରା

ତାଳସଜକୁ ବେପାରୀମାନେ ଦେଢ଼ ମାସରୁ ଦୁଇ ମାସ ବିକ୍ରି କରିଥାନ୍ତି। ଏହି ତାଳସଜ ଗ୍ରାହକଙ୍କୁ ଅଧିକ ପସନ୍ଦ ଆସୁଥିବା ବେଳେ ବେପାରୀମାନେ ବି ବେଶ ଦୁଇ ପଇସା ରୋଜଗାର କରିଥାନ୍ତି।

ପ୍ରତିବର୍ଷ ଏହି ଖରାଦିନରେ ଯାଜପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଗଞ୍ଜାମ ବଲାଙ୍ଗୀର ଭଳି ସହରରୁ ବେପାରୀମାନେ ଟ୍ରକ୍ ଓ ବସ୍ ଯୋଗେ ତାଳସଜ ରାଜଧାନୀକୁ ନେଇ ଆସୁଛନ୍ତି। ଅନେକ କ୍ଷେତ୍ରରେ ଭଡ଼ାରେ ଗାଡ଼ି କରି ଭୁବନେଶ୍ୱରକୁ ତାଳସଜ ଆଣୁଛନ୍ତି। ବର୍ତ୍ତମାନ ଶିରିପୁର ଛକ, ୟୁନିଟ୍-୮ ପାୱାର ହାଉସ୍ ଯିବା ରାସ୍ତା, ରାଜମହଲ ଛକ, ରାମ ମନ୍ଦିର ରାସ୍ତା କଡ଼, କଳିଙ୍ଗ ବିହାର, ଖଣ୍ଡଗିରି, ଗୋପବନ୍ଧୁ ଛକ ଆଦିରେ ପସରା ମେଲାଇଛନ୍ତି ତାଳସଜ।

ଯାଜପୁରରୁ ଆସ ରସୁଲଗଡ଼ ଅଞ୍ଚଳରେ ରହୁଥିବା ପ୍ରଶାନ୍ତ ବେହେରା ପଇଡ଼ ବେପାର କରନ୍ତି ହେଲେ ଏବେ ପଇଡ଼ ମିଳୁ ନ ଥିବାରୁ ସେ ଗୋପବନ୍ଧୁ ଛକରେ ତାଳସଜ ବେପାର କରୁଛନ୍ତି। ଏନେଇ ସେ କୁହନ୍ତି ଯାଜପୁରରୁ ପ୍ରାୟ ୧୦ ହଜାର ଟଙ୍କାର ତାଳ ବିକ୍ରି କରିବା ପାଇଁ ଆଣିଛନ୍ତି। ତାଳ ଗୋଟାକ ୨୦ ଟଙ୍କା ଥିବା ବେଳେ ୬ ଟା ନେଲେ ୧୦୦ ଟଙ୍କା ଦର ରହିଛି ବୋଲି ସେ କୁହନ୍ତି। ଆହୁରି ମଧ୍ୟ କହିଛନ୍ତି କି ଏତେ ବାଟରୁ ଆଣିବା ବେଳକୁ ଗାଡ଼ି ଭଡ଼ା ଅଧିକ ଟଙ୍କା ନେଇଯାଉଛି। ଆଗରୁ ଏଇ ଆଖପାଖ ଉପକଣ୍ଠ ଗାଁ ମାନଙ୍କରେ ତାଳ ମିଳୁଥିଲା ହେଲେ ଏବେ ଉପକଣ୍ଠ ବି ତାଳଗଛ ନାହିଁ। ଯାହା ଫଳରେ ତାଳ ତ ଦୂରର କଥା ତାଳଗଛ ଦେଖିବା ସ୍ୱପ୍ନ ପାଲଟି ଯାଇଛି। ଗଣ୍ଡମୁଣ୍ଡା ପାଖ ତାଳବଣିଆର ନା ଅଛି ହେଲେ ସେଠାରେ ୨ ରୁ ୪ ଟା ତାଳ ଗଛ ରହିଛି। ପୂର୍ବରୁ ସେହି ସ୍ଥାନରୁ ତାଳ ଆଣି ସେ ବେପାର କରୁଥିଲେ ହେଲେ ଏବେ ନିଜ ସହର ସହ ତାଳ ପାଇଁ ଅନ୍ୟ ସହର ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।





# ଉଠାଦୋକାନୀଙ୍କୁ ନ୍ୟାୟ ଦାବିରେ ମାନବାଧିକାର କମିସନଙ୍କୁ ଦାବିପତ୍ର

ଭୁବନେଶ୍ୱର, ୮।୫(ସମିସ)

ଅଶୋକ ନଗରରେ ୨୮ ଜଣ ହକରଙ୍କ ଉପରେ ହୋଇଥିବା ଅନ୍ୟାୟ ଉଚ୍ଛେଦ ଓ ଦୋକାନ ଭଙ୍ଗା ବିରୋଧରେ ଶୁକ୍ରବାର ଏଆଇଟିୟୁସି ଓ ଏଆଇସିସିଟିୟୁ ପକ୍ଷରୁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନଙ୍କ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଏଥିସହ ସୁର ଜେନା ଓ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୧ ଏପ୍ରିଲ୍ ସକାଳ ପ୍ରାୟ ୮ଟା ସମୟରେ ବିଏମ୍‌ସି ଓ ବିଡିଏର ମିଳିତ ଭାବେ ୨୮ଟି ଦୋକାନକୁ କୌଣସି ପୂର୍ବ ସୂଚନା ନଦେଇ ଅଗଣତାନ୍ତ୍ରିକ ଭାବେ ଭଙ୍ଗାଯାଇଥିଲା। ସୂଚନା ନ ଥିବାରୁ ଦୋକାନୀମାନଙ୍କର ପ୍ରାୟ ୧୬ଲକ୍ଷ ୧ହଜାର ଟଙ୍କାର ସାମଗ୍ରୀ ନଷ୍ଟ କରିବା ସହ ଦୋକାନକୁ ସମ୍ପୂର୍ଣ୍ଣ ଭାବେ ଧୂଳିସାତ କରିଦେଇଛନ୍ତି। ସମ୍ପୃକ୍ତ ଉଠାଦୋକାନୀମାନେ




ଦୀର୍ଘ ୪୦ବର୍ଷ ହେବ ବ୍ୟବସାୟ କରି ପରିବାର ପୋଷର କରିଆସୁଥିବାବେଳେ ବିଏମ୍‌ସି କର୍ତ୍ତୃପକ୍ଷ ସୁପ୍ରିମକୋର୍ଟର ୨୦୨୪ ମସିହାରେ ପ୍ରଣିତ ଆଇନ୍ ଯଥା ଉଠାଦୋକାନୀଙ୍କୁ ସର୍ବନିମ୍ନ ବଞ୍ଚିବାର ସୁରକ୍ଷା ଆଇନ୍ ୨୦୧୪ ଅନୁସାରେ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି ନାହାନ୍ତି। ଉଠାଦୋକାନୀମାନେ ବ୍ୟବସାୟ କରିଥିବା ସ୍ଥାନ ସାଧାରଣ ଜନଗଣ କିମ୍ବା ଯାତାୟତ ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରୁନଥିବାବେଳେ ବିଏମ୍‌ସି ଓ ବିଡିଏର ଏତାଦୃଶ କାର୍ଯ୍ୟ ସମ୍ବିଧାନର ଧାରା ୨୧ ଅନୁସାରେ ଜୀବନ ଓ ଜୀବିକାର ଅଧିକାରକୁ ଲଂଘନ କରିଛି। ମାନବାଧିକାର କମିଶନଙ୍କ ଅଧ୍ୟକ୍ଷ ପ୍ରତିନିଧି ଦଳର ଅଭିଯୋଗକୁ ଗୁରୁତ୍ୱ ସହକାରେ ଗ୍ରହଣ କରିବା ସହ ଏହି ଘଟଣାରେ ମାମଲା ରୁଜୁ କରି ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ତତ୍ ସହିତ ଏଆଇଟିୟୁସି ଓ ଏଆଇସିସିଟିୟୁ ତରଫରୁ ପୀଡିତ ହକରମାନଙ୍କୁ ତୁରନ୍ତ କ୍ଷତିପୂରଣ, ପୁନର୍ବାସ ଓ ସ୍ଥାୟୀ ଜୀବିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳିରେ ଦେବେନ୍ଦ୍ର ସାହୁ, ରାକେଶ ପଣ୍ଡା, ଅର୍ଜୁନ ସେଠୀ, ଧନେଶ୍ୱର ବେହେରା, ଜଗା ପ୍ରଧାନ, ଅଭୟ ପଣ୍ଡା, ବିଜୁ ସ୍ୱାଇଁ ଓ ରମେଶ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଉତ୍କଳ କୁଳପତିଙ୍କୁ ଭେଟିଲେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କର୍ମକର୍ତ୍ତା



ଭୁବନେଶ୍ୱର, ୮।୫(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ଏକ ପ୍ରତିନିଧି ମଣ୍ଡଳୀ ଉତ୍କଳ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ସାକ୍ଷାତ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମହାସଂଘର ଓଡ଼ିଶା ଶାଖା ସଭାପତି ପ୍ରଫେସର ଶିବବ୍ରତ ଦାସଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣରେ ସୁଧାର ସହିତ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଡକ୍ଟର ବିପ୍ଳବ କୁମାର ଗୁରୁ, ଡକ୍ଟର ବିଶ୍ୱମୋହନ ଜେନା, ଡକ୍ଟର ଦୀପ୍ତାଂଶୁ ଭୂଷଣ ପତି, ଡକ୍ଟର ସଞ୍ଜୟ କୁମାର ରାଉଳ, ଡକ୍ଟର ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ଦେବେନ୍ଦ୍ର କୁମାର ବିଶ୍ୱାଳ, ଡକ୍ଟର ଧର୍ମେନ୍ଦ୍ର ଦାସ, ଡକ୍ଟର ପପେସ କୁମାର ଲେଙ୍କା, ଡକ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଦାସ, କୃଷ୍ଣପଦ ନାୟକ ଓ ଡକ୍ଟର ନାରାୟଣ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର, ୮।୫(ସମିସ): ପୂର୍ବତନ କାଉନସିଲର କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦୋଳଯାତ୍ରା ପଡ଼ିଆ ସମ୍ମୁଖସ୍ଥ କଳାନିକେତନ କ୍ଲବ ପ୍ରେକ୍ଷାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ବିବେକାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଚେୟାରମ୍ୟାନ ପ୍ରେମଚାନ୍ଦ ନାୟକ, ଚୌଦ୍ୱାର ମୁନିସିପାଲିଟିର ଭାଇସ ଚେୟାରମ୍ୟାନ ଶୁଭେନ୍ଦୁ ସାମଲ୍, ନଗର କଂଗ୍ରେସ ସଭାପତି ହରିହର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ କିଶୋର ସାମଲଙ୍କ ବହୁ ମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, କ୍ଷୀରୋଦ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଏବଂ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଇଞ୍ଜିନିୟରିଂ ଛାତ୍ରୀଙ୍କ ଭିଡିଓ ଭାଇରାଲ୍ କରି ପ୍ରେମିକ ଗିରଫ

ଯାଁଳା, ୮।୫(ସମିସ): ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କ ଅନ୍ତରଙ୍ଗ ସମୟର ଫଟୋ ଭିଡ଼ିଓ ପ୍ରଘଟ କରି ବ୍ଲାକ ମେଲ କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ସମ୍ପୃକ୍ତ ପ୍ରେମିକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମଦନପୁର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ବାଣପୁର ଅଞ୍ଚଳର ସଂଗ୍ରାମ ପ୍ରଧାନ। ଅଭିଯୁକ୍ତ ନିକଟରୁ ବ୍ୟବହୃତ ମୋବାଇଲ ଫୋନ୍ ଓ କିଛି ଆପତ୍ତିଜନକ ଫଟୋ ଓ ଭିଡ଼ିଓ ପୁଲିସ ଜବତ କରିଛି।

ସୂଚନା ଅନୁସାରେ, ପୀଡ଼ିତା ମଦନପୁର ଅଞ୍ଚଳର ଏକ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀ। ଅଭିଯୁକ୍ତ ମଧ ସେହି ଅଞ୍ଚଳରେ ରହି ଏକ ଶିକ୍ଷାନୁଷ୍ଠାନରେ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଏହି ସମୟ ମଧ୍ୟରେ ପୀଡ଼ିତାଙ୍କ ଠାରୁ ସେ ଧାର ସୂତ୍ରରେ ପ୍ରାୟ ୩ ଲକ୍ଷ ଟଙ୍କା ନେଇଥିଲା। ହେଲେ ଅଭିଯୁକ୍ତ ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇବା ଜାଣିବା ପରେ ପୀଡ଼ିତା ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଅଭିଯୁକ୍ତ ପୀଡ଼ିତାଙ୍କ ଅନ୍ତରଙ୍ଗ ସମୟର ଭିଡ଼ିଓ ପ୍ରଘଟ କରିବା ଲାଗି ଧମକ ଦେବା ସହ ଅଧିକ ଟଙ୍କା ଦେବାକୁ ଦାବି କରିଥିଲା। ଏନେଇ ପୀଡ଼ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୧୮୦୦ ଗୋପାଳ ପରିବାରକୁ ଗୁହାଳ ଯୋଗାଇ ଦେବାକୁ ଦାବି

ଭୁବନେଶ୍ୱର, ୮।୫ (ସମିସ): ରାଜଧାନୀରେ ଗରିବ, ଭୂମିହୀନ ସାମାଜିକ ଓ ଆର୍ଥିକସ୍ତରରେ ଅନଗ୍ରସର ଗୋପାଳ ଭାଇ ମାନେ ସରକାରୀ ଜାଗାରେ ଗାଈ ଓ ମଇଁଷି ଗୁହାଳ କରି ପଶୁ ପାଳନ କରି ଦୁଗ୍ଧ ବିକ୍ରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ସରକାର ସେମାନଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ଦେଇଛନ୍ତି। ଏହି ୧୮୦୦ ପରିବାରକୁ ସରକାରୀ ଭାବେ ଗୁହାଳ ଯୋଗାଇ ଦେବାକୁ ଅଲ୍ ଓଡ଼ିଶା ଗୋପାଳ ସମାଜ ରାଜ୍ୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି।

# ଡବଲ୍ ଟ୍ୟାକ୍ସେସନ୍ ବନ୍ଦ ପାଇଁ ଆମେ ଭୁବନେଶ୍ୱରିଆ ସଂଗଠନର ଦାବି

ଭୁବନେଶ୍ୱର, ୮।୫(ସମିସ)

ଆମେ ଭୁବନେଶ୍ୱରିଆ ସଂଗଠନ (ଭୁବନେଶ୍ୱର ଉନ୍ନୟନ ପରିଷଦ ଓ ଜନ ଜାଗରଣ)ର ଏକ ଶକ୍ତିଶାଳୀ ପ୍ରତିନିଧି ମଣ୍ଡଳୀ ଆଜି ବିଏମ୍‌ସି କମିସନର ଚଞ୍ଚଳ ରାଣାଙ୍କୁ ଭେଟି ଅବୈଧ ୟୁଜର ଫି ଆଦାୟ ତୁରନ୍ତ ବନ୍ଦ କରିବାକୁ ଦୃଢ଼ ଦାବି କରିଛନ୍ତି। ପୂର୍ବତନ ମୁଖ୍ୟ ସଚିବ ତଥା କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ, ସୂଚନା ଅଧିକାର ଅଭିଯାନ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସଂଯୋଜକ ପ୍ରସନ୍ନ ବିଷୋୟୀ, ସଞ୍ଜୟ ଦାସ, ତପନ ମହାନ୍ତି, ଅଶୋକ ପାଇକରାୟଙ୍କ ସହ ଏକ ୨୫ ଜଣିଆ ପ୍ରତିନିଧିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ବିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିଥିଲେ।

ପ୍ରତିନିଧି ମଣ୍ଡଳୀ ନଗରବାସୀଙ୍କ ତରଫରୁ ବିଭିନ୍ନ ପାର୍କ, କଲୋନୀ ଓ ଆପାର୍ଟମେଣ୍ଟରେ ହୋଇଥିବା ପ୍ରାୟ ୨୦୦୦ରୁ ଅଧିକ ସମର୍ଥନ ଦସ୍ତଖତ ପ୍ରଦାନ କରିଥିଲେ ଏବଂ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ରହିତାଦେଶ ର୍ନିଶେ ତଥ୍ୟ ପ୍ରଦାନ କରିବା ସହିତ, କିପରି ଷ୍ଟେ ସତ୍ୱେ ବିଏମ୍‌ସି ଦ୍ୱାରା ହେଉଥିବା ଅବୈଧ ୟୁଜର ଫି ଆଦାୟକୁ ନେଇ ଏକ ସ୍ପଷ୍ଟ ଦଲିଲ ଦାଖଲ କରିଥିଲେ। କମିଟିର ଅଧକ୍ଷ୍ୟ ବିଜୟ ପଟ୍ଟନାୟକ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ନିକଟରେ ରଖାଯାଇଥିବା ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ରହିଛି ହାଇକୋର୍ଟର ଅନ୍ତିମ ରାୟ ନ ଆସିପର୍ଯ୍ୟନ୍ତ ୟୁଜର ଫି ଆଦାୟ ସମ୍ପୂର୍ଣ୍ଣ ଭାବେ ତୁରନ୍ତ ବନ୍ଦ କରିବା, ହୋଲଡିଂ ଟ୍ୟାକ୍ସ ଦେଉଥିବା ସମସ୍ତ ନାଗରିକଙ୍କୁ ୟୁଜର ଫି ରୁ ମୁକ୍ତି ଦେବା, ହାଇକୋର୍ଟରେ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗ ତରଫରୁ ଶୀଘ୍ର ସ୍ପଷ୍ଟୀକରଣ ଏବଂ ଆଫିଡେଭିଟ୍ ଦାଖଲ କରି ମାମଲାର ଶୁଣାଣି ଶେଷ କରିବା, ଆପାର୍ଟମେଣ୍ଟ, କଲୋନି ଏବଂ ବ୍ୟବସାୟୀଙ୍କୁ ଧମକ, ହେରାଣ ଓ ଜୋର୍ ଜବରଦସ୍ତି କରୁଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ। ସେହିଭଳି ଦୁଇଥର ଆଦାୟ ଓ ନକଲି ରସିଦ୍ ପ୍ରଦାନ ବନ୍ଦ କରିବା, କେବଳ ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ଡାକ୍ତରଖାନା, ହୋଟେଲ ଓ ବଲ୍କ ବର୍ଯ୍ୟବସ୍ତୁ ଉତ୍ପାଦକଙ୍କଠାରୁ ୟୁଜର ଫି ଆଦାୟ କରି ସାଧାରଣ ନାଗରିକଙ୍କୁ ମୁକ୍ତ ରଖିବା ପାଇଁ ମଧ ଦାବି କରାଯାଇଛି।

# ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ୬ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା, ୮।୫(ସମିସ): ବାଲକାଟି ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟରେ ମୋଟ ୧୦୫ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ପାସ ହାର ୯ ୯ ପ୍ରତିଶତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଲୁ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଶିବ ନାରାୟଣ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ଆଲୁମିନି ସମ୍ପାଦିକା ବିଜୟଲକ୍ଷ୍ମୀ ମିଶ୍ର, ବେଣୁଧର ଭୋଇ, କୈଳାଶ ଚନ୍ଦ୍ର ଖଟାଇ, ବସନ୍ତ ମଞ୍ଜରୀ ଦାସ, ଜୟଦେବ ସାହୁ, ଏବଂ ଗଙ୍ଗାଧର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଏବଂ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ବିନୋଦ ସାହୁ ଧନ୍ୟବାଦ ଦେଇଥିଲେ।

# ମିଶନ ରକ୍ତଦାନ ପକ୍ଷରୁ ବିଶ୍ୱ ଥାଲାସେମିଆ ଦିବସ




ଭୁବନେଶ୍ୱର, ୮।୫(ସମିସ): ବିଶ୍ୱ ଥାଲାସେମିଆ ଦିବସ ଅବସରରେ ମିଶନ ରକ୍ତଦାନ ପକ୍ଷରୁ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଏଥିରେ ୩୦ ଜଣ ଥାଲାସେମିଆ ଶିଶୁଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ଏହି ଶିବିରକୁ ରକ୍ତ କେନ୍ଦ୍ର ନିର୍ଦ୍ଦେଶିକା ଡ. ଇତିଶ୍ରୀ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସମାଜସେବୀ ମାନୀ ପଣ୍ଡା ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ଅବଗତ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ ଯୋଗଦେଇ ଓଡ଼ିଶାରେ ରକ୍ତଦାନ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଶନ ରକ୍ତଦାନ ସଂଯୋଜକ ବିଭୂତି ଭୂଷଣ ସାହୁ ମିଶନ ରକ୍ତଦାନର ନିୟମିତ କାର୍ଯ୍ୟକ୍ରମ ଏବଂ ଥାଲାସେମିଆ ଶିଶୁଙ୍କୁ ମିଶନ ରକ୍ତଦାନ ତରଫରୁ ରକ୍ତ ଯୋଗାଇ ଦେବା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ମିଶନ ରକ୍ତଦାନ ପ୍ରତିଷ୍ଠାତା ହର ପ୍ରସାଦ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିବା ସହିତ ମିଶନ ରକ୍ତଦାନ ଆଗାମୀ ଦିନରେ ନିୟମିତ ଶିବିର ଆୟୋଜନ ଜାରି ରଖିବା ପାଇଁ ବାର୍ତ୍ତା ରଖିଥିଲେ।

# ଭର୍ଚୁଆଲ ମୋଡ୍‌ରେ ସ୍କାଉଟ୍ ଗାଇଡ୍‌ର ଟ୍ରେନିଂ



ଭୁବନେଶ୍ୱର, ୮।୫(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ସଂସ୍ଥାର ରାଜ୍ୟ ପ୍ରୋଗ୍ରାମ ଏବଂ ଟ୍ରେନିଂ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଅଛି। ଏହି ପ୍ରୋଗ୍ରାମ ଏବଂ ଟ୍ରେନିଂ କମିଟି ବୈଠକରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିବା ଜିଲ୍ଲା ସଂଗଠନ କମିଶନର ତଥା ଜିଲ୍ଲା ତାଲିମ କମିସନରମାନେ ବିଗତ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମ, ତାଲିମ ଏବଂ ଆସନ୍ତା ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଏବଂ ତାଲିମ୍ ବିଷୟରେ ରାଜ୍ୟ ମୁଖ୍ୟ କମିସନର ଡଃ. ମିଶ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ରାଜ୍ୟ ଯୁଗ୍ମ ସମ୍ପାଦକ ଅନାମିକା ଦାସ ଆଗକୁ ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତାଲିମ୍ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଠକକୁ ରାଜ୍ୟ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ରାଜ୍ୟ ତାଲିମ କମିଶନର (ଗାଇଡ୍) ଅନୁସୂୟା ସୁନ୍ଦରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୧ ଦିନରେ ପ୍ରାଥମିକ ଶିକ୍ଷକ ମହାସଂଘ ଷ୍ଟିଅରିଂ କମିଟିର ଧାରଣା



## ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ

ଭୁବନେଶ୍ୱର, ୮।୫(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶାର ଷ୍ଟିଅରିଂ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ଶୁକ୍ରବାର ୩୧ତମ ଦିନରେ ପ୍ରବେଶ କରିଛି। ମହାସଂଘର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକରୁ ଆସିଥିବା ଶିକ୍ଷକ ନେତା ଓ କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜି ଠାରେ ଧାରଣାକୁ ଅବ୍ୟାହତ ରଖିଛନ୍ତି। ମହାସଂଘ ପକ୍ଷରୁ ପ୍ରାଥମିକ ଶିକ୍ଷକମାନଙ୍କ ଦୀର୍ଘଦିନର ଦୁଇଟି ମୁଖ୍ୟ ଦାବୀ ସରକାରଙ୍କ ସମ୍ମୁଖରେ ଉଠାଯାଇଛି। ପ୍ରଥମତଃ, ସମସ୍ତ ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଉନ୍ନତ କରି ରାଜ୍ୟ ସରକାରଙ୍କ ୭ମ ବେତନ କମିଶନ ଅନୁସାରେ ୩୫, ୪୦୦ ଟଙ୍କା ପ୍ରଦାନ କରିବାକୁ ଦାବୀ କରାଯାଇଛି। ଦ୍ୱିତୀୟତଃ, ପ୍ରାଥମିକ ଶିକ୍ଷା ବିଭାଗରେ ଚାଲୁଥିବା ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ରଦ୍ଦ କରି ୨୦୦୧ ମସିହାରୁ ଏପର୍ଯ୍ୟନ୍ତ ଏସ୍ଏସ୍ଏସ୍, ଏସ୍ଏସ୍ ଓ ଜେଟି ଭାବେ କାର୍ଯ୍ୟରତ ସମସ୍ତ ସମୟକୁ ନିୟମିତ ସେବା ଭାବେ ଗଣନା କରି ନୋଶନାଲ୍ ଇନ୍‌କ୍ରିମେଣ୍ଟ ସହ ସମସ୍ତ ସେବାଜନିତ ସୁବିଧା ପ୍ରଦାନ କରିବାକୁ ଦାବୀ ଉଠିଛି। ମହାସଂଘ କହିଛି ଯେ, ଓଆରଏସ୍‌ପି ୨୦୧୭ ଅନୁଯାୟୀ ବର୍ତ୍ତମାନ ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ଗ୍ରେଡ୍ ପେ' ୨୨୦୦ ଟଙ୍କା ଥିବାବେଳେ, ତାହାକୁ ପରିବର୍ତ୍ତନ କରି କେନ୍ଦ୍ରୀୟ ହାର ଅନୁସାରେ ଲେଭଲ ୦୯ ରେ ୩୫, ୪୦୦ ଟଙ୍କା ମୂଳ ବେତନ ଓ ୪୨୦୦ ଟଙ୍କା ଗ୍ରେଡ୍ ପେ' ପ୍ରଦାନ କରାଯାଉ। ପ୍ରକାଶ ଥାଉକି ଗତ ମାସ ୮ ତାରିଖରୁ ବିଧାନସଭା ସମ୍ମୁଖରେ ଆରମ୍ଭ ହୋଇଥିବା ଏହି ଗଣଧାରଣା ଆଜିକୁ ୩୧ ଦିନରେ ପହଞ୍ଚିଥିବା ବେଳେ, ସରକାର ଦାବୀ ପୂରଣ ସମ୍ପର୍କରେ ସ୍ପଷ୍ଟ ଘୋଷଣା ନ କରିପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ପୁଲିସ ଓ ୟୁନିସେଫ ଦ୍ୱାରା 'ଯୁବେନ୍ତିକା' ଆଉଟରିଚ୍

ଭୁବନେଶ୍ୱର, ୮।୫(ସମିସ)

ରାଜ୍ୟବ୍ୟାପୀ ଏକ ଅଭିନବ ଜନସମ୍ପର୍କ ଅଭିଯାନ ସ୍ୱରୂପ, ଓଡ଼ିଶା ପୋଲିସ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ 'ଯୁବେନ୍ତିକା'–ସିଡବ୍ଲୁପିଓ ଆଉଟରିଚ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ସମସ୍ତ ୫୭୮ଟି ସିଭିଲ୍ ପୋଲିସ ଷ୍ଟେସନରେ କିଶୋର-କିଶୋରୀମାନଙ୍କ ପାଇଁ ଏକ ପାରସ୍ପରିକ ଆଲୋଚନାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଏହି ଅଭିଯାନଟି 'ଇନଫାନସିଆ' ଦ୍ୱାରା ଅନୁପ୍ରାଣିତ, ଯାହା ଶିଶୁମାନଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ସୁରକ୍ଷିତ ଡିଜିଟାଲ୍ ସ୍ଥାନ ବା ଅନଲାଇନ୍ ମାଧ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାଏ। ଶିଶୁମାନେ ଯେପରି ଅନଲାଇନ୍ ଦୁନିଆରେ ସୁରକ୍ଷିତ, ସମ୍ମାନଜନକ ଏବଂ ନିର୍ଭୟରେ ଅଂଶଗ୍ରହଣ କରିପାରିବେ, ଏହି କାର୍ଯ୍ୟକ୍ରମ ସେହି ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇଥାଏ।

ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜି) ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି କିଶୋରୀ କିଶୋର ମାନଙ୍କ ପାଖକୁ ଏଇ 'ଯୁବେନ୍ତିକା' ମାଧ୍ୟମ ରେ ପହଞ୍ଚିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ଆମେ ପୋଲିସ ବାହିନୀକୁ ଅଧିକ ସହଜ ଏବଂ ଶିଶୁ-ଅନୁକୂଳ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ। ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ କୁମାର ଦାଶ କହିଛନ୍ତି, 'କିଶୋର କିଶୋରୀ ମାନଙ୍କୁ ବିଶ୍ୱସ୍ତ ବୟସ୍କ ଫ୍ରଣ୍ଟଲାଇନ କର୍ମୀମାନଙ୍କ ମଧ୍ୟରେ ଆଜିର ଯୁବପିଢ଼ି ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ, ବିଶେଷକରି ଡିଜିଟାଲ




ଏବଂ ଏପରି ଅନୁଷ୍ଠାନ ଆବଶ୍ୟକ ଯାହାଙ୍କ ପକ୍ଷକୁ ସେମାନେ ବିନା ଭୟ କିମ୍ବା ଦ୍ୱିଧା ରେ ଯାଇପାରିବେ।

ଏହି ଆଉଟରିଚ୍ କାର୍ଯ୍ୟକ୍ରମ କିଶୋର କିଶୋରୀ, ଶିଶୁ କଲ୍ୟାଣ ପୋଲିସ ଅଧିକାରୀ (ସିଡବ୍ଲୁପିଓ) ଏବଂ ଅନ୍ୟାନ୍ୟ ପରିବେଶ ସମ୍ବନ୍ଧୀୟ ବିଷୟ ଉପରେ ଅର୍ଥପୂର୍ଣ୍ଣ ଆଲୋଚନାର ସୁଯୋଗ ସୃଷ୍ଟି କରିଥିଲା। ପୋଲିସ ଥାନା ପରିଦର୍ଶନ ଓ ଆଲୋଚନା ମାଧ୍ୟମରେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ସଚେତନତା, ବିଶ୍ୱାସ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା।

# ଗଛକୁ ପିଟିଲା କାର୍; ୪ ଆହତ



**ବଣାଇଁ, ୮।୫(ସମିସ):** ବଣାଇଁ ଥାନା ବରଡାବାହାଲ ବୁଲାଣି ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୫ଟା ୩୦ ମିନିଟ୍ ସମୟରେ ଏକ କାର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କାରରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ପ୍ରକାଶ ଥାଉକି, କେନ୍ଦୁଝର ଜସିପୁର ଅଞ୍ଚଳରୁ ନରେନ୍ଦ୍ର (ବିଶିପାଲି) ଗାଁକୁ ବାହାଘର କାର୍ଯ୍ୟକ୍ରମରେ ଆସି ଫେରୁଥିବା ବେଳେ ବରଡାବାହାଲ ବୁଲାଣି ନିକଟରେ ଚାଳକ ଭାରସାମ୍ୟ ହରାଇଥିଲେ। ଫଳରେ କାରଟି ସିଧାସଳଖ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ କାରର ଆଗ ଅଂଶ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ବଣାଇଁ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁତ୍ରା, ୮।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ଇନ୍ଦ୍ରା କଲୋନିର ମହେନ୍ଦ୍ର କେରୁଆ (୪୫) ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଆଜି କୁତ୍ରା ପୁଲିସ୍ ଉଦ୍ଧାର କରିଛି। ସୂଚନାନୁଯାୟୀ, ଶୁକ୍ରବାର ସକାଳେ ଘର ଭିତରେ ଏକ ଗାମୁଛାରେ ମହେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଦେଖିଥିଲେ। ଖବର ପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଏବାବଦରେ ତଦନ୍ତ କରୁଥିବା ଜଣାପଡ଼ିଛି।

## ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବ କେବେ?

# ବୀରମିତ୍ରପୁର ତହସିଲ ଉପରେ ନିର୍ଭର କରି ଲୋକେ ହଟହଟା

**ରାଉରକେଲା, ୮।୫(ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ନଥିବାରୁ ନୂଆଗାଁ ବ୍ଲକବାସୀଙ୍କୁ ୫୦ କିଲୋମିଟର ଦୂର ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ହେବାକୁ ପଡୁଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ବୀରମିତ୍ରପୁର ତହସିଲର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଲାଞ୍ଚଖୋରନୀତି ଯୋଗୁଁ ଲୋକମାନେ ହଟହଟା ହେଉଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ଲୋକଙ୍କ ଜମିଜମା କାର୍ଯ୍ୟଠୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ଅବଶକୀୟ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ସମେତ ବିଭିନ୍ନ ପ୍ରକାର କାର୍ଯ୍ୟର ଆବଶ୍ୟକତାକୁ ହୃଦୟଙ୍ଗମ କରି ତତ୍କାଳୀନ ରାଜ୍ୟ ସରକାର ଗତ ୨୦୨୦ ମସିହାରେ ସବୁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ। ହେଲେ ଦୁର୍ଭାଗ୍ୟ ବିଷୟ ଇତି ମଧ୍ୟରେ ୬ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ସରକାରଙ୍କ ଏହି ଘୋଷଣା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଲୋକେ ୫୦ରୁ ୬୦ କିମି ଦୂର ବୀରମିତ୍ରପୁର ତହସିଲ ଉପରେ ନିର୍ଭର କରୁଛନ୍ତି। କୌଣସି କାମ ପାଇଁ ସେମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡ଼ି ହଟହଟା ହେଉଛନ୍ତି। ତହସିଲ କର୍ମଚାରୀଙ୍କ ମନ୍ଦ ଉଦ୍ଦେଶ୍ୟ ଜନିତ ଅସହଯୋଗ ଯୋଗୁଁ ଗୋଟିଏ କାମ ପାଇଁ ୫ ଥର ଦୌଡ଼ିବାକୁ ପଡୁଛି। ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ କିଛି ଦଲାଲଙ୍କ କବଳରେ ରହିଥିବାରୁ ଦଲାଲଙ୍କ ଜରିଆରେ ଲାଞ୍ଚ ଦେଇ କାମ କରିବାକୁ ବାଧ ହେଉଛନ୍ତି ଲୋକେ। ବ୍ଲକର ବିଭିନ୍ନ ନଦୀଘାଟରୁ ଦୈନିକ ଶହ ଶହ ସଂଖ୍ୟାରେ ଟ୍ରକରେ ବୋଝେଇ ହୋଇ ବାଲି ଚୋରା ଚାଲାଣ ହେଉଛି। ଉକ୍ତ ଅଞ୍ଚଳ ତହସିଲ କାର୍ଯ୍ୟାଳୟଠାରୁ ଦୂରରେ ରହୁଥିବାରୁ







## ହାତଗୁଞ୍ଜା ବିନା ମିଳୁନି ଜମି ପଟ୍ଟା, ଜାତିଗତ ପ୍ରମାଣ ପତ୍ର

ସେପଟେ ଡିଜିଟାଲାଜେସନ ଯୋଗୁଁ ବର୍ତ୍ତମାନ ଏ ସବୁ କାମ ଜନସେବା କେନ୍ଦ୍ର ଦ୍ୱାରା କରାଯାଉଛି। ହେଲେ ସେଠାରେ ଉତ୍ତମ ସୁବିଧା ମିଳୁନି।

ନୂଆଗାଁ ବ୍ଲକର ୪ଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଓ ବୀରମିତ୍ରପୁର ଅଞ୍ଚଳର ୩ଟି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ନେଇ ବୀରମିତ୍ରପୁର ତହସିଲ ହୋଇଛି। ମୋଟ ୭ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବୀରମିତ୍ରପୁର ତହସିଲ ଉପରେ ନିର୍ଭରଶୀଳ। ନୂଆଗାଁ ସେଠାରେ ଏହି ଚୋରା ଚାଲାଣକୁ ରୋକିବାକୁ କେହି ନାହିଁ। ଯାହା ଫଳରେ ରାଜ୍ୟ ସରକାରଙ୍କ ଏଥିପାଇଁ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି। କେବଳ ସେତିକି ନୁହେଁ ତହସିଲ କର୍ତ୍ତୃପକ୍ଷ ଖାମଖିଆଲି ନୀତି ଯୋଗୁଁ ଏବେ ବହୁ ସରକାରୀ ମୂଲ୍ୟବାନ ଜମିକୁ ସାଧାରଣ ଲୋକେ ଜବରଦଖଲ କରି ସାରିଛନ୍ତି। ଏପରିକି କିଛି ଜମି ମାଫିଆ ଜବରଦଖଲ କରି ସେହି ଜମିକୁ ପୁନର୍ବାର ପ୍ଲଟିଂ କରି ବିକ୍ରି କରିଛନ୍ତି। ଏଥିରେ ଖୋଦ ତହସିଲ କର୍ମଚାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟରେ ନିଯୁକ୍ତ ତହସିଲଦାର ଅଧିକାଂଶ ଦିନ ଅଫିସ ଆସୁ ନଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ନୂଆଗାଁ ଅଞ୍ଚଳକୁ ବୀରମିତ୍ରପୁର ଦୂରତା ଅଧିକ ଥିବା ବେଳେ ଅନ୍ୟପଟେ ତହସିଲଦାରଙ୍କ



ଅନୁପସ୍ଥିତି ଉକ୍ତ ଅଞ୍ଚଳରେ ବେଆଇନ କାର୍ଯ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି। ସେପଟେ ଜଣେ କିରାଣୀଙ୍କର ପଦୋନ୍ନତି ହୋଇଥିଲେ ହେଁ ସେ ନଯାଇ ଏଠାରେ ୫ ବର୍ଷ ହେଲା ଗାଦି ମାଡି ବସିଛନ୍ତି। ଜଣେ କିରାଣୀ ପାନପୋଷ ତହସିଲକୁ ବଦଳି ହୋଇ ଯାଇ ପୁନର୍ବାର ଧରାଧରି କରି ବୀରମିତ୍ରପୁର ତହସିଲକୁ ଫେରି ଆସିଥିବା ଜଣାପଡ଼ିଛି। ଫଳରେ ଲାଞ୍ଚ କାରବାର ଖୁଲମଖୁଲା ଚାଲିଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗତ ୨୦୦୯-୧୦ ମସିହାରେ ବିଶ୍ରା ଓ ଲାଠିକଟା ବ୍ଲକରେ ନୂଆ ତହସିଲ କାର୍ଯ୍ୟାଳୟ ଖୋଲିଥିଲା। ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକରେ ୧୮ଟି ତହସିଲ କାର୍ଯ୍ୟାଳୟ ରହିଥିବା ବେଳେ କେବଳ କୁଆଁରମୁଣ୍ଡା ବ୍ଲକରେ ୨ଟି ତହସିଲ କାର୍ଯ୍ୟାଳୟ କୁଆଁରମୁଣ୍ଡା ଓ ବୀରମିତ୍ରପୁରରେ ରହିଛି। ହେଲେ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ନାହିଁ। ତେବେ ବହୁ ଦାବୀ ପରେ ୨୦୨୫ରେ ନୂଆଗାଁ ବ୍ଲକର ଗୋପପୁର ପଞ୍ଚାୟତରେ ନୂତନ ତହସିଲ କାର୍ଯ୍ୟାଳୟ ଖୋଲାଯିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ କରାଯାଇ ୩ ଲକ୍ଷ ଟଙ୍କା ବ୍ୟୟରେ ତାର ବାଡ ନିର୍ମିତ ହୋଇଥିଲା। ଯାହା ଫଳରେ ବ୍ଲକବାସୀଙ୍କ ଆଶା ସଞ୍ଚାର ହୋଇଥିଲା। ହେଲେ ସେହି ଆଶା ଆଶାରେ ରହିଯାଇଛି। ବିଶ୍ରା ଓ ଲାଠିକଟାରେ ନୂଆ ତହସିଲ କାର୍ଯ୍ୟାଳୟ ଖୋଲିବା ଇତି ମଧ୍ୟରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ହେଁ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବ୍ଲକର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ଦିଗ ପ୍ରତି ବିଭାଗୀୟ ପଦାଧିକାରୀ ଦୃଷ୍ଟି ଦେବା ସହ ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଇଛି।

# କାଳବୈଶାଖୀ: କେନ୍ଦ୍ରିକଳାରେ ଭାଙ୍ଗିଲା ନିମ୍ବ ଗଛ



**ବଣାଇଁ, ୮।୫ (ସମିସ):** ବଣାଇଁ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ହଠାତ୍ କାଳବୈଶାଖୀ ବର୍ଷା ସହ ଜୋରଦାର ପବନ ବୋହିଥିଲା। ଏହି ଝଡ଼ ବର୍ଷାର ପ୍ରଭାବରେ କେନ୍ଦ୍ରିକଳା ଛକ ନିକଟରେ ଥିବା ଏକ ବିରାଟକାୟ ନିମ୍ବ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡ଼ିଯାଇଥିଲା। ଫଳରେ ସେଠାରେ କିଛି ସମୟ ପାଇଁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଯାତାୟାତରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଥିଲା। ଘଟଣା ପରେ ସ୍ଥାନୀୟ ଗ୍ରାମବାସୀମାନେ ତୁରନ୍ତ ଅଗ୍ନିଶମ ବିଭାଗ ଏବଂ ବିଦ୍ୟୁତ ବିଭାଗକୁ ସୂଚନା ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଗଛକୁ କାଟି ରାସ୍ତା ସଫା କରିଥିଲେ। ଗଛ ହଟାଇବା ପରେ ବିଦ୍ୟୁତ ସଂଯୋଗକୁ ପୁନଃ ସ୍ୱାଭାବିକ କରାଯାଇଥିଲା।

# ବିଶ୍ୱ ରେଡ୍‌କ୍ରସ୍ ଦିବସ

**ରାଉରକେଲା, ୮।୫ (ସମିସ):** ଭାରତୀୟ ରେଡକ୍ରସ୍ ସୋସାଇଟି ରାଉରକେଲା ସିଟି ଶାଖା ପକ୍ଷରୁ ଆଜି ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଉଦିତନଗର ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନସଂସ୍ଥାର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଦୀନା ଦସ୍ତଗୀର ମୁଖ୍ୟଅତିଥି ଭାବରେ ଯୋଗଦେଇ ନୋବେଲ ଶାନ୍ତି ପୁରସ୍କାରର ପ୍ରଥମ ବିଜେତା ହେନରୀ ଡୁରାଣ୍ଟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଦିନରେ ସମସ୍ତେ ମାନବ ସେବା ପାଇଁ ସଦା ପ୍ରସ୍ତୁତ ରହିବାର ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଗତ ବର୍ଷ ଜୁଲାଇ ମାସରୁ ଅଦ୍ୟାବଧି ରାଉରକେଲା ଅତିରିକ୍ତ ଜିଲ୍ଲପାଳ କାର୍ଯ୍ୟାଳୟର ରେଡକ୍ରସ ପାଣ୍ଠିରୁ ୨୨ ଜଣଙ୍କୁ ୨ ଲକ୍ଷ ୬୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ସର୍ବାଧିକ କର୍କଟ ରୋଗୀ ଅଛନ୍ତି। ଏହା ବ୍ୟତୀତ ଟ୍ରାଫିକ ଗେଟରେ ହୋଇଥିବା ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ୬ ଜଣ ଦୋକାନୀ, ସ୍ୱଚ୍ଛ ସାଥୀ ତଥା ନିକଟରେ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ସକାଳେ ରାଉରକେଲା





ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏହି ଶୋଭାଯାତ୍ରାରେ ସିଭିଲ ଡିଫେନ୍ସ ଭୋଲେନଟିଅର ସାମିଲ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରାଇଥିଲେ। ଏହି ସଚେତନତା ରାଲି ରାଉରକେଲା ମହାନଗରନିଗମ କାର୍ଯ୍ୟାଳୟରୁ ଆରମ୍ଭ କରି ଆମ୍ବେଦକର ଛକ ଦେଇ ଆଇଟିଡିଏ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ପାନପୋଷ ପିଏ ଆଇଟିଡିଏ ବିକ୍ରଣୀ କିସପୋଟ୍ଟା, ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉନ୍ନତ ଟ୍ରାଫିକ ପରିଚାଳନା

# ପୁନଃ ଖୋଲିଲା ଆର୍‌ଏସ୍‌ପି ପୁରାତନ ତାରାପୁର ଫାଟକ

**ରାଉରକେଲା, ୮।୫(ସମିସ):** ଟ୍ରାଫିକ୍ ପରିଚାଳନାରେ ଉନ୍ନତି ଆଣିବା ଏବଂ କାରଖାନା ଭିତରେ ଯୋଗାଣ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପୁରାତନ ତାରାପୁର ଫାଟକକୁ ମଇ ୭ ତାରିଖରେ ପୁନଃ ଖୋଲାଯାଇଛି। ଏହି ଫାଟକକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାରଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ପୁନଃ ଖୋଲାଯାଇଥିଲା। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍-ଚାର୍ଜ ଅତିଶ ଚନ୍ଦ୍ର ସରକାର, ପିପି ଆଣ୍ଡ ସି ବିଭାଗର ସିଜିଏମ୍ ସୁନୀତା ସିଂହ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ବିଜୟ କୁମାର ଏବଂ ଡେପୁଟି କମାଣ୍ଡାଣ୍ଟ ଏମ୍‌କେ ପାଠକଙ୍କ ସହ ଆରଏସପି ଏବଂ ସିଆଇଏସଏଫର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୂତନ ତାରାପୁର ଗେଟ୍‌ରେ ୨୪ ଘଣ୍ଟା ଧରି ଭାରୀ ଯାନବାହାନର ଯାତାୟାତ



ହୋଇ ଆସୁଥିଲା। ଫଳରେ ସେଥିରୁ ଭିଡ଼ ହ୍ରାସ କରିବା ନିମନ୍ତେ ପୁରାତନ ଫାଟକ ପୁନଃଖୋଲାଯାଇଛି। ସଂଶୋଧିତ ଟ୍ରାଫିକ ବ୍ୟବସ୍ଥା ଅନୁଯାୟୀ, ଯାନବାହାନଗୁଡ଼ିକ ଏବେ ପୁରୁଣା ତାରାପୁର ଫାଟକ ଦେଇ ପ୍ରବେଶ କରିବେ ଏବଂ ନୂତନ ତାରାପୁର ଫାଟକ ଦେଇ ପ୍ରସ୍ଥାନ କରିବେ। ତେବେ ପୁରାତନ ତାରାପୁର ଫାଟକକୁ ଯାନବାହାନ ଟ୍ରାକିଂ ସିଷ୍ଟମ (ଭିଟିଏସ) ସୁବିଧା ସହ ଉନ୍ନତ କରାଯାଇଛି ଯାହା କାରଖାନା ପରିସରକୁ ପ୍ରବେଶ କରୁଥିବା ଯାନବାହାନଗୁଡ଼ିକର ପ୍ରଭାବଶାଳୀ ନିରୀକ୍ଷଣ ଏବଂ ରୁଟ୍ ଟ୍ରାକିଂ କରିପାରିବ। ଏହି ପଦକ୍ଷେପ ସୁରକ୍ଷା ବୃଦ୍ଧିକୁ ସୁଦୃଢ଼ କରିବ ସହ ଯାନବାହାନ ଚଳାଚଳର ନିରୀକ୍ଷଣରେ ଉନ୍ନତ ଏବଂ କାରଖାନା ମଧ୍ୟରେ ଉତ୍ତମ ଯୋଗାଣ ପରିଚାଳନାକୁ ସହଜ କରିବ ବୋଲି ଆଶା କରାଯାଉଛି।

# ଆରଏସପି ପକ୍ଷରୁ ଶିଳ୍ପ-ଶିକ୍ଷାଗତ ସହଯୋଗ ତାଲିମ କାର୍ଯ୍ୟକ୍ରମ

**ରାଉରକେଲା, ୮।୫ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଆଇଟିଆଇ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ଶିକ୍ଷାଗତ ସହଯୋଗ ତାଲିମ କାର୍ଯ୍ୟକ୍ରମ' ଶୁକ୍ରବାର ଶୁଭାରମ୍ଭ ହୋଇଛି। ଆରଏସପି ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ୍ ପିକେ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଜିଏମ୍ ହୃଦାନନ୍ଦ ପତି ଏବଂ ଏଜିଏମ ଦୁର୍ଯ୍ୟୋଧନ ସାହୁ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ତାଲିମ କାର୍ଯ୍ୟକ୍ରମର ଉଦଘାଟନୀ ବ୍ୟାଚରେ ରାଉରକେଲାର ବିଭିନ୍ନ ପ୍ରତିଷ୍ଠାନରୁ ପ୍ରାୟ ୧୭୦ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ କାରଖାନାର ଏକ ସାରାଂଶ ଏବଂ ଅଂଶଗ୍ରହଣକାରୀ



ଛାତ୍ରମାନଙ୍କ ପାଇଁ ବିସ୍ତୃତ ସୁରକ୍ଷା ନିର୍ଦ୍ଦେଶାବଳୀ ଅନ୍ତର୍ଭୁକ୍ତ ଥିଲା। ଏହାର ଉଦ୍‌ଘାଟନୀ ଅଧିବେଶନର ଏଚଆର ଏଲଏଣ୍ଡଡି ବିଭାଗର ଆଡମିନିଷ୍ଟ୍ରେଟିଭ ଆସୋସିଏଟ ସତ୍ୟବତୀ ବେହେରା ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଅଂଶ ପ୍ରଶିକ୍ଷାର୍ଥୀମାନେ ଏଲଏଣ୍ଡଡି ବିଭାଗର ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଇଲେକ୍ଟ୍ରୋନିକ୍ସ ଲ୍ୟାବ୍, ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ, ଇଲେକ୍ଟ୍ରିକାଲ୍ ସପ, ଫିଟିଂ ସପ, ମେସିନ୍ ସପ ଏବଂ ୱେଲ୍ଡିଂ ସପ ସମେତ ବିଭିନ୍ନ ବୈଷୟିକ କ୍ଷେତ୍ରରେ କର୍ମଶାଳା ତାଲିମ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। କର୍ମଶାଳା ଅଧିବେଶନ ପରେ ଛାତ୍ରଛାତ୍ରୀମାନେ କାରଖାନାର ପ୍ରମୁଖ କାର୍ଯ୍ୟକ୍ଷମ ବିଭାଗଗୁଡ଼ିକ ମଧ୍ୟରେ ସପ୍ ଫ୍ଲୋର୍ ଏକ୍ସପୋଜର୍ ଏବଂ ବ୍ୟବହାରିକ ଶିକ୍ଷା ପାଇବେ, ଯେପରିକି ଆରଏସ (ଏମ), ମେକାନିକାଲ୍ ସପ, ଏସଏଣ୍ଡଏଫ ସପ, ଟି ଏଣ୍ଡ ଆର ଏମ, ଆର ସି ଏମ, ଆର ଏସ (ଇ), ଏଚଏମ(ଇ), ଆଇ ଏଣ୍ଡ ଏସ ଏବଂ ଏସି ବିଭାଗରେ ତାଲିମ ନେବେ। ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ, ତାଲିମ ଇଞ୍ଜିନିୟର ଏବଂ ସଂଯୋଜକମାନେ କାର୍ଯ୍ୟକ୍ରମ ସମୟରେ ତାଲିମାର୍ଥୀମାନଙ୍କୁ ତଦାରଖ ଏବଂ ପରାମର୍ଶ ଦେବେ। ଏହି ପଦକ୍ଷେପ କୌଶଳ ବିକାଶ, ଶିଳ୍ପ-ଶିକ୍ଷାକ୍ଷେତ୍ର ସହଯୋଗ ଏବଂ ସଂରଚିତ ଶିଳ୍ପ ତାଲିମ ଏବଂ ଅଭିଜ୍ଞତାମୂଳକ ଶିକ୍ଷା ସୁଯୋଗ ମାଧ୍ୟମରେ ଭବିଷ୍ୟତର ବୈଷୟିକ ମାନବଶକ୍ତିକୁ ପୋଷଣ କରିବା ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ଦୋହରାଇଛି।

## ପରିବହନ ନିୟମ ଉଲ୍ଲଂଘନ

# ବିନା ନମ୍ବର ପ୍ଲେଟ୍ ଓ ବିସ୍ଫୋରକ ଲାଇସେନ୍ସରେ ଗଡୁଛି ଡିଜେଲ୍ ଟ୍ୟାଙ୍କର୍

**ରାଉରକେଲା, ୮।୫(ସମିସ)**

ରାଉରକେଲା ପରି ଏକ ସମ୍ବେଦନଶୀଳ ଶିଳ୍ପ ସମୃଦ୍ଧ ଏବଂ ବ୍ୟସ୍ତବହୁଳ ସହର ରାସ୍ତାରେ ସୁରକ୍ଷା ନିୟମକୁ ଅବମାନନା କରିବାର ଏକ ଗୁରୁତର ଘଟଣା ସାମ୍ନାକୁ ଆସିଛି। ଡିଜେଲ ଭଳି ଜ୍ୱଳନଶୀଳ ଏବଂ ବିସ୍ଫୋରକ ପଦାର୍ଥ ପରିବହନ କରୁଥିବା ଏକ ମିନି ଟ୍ୟାଙ୍କର୍ ବିନା ନମ୍ବର ପ୍ଲେଟ୍ ଏବଂ ଆବଶ୍ୟକ ବିସ୍ଫୋରକ ଲାଇସେନ୍ସରେ ଚଳାଚଳ କରୁଥିବା କ୍ୟାମେରାରେ କଏଦ ହୋଇଛି। ଆରଏମସି ସମ୍ମୁଖ ରିଙ୍ଗ ରୋଡରେ ନିୟମ ଉଲ୍ଲଂଘନ କରି ଏଭଳି ମିନି ଟ୍ୟାଙ୍କର୍ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଗାଡ଼ିଟି



ଏକ କମ୍ପାନୀ ପାଇଁ କାମ କରୁଥିବା ବେଳେ ପଛ ନମ୍ବର ପ୍ଲେଟ୍ ସ୍ପଷ୍ଟ ଭାବରେ ଲାଗି ନଥିଲା। ଏପରିକି ଏହା ବିସ୍ଫୋରକ ପଦାର୍ଥ ପରିବହନ ପାଇଁ ଆବଶ୍ୟକ ସୁରକ୍ଷା ମାନଦଣ୍ଡ ପାଳନ କରୁଥିବା ପରି ମନେ ହେଉନଥିଲା। ଆରଏସପି ଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ଶିଳ୍ପ ଅଞ୍ଚଳରେ ଏପରି ଗାଡ଼ିର ପ୍ରବେଶ ଏବଂ ସହର ରାସ୍ତାରେ ଏହାର ଅବାଧ ଗତିବିଧି ସୁରକ୍ଷା ପ୍ରତି ଗମ୍ଭୀର ପ୍ରଶ୍ନ ଉଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯେତେବେଳେ ଡ୍ରାଇଭରଙ୍କୁ ପଚରାଯାଇଥିଲା, ସେ ତାଙ୍କର ଭୁଲ ସ୍ୱୀକାର କରିଥିଲେ। ଡ୍ରାଇଭର ଜଣକ ଏହା ମଧ୍ୟ କହିଥିଲେ ଯେ ଏହା ଏପରି କାମ କରେ। ଏହି ଉତ୍ତର ସୁରକ୍ଷା ନିୟମ ପ୍ରତି ଅବହେଳା ଏବଂ ବ୍ୟବସ୍ଥାରେ ପ୍ରଚଳିତ ଶିଥିଳତାକୁ ସ୍ପଷ୍ଟ କରୁଥିବା ସାଧାରଣରେ ଆଲୋଚନା ହେଉଛି। ବିଶେଷଜ୍ଞଙ୍କ ମତରେ, ଡିଜେଲ ଭଳି ସମ୍ବେଦନଶୀଳ ପଦାର୍ଥ ପରିବହନ ଅତ୍ୟନ୍ତ ସତର୍କତାର ସହିତ ଓ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ କରାଯିବା ଉଚିତ। କିନ୍ତୁ ଉପଯୁକ୍ତ ଲାଇସେନ୍ସ, ସୁରକ୍ଷା ଚିହ୍ନ ଏବଂ ଯାନବାହାନ ଚିହ୍ନଟ ବିନା ଏପରି ଟ୍ୟାଙ୍କର ପରିଚାଳନା ଏକ ବଡ଼ ଦୁର୍ଘଟଣାର କାରଣ ହୋଇପାରେ ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି।

# ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ





**ବଣାଇଁ, ୮।୫(ସମିସ):** ବଣାଇଁ ବ୍ଲକ କେନ୍ଦ୍ରିକଳା କ୍ଲଷ୍ଟର ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟଠାରେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ଅନୁଯାୟୀ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଗନ ବିହାରୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭକ୍ତ ବନ୍ଧୁ ଦେଓ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟ ଶଙ୍କର ଦେଓ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ରାଜୀବ ଲୋଚନ ପାତ୍ର, ମଳୟ ରଞ୍ଜନ ସାହୁ, ରୀତା ରଣା, କୁନି ପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ଗ୍ରୀଷ୍ମ ଛୁଟିରେ ଶିକ୍ଷାର୍ଥୀମାନଙ୍କୁ ଅବକାଶକାଳୀନ ଗୃହକାର୍ଯ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଶିକ୍ଷକ ସୁରେନ ବାଡା, ରଶ୍ମିତା ସେନାପତି, ଅଶ୍ୱିନୀ ଟେଟେ, ରୋହିତ କୁମାର ବେହେରା, ବୃନ୍ଦାବନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡ଼କ୍ରସ ଦିବସ

## ସମ୍ବଲପୁର ଜିଲ୍ଲା ପ୍ରଶାସନ

**ସମ୍ବଲପୁର, ୮।୫ (ସମିସ) :** ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ରେଡକ୍ରସ ସୋସାଇଟି, ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଆନ୍ଦୋଳନର ପ୍ରତିଷ୍ଠାତା ସାର୍ ଜିନ୍ ହେନେରୀ ଡୁନାଣ୍ଟଙ୍କ ଜୟନ୍ତୀ ଅବସରରେ ଆଜି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ବିଶ୍ୱ ରେଡକ୍ରସ୍ ଦିବସ' ପାଳିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ 'ମାନବିକତା ପାଇଁ ଏକଜୁଟ'କୁ ପାଥେୟ କରି ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଓ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ଜିଲ୍ଲା ପ୍ରଶାସନର କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ରକ୍ତଦାନ କରିଥିଲେ। ସମୁଦାୟ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲାବେଳେ ୬୪ ଜଣଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇଥିଲା।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲପାଳ (ସାଧାରଣ) ଅଶୋକ କୁମାର ଭୋଇ, ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲା ରେଡକ୍ରସ୍ ସୋସାଇଟି ପକ୍ଷରୁ ସର୍ବାଧିକ ଅର୍ଥରାଶି ସଂଗ୍ରହ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଡେପୁଟି କଲେକ୍ଟର (ଜୁଡିସିଆଲ) ନିରଞ୍ଜନ ସାହୁ, ଦ୍ୱିତୀୟ ସ୍ଥାନରେ ତହସିଲଦାର, ରେଢ଼ାଖୋଲ ଏବଂ ତୃତୀୟ ସ୍ଥାନରେ ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ, ବାମରା ମଙ୍ଗଳ ଉନ୍ନୟନ ବିଭାଗ, ସିଏସ୍‌ଓ (ସମ୍ବଲପୁର), ଅବକାରୀ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଆଞ୍ଚଳିକ ପରିବହନ ବିଭାଗଙ୍କୁ ରେଡକ୍ରସ୍ ପାଣ୍ଠିକୁ ସହାୟତା ପ୍ରଦାନ କରିଥିବାରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ରେଡ୍‌କ୍ରସ ପାଣ୍ଠି ସଂଗ୍ରହ ଏବଂ ନୂତନ ସଦସ୍ୟ ପଞ୍ଜୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରେମରାଜ ନିଆଲ (ନିହାଲ ସିଂ) ପୃଷ୍ଠପୋଷକ ସଭ୍ୟ, ଜିଲ୍ଲା ରେଡକ୍ରସ ଶାଖା, ମୋମିନା ଖାତୁନ ଉପପୃଷ୍ଠପୋଷକ, ଜିଲ୍ଲା ରେଡକ୍ରସ ଶାଖା, ଡାକ୍ତର ସୁଶୀଲ କୁମାର ବେହେରା ଆଜୀବନ ସଦସ୍ୟ, ଜିଲ୍ଲା ରେଡକ୍ରସ ଶାଖା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ତଥା ରେଡ୍‌କ୍ରସ ସମ୍ପାଦିକା ରୋଜଲିନା ତିର୍କୀ ପରିଚାଳନା କରିଥିଲେ।





## ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟ

ବୁର୍ଲାସ୍ଥିତ ଏନଏସି ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ରେଡ଼କ୍ରସ୍ ଦିବସ ପାଳନ କରାଯାଇଛି। ଚଳିତବର୍ଷର ବିଷୟବସ୍ତୁ 'ମାନବିକତା ମଧ୍ୟରେ ଏକତା'କୁ ନେଇ ଆଲୋଚନାଚକ୍ର ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ସୁନିତା ଦାସ ସଭାରେ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବୁର୍ଲାସ୍ଥିତ ଭୀମସାର ରେଟ୍ରୋଭାଇରାଲ୍ ମେଡିସିନ୍ ବିଭାଗର ଡାକ୍ତର ଜୟପ୍ରକାଶ ମହାପାତ୍ର ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ରେଡକ୍ରସ ସଂଗଠନର ଉତ୍ପତ୍ତି ଓ ବିବର୍ତ୍ତନ ସମ୍ବନ୍ଧରେ ଅବଗତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଏହି ସଂଗଠନର ସାତୋଟି ମୁଖ୍ୟ ନୀତି ଯଥା-ମାନବିକତା, ନିରପେକ୍ଷତା, ତଟସ୍ଥତା, ସାଧୀନତା, ସ୍ୱେଚ୍ଛାସେବା, ଏକତା ଓ ସାର୍ବଜନୀନତା ଉପରେ ବିଶଦ ଭାବରେ ବୁଝାଇବା ସହିତ ଛାତ୍ର ଜୀବନରେ ଏହାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ।ଛାତ୍ରଛାତ୍ରୀ ତାଙ୍କ ନିଜ ଅଞ୍ଚଳରେ ବାସ କରୁଥିବା ଅସହାୟ ଏବଂ ଅସୁରକ୍ଷିତ ଲୋକଙ୍କର ତାଲିକା ପ୍ରସ୍ତୁତ କରିବା ସହିତ ସେମାନଙ୍କୁ କିଭଳି ସହାୟତା ପ୍ରଦାନ କରାଯିବ ତାହାର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଶେଷରେ ଅଧାପଳ ଡ. ପଦ୍ମନାଭ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଜୁନିୟର ରେଡ଼କ୍ରସ୍ ଶାଖା ଓ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ

ସମ୍ବଲପୁର ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଶାଖା ଓ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବୁଢ଼ାରଜା ହାଇସ୍କୁଲରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ରେଡ୍‌କ୍ରସ୍ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ଦୀପ ପ୍ରଜ୍ୱଳନ ସହ ସଭା ଆରମ୍ଭ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ରେଡ୍‌କ୍ରସ୍‌ର ମହତ୍ତ୍ୱାକାଂକ୍ଷା ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀକାନ୍ତ ପଟେଲ ଯୋଗ ଦେଇଥିଲେ। ଡ. ରାଜାରାମ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍‌ର ସଫଳ ରୂପାୟନ ପାଇଁ ଜିଲ୍ଲାରେ ଥିବା ରେଡ୍‌କ୍ରସ୍ କାଉନସିଲରଙ୍କୁ ଆହ୍ୱାନ ଦେଇଥିଲେ। ବୁଢ଼ାରଜା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ପତ୍ରୀ ବିଦ୍ୟାଳୟସ୍ତରରେ ରେଡ୍‌କ୍ରସ୍‌ର ଭୂମିକା ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ କାଉନସିଲର ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ବିଶ୍ୱାମିତ୍ର ଦୀପ ପରିଚାଳନା କରିଥିବା ବେଳେ କାଉନସିଲର ପଙ୍କଜିନୀ ନାୟକ, ଫାଷ୍ଟ ଏଡ ଟ୍ରେନର୍ ଆନନ୍ଦ ଦଣ୍ଡସେନା, ପ୍ରତାପ ସେନାପତି, ଭୀମସେନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଅରୁଣୋଦୟ ବିଦ୍ୟାଳୟ

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅରୁଣୋଦୟ ବିଦ୍ୟାଳୟ ପରିସରରେ ରୋପ ଅନୁଷ୍ଠାନର ସଭାପତି ବିଭୂତି କଲ୍ୟାଣ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ଉପଜିଲ୍ଲାପାଳ ସର୍ବାନାନ ସ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡାକ୍ତର ଶରତଚନ୍ଦ୍ର ଗୌନ୍ତିଆ, ଉକ୍ତ ଅନୁଷ୍ଠାନର ସେକ୍ରେଟାରୀ ମନୋଜ କୁମାର ସାହୁ, ସାମ୍ବାଦିକ ସଞ୍ଜୟ ମିଶ୍ର, ଅଧୀଦର୍ଶିକା ରୋଜାଲିନ ପ୍ରଧାନ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ସଭାପତି ବିଭୁତିକଲ୍ୟାଣ ପଟେଲ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ସ ଉକ୍ତ ଦିବସର ମୂଳ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ରୋପ ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୟ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୁଚିଣ୍ଡା ଉପଖଣ୍ଡ ରକ୍ତ ଭଣ୍ଡାର ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜମନକିରା(ବି)ଗ୍ରାମରେ ଅବସ୍ଥିତ ଗଡ଼ସ ପାୱାର ଓ ବ୍ଲେଶିଂ ମିନିଷ୍ଟ୍ରି ଅନୁଷ୍ଠାନର ସଦସ୍ୟ ପୁନିଆ ଟପ୍ପୋ, କୁଶ ଦେହୁରୀ, ଅରବିନ୍ଦ ମାଝୀ, ଶ୍ରୀମତୀ ବଡ୍ରା, ଅନିତା ଏକ୍କା, ସଜନୀ ଶବର, ଅନିତା ମୁଣ୍ଡା, ସୁରେନ୍ଦ୍ର ବାଘ, ସରୋଜିନୀ କିସାନ, ଭାମର ମାଝୀ, ସୁନୀଲ ମିଞ୍ଜ, ରମେଶ ତାଣ୍ଡିଆ, ଛବିଳ କିସାନ ପ୍ରମୁଖ ମୋଟ ୧୩ ଜଣ ସଦସ୍ୟ ରକ୍ତଦାନ କରିଥିଲେ। ଏହାପରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରଙ୍କ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ଲୋକ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।ରୋପ ଅନୁଷ୍ଠାନର ସଂଯୋଜକ ବିମଳ ମେହେର, ଭୂମିଶ୍ୱେତା ଧୂରୁଆ, ଜୁଲି ମହନ୍ତ, ଚୁମକି ବାଘ ପ୍ରମୁଖ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନକୁ ପ୍ରାଧାନ୍ୟ

# ସମ୍ବଲପୁରରେ ହେବ ନିବେଶକ ସମ୍ମିଳନୀ

**ସମ୍ବଲପୁର, ୮।୫ (ସମିସ) :** ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେଇ ଚଳିତମାସ ଶେଷାର୍ଦ୍ଧରେ ସମ୍ବଲପୁରରେ ହେବ ନିବେଶକ ସମ୍ମିଳନୀ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଥିରେ ନିବେଶକମାନେ ଯୋଗଦେବେ।ଆଞ୍ଚଳିକ ନିବେଶକ ମାନଙ୍କୁ ପ୍ରାଥମିକତା ଦିଆଯିବ। ଏହାସହ ମହିଳା ଉଦ୍ୟୋଗୀ ମାନଙ୍କୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ବୋଲି ଜଣାପଡ଼ିଛି। ଏହି ସମ୍ମିଳନୀ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଆରମ୍ଭ ହୋଇଯାଇଛି।

ନିବେଶକ ସମ୍ମିଳନୀ ପର୍ଯ୍ୟଟନର ବିଭିନ୍ନ ସ୍କିମ୍ ଉପରେ ଆଧାରିତ ହେବ। ତନ୍ମଧ୍ୟରେ ଟୁରିଜିମ୍ ପଲିସି, ଦୁଃସାହସିକ କ୍ରୀଡ଼ା (ଆଡଭେଞ୍ଚର ସ୍ପୋର୍ଟ), ହୋମ୍ ଷ୍ଟେ ଆଦି କ୍ଷେତ୍ରରେ ଯେଉଁ ନିବେଶକମାନେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ସେମାନଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ପୂର୍ବରୁ ପ୍ରୋତ୍ସାହନ ରିହାତି ୩୦ ପ୍ରତିଶତ ଥିବାବେଳେ ତାହା ଏବେ ୪୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ନିବେଶକ ମାନଙ୍କୁ ଆକୃଷ୍ଟ କରିବାପାଇଁ ଏହି ସମ୍ମିଳନୀ ଆୟୋଜନ କରାଯାଉଛି। ଏଥିରେ ହୋଟେଲ ଶିଳ୍ପ ଏବଂ ଆନୁସଙ୍ଗିକ ପ୍ରକଳ୍ପ ସହିତ ଜଡ଼ିତ ନିବେଶକ ତଥା ଶିଳ୍ପପତି ମାନେ ଯୋଗଦେବେ। ସମ୍ମିଳନୀରେ ପର୍ଯ୍ୟଟନ ଭିତ୍ତିକ ଯୋଜନା ଗୁଡ଼ିକ ବିଷୟରେ ସବିଶେଷ ବିବରଣୀ ଉପସ୍ଥାପନ କରାଯିବ। ପର୍ଯ୍ୟଟନ ପ୍ରକଳ୍ପରେ ନିବେଶ ପାଇଁ ସ୍ଥାନୀୟ ନିବେଶକ ତଥା ମହିଳା ଉଦ୍ୟୋଗୀ ମାନଙ୍କୁ ପ୍ରାଥମିକତା ଦିଆଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିବେଶକ ସମ୍ମିଳନୀକୁ ସଫଳ କରିବାପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଦେଶ ତଥା ବିଦେଶରୁ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାପାଇଁ ହୀରାକୁଦଠାରେ ଏକ ବଡ଼ ଧରଣର ପ୍ରକଳ୍ପ ସକାଶେ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବାସହ କିଛିକାଂଶରେ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଛି। ସମ୍ବଲପୁର ତଥା ଆଖପାଖ ଅଞ୍ଚଳକୁ ନେଇ ଏକ ବୃହତ୍ ପର୍ଯ୍ୟଟନ ହବ୍‌ର ଯୋଜନା କରାଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନର ବିକାଶ ସକାଶେ ସମ୍ବଲପୁରକୁ ପ୍ରାଧାନ୍ୟ ଦିଆଯାଉଛି।

# ସ୍କୁଟିକୁ ଧକ୍କା ଦେଲା 'ଆମବସ୍', ଜଣେ ଗୁରୁତର



**ସମ୍ବଲପୁର, ୮।୫ (ସମିସ):** ସମ୍ବଲପୁରରେ ଆମବସ୍ ଦୁର୍ଘଟଣା ଘଟାଇଛି। ସ୍କୁଟିକୁ ଧକ୍କା ଦେବାସହ କିଛିବାଟ ଘୋଷାରି ନେଇଥିଲା। ସ୍କୁଟି ଚାଳକ ଜଣକ ଆହତ ହୋଇଛନ୍ତି। ତୁରନ୍ତ ତାଙ୍କୁ ଭିମ୍‌ସାରକୁ ନିଆଯାଇଥିଲା। ଅନ୍ୟପକ୍ଷରେ ବୁର୍ଲା ପୁଲିସ ବସ୍ ଚାଳକଙ୍କୁ ଅଟକ ରଖିବାସହ ବସ୍‌ଟିକୁ ଜବତ କରିଛି।

ସୂଚନା ଅନୁଯାୟୀ, ଆଜି ବୁର୍ଲା ଥାନା ଅନ୍ତର୍ଗତ ପିସି ବ୍ରିଜ୍ ନିକଟରେ ଜାତୀୟ ରାଜପଥ ନଂ.୫୩ ଉପରେ ଏକ ଆମ ବସ୍ ଜଣେ ସ୍କୁଟି ଚାଳକଙ୍କୁ ପଛରୁ ଧକ୍କା ଦେଇଛି। ଦୁର୍ଘଟଣାରେ ବୁର୍ଲାର ସୁରେନ୍ଦ୍ର ମହାନନ୍ଦ ଗୁରୁତର ଆହତ ହୋଇଛନ୍ତି। ସୁରେନ୍ଦ୍ରଙ୍କୁ ତୁରନ୍ତ ଭୀମ୍‌ସାର୍‌କୁ ନିଆଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୁସ୍କାନ ମହାନନ୍ଦଙ୍କ ଏତଲା ଆଧାରରେ ବୁର୍ଲା ଥାନାରେ କେସ୍ ନମ୍ବର ୨୦୪/୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା 'ଆମ ବସ୍' (ଓଡି-୧୫-ଏଡି-୧୧୪୭)କୁ ପୁଲିସ ଜବତ କରିବା ସହ ବସ୍ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୨୫ ତାରିଖରେ ଅଇଁଠାପାଲି ଚଳିଛକରେ ଜଣେ ବ୍ୟକ୍ତି ନିରଞ୍ଜନ ସାହୁ (୪୮) ଚାଲି ଚାଲି ଯାଉଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଆମ ବସ୍ ତାଙ୍କୁ ପଛ ପଟରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ସମୟରେ ଆମ ବସ୍ ରୁଟ୍ ଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ବସ୍ ଚାଳକମାନଙ୍କୁ ସଠିକ୍ ତାଲିମ ନଦେବା ଏବଂ କେତେକସ୍ଥଳେ ବେପରୁଆ ଗାଡ଼ିଚାଳନା ପାଇଁ ଏଭଳି ଘଟଣା ଘଟୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ସ୍ୱାସ୍ଥ୍ୟ ବିଭାଗକୁ ଗଲା ପ୍ରସୂତି ମୃତ୍ୟୁ ରିପୋର୍ଟ

**ସମ୍ବଲପୁର, ୮।୫ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ର ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଚଳିତ ମାସ ୧ରୁ ୭ ତାରିଖ ୭ ଦିନ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବାପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଆଜି ଏହାର ରିପୋର୍ଟ ଦାଖଲ କରାଯାଇଥିବା ଭିମ୍‌ସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଲାଲମୋହନ ନାୟକ ସୂଚନା ଦେଇଛନ୍ତି। କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବା ଅନ୍ୟ କାରଣ ନୁହେଁ ସଂଯୋଗବଶତଃ ଚଳିତମାସ ପ୍ରଥମ ସପ୍ତାହରେ ୭ ଦିନରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଭିମ୍‌ସାରରେ ଗତ ୭ ଦିନ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଛି। ଗତ ୧ ତାରିଖ ଦିନ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବାବେଳେ ୨ରୁ ୪ ତାରିଖ ମଧ୍ୟରେ ଆଉ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପୁଣି ୬ ତାରିଖ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ମେ ୧ରୁ ୭ ତାରିଖ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ପ୍ରସୂତି ମାନେ ବିନକା, ବୌଦ୍ଧ, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଅଞ୍ଚଳର ହୋଇଥିବା ଜଣାପଡ଼ିଛି। ଔଷଧର ପାର୍ଶ୍ୱ ପ୍ରତିକ୍ରିୟାରୁ ଏଭଳି ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ସେହି ଔଷଧ ଦିଆଯାଇଥିବା ଅନ୍ୟ ବିଭାଗର ରୋଗୀଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନାହିଁ। ନିର୍ଦ୍ଦେଶକ ଡାକ୍ତର ନାୟକଙ୍କ ଅନୁଯାୟୀ, ପ୍ରତି ମାସରେ ଭିମସାରରେ ପ୍ରାୟ ୬ ଶହ ଜଣ ପ୍ରସୂତି ଭର୍ତ୍ତିହୋଇ ସନ୍ତାନ ପ୍ରସବ କରିଥାନ୍ତି। ସେମାନଙ୍କ ମଧ୍ୟରୁ ୬-୭ ଜଣ ପ୍ରସୂତିଙ୍କ ଦୁଃଖଦ ମୃତ୍ୟୁ ହୋଇଥାଏ। ପ୍ରସୂତିଙ୍କୁ ବଞ୍ଚାଇ ନପାରିବା ଦୁଃଖର ବିଷୟ। ତେବେ, ସଂଯୋଗବଶତଃ ଚଳିତ ମାସ ପ୍ରଥମ ୭ ଦିନ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଛି।

# ବରହମ୍‌ପୁରାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଦାବି

**ସମ୍ବଲପୁର, ୮।୫ (ସମିସ) :** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବରହମ୍‌ପୁରା ହରିଜନପଡ଼ାରେ ୨୦୨୪ ମସିହାରୁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଅନୁମୋଦନ ହୋଇଛି। ଗୋଷ୍ଠୀ ଶୌଚାଳୟକୁ ଲାଗି ରହିଥିବା ସରକାରୀ ଜମିରେ ତାହା ନିର୍ମାଣ ହେବ। ଏଥିପାଇଁ ଅଞ୍ଚଳବାସୀ ଉକ୍ତ ସ୍ଥାନର ଚତୁଃପାର୍ଶ୍ୱରେ ବାଉଁଶ ବାଡ଼ ଦେଇଥିଲେ। ତେବେ, ତାହା କାଳକ୍ରମେ ଭାଙ୍ଗି ଯାଇଛି। ଏହି ପ୍ଲଟ୍‌କୁ ଲାଗି ରହିଥିବା ଜମି ମାଲିକ ସେହି ବାଡ଼ ପୁନଃନିର୍ମାଣ କରିବାକୁ ଦେଉନାହାନ୍ତି। ଏଣୁ ଆଜି ଅଞ୍ଚଳବାସୀ ସଦର ତହସିଲଦାର ଏବଂ ମହାନଗର ନିଗମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇ ଏହି ଜମିର ମାପଚୁପ କରି ସୀମା ନିର୍ଦ୍ଧାରଣ ସହ ଶୀଘ୍ର କମ୍ୟୁନିଟି ସେଣ୍ଟର ନିର୍ମାଣ କରିବାକୁ ଦାବି ଜଣାଇଛନ୍ତି।

# କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ

**ଜମନକିରା, ୮।୫(ସମିସ):** ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ପକ୍ଷରୁ କୁଲୁଣ୍ଡି, ଖରସନମାଲ ଓ ମୁଣ୍ଡେନପାଲି ପଞ୍ଚାୟତର ଏସଏସଜି ସଭ୍ୟାମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ କୈନ୍ଦ୍ରିକ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଦିଲ୍ଲୀ ଚିତ୍ତରଞ୍ଜନ ପୃଷ୍ଟି, ଏଜିଏମ୍ ଭୁବନେଶ୍ୱର ଯୋସନ୍ ସାର, ସମ୍ବଲପୁର ମଣ୍ଡଳ ମୁଖ୍ୟ ରବୀନ୍ଦ୍ର ରାଏ, ରଶ୍ମୀ ରଞ୍ଜନ ପ୍ରଧାନ, ସମ୍ବଲପୁର ଚିପ ମେନେଜର ମୌସୁମୀ ପଟେଲ, କୁଲୁଣ୍ଡି ଶାଖା ପରିଚାଳକ ଭବାନୀ ଶଙ୍କର ନେଟି ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ଓ ସଭା ପରିଚାଳନା କରିଥିଲେ କୁଲୁଣ୍ଡି ଏମ ବି କେ ଶୁଭଦ୍ରା ପଧାନ। ମହିଳା ସଭ୍ୟାମାନେ କିପରି ଆଗକୁ ବଢ଼ିବାକୁ ହେଲେ ନିଜକୁ କଣ କରିବାକୁ ସେ ବିଷୟରେ ବୁଝାଇ ଥିଲେ। ଏସଏସ୍‌ଜି ସଭ୍ୟା ଯୋଗ ଦେଇ ଥିଲେ। ସିଆରପି, ଏମବିକେ, ସମସ୍ତ ସହଜ ସେବା କେନ୍ଦ୍ର କର୍ମଚାରୀ, ବ୍ୟାଙ୍କର ସମସ୍ତ କର୍ମଚାରୀମାନେ ସହଯୋଗ କରି ଥିଲେ।

# 'ସମଲେଇ' ପ୍ରକଳ୍ପକୁ ନଷ୍ଟ କରିବା ପାଇଁ ବିଜେପି ସରକାର ପ୍ରୟାସ ଜାରି ରଖିଛି:ରୋହିତ

**ସମ୍ବଲପୁର, ୮।୫ (ସମିସ) :** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ମା' ସମଲେଶ୍ୱରୀ ମନ୍ଦିରରେ ଚାଲିଥିବା ଅବ୍ୟବସ୍ଥା ସମ୍ପର୍କରେ କ୍ଷୋଭ ପ୍ରକାଶ କରି କହିଛନ୍ତି। ଉଦ୍ଦେଶ୍ୟମୂଳକ ଭାବରେ ପୂର୍ବ ସରକାରର ବହୁ ପ୍ରତିକ୍ଷୀତ 'ସମଲେଇ' ପ୍ରକଳ୍ପକୁ ନଷ୍ଟ କରିବା ପାଇଁ ବିଜେପି ସରକାର ପ୍ରୟାସ ଜାରିରଖିଛି।ଦିନକୁ ଦିନ ପ୍ରଶାସନ ଏବଂ ସରକାରଙ୍କ ଚରମ ଅବହେଳା ଯୋଗୁଁ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବା ବହୁ ପ୍ରତିକ୍ଷୀତ 'ସମଲେଇ' ପ୍ରକଳ୍ପର ବିଭିନ୍ନ ଉପକରଣ, ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ପ୍ରକାଶ ଏବଂ ବିଭିନ୍ନ ଖବରକାଗଜରେ ବାରମ୍ବାର ଅବ୍ୟବସ୍ଥା ଏବଂ ଅବହେଳା ସମ୍ପର୍କରେ ଖବର ପ୍ରକାଶ ହେବାସତ୍ତ୍ୱେ ସରକାର ଏବଂ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁଃଖଦାୟକ।

'ସମଲେଇ' ପ୍ରକଳ୍ପ ଏବଂ ମା' ସମଲେଶ୍ୱରୀ ମନ୍ଦିର ପାଇଁ ଆଜି ଦେଶବିଦେଶରେ ପ୍ରତିଷ୍ଠିତ ଏବଂ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଏଠାକୁ ପ୍ରତିଦିନ ମା'ଙ୍କ ଦର୍ଶନ କରିବା ସହ ବୁଲିବା ପାଇଁ ଆସୁଛନ୍ତି। ଖାଲି ସେତିକି ନୁହେଁ ମା' ସମଲେଶ୍ୱରୀ ସମ୍ବଲପୁରବାସୀଙ୍କ ଭାବାବେଗ ସହ ଜଡ଼ିତ। ଆଜି ଯେଉଁଭଳି ଭାବରେ ମା' ସମଲେଶ୍ୱରୀ ମନ୍ଦିର ତଥା ପ୍ରକଳ୍ପର ରକ୍ଷଣାବେକ୍ଷଣରେ ଘୋର ଅବ୍ୟବସ୍ଥା ଚାଲିଛି, ତାହା ସମ୍ବଲପୁରବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ। ବର୍ତ୍ତମାନ ମା' ସମଲେଶ୍ୱରୀ ମନ୍ଦିର ପରିସରରେ କୋଟି କୋଟି ଟଙ୍କା ଖର୍ଚ୍ଚରେ ତିଆରି ହୋଇଥିବା ସବୁଜିମା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି, ସଫାସୁତୁରା ଅଭାବରୁ ମନ୍ଦିର ପରିସରରେ କୁଢ଼ କୁଢ଼ ଆବର୍ଜନା ଏଣେତେଣେ ପଡ଼ିରହିଥିବା ନଜିର ରହିଛି, କାନ୍ଥ ଏବଂ ଛାତରେ ବୁଢ଼ିଆଣୀ ଜାଲମାନ ଲାଗିରହିଛି। ଏପରିକି ବିଜୁଳି ପାଇଁ ଲାଗି ରହିଥିବା ସୋଲାର ପ୍ୟାନେଲ୍ ଏବଂ ସ୍ୱେରେଜ୍ ପ୍ରକଳ୍ପ ନଷ୍ଟ ହେବାର କଥା ସାମ୍ନାକୁ ଆସୁଛି। ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଠିକା ସଂସ୍ଥାକୁ ତାହାର ପ୍ରାପ୍ୟ ମିଳୁ ନ ଥିବାରୁ ବର୍ତ୍ତମାନ ନିୟୋଜିତ ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କ ଦରମା ମଧ୍ୟ ଦୀର୍ଘଦିନ ହେଲା ବନ୍ଦ ରହିଛି ଏବଂ କର୍ମଚାରୀମାନେ ମଧ୍ୟ କାର୍ଯ୍ୟକୁ ଆସୁନାହାନ୍ତି, ଯାହା ସରକାର ଏବଂ ପ୍ରଶାସନର ଚରମ ଅବହେଳାକୁ ପ୍ରକାଶ କରୁଛି। ମନ୍ଦିରରେ ଚାଲିଥିବା ମଦମାଂସର ଆସରକୁ ଉପରେ ମଧ୍ୟ ତୀବ୍ର ଅସନ୍ତୋଷ ଏବଂ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଜୁ ଜନତା ଦଳ ପକ୍ଷରୁ ବିଗତ ଦିନରେ ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ଦିଆଯାଇଥିଲା, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କିଛି କାର୍ଯ୍ୟକାରୀ ହୋଇପାରିଲା ନାହିଁ।ସରକାର ନିଜର ମନୋଭାବ ପରିବର୍ତ୍ତନ କରି ଅବିଳମ୍ବେ ହସ୍ତକ୍ଷେପ କରି ଅବ୍ୟବସ୍ଥା ସବୁକୁ ସୁଧାରିବାକୁ ତୁରନ୍ତ ଚେଷ୍ଟା କରନ୍ତୁ, ନଚେତ୍ ପଶ୍ଚିମ ଓଡ଼ିଶାବାସୀ କେବେ ସରକାରଙ୍କୁ କ୍ଷମା ଦେବେ ନାହିଁ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

# ଏମ୍‌ସିଏଲ୍ ଏବଂ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ସମ୍ବଲପୁର, ୮।୫ (ସମିସ) :** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) କମ୍ପାନୀର କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଡିଜିଟାଲ୍ ରୂପାନ୍ତରଣ ଦିଗରେ ପଦକ୍ଷେପ ଗ୍ରହଣ କରି କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ମେସିନ୍ ଲର୍ଣ୍ଣିଂ (ଏମ୍‌ଏଲ୍) କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପାଇଁ ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍), ସମ୍ବଲପୁର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏମ୍‌ସିଏଲର ଅଧକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ଏବଂ ଆଇଆଇଏମ ସମ୍ବଲପୁର ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ସହଭାଗିତା ଅଧୀନରେ ଆଇଆଇଏମ ସମ୍ବଲପୁର ଦ୍ୱାରା ଏମ୍‌ସିଏଲ୍‌ର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଅଧିକାରୀଙ୍କୁ କୋଇଲା ଏବଂ ଶକ୍ତି କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ବିଶେଷ ଏଆଇ ଏବଂ ଏମ୍‌ଏଲ୍ ପାଠ୍ୟକ୍ରମରେ ତାଲିମ ପ୍ରଦାନ କରାଯିବ। ଏହି କଷ୍ଟମାଇଜ୍‌ଡ ପାଠ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଅଧିକାରୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ନିପୁଣ କରିବା, ଯାହାଦ୍ୱାରା ସେମାନେ ଜଟିଳ ବ୍ୟବସାୟିକ ଆହ୍ୱାନ ଗୁଡ଼ିକର ସମାଧାନ କରିବା ସହ ସଂସ୍ଥାର କାର୍ଯ୍ୟଧାରାରେ ନୂତନତା ଏବଂ ଦକ୍ଷତା ଆଣିପାରିବେ। ଏହି ଅବସରରେ ସିଏମ୍‌ଡି ଶ୍ରୀ କାଓଲେ ସଂଗଠନର କାର୍ଯ୍ୟଦକ୍ଷତା ବୃଦ୍ଧିରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ ମତ ପ୍ରକାଶ କରିଛନ୍ତି ଯେ ସଠିକ୍ ନିଷ୍ପତ୍ତି ଗ୍ରହଣ କରିବା ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ବର୍ତ୍ତମାନ ସମୟର ଅପରିହାର୍ଯ୍ୟ ଆବଶ୍ୟକତା ଅଟେ।

## ■ ସମ୍ବଲପୁରର ବିଭିନ୍ନ ଥାନା ଅଞ୍ଚଳରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

# ଡିଜିଟାଲ ସୁରକ୍ଷା ନେଇ କିଶୋରଙ୍କୁ ସଚେତନ

**ସମ୍ବଲପୁର, ୮।୫(ସମିସ):** ସମ୍ବଲପୁର ପୋଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ବିଭିନ୍ନ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ବଲପୁରର ଟାଉନ ଥାନା, ଧନୁପାଲି ଥାନା, ଅଇଁଠାପାଲି, ବରେଇପାଲି, ସଦର, କ୍ଷେତରାଜପୁର, ବୁର୍ଲା ଓ ରେଙ୍ଗାଲି ଥାନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କିଶୋର ଓ କିଶୋରିଙ୍କ ମଧ୍ୟରେ ଡିଜିଟାଲ୍ ସୁରକ୍ଷା ଏବଂ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶା ପୋଲିସ ଏବଂ ୟୁନିସେଫ୍‌ର ମିଳିତ ପ୍ରୟାସରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ବୁର୍ଲା ଥାନାରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଥାନାରେ ଅନେକ କିଶୋର ଓ କିଶୋରୀ ଯୋଗ ଦେଇଥିଲେ। ଆଜିର ଡିଜିଟାଲ୍ ଯୁଗରେ ପିଲାମାନେ ଇଣ୍ଟରନେଟ୍‌ରେ ଅଧିକ ସମୟ ବିତାଉଥିବା ବେଳେ ସେମାନଙ୍କୁ ସାଇବର ଅପରାଧ, ଅଶ୍ଳୀଳ ବିଷୟବସ୍ତୁ ଏବଂ ଅନଲାଇନ୍ ଶୋଷଣରୁ ରକ୍ଷା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଥିଲା।ଏହି କ୍ରମରେ ବିଭିନ୍ନ ଥାନାରେ ଏହି ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଡିଜିଟାଲ୍ ହାଇଜିନ୍, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ଏବଂ ସାଇବର ହେଲ୍ପଲାଇନ ନମ୍ବର ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଶିଶୁ କଲ୍ୟାଣ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ପିଲାମାନଙ୍କୁ ଡିଜିଟାଲ୍ ଦୁନିଆରେ ନିଜର ଅଧିକାର ଓ ସୁରକ୍ଷା ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।




# ଭୀମମଣ୍ଡଳୀର ବିକାଶ ପାଇଁ ୮.୩ କୋଟି ମଞ୍ଜୁର

**ସମ୍ବଲପୁର, ୮।୫ (ସମିସ)**

୨୦୨୫ ମସିହା ଫେବୃଆରୀ ମାସରେ ସମ୍ବଲପୁର ଜିଲ୍ଲାରେ ଥିବା ୭ଟି ପର୍ଯ୍ୟଟନସ୍ଥଳୀ ସହିତ ଯୋଡ଼ି ହୋଇଥିଲା ଭୀମମଣ୍ଡଳୀ ଓ ଦେବଝରଣ। ନୂତନ ରୂପ ପାଇବ ଭୀମମଣ୍ଡଳୀ। ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍ ବିକାଶ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ୮ କୋଟି ୩୦ ଲକ୍ଷ ୮୭ ହଜାର ଟଙ୍କା। ପ୍ରାରମ୍ଭିକସ୍ତରରେ କାର୍ଯ୍ୟ ଆରମ୍ଭ ପାଇଁ ୨୦୨୬-୨୭ ସକାଶେ ୩ କୋଟି ୩୨ ଲକ୍ଷ ଟଙ୍କା ପାଣ୍ଠି ଆସିଥିବା ଜଣାପଡ଼ିଛି। ଏହି ଅର୍ଥରେ ଭୀମମଣ୍ଡଳୀର ଭବ୍ୟ ପ୍ରବେଶ ତୋରଣ, ପ୍ରବେଶ ପଥ, କ୍ୟାମ୍ପ ଅଫିସ, ପାର୍କିଙ୍ଗ, ଶୌଚାଳୟ ଓ ପାନୀୟ ଜଳଯୋଗାଣ, ଚଲାପଥ, ଡ୍ରେନ ସହ ଗାଡ୍‌ୱାଲ, ପୋଲ, ଘାଟ, ଭ୍ୟୁ-ପଏଣ୍ଟ, ବସିବା ପାଇଁ ସ୍ଥାନ, ସୌରଶକ୍ତି ବ୍ୟବସ୍ଥା ଏବଂ ପର୍ଯ୍ୟଟକଙ୍କ ପାଇଁ ଉନ୍ନତମାନର ବିଶ୍ରାମଗୃହ ଆଦି ନିର୍ମାଣ ହେବ। ସମ୍ବଲପୁର ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଅଧିକ ସୁଦୃଢ଼ କରିବାସହ ଏହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଅଞ୍ଚଳବାସୀଙ୍କ ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ଏହା ଉନ୍ନତି ଆଣିପାରିବ।





ଭୀମମଣ୍ଡଳୀ ଗୁମ୍ଫା ନାକଟିଦେଉଳ ବନାଞ୍ଚଳ ମଧ୍ୟରେ ଅବସ୍ଥିତ। ସମ୍ବଲପୁର ସହରରୁ ୯୨ କିଲୋମିଟର ଏବଂ ନାକଟିଦେଉଳରୁ ୧୫ କିଲୋମିଟର ଦୂରରେ, ଏହି ଅଞ୍ଚଳ ଏହାର ପ୍ରାଚୀନ ଶୈଳଚିତ୍ର ଏବଂ ପୌରାଣିକ ସମ୍ପର୍କ ପାଇଁ ପ୍ରସିଦ୍ଧ। ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ, ଯାହା ଐତିହାସିକ ଗୁରୁତ୍ୱ, ପ୍ରାଚୀନ ପ୍ରସ୍ତର କଳା ପାଇଁ ଜଣାଶୁଣା। ଏହି ଗୁମ୍ଫାରେ ଭଗବାନ ଶିବ ଏବଂ ପାର୍ବତୀଙ୍କୁ ଗୁପ୍ତେଶ୍ୱର ରୂପରେ ପୂଜା କରାଯାଏ। ଏହି ସ୍ଥାନରେ ୨୦, ୦୦୦ ବର୍ଷରୁ ଅଧିକ ପୁରୁଣା ପ୍ରସ୍ତର ଚିତ୍ର ଏବଂ ପଥର ଶିଳାଲେଖ ଅଛି। ଭୀମମଣ୍ଡଳୀ ଗୁମ୍ଫାଗୁଡ଼ିକ ପ୍ରାଚୀନ ପ୍ରସ୍ତର ଯୁଗରୁ ନୂତନ ପ୍ରସ୍ତର ଯୁଗ (ନିଓଲିଥିକ୍) ପର୍ଯ୍ୟନ୍ତ ପ୍ରାଚୀନ ମାନବଙ୍କ ପାଇଁ ଆଶ୍ରୟସ୍ଥଳ ଭାବରେ କାର୍ଯ୍ୟ କରିଥିଲା। ମହାଭାରତ ସମୟରୁ ପାଣ୍ଡବମାନଙ୍କ ସହିତ ଏହା ଜଡ଼ିତ ବୋଲି ବିଶ୍ୱାସ ରହିଛି। ଏହି ଗୁମ୍ଫା କଡ଼ରେ ଚମ୍ପାଲୀ ନଦୀ ପ୍ରବାହିତ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପ୍ରଫେସର ଡଃ ଅତୁଲ କୁମାର ପ୍ରଧାନଙ୍କ ଅନୁଯାୟୀ, ଭୀମମଣ୍ଡଳୀ ଗୁମ୍ଫା ୨୦ ହଜାର ବର୍ଷ ପୁରୁଣା, ଏହା କେବଳ ଐତିହାସିକ ନୁହେଁ ଏହା ସାରା ଭାରତର ଏକ ଅମୂଲ୍ୟ ସମ୍ପଦ। ଏହାର ବିକାଶ ପାଇଁ ଅନୁଦାନ ମଞ୍ଜୁର କରାଯାଇଥିବାବେଳେ ତାହା ଭାରତ ନୁହେଁ, ବିଦେଶରୁ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ସେ କହିଛନ୍ତି।



## ଧାନ ମଣ୍ଡିକୁ ଆସିଲା ମାତ୍ରେ କିଣାଯାଉ



**ଅତାବିରା, ୮ । ୫(ସମିସ):** ଆଗାମୀ ୧୧ ତାରିଖରୁ ଚଳିତ ରବି ଫସଲର ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ଆଗାମୀ ଜୁନ ଶେଷ ସୁଦ୍ଧା ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ବେଳେ ପ୍ରତି ଥର ଧାନକ୍ରୟ ନେଇ ବିଭ୍ରାଟ ଦେଖା ଦେଇଥାଏ । ଏ ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବୈଠକ ସଭାପତି ଭୁବନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସପ୍ତାହେ ପରେ ଏକ ବାତ୍ୟା କିମ୍ବା ଲଘୁଚାପ ବର୍ଷା ଆସିବାର ପାଣିପାଗ ବିଭାଗ ଆଗୁଆ ସୂଚନା ଦେଉଛି । ଜୁନ ପ୍ରଥମ ସପ୍ତାହ ପରେ ପ୍ରାୟତଃ ପ୍ରାକ୍ ମୌସୁମୀ ବର୍ଷା ଆସି ଥାଏ । ବର୍ଷାକୁ ଦୃଷ୍ଟିରେ ରଖି ଧାନ ସଂରକ୍ଷଣ କରିବା ପାଇଁ ଭିତ୍ତିଭୂମି, ପଲିଥିନ ଆଦି ମହଜୁତ ରଖିବାକୁ ଦାବି କରାଯାଇଥିଲା । ଜୁନ ଶେଷ ସୁଦ୍ଧା ସମସ୍ତ ଧାନ ଉଠାର ବ୍ୟବସ୍ଥା କରିବା ସହ ମଣ୍ଡିରେ ଚାଷୀ ଧାନ ଆଣିଲା ମାତ୍ରେ ଧାନ କିଣାଯାଉ ବୋଲି ଦାବି କରାଯାଇଥିଲା । ଏହାର ସାଂଗଠାନିକ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ବୃନ୍ଦଦେବ ନନ୍ଦ, ଟିକେଲାଲ ମିଶ୍ର, ସୁରେଶ କର୍ଣ୍ଣ, ଦଶରଥ ଭୋଇ, ଅମୂଲ୍ୟ ସ୍ୱାଇଁ, ଆକାଶ ପ୍ରଧାନ, ସମୀର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସରପଞ୍ଚ ସମେତ ୫ ଗିରଫ

### ଟ୍ରକ୍‌ରୁ ୧୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣା

**ବରଗଡ଼, ୮ ।୫(ସମିସ)**



ବରଗଡ଼ ପୁଲିସ ଜିଲ୍ଲାରେ ନିଶା କାରବାର ବିରୋଧୀ ଅଭିଯାନକୁ ଅଧିକ କଡାକଡି କରାଯାଇଛି । ଝାରବନ୍ଧ ପୁଲିସ ବଡ଼ ସଫଳତା ମିଳିଛି । ସରଗୁଲ ଛକ ନିକଟରେ ଏକ ଟ୍ରକ୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟି ମୀନାଙ୍କ ନିର୍ଦ୍ଦେଶକ୍ରମେ ଏବଂ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବରଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ଥାନା ପୋଲିସ ଚଢ଼ଉ କରି ଟ୍ରକ୍‌ରୁ ୧୯କ୍ୱିଣ୍ଟାଲ ୧୪ କେଜି ଗଂଜେଇ ଜବତ କରିଥିଲା । ଚୋରାଚାଲାଣରେ ବ୍ୟବହୃତ ଯାନବାହନକୁ ମଧ୍ୟ ଜବତ କରାଯାଇଛି । ଘଟଣାକୁ ନେଇ ଝାରବନ୍ଧ ଥାନା କେସ ନମ୍ବର ୬୫/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର କାଲୁ, ସଲଡିହି ଗ୍ରାମର ଶଙ୍କର ନାଏକ, ଲୋହରସିଂହ ଗ୍ରାମର ଭରତରାମ ପଟେଲ, ପୁଟୁକିଡୁଙ୍ଗୁରି ଗ୍ରାମର ବାସିନ୍ଦା ତଥା ଗୋଠୁଗୁଡା ସରପଞ୍ଚ ପ୍ରୀତମ ନାଏକ ଓ କପାଟି ଗ୍ରାମରଭୋଜରାଜ ପଟେଲ । ସମସ୍ତଙ୍କୁ ପଦ୍ମପୁର ଏଡିଜେ କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଘଟଣାରେ ଆଉ କେହି ଜଡିତ ଅଛନ୍ତି କି ନାହିଁ ପୁଲିସ ତଦନ୍ତ ଚଳାଇଛି ।

## ଯୁବକକୁ ଅପହରଣ କରି ମାଡ଼ମାରି ରାସ୍ତାରେ ଫିଙ୍ଗିଦେଲେ

**ବରଗଡ଼, ୮ । ୫(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ସାରଙ୍ଗପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଛି ।ଗୋଟିଏ ସ୍କୋର୍ପିଓରେ ୮ ଜଣ ଯୁବକ ଆସି ନିଜକୁ ମେଲଛାମୁଣ୍ଡା ପୁଲିସ କହି ସାରଙ୍ଗପୁରଗ୍ରାମର ନିଳାଞ୍ଚଳ ଦରୁଆନଙ୍କୁ ରାତି ଗୋଟାଏ



ତିରିଶରେ ଥାନାକୁ ଚାଲ କହି ଉଠାଇ ଆଣିଥିଲେ । ସମାନେ ଦିପ୍ତିପୁର -ଗନିଆ ପାଲି ଦେଇ ନଅଗାଁ ପର୍ଯ୍ୟନ୍ତ ନେଇ ସେଠାରେ ନିର୍ଦ୍ଧୁମ ମାଡ ମାରିଥିଲେ । ପରେ ରାତି ୩ ଟାରେ ରାସ୍ତାରେ ଛାଡି ଦୁର୍ବୃତ୍ତ ଚାଲି ଯାଇଥିଲେ । ଭୁବନେଶ୍ୱର ବାଲିଅନ୍ତାର ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଆଜି ପଦ୍ମପୁର ଉପଖଣ୍ଡରେ ଏହି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମେଲଛା ମୁଣ୍ଡା ଥାନା ଅଧିକାରୀ ମନୋହର ପ୍ରଧାନ କହିଛନ୍ତି ଘଟଣାର ଖବର ପାଇଲା ପରେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ସବୁ ଯାଞ୍ଚ କରାଯାଇଛି । ଗାନିଆପାଲି ଠାରେ ରାତି ୧.୪୦ରେ ଏକ ଧଳା ସ୍କୋର୍ପିଓ ଯିବାର ଦେଖା ଦେଇଛି ହେଲେ ନମ୍ବର୍ କିଛି ଜଣାପଡୁନି । ପୁଲିସର ନା ନେଇ କାହିଁକି ଏମିତି କଲେ, କୋଉ ମାନେ କରିଛନ୍ତି ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଥିବା ଏସ୍‌ଡିପିଓ ପାଣ୍ଡବ ଶବର କହିଛନ୍ତି ।

## ଝାରବନ୍ଧ ସହରରେ ପୁଲିସର ଫ୍ଲାଗମାର୍ଚ୍ଚ



**ଝାରବନ୍ଧ, ୮ ।୫(ସମିସ):** ବହୁଚର୍ଚ୍ଚିତ ଗଂଜେଇ ଚାଲାଣ ମାମଲାରେ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଝାରବନ୍ଧ ଅଞ୍ଚଳରେ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଅପରାଧ ନିୟନ୍ତ୍ରଣ ଓ ଅସାମାଜିକ ତତ୍ୱଙ୍କ ଉପରେ ନଜର ରଖିବା ଉଦ୍ଦେଶ୍ୟରେ ପୁଲିସ ଫ୍ଲାଗ ମାର୍ଚ୍ଚ କରିଛି ।ପାଇକମାଳ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ସୁଦୀପ୍ତ ସାହୁ ଓ ଝାରବନ୍ଧ ଥାନା ଏସଆଇ ଗୟାରାମ ଷଣ୍ଢଙ୍କ ଙ୍କ ସମେତ ପୋଲିସ ବାହିନୀ ଝାରବନ୍ଧ ବଜାର ସମେତ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପଦଯାତ୍ରା କରିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବରଗଡ଼, ୮ ।୫(ସମିସ):** ବରଗଡ଼ ବ୍ଲକ ବଗେଇବିରା ଗ୍ରାମର ରାଇଦାମୋଦର ମନ୍ଦିର କମିଟୀ ଦ୍ୱାରା ବହୁ ପ୍ରସିଦ୍ଧ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ନାମଯଜ୍ଞ ମଣ୍ଡପ ରାଇଦାମୋଦର ମନ୍ଦିର ସମ୍ମୁଖରେ ଗୁରୁବାର ଦିନ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି । ଗୁରୁବାର ସକାଳ ୮.୩୦ ଘଣ୍ଟା ଶୁଭଲଗ୍ନ ସମୟରେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ହାତରେ ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନା କରିଛନ୍ତି । ନାମଯଜ୍ଞର ପରିଚାଳନା ସମିତିର ସଭାପତି ମନୋହର ବିଭାର, ଉପସଭାପତି ରାଜୀବ କୁଅଁର, ସଦସ୍ୟ ବାହାକ ରାଜକୁମାର ମଲ୍ଲିକ, ମନବୋଧ ଭୋସାଗର, ଦୁର୍ବାସା ତାଣ୍ଡି, ନରେନ୍ଦ୍ର ତାଣ୍ଡି, ନିବାସ ତାଣ୍ଡି, ବାହାକ ଶ୍ରୀକାନ୍ତ ବିଭାର, ଚନ୍ଦନ ଦରଦ ମେଘ ପ୍ରମୁଖଙ୍କ ସମେତ ଗ୍ରାମର ଜନସାଧାରଣ ଓ ଯୁବ ଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷ ନାମଯଜ୍ଞ ଆସନ୍ତା ୨୯ ତାରିଖ ଦିନ ଅପରାହ୍ନ ୩ ଘଣ୍ଟା ସମୟରେ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ସନ୍ଧ୍ୟା ୫ଟା ସମୟରେ ଅଷ୍ଟ ପ୍ରହର ନାମ ଯଜ୍ଞର ପୂର୍ଣ୍ଣାହୂତି ପଡ଼ିବ ।ନଗର ପରିକ୍ରମା ସହ ଦଧି ହାଣ୍ଡି ଭଞ୍ଜନ ହେବ ବୋଲି ସଭାପତି ଶ୍ରୀ ବିଭାର ସୂଚନା ଦେଇଛନ୍ତି । ଆୟୋଜକ ରାଇଦାମୋଦର ମନ୍ଦିର କମିଟୀ ବଗେଇବିରା ସମେତ ପ୍ରଭୃତି ନାମକରା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିବେ ବୋଲି ସୂଚନା ମିଳିଛି ।

## ୧୨୦୦ଲିଟର ପୋଚ ନଷ୍ଟ, ମଦ ଜବତ



**ଅମ୍ବାଭୋନା, ୮ ।୫ (ସମିସ):** ଅମ୍ବାଭୋନା ଥାନା ଅଧୀନରେ କେସ୍ ନମ୍ବର ୭୬/୨୬ରେ ଏକ୍ସାଇଜ୍ ଆଇନର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି ।ସୂଚନା ଅନୁସାରେ, ଅମ୍ବାଭୋନା ପୁଲିସ ଟିମ୍ ତିଲେଇମାଲ ଓ ପରୁଆଭାଡି ଜଙ୍ଗଲରେ ଅତର୍କିତ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ପ୍ରାୟ ୧୨୦୦ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୮୫ ଲିଟର ଦେଶୀ ମଦ ଜବତ କରାଯାଇଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି । ଜଡିତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ, ତିଲେଇମାଲ ଅଞ୍ଚଳରେ ପୂର୍ବରୁ ମଧ୍ୟ ଚଢ଼ଉରେ ବହୁ ପରିମାଣର ମହୁଲା ପୋଚ ଓ ଅବୈଧ ମଦ ଜବତ ହୋଇଥିବା ଦେଖାଯାଇଛି ।

## ବାଉଁଶ କ୍ଲଷ୍ଟରରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ

**ଝାରବନ୍ଧ, ୮ ।୫(ସମିସ):** ବାଉଁଶ ଉପକ୍ଷେତ୍ରର ବିକାଶ ଓ ଗ୍ରାମୀଣ ଜୀବିକାରେ ଏହାର ସମ୍ଭାବନାକୁ ନଜରରେ ରଖି ଓରିଏଣ୍ଟେସନ କାର୍ଯ୍ୟକ୍ରମ ଝାରବନ୍ଧ ପଞ୍ଚାୟତ ସମିତି ସଭା ଗୃହରେ ଆୟୋଜିତ ହୋଇଯାଇଛି । ବିଡିଓ ପର୍ଶୁରାମ ପଣ୍ଡା, ଡିପିଏମ (ଓଏଲଏମ) ସ୍ମରଣିକା ମହାପାତ୍ର, ୱାଇ.ପି ରୀତିକା, ଜିଲ୍ଲା ଏମଆଇଏସ ଅମିତ ଛତ୍ରୀ ଏବଂ ତାଲିମଦାତା ଈଶ୍ୱର ପ୍ରଧାନ ଉପସ୍ଥିତ ରହି ବାଉଁଶ ଆଧାରିତ ଜୀବିକାର ସୁଯୋଗ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଭୂମିକା ଓ ବଜାର ସଂଯୋଗ ବିଷୟରେ ଆଲୋଚନା କରିଥିଲେ । ବାଉଁଶ ଚାଷ କ୍ଲଷ୍ଟର ଏବଂ ଉପକ୍ଷେତ୍ରର ଉନ୍ନତି, ପ୍ରଶିକ୍ଷଣ ଏବଂ ରୋଜଗାର ସୃଷ୍ଟି, ବଜାର ଚାହିଦା, ଜୈବିକ ପ୍ରଣାଳୀରେ ଚାଷ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ ।କାର୍ଯ୍ୟକ୍ରମକୁ ବିପିଏମ୍ ସତ୍ୟ କୁମ୍ଭାର ପରିଚାଳନା ଦାୟିତ୍ୱ ସଫଳତାର ସହ କରିଥିଲେ ।ପାଞ୍ଚ ପଞ୍ଚାୟତର ସିଆରପି ଏମବିକେ ଅଂଶଗ୍ରହଣ କରିଥିଲେ ।

## ଝାରବନ୍ଧ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

**ଝାରବନ୍ଧ, ୮ ।୫(ସମିସ):** ଶିଶୁଙ୍କ ପାଇଁ ପୁଲିସ ଥାନାକୁ ଅଧିକ ସୁରକ୍ଷିତ, ସହଜ ଓ ଭୟମୁକ୍ତ ପରିବେଶରେ ପରିଣତ କରିବା ଉଦ୍ଦେଶ୍ୟରେ ଝାରବନ୍ଧ ଥାନାରେ ଶିଶୁ ଅନୁକୂଳ ଥାନା ଓ ଶିଶୁ ମିତ୍ର ପୁଲିସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଶୁମାନଙ୍କ ସହ ପୁଲିସର ବ୍ୟବହାର କିପରି ସହାନୁଭୂତିଶୀଳ, ସମ୍ମାନଜନକ ଓ ଭୟମୁକ୍ତ ହେବା ଉଚିତ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ପୁଲିସ ସବୁବେଳେ ଶିଶୁଙ୍କୁ ହସମୁଖରେ ସ୍ୱାଗତ କରିବା, ସହଜ ଭାଷାରେ କଥାହେବା, ଧୈର୍ଯ୍ୟର ସହ ତାଙ୍କ କଥା ଶୁଣିବା ଓ ସେମାନଙ୍କ ମନରେ ଭରସା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ବିଶ୍ୱ ରେଡ୍‌କ୍ରସ ଦିବସ

**ଭଟଲି, ୮ ।୫ (ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ସତିହାରୀ ବାଳିକା ହାଇସ୍କୁଲରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଭୁପେଶ ପାଢ଼ୀ, ସମ୍ମାନିତ ଅତିଥି ଭାବରେ ଏବିଇଓ ରୀତାରାଣୀ ତ୍ରିପାଠୀ, ସିଆରସି ଲୋକନାଥ ମେହେର, ଅମ୍ବାଭୋନା ବ୍ଲକ ଜୁନିଅର୍ ରେଡ୍‌କ୍ରସ କାଉନସେଲର ସଞ୍ଜୟ ଖମାରୀ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା ।ଜୁନିଅର୍ ରେଡକ୍ରସ କାଉନସେଲର ଜ୍ୟୋସ୍ନା ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ବନ୍ଦିତା ପଧାନ, ଅନୀମା ବାରିକ, ଡାଲେଶ୍ୱରୀ ପଟେଲ, ଶିକ୍ଷକ ଜ୍ଞାନ ରଞ୍ଜନ ଭୋଇ, କିଶୋର ପ୍ରଧାନଙ୍କ ସମେତ ବିଦ୍ୟାଳୟର ଜୁନିଅର୍ ରେଡକ୍ରସର ସମସ୍ତ ସଦସ୍ୟା ସକ୍ରିୟ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ୨ ପାଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୧୩ଦିନିଆ ରକ୍ତଦାନ ଶିବିର

### ସପ୍ତମ ଦିନରେ ୫୧ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୮ । ୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ରକ୍ତ ଭଣ୍ଡାର ରେ ରକ୍ତ ର ଅଭାବ କୁ କିଛି କାଂଶ ରେ ଦୂର କରିବା ପାଇଁ




ରବିଶଙ୍କର ଜିଙ୍କ ଜନ୍ମଦିନ ଅବସରରେ ନିଷ୍ଠା ପରିବାର, ଇଭିନିଙ୍ଗ ଗ୍ରୁପ ଓ ଆର୍ଟ ଅଫ ଲିଭିଂ ପରିବାରର ମିଳିତ ଆନୁକୂଲ୍ୟରେ ୧୩ଦିନିଆ ରକ୍ତଦାନ ଶିବିରର ଶୁକ୍ରବାର ସପ୍ତମ ଦିନରେ ବରଗଡ଼ରେ ୱାର୍ଡ ନମ୍ବର ୦୧ ପ୍ରଗତୀ କ୍ଲବ୍ ପାଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ବରେଣ୍ୟ ଅତିଥି ଭାବରେ ଇଭିନିଙ୍ଗ ଗ୍ରୁପର ସଭାପତି ବିକି ପଧାନ, ବ୍ରହ୍ମା ମହାକୁଡ଼, ଠିକାଦାର ସଂଘର ସଭାପତି ସୁଧାଂଶୁ ଗଡ଼ତିଆ ଓ ଉତ୍ତମ ଜେନା ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ । ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ଇଭିନିଙ୍ଗ ଗ୍ରୁପର ଚିନ୍ମୟ ଦାଶ, ଦିବାକର ସାହୁ, ସୁମିତ ରଥ, କ୍ରୀଷ୍ଣା କୈବର୍ତ୍ତ, ହେପି ପାଣି, ସିବୁ ମିଶ୍ର, ବଣ୍ଟି ପାଣି, ଚନ୍ଦନ ମେହେର, ଅଭିଷେକ ଗଡ଼ତିଆ, ସିକନ ଗଡ଼ନାୟକଙ୍କ ସହ ଅନ୍ୟ ସଦସ୍ୟ ତଥା ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂର ସଦସ୍ୟଙ୍କ ସହ ୱାର୍ଡ ନମ୍ବର ୦୧ ପଡ଼ାବାସୀ ପରିଚାଳନା କରିଥିଲେ । ସମସ୍ତ ରକ୍ତଦାତା, ସହଯୋଗୀ, ଶୁଭେଚ୍ଛୁଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

### ବରପାଲି ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ବରପାଲି, ୮ । ୫(ସମିସ):** ୧୩ ଦିନିଆ ରକ୍ତଦାନ ଶିବିରର ଅଷ୍ଟମ ଦିନରେ ବରପାଲିସ୍ଥିତ ଗଙ୍ଗାଧର କ୍ଲବ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ବାସୁଦେବ ପଧାନ, ସତ୍ୟନାରାୟଣ ପଧାନ, ଅର୍ଜୁନ ସାହୁ, ବଣ୍ଟି ତ୍ରିପାଠୀ, ଶ୍ରଦ୍ଧାଞ୍ଜଳୀ ତ୍ରିପାଠୀ, ଲକ୍ଷ୍ମୀ ପ୍ରସାଦ ସାହୁ, ସୁନୀତି ସାହୁ, ସୁଦାମ ପ୍ରଧାନ, ସୁବ୍ରତ ଦାଶ, ନେତ୍ରାନନ୍ଦ ପଧାନ, ରୀନା ଦାଶ, ଆଲୋକ ରାଉତ, ଅମର ବେହେରାଙ୍କ ସହ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂର ସଦସ୍ୟ ସଦସ୍ୟା ମାନେ ସୁପରିଚାଳନା କରିଥିଲେ ।

## ହୋଟେଲ ବ୍ୟବସାୟୀ ଶୁକ୍ର କାଣ୍ଡଙ୍କ ପରଲୋକ

**ସୋହେଲା, ୮ ।୫(ସମିସ)** ସୋହେଲା ଥାନା ଛକରେ ଥିବା ଜଣାଶୁଣା ଶୁକ୍ର ହୋଟେଲର ମାଲିକ ଶୁକ୍ର କାଣ୍ଡଙ୍କ ଶୁକ୍ରବାର ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି ।ଗତ କିଛି ଦିନ ହେଲା ଭୁବନେଶ୍ୱରର ଏକ



ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ସୋହେଲାକୁ ଆସିବା ପରେ ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ତଥା ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ସନ୍ଧ୍ୟାରେ ତାଙ୍କର ପାର୍ଥିବ ଶରୀରକୁ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ଦ୍ୱିତୀୟ ପୁତ୍ର ଜୟ କୁମାର କାଣ୍ଡ ମୁଖାଗ୍ନି ଦେଇଥିଲେ । ଗତ କିଛିମାସ ପୂର୍ବରୁ ତାଙ୍କର ବଡ଼ ପୁଅ ବିଜୟ କାଣ୍ଡଙ୍କ ଦେହାନ୍ତ ହୋଇଥିଲା । ବହୁ ବର୍ଷ ପୂର୍ବରୁ ଶୁକ୍ର ଗାଇସିଲେଟ ବ୍ଲକର କେନ୍ଦୁଭଟା ଗ୍ରାମରୁ ଆସି ହୋଟେଲ ବ୍ୟବସାୟ କରି ସପରିବାର ବସବାସ କରୁଛନ୍ତି ତାଙ୍କ ପରଲୋକ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ଓ ପ୍ରକାଶ ଚନ୍ଦ୍ର ଦେବତା, ସୁଶାନ୍ତ ମିଶ୍ର, ହୋଟେଲ ବ୍ୟବସାୟୀ ସଂଘ, ସୋହେଲା ସାମ୍ବାଦିକ ସଂଘ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

## ଭେଡେନ ମଧପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ;ହାର୍ଟ ଇଲେଭେନ ବିଜୟୀ



**ଭେଡେନ, ୮ ।୫ (ସମିସ):** ଭେଡେନ ବଜାର ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ମଧପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ହାର୍ଟ ଇଲେଭେନ ଓ ପ୍ରମେୟ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସଜିତି ପ୍ରଥମେ ପ୍ରେମୟ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା । ଜବାବରେ ହାର୍ଟ ଇଲେଭେନ ବ୍ୟାଟିଂ କରି ୭.୩ଓଭରରେ୬ ଉଇକେଟ ହରାଇ ୧୧୦ରନ କରି ବିଜୟୀ ହୋଇଥିଲା । ଅତିଥିଭାବରେ ନିତ୍ୟାନନ୍ଦ ମେହେର ଯୋଗଦାନ କରି ହାର୍ଟ ଇଲେଭେନର ରମେଶ ବାଗଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଅନୁଷ୍ଠିତ ମ୍ୟାଚ୍‌କୁ ସୁନିଲ ଅଦାବର ଓ ଜଳେଶ ନାଏକ ପଚାଳନା କରିଥିବା ବେଳେ ସ୍କୋରର ଭାବରେ ଓମ ଲହରିଆ ଦାୟିତ୍ୱ ନିର୍ବାହ କରିଥିଲେ । ମଧପଡ଼ାର ରାହୁଲ ଅଦାବର, ସଚିଦାନନ୍ଦ ସାହୁ, ସଞ୍ଜୟ ଲହରିଆ, ବବୁଲୁ ବାରିକ, ଚିଙ୍କୁ ମଡ଼ପାଚି, ସୁବଳ ଥପା, ସଞ୍ଜୟ ଲହରିଆଙ୍କ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍-ବିଡିପିଏଲ ପଞ୍ଚମ ଦିବସ

## ମା'ସମଲେଶ୍ୱରୀ ଇଲେଭେନ ବିଜୟୀ

**ବରଗଡ଼, ୮ ।୫(ସମିସ)**

ବରଗଡ଼ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ହେଉଛି ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ (ବିଡିପିଏଲ-୮)ର ଶୁକ୍ରବାର ପଞ୍ଚମ ଦିବସର ପ୍ରଥମ ମ୍ୟାଚ୍‌ରେ ମା'ସମଲେଶ୍ୱରୀ ଇଲେଭେନ ଦଳ, ଅତାବିରା ହ୍ୱାଇଟହର୍ଷକୁ ୪ ୱିକେଟରେ ହରାଇ ପ୍ରତିଯୋଗିତାରେ ନିଜର ଦ୍ୱିତୀୟ ମ୍ୟାଚ୍ ଜିତି ନେଇଛି । ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ଅତାବିରା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଦଳର ରୋହନ କୁମାରଙ୍କ ୨୪ ବଲରେ ୩ ଚୌକା ୧ ଛକା ସହ ୨୫ ରନ୍, ପ୍ରବୀଣ ଲୁହାଙ୍କ ୨୬ ବଲରେ ୩ ଚୌକା ୨ ଛକା ସହ ୩୦ ରନ୍, ସୌମ୍ୟ ଲେଙ୍କାଙ୍କ ୧୧ ବଲରେ ୩ ଚୌକା ୧ ଛକା ସହ ୨୪ ରନ୍, ଦେବବ୍ରତ ପ୍ରଧାନଙ୍କ ୧୮ ବଲରେ ୩ ଚୌକା ୧ ଛକା ସହ ୨୬ ରନ୍, ଅତୁଲ୍ୟ କର୍ଣ୍ଣଙ୍କ ୧୦ ବଲରେ ୩ ଛକା ସହ ୨୦ ରନ୍, ଶୃତିରାଜ୍ ମିଶ୍ରଙ୍କ ୧୧ ରନ୍ ଫଳରେ ଦଳ ୧୯.୫ ଓଭରେ ୧୫୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ପ୍ରତିପକ୍ଷ ମା'ସମଲେଶ୍ୱରୀ ଇଲେଭେନ୍ ପକ୍ଷରୁ ଶୁଭମ୍ ଦାସ ୨୩/୫ ୱିକେଟ, ଦେବବ୍ରତ ପ୍ରଧାନ ୨୧/୩ ୱିକେଟ, ଶ୍ରେଷ୍ଠ ସିଂ ୨୮/୧ ୱିକେଟ, ଅମରଜିତ ସିଂ ୧୬/୧ ୱିକେଟ ନେଇଥିଲେ । ୧୫୪ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା, ମା' ସମଲେଶ୍ୱରୀ ଦଳ ଶ୍ରେଷ୍ଠ ସିଂ ଙ୍କ ୨୩ ବଲରେ ୯ ଚୌକା ୧ ଛକା ବଲରେ ୫୦ ରନ୍, ସନ୍ଦେଶ ସୁହାସ ପୂଜାରୀ ୧୨ ବଲରେ ୨ ଚୌକା ୪ ଛକା ସହ ୩୭ ରନ୍, ଦିବ୍ୟ କୁମାର ସାହୁଙ୍କ ୨୨ ବଲରେ ୪ ଚୌକା ୧ ଛକା ସହ ୩୫ ରନ୍, ଦେବବ୍ରତ ପ୍ରଧାନ ୨୦ ବଲରେ ୩ ଛକା ସହ ୨୩ ରନ୍ ଫଳରେ ଦଳ ୧୫.୩ ଓଭରରେ ୧୫୭/୬ କରି ମ୍ୟାଚ୍‌କୁ ସମଲେଶ୍ୱରୀ ଇଲେଭେନ ୪ ୱିକେଟରେ ବିଜୟୀ ହୋଇଥିଲା । ମ୍ୟାଚ୍‌କୁ ଓସିଏ ପ୍ୟାନେଲ ଅମ୍ପାୟାର ଅକ୍ଷୟ ସାହାଣୀ ଓ ହନୁ ଅଗ୍ରୱାଲ ଖେଳ ପରିଚାଳନା କରିଥିବା ବେଳେ ତୃତୀୟ ଅମ୍ପାୟାର ଭାବରେ ସାଜନ୍ ସାହୁ ଓ ଚତୁର୍ଥ ଅମ୍ପାୟାର ଥିଲେ ଶୁଭମ୍ ପାତ୍ର । ମ୍ୟାଚ୍ ରେଫରୀ ଅଛନ୍ତି ହରିହର ପ୍ରଧାନ । ସ୍କୋରର ଥିଲେ ରଜତ ଦାଶ, ମନୋଜ ପାତ୍ର । ଭାଷ୍ୟକାର ଭାବରେ ଅଛନ୍ତି ନିଶିକାନ୍ତ ସନ୍ତୋଷ ନାୟାର, ମନୋଜ ସିଂ । ମ୍ୟାଚ୍ ପରେ ଜିଲ୍ଲା କ୍ରିକେଟ ଏସୋସିଏସନ୍ ର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ଯୁଗ୍ମସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ




ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ଯୋଗଦେଇ ଜିଲ୍ଲା କଣ୍ଟାକ୍ଟର ଏସୋସିଏସନ୍ ର ସଭାପତି ମଣ୍ଟୁ ଗଡ଼ତିଆ, ଯୁବ ଉଦ୍ୟୋଗପତି ହିମାଂଶୁ ପଣ୍ଡା, ଜିଲ୍ଲା କ୍ରିକେଟ ଆସୋସିଏସନ୍ ର ପୂର୍ବତନ ଉପ ସଭାପତି ପ୍ରଭାତାଦିତ୍ୟ ମିଶ୍ର, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ସମ୍ପାଦକ ରବି ପଣ୍ଡା, ଉପ ସଭାପତି ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର ପ୍ରମୁଖ ଆଜିର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରଣଜୀ ଖେଳାଳି ଦେବବ୍ରତ ପ୍ରଧାନ ଓ ଗତକାଲି ମା'ସମଲେଶ୍ୱରୀ ଇଲେଭେନ୍ ଓ ବରଗଡ଼ ଯୋଦ୍ଧାସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଶ୍ରେଷ୍ଠ ସିଂଙ୍କୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ୍ ବରଗଡ଼ ସ୍ୱାର୍ଟନସ ଓ ବରଗଡ଼ ଯୋଦ୍ଧାସ ମଧ୍ୟରେ ହୋଇଥିଲା । ବରଗଡ଼ ସ୍ୱାର୍ଟନସ ଦଳ ଟସ୍ ଜିତି ପ୍ରଥମେ ବରଗଡ଼ ଯୋଦ୍ଧାସ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଯୋଦ୍ଧାସ ଦଳ ପକ୍ଷରୁ ବ୍ୟାଟିଂ ଓପନ୍ କରିବାକୁ ଆସି ଦଳର ବରିଷ୍ଠ ଖେଳାଳି ପ୍ରକାଶ ମାହାନା ୬୧ ବଲରେ ୧୪ ଚୌକା ଓ ୬ ଟି ଛକା ସହ ଶତକ ସହ ଅପରାଜିତ ୧୦୮ ରନ୍, ଶୟଦ ଜାକି ୧୮ ବଲରେ ୧ ଚୌକା ଓ ୪ ଛକା ସହ ୩୫ ରନ୍, ମନୋଜ ଶର୍ମା ୨୫ ବଲରେ ୩ ଚୌକା ସହ ୧୭ ରନ୍ କରି ଦଳକୁ ୧୮୨/୭ ରନର ମଜବୁତ ସ୍କୋର ଦେଇଥିଲେ । ପ୍ରତିପକ୍ଷ ଦଳ ବରଗଡ଼ ସ୍ୱାର୍ଟନ ପକ୍ଷରୁ ଅଜିତ୍ ସ୍ୱାଇଁ ୨୩/୧ ୱିକେଟ, ପ୍ରିୟାଂଶୁ କୁମାର ଦାଶ ୪୫/୧ ୱିକେଟ, ଅମିତ୍ ଦାସ ୨୬/୧ ୱିକେଟ, ଶ୍ରୀକାନ୍ତ ପ୍ରଧାନ ୨୮/୧ୱିକେଟ, ପ୍ରଭଞ୍ଜନ ସାହୁ ୧୩/୧ ୱିକେଟ ନେଇଥିଲେ । ମ୍ୟାଚ୍‌ର ଦ୍ୱିତୀୟ ଇନିଙ୍ଗସ ଖବର ଲେଖା ହେବା ବେଳକୁ ଖେଳ ଚାଲିଥିଲା ।

## ମାଉସୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା



**ମେଲଛାମୁଣ୍ଡା, ୮ ।୫(ସମିସ):** ଐତିହାସିକ ବୀର ମାଟି ଘେଁସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରମ୍ପରାକୁ ଆହୁରି ଶୃଙ୍ଖଳିତ ଓ ଆକର୍ଷଣୀୟ କରାଯିବା ଉଦ୍ଦେଶ୍ୟ ମାଉସୀ ମନ୍ଦିର ନିର୍ମାଣ କାର୍ଯ୍ୟର ଭୂମିପୂଜନ ଓ ଶିଳାନ୍ୟାସ ହୋଇଛି । ଶଙ୍ଖ ନାଦ, ହୁଳହୁଳି ଏବଂ'ଜୟ ଜଗନ୍ନାଥ'ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା । ଉତ୍ସବର ଆରମ୍ଭରେ ଗ୍ରାମର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ବିଶାଳ ନାମ ସଂକୀର୍ତ୍ତନ ଶୋଭାଯାତ୍ରା ବାହାର କରିଥିଲେ । ଶୋଭାଯାତ୍ରାରେ ଗ୍ରାମର ଜମିଦାର ରଣଜିତ ସିଂ ବରିହା ଓ ତାଙ୍କ ଧର୍ମପତ୍ନୀ ରାଜକୁମାରୀ ସିଂ ବରିହାଙ୍କୁ ସମ୍ମାନର ସହ ପାଛୋଟି ଅଣାଯାଇ ଭୂମିପୂଜନ ସ୍ଥଳକୁ ଅଣାଯାଇଥିଲା । ଜମିଦାରଙ୍କ ଭବ୍ୟ ଉପସ୍ଥିତିରେ ତାଙ୍କ ପ୍ରତିନିଧି ଭାବରେ ମନ୍ଦିର ନିର୍ମାଣର ମୁଖ୍ୟ ପୁରୋଧା ତଥା ମୁଖ୍ୟ ଉଦ୍ୟୋକ୍ତା ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ବରିହା ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଗୋପେଶ୍ୱରୀ ବରିହା କର୍ତ୍ତା ଭାବେ ପୂଜା କାର୍ଯ୍ୟରେ ବସିଥିଲେ । ପଣ୍ଡିତ ରମେଶଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଶାସ୍ତ୍ରୀୟ ବିଧି ଅନୁଯାୟୀ ମନ୍ତ୍ରପାଠ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପରେ କର୍ତ୍ତାଙ୍କ କରକମଳରେ ମନ୍ଦିର ନିର୍ମାଣର ଶୁଭ ଦିଆଯାଇଥିଲା ।

## ପାଣି ପାଇଁ ଜିଲ୍ଲା ପରିଷଦ ବୈଠକରେ ହୋହଲ୍ଲା

# ଅସନ୍ତୁଷ୍ଟ ସଭ୍ୟଙ୍କ କକ୍ଷତ୍ୟାଗ

ନୂଆପଡ଼ା, ୮ ।୫(ସମିସ)



ଶୁକ୍ରବାର ଦିନ ବହୁ ପ୍ରତିକ୍ଷୀତ ୬ଷ୍ଠ ଜିଲ୍ଲାପରିଷଦ ବୈଠକ ତୁମ୍ବି ତୋଫାନରେ ଶେଷ ହୋଇଥିବା ବେଳେ ଜିଲ୍ଲାର ବାକି ସମସ୍ୟା କମ ପତୋରା ଡ୍ୟାମ୍‌ର ପାଣି ସମସ୍ୟା ଯୋର ଧରିଥିଲା। ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାମାନେ ଜିଲ୍ଲାପାଳଙ୍କ ଉତ୍ତର ସନ୍ତୋଷ ଜନକ ନୁହେଁ ବୋଲି ଅଢ଼ିବସି କକ୍ଷ ତ୍ୟାଗ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ପରେ ବୈଠକ ପୂର୍ବବତ ଚାଲିଥିଲା। ପୂର୍ବାହ୍ନ ୧୧ଟାବେଳେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଲମ୍ବୋଦର ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାରେ ଶିକ୍ଷା, ପାନୀୟଜଳ, ମଙ୍ଗଳ ବିଭାଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହିକ୍ରମରେ ନୂଆପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପତୋରା ଡ୍ୟାମ୍‌ରେ ଉପୁଜୁଥିବା ପାଣି ସମସ୍ୟା ଉପରେ ଜିଲ୍ଲାପରିଷଦ ସଭ୍ୟ ସହ ଖଡିଆଳ ବିଧାୟକ ଉପସ୍ଥାପନ କରିଥିଲେ। ଏହି ଡ୍ୟାମ୍ ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିର ଚାଷ ନଷ୍ଟ ହେଲାଣି। ଏଥିପାଇଁ ପ୍ରଶାସନ ଦାୟୀ ବୋଲି କହିଥିଲେ। ଅନ୍ୟପକ୍ଷେ ଜିଲ୍ଲାପାଳ ଉପସ୍ଥାପନ କରି କହିଥିଲେ ଯେ ୧୯୫୧ହେକ୍ଟର ଜମିରେ ଚାଷ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ୩ହଜାରରୁ ଅଧିକ ଜମିରେ ଚାଷୀମାନେ ଚାଷ କରିଦେଇଛନ୍ତି। ବର୍ତ୍ତମାନ ପାଣି ଶୁଖିଯିବାଫଳରେ ପାଣି ନିଅଣ୍ଟ ହେଉଛି। ଏହା ଉପରେ ଏକ ଉଚ୍ଚସ୍ତରୀୟ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ତଦନ୍ତ କରୁଛି। ସେହି ରିପୋର୍ଟ ଭିତିରେ କାର୍ଯ୍ୟାନୁଷ୍ଠାନ ସହ ପରବର୍ତି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ।ଏହା ସନ୍ତୋଷ ଜନକ ଉତର ନୁହେଁ, ନିର୍ଦ୍ଧାରିତ ଜଳଚକ୍ରରେ ପାଣି ଯୋଗାଇବାରେ ପ୍ରଶାସନ ଫେଲ ମାରିଛି ବୋଲି ବିଧାୟକ ସମେତ ଜିଲ୍ଲାପରିଷଦ ଅଧ୍ୟକ୍ଷା, ସଭ୍ୟସଭ୍ୟାମାନେ କକ୍ଷ ତ୍ୟାଗ କରିଥିଲେ। ଅନ୍ୟପଟେ ବିଜେଡି ତରଫରୁ ଚାଷୀମାନଙ୍କୁ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ଚାଲିଥିଲା। ଏଥିରେ ସମସ୍ତ ସଭ୍ୟମାନେ ସାମିଲ ହୋଇ ଦାବିକୁ ଯୋରଦାର କରିଥିଲେ। ଦୀର୍ଘ ସମୟ ପରେ ଜିଲ୍ଲାପାଳଙ୍କ ସହ ଏମପି ଧାରଣାସ୍ଥଳକୁ ଆସି ଚାଷୀମାନଙ୍କୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନରୁ ଓହରିଯାଇଥିଲେ। ପରେ ପୂର୍ବବତ ବୈଠକ ଚାଲିଥିଲା। ତେବେ ଚାଷ ଏବଂ ଚାଷୀଙ୍କ ସମସ୍ୟାକୁ ନେଇ ସରକାର ପ୍ରଶାସନ ଗୁରୁତ୍ୱ ଦେବାକୁ ସଭ୍ୟମାନେ କହିଥିଲେ। ପ୍ରଶାସନ ମଧ୍ୟ ସମ୍ବେଦନଶୀଳ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ଭାରି ପଡ଼ିଲା ଜିଲ୍ଲାର ପାଣି ସମସ୍ୟା ଚର୍ଚ୍ଚା

## ସାରସଗୁଡ଼ାଗ୍ରାମରେ ଡକାୟତି

# ନଗଦ ଟଙ୍କା ସହ ସୁନା ଗହଣା ଲୁଟ୍

**ଧର୍ମଗଡ଼/ଗୋଲାମୁଣ୍ଡା, ୮ ।୫ (ସମିସ):** ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡିର ସାରସଗୁଡାଗ୍ରାମରେ ଚାଞ୍ଚଲ୍ୟକର ଡକାୟତି ଘଟିଛି। ମଧ୍ୟରାତ୍ରିରେ ନିରଞ୍ଜନ ଅଘରିଆଙ୍କ ଘରେ ଦୁର୍ବୃର୍ତ୍ତମାନେ ପ୍ରବେଶ କରି ନଗଦ ୨ଲକ୍ଷ ଟଙ୍କା, ୨ଭରି ସୁନା, ୫୦ଭରି ରୁପା ଓ ୩୫୦୦ଖୁଚୁରା ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟରାତ୍ରିରେ ଘର ମାଲିକ ସମେତ ପରିବାର ଲୋକେ ପ୍ରବଳ ଗରମରୁ ଛାତ ଉପରେ ଶୋଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃର୍ତ୍ତ ନିରଞ୍ଜନ ଅଘରିଆଙ୍କ ଘରର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଘରେ ଥିବା ସୁନା, ରୁପା ସାଙ୍ଗକୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଡକାୟତି ପରେ ପରିବାର ଲୋକେ ଦଶପୁର ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ଦଶପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ଘର ମାଲିକ ଓ ପରିବାର ଲୋକଙ୍କ ସହିତ କଥାବାର୍ତ୍ତା କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରୁଛି।ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ନିରାପତ୍ତା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ■ ତେଲନଦୀ ବ୍ରିଜ୍ ଉପରେ ଦୁର୍ଘଟଣା

# କାର୍‌କୁ ପିଟିଲା ପିକ୍‌ଅପ୍

**କେସିଙ୍ଗା, ୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥ ମନ୍ଦିର ଛକରୁ ଟିଟଲାଗଡ଼ ଯିବାକୁ ରାସ୍ତାରେ ଥିବା କେସିଙ୍ଗା ବ୍ରିଜ ଉପରେ ଶୁକ୍ରବାର ଦିନ କାର୍‌କୁ ପିକ୍‌ଅପ ଧକ୍କା ଦେବାରୁ କାର୍ ବସିଥିବା ୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ କେସିଙ୍ଗା ଥାନା ଉକ୍କେଲା ଗ୍ରାମର ବିମଳ କୁମାର ଜୈନ କୌଣସି କାମ ପାଇଁ ଟିଟଲାଗଡ଼ ପଟେ ଯାଇ ନିଜ କାର୍ ଯୋଗେ ଫେରୁଥିବା ବେଳେ ତେଲ ନଦୀ ବ୍ରିଜ ଉପରେ



ସୁଜି, ଅଟା ବୋଝେଇ ହୋଇ କେସିଙ୍ଗା ପଟେ ଆସୁଥିବା ପିକଅପ୍ ଗାଡ଼ି କାର୍‌କୁ ଜୋର୍‌ରେ ପିଟି ଦେଇଥିଲା। କାର୍‌ର ପଛ ପଟ ସମ୍ପୂର୍ଣ୍ଣ କ୍ଷତି ଗ୍ରସ୍ତ ହୋଇଥିବା ବେଳେ କାର ଭିତରେ ବସିଥିବା ଶ୍ରୀ ଜୈନଙ୍କ ଧର୍ମ ପତ୍ନୀ ବେହୋସ ହୋଇ ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କେସିଙ୍ଗା ମେଡିକାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା ବର୍ତ୍ତମାନ ସେ ଭଲ ଥିବା ସୂଚନା ମିଳିଛି। ଯାହାବି ହେଉ ଭଗବାନଙ୍କ କୃପାରୁ କାର୍ ବ୍ରିଜ ତଳକୁ ନଖସି ଅଟକି ରହିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ଖଣ୍ଡିଡଙ୍ଗରିଗୁଡ଼ା ବାଲିଘାଟକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ



**କଲମପୁର, ୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ହାତୀ ନଦୀର ଏକାଧିକ ବାଲି ଖାଦାନ ଗୁଡିକୁ ସରକାର ନିଲାମ କରିଛନ୍ତି। ସେ ମଧ୍ୟରେ ରହିଛି ଖଣ୍ଡିଡଙ୍ଗରିଗୁଡା ବାଲି ଘାଟ, ସେହି ବାଲିଘାଟରୁ ବାଲି ଉତ୍ତୋଳନ ନ କରିବା ସକାଶେ ଆଜକୁ ତିନି ବର୍ଷରୁ ଉର୍ଦ୍ଧର ହେବ ଗ୍ରାମବାସୀ ଦାବିକରି ଆସୁଛନ୍ତି। ଗ୍ରାମବାସୀଙ୍କ ମତରେ ବାଲି ଉତ୍ତୋଳନ ହେଲେ ନଦୀ କୂଳ ଖାଇ ଗ୍ରାମ ନଦୀରେ ଲିନ ହୋଇ ଯିବ, ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଯାନବାହାନରେ ବାଲି ପରିବହନ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା କରି ଗ୍ରାମବାସୀ ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରି ଆସୁଛନ୍ତି। ଏହା ପୂର୍ବରୁ ଗ୍ରାମବାସୀ ତହସିଲ, ଥାନା ସମେତ ଖଣି ବିଭାଗକୁ ଘେରାଉ କରିଥିବା ବେଳେ ଅନେକ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଅନ୍ୟପଟେ ଲିଜଧାରି ମଧ୍ୟ ନିଜ ଜିଦରେ ଅଟଳ ରହିଛି। ସେ ମଧ୍ୟ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ତହସିଲ ଓ ଖଣି ବିଭାଗ ସମେତ ପୋଲିସ ଫୋର୍ସ ନେଇ ବାଲି ଉତ୍ତୋଳନ କରିବାକୁ ଚେଷ୍ଟା କରି ଆସୁଛି। ହେଲେ ବାରମ୍ବାର ଉଦ୍ୟମକୁ ଗ୍ରାମବାସୀମାନେ ବିଫଳ କରି ଆସୁଛନ୍ତି। ଏପରିପେକ୍ଷିରେ ବାଲିଘାଟ ଲିଜଧାରି ଗତ ବୁଧବାର ଦିନ ବଳ ପୂର୍ବକ ବାଲି ଉତ୍ତୋଳନ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ପାଇବା ପରେ ଗୁରୁବାର ଦିନ ସମଗ୍ର ଗ୍ରାମବାସୀ ବାଲିଘାଟକୁ ଜଗି ରହିଥିଲେ। କିନ୍ତୁ ଗୁରୁବାର ଦିନ ଗ୍ରାମବାସୀଙ୍କ ରୋଷରୁ ବର୍ତ୍ତିବା ପାଇଁ ଲିଜଧାରି ବାଲି ଉତ୍ତୋଳନ କରି ପାରି ନ ଥିଲେ। ଗ୍ରାମବାସୀମାନେ ଏନେଇ ଉପଖଣ୍ଡ ଡିଡିଏମ ଓ ଜିଲ୍ଲା ଖଣି ବିଭାଗକୁ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଖୁବଶୀଘ୍ର ଆମେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ଶିବିରରେ ଏନେଇ ଅଭିଯୋଗ କରିବୁ ଓ ରାଜ୍ୟ ଖଣିମନ୍ତ୍ରୀଙ୍କ ଠାରେ ମଧ୍ୟ ଫେରାଦ ହେବୁ ବୋଲି ଗ୍ରାମବାସୀମାନେ ସୂଚନା ଦେଇଛନ୍ତି।

## ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ଉତ୍ତିଷ୍ଠତରେ 'ମାନବିକତାରେ ଏକତା'

**ଭବାନୀପାଟଣା, ୮ ।୫ (ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଆନୁକୂଲ୍ୟରେ ପ୍ରେରଣାଦାୟୀ ନିରବଚ୍ଛିନ୍ନ ବକ୍ତୃତାମାଳା 'ଉତ୍ତିଷ୍ଠତ'ର ୨୬୧ତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କ ପ୍ରେରଣାରେ ଆୟୋଜିତ ଆଲୋଚନାଚକ୍ରରେ ନିମନ୍ତ୍ରିତ ବକ୍ତା ଭାବେ ଯୁବ ରେଡକ୍ରସର ରାଜ୍ୟ ସଂଯୋଜକ ଅଧ୍ୟାପକ ଗୋପାଳ କୃଷ୍ଣ ମିଶ୍ର ଯୋଗଦେଇ ଚଳିତ ବର୍ଷର ରେଡକ୍ରସ୍ ଦିବସର ବାର୍ତ୍ତା 'ମାନବିକତା ପାଇଁ ଏକତା' ବିଷୟରେ ଆଲୋକପାତ କରିବା ସହ ରାଜ୍ୟ ଯୁବ ରେଡକ୍ରସରେ କଳାହାଣ୍ଡି ଜିଲ୍ଲାର ଉଲ୍ଲେଖନୀୟ କାର୍ଯ୍ୟଧାରା ପାଇଁ ପ୍ରଶଂସା କରିଥିଲେ। ଆବାହକ ମେଜର ଡ.ଜୟଦେବ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଆଭାସୀ ବକ୍ତୃତାମାଳାରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଓ ନିମନ୍ତ୍ରିତ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଷି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସମ୍ପାଦକ ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ତଥା ସମଗ୍ର ରାଜ୍ୟରୁ ଅନେକ ବୁଦ୍ଧିଜୀବୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଦୁର୍ଘଟଣାରେ ଜିଏନ୍‌ଏମ୍ ଛାତ୍ରୀଙ୍କ ମୃତ୍ୟୁ

**ଭବାନୀପାଟଣା, ୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦରଥାନା ବାଦଲି ଛକ ନିକଟରେ ଗୁରୁବାର ରାତିରେ କାର୍ ଦୁର୍ଘଟଣାରେ ଜଣେ ଜିଏନ୍‌ଏମ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଛାତ୍ରୀଙ୍କ ନାମ ଧରିତ୍ରୀ ସେନାପତି (୨୦) ଓ ସେ ଜୁନାଗଡ଼ ଥାନା ତଳମଲା ଗ୍ରାମର ବୋଲି ଜଣାପଡ଼ିଛି। ୩ ଜଣ ସାଙ୍ଗଙ୍କ ସହ କାର୍ ନଂଓଡି୦୮-ଆର୨୭୫୪ ରେ ଯାଉଥିବାବେଳେ ବାଟରେ ଭାରସମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଧରିତ୍ରୀକୁ ମୃତ ଘୋଷିତ କରିଥିଲେ। ଅନ୍ୟମାନେ ମଧ୍ୟ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ୭ ବାର୍‌ହା ଶିକାରୀ ଗିରଫ, ୪୫ କିଲୋ ମାଂସ ଜବତ

**କୋମନା, ୮ ।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗକୁ ବଡ଼ ସଫଳତା ମିଳିଛି। ଜଙ୍ଗଲରେ ବାର୍‌ହା ଶିକାର କରି ମାଂସ ଭାଗବଣ୍ଟା କରୁଥିବା ସମୟରେ ବନ ବିଭାଗ ଚଢ଼ଉ କରି ୭ଜଣ ଶିକାରୀଙ୍କୁ ଗିରଫ କରିବା ସହ ବିପୁଳ ମାଂସ ଓ ଶିକାର ପାଇଁ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇ କୋମନା ବନ ବିଭାଗର ସ୍ୱତନ୍ତ୍ର ଟିମ୍ ତନ୍ଦୁଲସି ଜଙ୍ଗଲର କମକେଡା ଗାଁ ନିକଟରେ ଚଢ଼ଉ କରିଥିଲଶ। ସେଠାରେ ଦୁଇଟି ବାରହା ଶିକାର କରି କିଛି ବ୍ୟକ୍ତି ମାଂସ ଭାଗ କରୁଥିବା ବେଳେ ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରିଥିଲେ। ଗିରଫ ହୋଇଥିବା ଶିକାରୀମାନେ ହେଲେ ସୁକଦେବ ପହରିଆ (୩୩), ତୁକୁଲାପଡ଼ା, ଇନ୍ଦ୍ରଜ ପହରିଆ (୩୫), ତୁକୁଲାପଡ଼ା, ସୁରେଶ ପରାଭୁଏ (୩୭), କାଳିମାଟି, ସହଦେବ ପରାଭୁଏ (୨୩), ତୁକୁଲାପଡ଼ା, ଆରତ ପହରିଆ, ତୁକୁଲାପଡ଼ା, ଲଳିନ୍ଦ୍ର ନାଏକ (୨୬), କାଳିମାଟି, ଛଲକଟା ଶବର (୬୫), କମକେଡା। ବନ ବିଭାଗ ଶିକାରୀଙ୍କ ନିକଟରୁ ୪୫ କିଲୋଗ୍ରାମ ବାରହା ମାଂସ (୨ଟି ବାରହା), ୫ଟି ଧନୁ ଓ ୨୧ଟି ଶର, ୨ଟି ଟାଙ୍ଗିଆ ଖଡ଼ିଆଳ ବନଖଣ୍ଡ ଏସିଏଫ ମହମ୍ମଦ ମୁସ୍ତଫା ସଲେହା, ରେଞ୍ଜର ଦେବଦତ୍ତ ସୁତାର, ଫରେଷ୍ଟର ଉତ୍ତମ ମେହେର, ଧର୍ମେନ୍ଦ୍ର ନାଏକ, ବିବେକ ମିର୍ଦ୍ଧା ଏବଂ ୱାଇଲ୍ଡ ଲାଇଫ ୱାଡେନ ମାୟାଧର ସରାଫଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଛି। ଶନିବାର ସମସ୍ତ ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି।



## ଅବହେଳିତ କେସିଙ୍ଗା ସହର

# ପ୍ରତିଶ୍ରୁତି ଦେଇ ଦେଇ ପୂରିଗଲା ଦୁଇ ବର୍ଷ

**କେସିଙ୍ଗା, ୮ ।୫ (ସମିସ):** କେସିଙ୍ଗା ଅଞ୍ଚଳର ବୁଦ୍ଧିଜିବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସଙ୍ଗଠନ ର ସଭାପତିଙ୍କ ଅନୁଯାୟୀ ବର୍ତ୍ତମାନ ଜିଲ୍ଲାର ପ୍ରମୁଖ ଅବହେଳିତ ସହର ତାଲିକାରେ କେସିଙ୍ଗା ଏକ ନମ୍ବର ବୋଲି ଚର୍ଚ୍ଚା ହେଉଛି। ସବୁକ୍ଷେତ୍ରରେ କେସିଙ୍ଗାକୁ ଅବହେଳା କରାଯାଉଛି ଫଳସ୍ୱରୁପ ଦିନକୁ ଦିନ ସହର ଆଗକୁ ବଢ଼ିବା ପରିବର୍ତ୍ତେ ପଛକୁ ପଛକୁ ଯିବାରେ ଲାଗିଛି।ନିର୍ବାଚନ ସରିଗଲା ପରେ ନିର୍ବାଚିତ ପ୍ରତିନିଧି ମାନେ କ୍ଷେତ୍ର ପରିଦର୍ଶନରେ ଆସୁ ନାହାନ୍ତି। କେସିଙ୍ଗା ନିର୍ବାଚନମଣ୍ଡଳୀ ହୋଇ ନ ଥିବାରୁ କୌଣସି ପଦସ୍ଥ ନେତା କିମ୍ବା ମନ୍ତ୍ରୀ ଅଞ୍ଚଳ ଲୋକଙ୍କ ସମସ୍ୟାକୁ ସମାଧାନ କରୁନାହାନ୍ତି କି ସରକାରୀ ଗସ୍ତ ମଧ୍ୟରେ ଅଞ୍ଚଳକୁ ଆସୁନାହାନ୍ତି। ନୂତନ ବିଜେପି ସରକାର ଗଠନର ଦୁଇ ବର୍ଷ ମଧ୍ୟରେ ପ୍ରଥମେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବର୍ଷିକ ଉତ୍ସବରେ ଯୋଗଦାନ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ କିଛି ମାସ ତଳେ କେସିଙ୍ଗା ସିଟିଜନ ଫୋରମ୍‌ର ବାର୍ଷିକ ଉତ୍ସବରେ ଯୋଗ ଦେବା ପାଇଁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଗୋଟିଏ ଖେଳ ପଡ଼ିଆ ଉଦ୍‌ଘାଟନ ପାଇଁ କିଛି ସମୟ ପାଇଁ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ କେସିଙ୍ଗା ଆସି ଯାଇଥିଲେ ମଧ୍ୟ ସହରର କୌଣସି ସମସ୍ୟାର ସମାଧାନ ହେଉ ନାହିଁ। କେସିଙ୍ଗାରେ ଥିବା ୪୦ବର୍ଷ ପୁରୁଣା କୋଣାର୍କ କପାମିଲକୁ ପୁନରୁଦ୍ଧାର ବଦଳରେ ବଲାଙ୍ଗିରରେ ନୂତନ କପା ୟୁନିଟ୍‌କୁ ମଞ୍ଜୁରୀ, କେସିଙ୍ଗା ରୁଟ୍‌ରେ ସିଧା ସଳଖ ଭୁବନେଶ୍ୱର ପାଇଁ ଟ୍ରେନ ବଦଳରେ ବନ୍ଦେ ଭାରତ ଓ ଅମୃତ ଭାରତର ଲଲିପପ୍ ଧରେଇ ରେଳ ବିଭାଗ ଚୁପ। କେସିଙ୍ଗାରେ ନିର୍ମାଣ ହେଉଥିବା ରେଳ ଓଭର ବ୍ରିଜ କୁ ଯୋଲକୋ ପର୍ଯ୍ୟନ୍ତ ସମ୍ପ୍ରସାରଣ ଚିଠିପତ୍ରରେ ସୀମିତ, କେସିଙ୍ଗା ମେଡିକାଲରେ ବିଶେଷଜ୍ଞ ଡାକ୍ତର ଦାବି ପ୍ରତିଶ୍ରୁତିରେ ରହି ଯାଇଛି। କିଛି ଦିନ ତଳେ କଳାହାଣ୍ଡିର ସାଂସଦ ଜୁନାଗଡ଼ରେ ଏକ ବାଇପାସ ରାସ୍ତା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଲେଖିଥିବା ଚିଠି ସୋସିଆଲ ମିଡିଆରେ ଘୁରି ବୁଲୁଥିଲା ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ ଏଥିରେ କେସିଙ୍ଗା ବାସୀଙ୍କ ବିରୋଧ ନାହିଁ ହେଲେ କେସିଙ୍ଗା ପାଇଁ ବାଇପାସ ରାସ୍ତା କଥା କେତେଦୂର ଗଲା ଅଞ୍ଚଳବାସୀ ଜାଣିବାକୁ ଚାହିଁଛନ୍ତି। କେସିଙ୍ଗାକୁ ଓ କେସିଙ୍ଗାବାସୀଙ୍କୁ ସାଂସଦ, ରାଜ୍ୟସଭା ସାଂସଦ ଓ ବିଧାୟକ ମଧ୍ୟ ପ୍ରତ୍ୟେକ ସମସ୍ୟାର ସମାଧାନ ହେବାର କେବଳ ପ୍ରତିଶ୍ରୁତି ଦେଉଥିବା ବେଳେ ଅବହେଳିତ କେସିଙ୍ଗା ସହରକୁ କେବଳ ପ୍ରତିଶ୍ରୁତିର ଭରସା ମିଳୁଛି।

# ପିଇବା ପାଣି ପୋଷ୍ଟକୁ ଭାଙ୍ଗି ବିକିଦେଲେ




**ଭବାନୀପାଟଣା, ୮ ।୫ (ସମିସ):** ସ୍ଥାନୀୟ ଗାନ୍ଧିଛକ ପୁରୁଣା ଟାଉନ ଥାନାରେ ଗତ ୨୦୦୩ ମସିହାରୁ ମାରୱାଡି ଯୁବମଞ୍ଚ ପକ୍ଷରୁ ଏକ ଥଣ୍ଡା ପାନୀୟ ଜଳ ଷ୍ଟାଣ୍ଡ ସ୍ଥାପନ କରାଯାଇଥିଲା ଓ ଏହାକୁ ତତ କାଳୀନ ଏସ୍‌ପି ହରମୋହନ ଦାସ ଉଦ୍‌ଘାଟନ କରି ପୁଲିସ ଓ ମାରୱାଡି ଯୁବମଞ୍ଚ ସହ ଏକ ଚୁକ୍ତି ହୋଇ ସେବା ଜନସାଧାରଣ ଙ୍କ ପାଇ ଉର୍ଦ୍ଧିଷ୍ଟ ହେବ ବୋଲି ନିଷ୍ପତ୍ତି ହୋଇଥିଲା।ସ୍ଥାନୀୟ ଅଞ୍ଚଳର ଉଠାଦୋକାନୀଙ୍କ ଠାରୁ ପଥିକମାନେ ୨୪ ଘଣ୍ଟା ଥଣ୍ଡା ପାଣି ପାଇ ପାରୁଥିଲେ। କିନ୍ତୁ ଟାଉନ ଥାନା ସ୍ଥାନାନ୍ତର ହେବା ପରେ ପାନୀୟ ଜଳ ପ୍ରକଳ୍ପକୁ ଜନୈକ ଠିକାଦାର ଲୋକନାଥ ମନିହର ଭାଙ୍ଗି ଦେଇ ପ୍ରକଳ୍ପର ଫ୍ରିଜ, କୁଲର, ଟାଙ୍କି ଆଦି ସାମଗ୍ରୀକୁ କବାଡିରେ ବିକ୍ରି କରିଦେଇଥିବା ଯୁବମଞ୍ଚ ଅଭିଯୋଗ କରିଛି। ଏନେଇ ମାରୱାଡି ଯୁବମଞ୍ଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଅମୃତଧାରା ପ୍ରକଳ୍ପରୁ ସୁବିଧା ପାଉଥିବା ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ମାରୱାଡି ଯୁବମଞ୍ଚର ସଭାପତି ମନିଷ ଶର୍ମା, ବରିଷ୍ଠ ସଦସ୍ୟ ଶୈଳେଶ କୁମାର ପ୍ରମୁଖ କଳାହାଣ୍ଡି ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ସମ୍ପୃକ୍ତ ଠିକାଦାର ପାନୀୟ ଜଳ ପ୍ରକଳ୍ପରୁ ବାହାର କରିଥିବା ସାମଗ୍ରୀ ତୁରନ୍ତ ଯୁବମଞ୍ଚକୁ ଫେରାଇ ଦେବାକୁ ଦାବି କରିଛନ୍ତି।

# ମ.ରାମପୁରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ



**ମ.ରାମପୁର, ୮ ।୫ (ସମିସ):** ମ.ରାମପୁର ଥାନା ଠାରେ ଅଙ୍ଗନାବାଡି କର୍ମୀ, ୧୪ରୁ ୧୬ବର୍ଷ ମଧ୍ୟରେ ଥିବା ଶିଶୁମାନଙ୍କୁ ନେଇ ପୁଲିସ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସଂଯୁକ୍ତା ପ୍ରଧାନ, ଏସ୍‌ଆଇ କବିତା ବାଗ, ଏସ୍‌ଆଇ ଥବିର ବରିହା, କରଲାମୁଣ୍ଡା ଫାଣ୍ଡି ଏସ୍‌ଆଇ ଗୋପାଳ କୁମାର ପୋଡ଼ ଯୋଗ ଦେଇ ୧୪ରୁ ୧୬ବର୍ଷର ବାଳକ ବାଳିକାମାନେ ମୋବାଇଲ ବ୍ୟବହାର କରୁଥିବା ବେଳେ ସୋସିଆଲ ମିଡ଼ିଆ ହେଉ କି ଅନ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଲେ କିଭଳି ପୋଲିସର ସହାୟତା ନେବେ, ବିଭିନ୍ନ ଫ୍ରଡ଼କଲରୁ ଦୂରରେ ରହିବେ ତା ସହିତ ମୋବଇଲ ବ୍ୟବହାର କରିବା ସମୟରେ ଯଦି କୌଣସି ଅଜଣା ନମ୍ବରରୁ ବ୍ୟାଙ୍କ ଜମାଖାତା, ଓଟିପି, ପାସୱାର୍ଡ ସମ୍ବନ୍ଧୀୟ କଲ ଆସିଲେ ତୁରନ୍ତ ଘରର ମୁଖିଆ, ନହେଲେ ପୁଲିସକୁ ଜଣାଇବାକୁ କହିଥିଲେ। ଏକ ଭିଡିଓ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ କରଲାମୁଣ୍ଡା ବ୍ଲକର ରେଗେଡ଼ା ପଞ୍ଚାୟତର ଅଙ୍ଗନବାଡି କର୍ମୀ, ବାଳକ ବାଳିକା ଉପସ୍ଥିତ ଥିବା ବେଳେ ଥାନା ଏଏସଆଇ ଅଭିମନ୍ୟୁ ରାଓ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଧର୍ମଗଡ଼ ରେଡ୍‌କ୍ରସ୍ ଟାଉନ୍ ହଲ୍

# ଅଧାରେ ଅଟକିଛି ନିର୍ମାଣ କାମ

ଧର୍ମଗଡ଼, ୮ ।୫(ସମିସ)




ଧର୍ମଗଡ଼ ସହର ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଧର୍ମଗଡ଼ ରେଡ୍‌କ୍ରସ ଟାଉନ ହଲ ପୁନଃ କାର୍ଯ୍ୟକ୍ଷମ ହୋଇ ନ ପାରିବା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।୨୦୦୪ ମସିହାରେ ଧର୍ମଗଡ଼ର ତତ୍କାଳୀନ ଉପଜିଲ୍ଲାପାଳ ଭିକେ. ପାଣ୍ଡିଆନ ବିଭିନ୍ନ ସରକାରୀ ଅନୁଦାନରୁ ଟାଉନହଲର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୯ ମସିହାରେ ଉଦ୍‌ଘାଟନ କରିଥିଲେ। କିନ୍ତୁ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଟାଉନହଲ ଅବସ୍ଥା ଦୟନୀୟ ହୋଇ ପଡ଼ିଥିଲା। ବହୁ ହାରି ଗୁହାରି ପରେ ୨୦୨୪ ମସିହାରେ ଉକ୍ତ ରେଡକ୍ରସ ଟାଉନ ହଲର ନବୀକରଣ ପାଇଁ ଟେଣ୍ଡର ହୋଇଥଲା। ବିଜେଡ଼ି ସରକାର ଯାଇ ବିଜେପି ସରକାରର ପରିବର୍ତ୍ତନ ହେଲା ଅଥଚ ଏଯାଏଁ ରେଡ୍‌କ୍ରସ ଟାଉନ ହଲ ଏଯାଏଁ କାର୍ଯ୍ୟକ୍ଷମ ନ ହେବା ନେଇ ସର୍ବସାଧାରଣରେ ଭ୍ରୁକୁଞ୍ଚନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଉକ୍ତ ରେଡକ୍ରସ ଟାଉନହଲର ନବୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୨ କୋଟି ୭୭ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇ ଟେଣ୍ଡର ହୋଇଥିଲା। ଏହି ଟଙ୍କାରେ ଟାଉନ ହଲର ସିଭିଲ ୱାର୍କ, ଇଲେକ୍ଟ୍ରିଫିକେସନ, ବିଦ୍ୟୁତ୍ ଟ୍ରାନସଫର୍ମର, ପାନୀୟଜଳର ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରଣ କରାଯିବାର ବ୍ୟବସ୍ଥା ରହିଥିଲା। ହେଲେ ଉକ୍ତ ଟାଉନ ହଲରେ ସମ୍ପ୍ରତି ୧ କୋଟି ୪୧ ଲକ୍ଷ ଖର୍ଚ୍ଚ ହୋଇ ଯାଇଥିଲେ ହେଁ ଏଯାଏଁ ଗୋଟିଏ ଟଙ୍କା ମଧ୍ୟ ଆସି ନ ଥିବା ଟେଣ୍ଡର ନେଇଥିବା ଠିକାଦାରଙ୍କ ଠାରୁ ପ୍ରକାଶ। ନୂତନ ଭାବେ ବିଦ୍ୟୁତକରଣ ହୋଇ ଯାଇଛି ମାତ୍ର ଟିପିଡବ୍ଲୁଓଡିଏଲ୍‌ରେ ଅର୍ଥ ଜମା ହୋଇ ନ ଥିବାରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗି ପାରିନାହିଁ। ଏନେଇ ବିଭାଗୀୟ ସୁପରିଣ୍ଟେଣ୍ଟ ଇଞ୍ଜିନିୟର ପ୍ଲାନିଙ୍ଗ କୁ ଚିଠି ଲେଖି ଥିବା ବେଳେ ଗତ ଡିସେମ୍ବର ମାସରେ କଳାହାଣ୍ଡି ଜିଲ୍ଲାପାଳ ଅଧ୍ୟକ୍ଷ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କୁ ଅର୍ଥ ବରାଦ ପାଇଁ ଚିଠି ଲେଖି ଥିବା ଜଣାଯାଇଛି। ସହର ମଝିରେ ଥିବା ଉକ୍ତ ରେଡ୍‌କ୍ରସ ଟାଉନ ହଲ ପୁନଃ କାର୍ଯ୍ୟକ୍ଷମ ହେଲେ ସହରବାସୀ ବହୁ ଉପକୃତ ହେବେ।ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରସାଶନ ଉକ୍ତ ରେଡ୍‌କ୍ରସ ଟାଉନ ହଲର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।



### ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର

# ବିଧାୟକଙ୍କୁ ସମସ୍ୟା ଜଣାଇଲା ଆଉଟସୋର୍ସିଂ କର୍ମଚାରୀ ମହାସଂଘ

ବ୍ରହ୍ମପୁର,୮ ।୫(ସମିସ)

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜି ଠାରେ ୧୦ ଦିନ ଆନ୍ଦୋଳନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଉଟସୋର୍ସିଂ ଫେଡେରେସନର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଇତିମଧ୍ୟରେ ଦିନ ଗଡ଼ୁଥିବା ବେଳେ ଆଉସସୋର୍ସିଂ କର୍ମଚାରୀଙ୍କ ସମସ୍ୟାର ସମାଧନା ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ହୋଇ ରହିଥିବା କର୍ମଚାରୀମାନେ କହିଛନ୍ତି। ଆଲୋଚନା ସମୟରେ ମହାସଂଘର ୩ଟି



ମୁଖ୍ୟ ଦାବି ତଥା ଚାକିରି ସ୍ଥାୟୀକରଣ, ଛଟେଇ କର୍ମଚାରୀଙ୍କ ପୁନଃନିଯୁକ୍ତି ଏବଂ କର୍ମଚାରୀଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଉଟସୋର୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦାବିକୁ ଗ୍ରହଣ କରାଯାଇଥିବରା ବୈଠକରେ କୁହାଯାଇଥିଲା। ଏହାସହ ଅନ୍ୟ ରାଜ୍ୟର ମଡେଲକୁ ଅନୁଧ୍ୟାନ କରିବା ସହିତ କର୍ମଚାରୀଙ୍କୁ ନିୟମିତ କରିବାରୁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆଇନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତ୍ତି ରାଜ୍ୟର ପ୍ରାୟ ୭୦ହଜାର ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟରେ ଏକ ନୂତନ ଆଶାର ସଞ୍ଚାର ସୃଷ୍ଟି କରିଥିଲା। କିନ୍ତୁ ଦିନ ପରେ ଦିନ ବିତୁଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଥିବା ମହାସଂଘ ଦାବି କରିଛି। ପ୍ରକ୍ରିୟାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀସ୍ତରୀୟ କମିଟିର ଆନୁଷ୍ଠାନିକ ଗଠନ ଓ ରିପୋର୍ଟ ପ୍ରଦାନ ତ୍ୱରାନ୍ୱିତ କରିବା ଦାବିରେ ମହାସଂଘ ପକ୍ଷରୁ ବିଭିନ୍ନ ବିଧାୟକଙ୍କୁ ଦାବି ଜଣାଯାଇଛି। ସେହିକ୍ରମରେ ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଜନପ୍ରତିନିଧିମାନେ ସେମାନଙ୍କ ସମସ୍ୟା ହୃଦୟଙ୍ଗମ କରି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ମହାସଂଘ ପକ୍ଷରୁ ସୁନିଲ୍ ପାତ୍ର, ନିରଞ୍ଜନ ଦାସ, ସନ୍ତୋଷ କୁମାର ସେଠୀ, ସୁଜିତ୍ ପାତ୍ର, ବିଜୟ ମଲ୍ଲିକ, ଆନନ୍ଦ ମିଶ୍ର, ସନାତନ ନାୟକ, ଚିତରଞ୍ଜନ ସାହୁ, ତ୍ରିପତି ଡାକୁଆ, ମନୋଜ ନାୟକ, ବି. ବିଷ୍ଣୁ ଚରଣ, ରିଙ୍କୁ ପାତ୍ର, ମନ୍ମଥ ଘଡ଼େଇ, ଶ୍ରୀକାନ୍ତ ସେଠୀ, କୃଷ୍ଣମୂର୍ତ୍ତି ପାତ୍ର, ଅବିନାଶ ସେଠୀ, ଶିବ ପାତ୍ର, ଗୌତମ ନାୟକ ଓ ସତ୍ୟ ରଞ୍ଜନ ଉପସ୍ଥିତ ଥିଲେ।

## ଦୋଷମୁକ୍ତ ହେଲେ ବିଜେଡି ନେତା ଯୋଗେନ୍ଦ୍ରଙ୍କ ସହ ୭ ଅଭିଯୁକ୍ତ

ବ୍ରହ୍ମପୁର,୮ ।୫(ସମିସ): ଏକ ହତ୍ୟା ଉଦ୍ୟମ ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେଲେ ବରିଷ୍ଠ ବିଜେଡି ନେତା ଯୋଗେନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ୭ଜଣ। ବ୍ରହ୍ମପୁର ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶୁକ୍ରବାର ମାମଲା ନମ୍ବର ଏସଟି ୮୫/୨୨ର ଚୂଡାନ୍ତ ରାୟ ପ୍ରକାଶ ପାଇଥିଲା। ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ବରିଷ୍ଠ ବିଜେଡି ନେତା ଯୋଗେନ୍ଦ୍ର ସ୍ୱାଇଁ, ରାଧାଦେଇପୁର ସମିତି ସଭ୍ୟ ନୀଳାଞ୍ଚଳ ପ୍ରଧାନ, ବାସୁଦେବ ପ୍ରଧାନଙ୍କ ସମେତ ମୋଟ ୭ଜଣଙ୍କୁ ଦୋଷମୁକ୍ତ କରିଛନ୍ତି କୋର୍ଟ। ପ୍ରକାଶ ଯୋଗ୍ୟ ଯେ' ୨୦୨୨ ଦୋଳପୂର୍ଣ୍ଣିମା ଅବସରରେ ଉସ୍ତା ଜଗନ୍ନାଥପୁର ଗ୍ରାମର ସଭାପତି ଯୋଗେନ୍ଦ୍ରଙ୍କ ସଭାପତିତ୍ୱରେ ପାରମ୍ପରିକ ସଭାକାର୍ଯ୍ୟ ଚାଲୁ ରହିଥିବା ବେଳେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ଘଟଣାକୁ ନେଇ ଗ୍ରାମର ନିଲୁ ସ୍ୱାଇଁଙ୍କ ଏତଲା କ୍ରମେ ଯୋଗନ୍ଦ୍ର ଏବଂ ଅନ୍ୟ ୭ଜଣଙ୍କ ବିରୁଦ୍ଧରେ ପାଟପୁର ଥାନାରେ ନଂ.୮୫/୨୨ରେ ଦଫା ୩୦୭ ଧାରାରେ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୪ବର୍ଷର ଶୁଣାଣି ପରେ ଆଜି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବିରେନ ପଟ୍ଟନାୟକ ଓ ସହଯୋଗୀ ଆଇନଜୀବୀ ଭାବେ ଅନୁଜ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।



ପ୍ରମାଣ ଅଭାବ

## ଦୁର୍ଘଟଣାରେ ମୃତ ଓ ଆହତଙ୍କ ପରିବାରକୁ ସହାୟତା




ବ୍ରହ୍ମପୁର,୮ ।୫(ସମିସ): ଗତ କିଛିଦିନ ପୂର୍ବେ ବ୍ରହ୍ମପୁରର ବିଭିନ୍ନ ୱାର୍ଡର ଯାତ୍ରୀ ହରିଶଙ୍କର ଦର୍ଶନ ପାଇଁ ଯାଉଥିବା ବେଳେ ନୟାଗଡ଼ ଜିଲ୍ଲାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ମୃତ ଓ ଆହତ ପରିବାର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ଆର୍ଥିକ ସହାୟତ ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ୪ ଲକ୍ଷ ଟଙ୍କାର ଚେକ୍ ଓ ଦୁର୍ଘଟଣାରେ ଚିକିତ୍ସା ହେଉଥିବା ବ୍ୟକ୍ତିଙ୍କ ପ୍ରତ୍ୟେକ ପରିବାରଙ୍କୁ ୧.୨୫ ଲକ୍ଷ୍ୟ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ ଓ ସ୍ଥାନୀୟ ପ୍ରଶାସନ ଉପସ୍ଥିତ ଥିଲେ। ଏହି ଅବସରରେ ସହାୟତା ପାଇଥିବା ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବିଧାୟକ କୃତଜ୍ଞତା ଜଣାଇଥିଲେ।

## ୨୫ରୁ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ




ବ୍ରହ୍ମପୁର,୮ ।୫(ସମିସ): ବ୍ରହ୍ମାନଗର ସ୍ଥିତ ଜୋନାଲ ଅଫିସ ସମ୍ମୁଖରେ ଅଖିଳ ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ୧୬ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମେସେଞ୍ଜର ନିଯୁକ୍ତି, ସସ୍ତ୍ରଧାରୀ ସୁରକ୍ଷାକର୍ମୀ ନିଯୁକ୍ତି, ଏନପିଏସ ପେନ୍ସନ ଫଣ୍ଡ ମ୍ୟାନେଜର ପରିବର୍ତ୍ତନ ଅଧିକାର,୨୦୧୯ ପରେ ନିଯୁକ୍ତଙ୍କ ପାଇଁ ଟ୍ରାନ୍ସଫର ବ୍ୟବସ୍ଥା, ସ୍ଥାୟୀ କାମର ଆଉଟସୋର୍ସିଂ ବ୍ୟବସ୍ଥା ବନ୍ଦ, ମେଡିକାଲ୍ ସ୍କିମରେ ଉନ୍ନତି, ପେନ୍ସନରେ ସମସ୍ତ ଦେୟ, ପିଏଫ ଟ୍ରଷ୍ଟି ନିଯୁକ୍ତି ଓ ଏଚଆରଏମଏସ ସମସ୍ୟାର ସମାଧାନ ଭଳି ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଇଥିଲା। କର୍ମଚାରୀ ସମସ୍ୟା ନେଇ ମହାସଂଘ ପକ୍ଷରୁ ବିଭିନ୍ନ ମହଲରେ ବାରମ୍ବାର ଦାବି କରାଯାଇଥିବା ବେଳେ ସେମାନଙ୍କ ସମସ୍ୟା ସମାଧାନ କରାଯାଉନଥିବା ଦାବି ହୋଇଛି। ଏ ନେଇ ମହାସଂଘ ପକ୍ଷରୁ ଚଳିତ ମାସ ୨୫ ଓ ୨୬ତାରିଖରେ ଅବିରତ ଧର୍ମଘଟ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତି ହୋଇଛି। ବିକ୍ଷୋଭରେ ସାଧାରଣ ସମ୍ପାଦପ ଡ଼. ଚିତରଞ୍ଜନ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ଆନ୍ଦୋଳନକୁ ଓହ୍ଲାଇବେ ପାଇପ୍ ଜଳ ଯୋଗାଣ କର୍ମଚାରୀ

### ସ୍ଥାୟୀ ନିଯୁକ୍ତି ଦାବି

ବ୍ରହ୍ମପୁର,୮ ।୫(ସମିସ)

ସ୍ଥାୟୀ ନିଯୁକ୍ତି ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି ଓଡିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ। ସହରାଞ୍ଚଳରେ ୧୪୮୩ ଏବଂ ଗ୍ରାମାଞ୍ଚଳରେ ୫୯୫ ଜଣ ଅସ୍ଥାୟୀ କର୍ମଚାରୀ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ସାଢେ ୪କୋଟି ଲୋକଙ୍କୁ ପାନୀୟ ଜଳଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ।



- ୨୦ରେ କାର୍ଯ୍ୟବନ୍ଦ; ପ୍ରଭାବିତ ହେବ ଜଳଯୋଗାଣ
- ରାଜଧାନୀରେ ହେବ ଆନ୍ଦୋଳନ

ଦୀର୍ଘବର୍ଷ ଧରି ସେମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ବେଳେ ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ସ୍ଥାୟୀ କରିବା କ୍ଷେତ୍ରରେ ସରକାରୀ ଭାବେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ଓଡିଶା ପାଇପଜଳ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦ତାରିଖରେ ରାଜ୍ୟ ବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଆସନ୍ତା ୨୦ରେ ରାଜ୍ୟରେ ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବା ଆଶଙ୍କା ରହିଛି। ଏନେଇ ସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ୱାଟକୋ ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ନିକଟସ୍ଥ ସଂଘ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ସଭାପତି କ୍ଷୀରୋଦ ବେଉରା, ସାଧାରଣ ସମ୍ପାଦକ ଡମ୍ବୁରୁଧର ସାହୁ, ସୀମାଞ୍ଚଳ ପଣ୍ଡା, ସନ୍ତୋଷ ଗୌଡ, ଅରକ୍ଷିତ ପ୍ରଧାନ, ଉପାଧକ୍ଷ ଡଃ ମନୋଜ କୁମାର ମହାନ୍ତି, ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ, ବ୍ରହ୍ମପୁର ଉପଖଣ୍ଡ ସମ୍ପାଦକ ବି. ହରିକୃଷ୍ଣ ପାତ୍ର, ଶାଖା ସମ୍ପାଦକ ଚନ୍ଦ୍ରମାଧବ ମାଝୀ, କୋଷାଧକ୍ଷ ଜଗନ୍ନାଥ ପାତ୍ର, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ବାଳକୃଷ୍ଣ ଚୌଧୁରୀ ଓ ପିଣ୍ଟୁ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ। ଆସନ୍ତା ୨୦ତାରିଖରେ ରାଜଧାନୀ ଭୁବନେଶ୍ୱର ଠାରେ ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସରକାର ସଂଘର ଦାବି ଉପରେ କୌଣସି ଠୋସ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନକୁ ଦୁର୍ବାର କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

- ବିଇଏମ୍‌ସିର ୱାର୍ଡୱାରୀ ସମୀକ୍ଷା ବୈଠକର ୨ୟ ଦିବସ

## ଇଞ୍ଜିନିୟରିଂ ବିଭାଗ ଓ କର୍ପୋରେଟରଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ

ବ୍ରହ୍ମପୁର,୮ ।୫(ସମିସ): ବର୍ଷା ଦିନକୁ ଦୃଷ୍ଟିରେ ରଖି ବିଇଏମସି ନେଉଛି ଆଗୁଆ ପଦକ୍ଷେପ। ମେୟର ସଂଘମିତ୍ରା ଦଲେଇଙ୍କ ନେତୃତ୍ୱରେ ୱାର୍ଡୱାରୀ ସମୀକ୍ଷା କରାଯାଉଥିବା ବେଳେ ନିଜେ କମିସନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ ବିଭିନ୍ନ ୱାର୍ଡ ବୁଲି ସ୍ଥିତି ପରଖୁଛନ୍ତି। ପ୍ରଥମ ଦିନରେ ୭ଟି ୱାର୍ଡର ସମୀକ୍ଷା କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ଶୁକ୍ରବାର ୭, ୮, ୧୩, ୨୯, ୩୭, ୪୧ ୱାର୍ଡର ସମସ୍ୟା ଓ ତାହାର ପ୍ରତିକାର ସମେତ ରାଜୀବ ଆବାସ ଯୋଜନା ସମ୍ପର୍କିତ ଆଲୋଚନା କରାଯାଇଥିଲା। ଆଲୋଚନାରେ ମୁଖ୍ୟତଃ କର୍ପୋରେଟର ଓ ଇଂଜିନିୟରିଂ ବିଭାଗ ମଧ୍ୟରେ ଥିବା ସମନ୍ୱୟର ଅଭାବକୁ ଦୂର କରିବା ଏବଂ ଡ୍ରେନ ଏବଂ ରାସ୍ତା ଉପରେ ଥିବା ଟ୍ରାନ୍ସଫର୍ମର ଯୋଗୁଁ ସୃଷ୍ଟି ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଟାଟା ପାୱାର ଅଧିକାରୀଙ୍କ ସହିତ ଆଲୋଚନା କରି ବିପଦସଙ୍କୁଳ ତଥା ରାସ୍ତା ଓ ଡ୍ରେନ ଉପରେ ଥିବା ଟ୍ରାନ୍ସଫର୍ମର ଗୁଡିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଶନିବାର ଓ ରବିବାର ଛୁଟିଦିନ ଥିବା ବେଳେ ଆସନ୍ତା ସୋମବାର ତୃତୀୟ ସମୀକ୍ଷା ବୈଠକରେ ୯,୧୦,୧୭,୧୮,୧୯,୨୫ ଓ ୩୩ ୱାର୍ଡର



କର୍ପୋରେଟର ଓ ସମ୍ପୃକ୍ତ ଅଞ୍ଚଳର ଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ତାହାର ସମାଧାନ ନେଇ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ମେୟର ସଂଘମିତ୍ରା ଦଲେଇ, କମିସନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀଙ୍କ ସମେତ କର୍ପୋରେଟର ଓ ଅନ୍ୟ ଅଧିକାରୀମାନଙ୍କ ଗହଣରେ ବ୍ରହ୍ମପୁର ଉପକଣ୍ଠ ହୁଗୁଳାପଟ୍ଟା ସ୍ଥିତ ଗୋଶାଳାର ସ୍ଥିତି ଅନୁଧ୍ୟାନ ସହିତ ଗୋଷାଣୀନୂଆଗାଁ ସ୍ଥିତ ନିର୍ମାଣାଧିନ ଗୋଶାଳା ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର ଏହି ଗୋଶାଳାକୁ କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଜିର ସମୀକ୍ଷା ବୈଠକରେ ମେୟର, କମିସନରଙ୍କ ସମେତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଟି. କିଶୋର ପାତ୍ର, ଜାମୁଲ୍ଲା ଶ୍ରୀନିବାସ, ବେବି ନାୟକ, ବନିତା ସାହୁ, ପଦ୍ମିନୀ ମିଶ୍ର, ନୀଳକଣ୍ଠ ସାହୁ ଓ ଚିତ୍ରସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ; ଯୁବକ ଗିରଫ

ବ୍ରହ୍ମପୁର,୮ ।୫(ସମିସ): ଜଣେ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଲନ୍ଥରା ଅଞ୍ଚଳର ଆତିଶ ବେହେରା(୩୦) ଓ ସେ ବିବାହିତ। ସୂଚନାପ୍ରକାରେ, ଖୋର୍ଦ୍ଧା ଅଞ୍ଚଳର ଏହି ନାବାଳିକା(୧୭) ଜଣଙ୍କ ବ୍ରହ୍ମପୁରରେ ରହି ପଢୁଥିଲେ। ହେଲେ କିଛିଦିନ ତଳେ ଘରକୁ ନଯାଇ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଆତିଶ ଓ ନାବାଳିକା ରହୁଥିବା ଠିକଣା ଜଣାପଡ଼ିବା ପରେ ପୁଲିସ ସେମାନଙ୍କୁ କାବୁ କରିଥିଲା। ନାବାଳିକାଙ୍କ ବୟାନକୁ ଭିତ୍ତି କରି ପୁଲିସ ଉଭୟଙ୍କ ଡାକ୍ତରୀମାଇନା ପରେ ଆତିଶକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ପ୍ରେମିକ ଗିରଫ

ବ୍ରହ୍ମପୁର,୮ ।୫(ସମିସ): ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଆଉ ଏବେ ପ୍ରତାରଣା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ବଡ଼ ବଜାର ଥାନା ଅଞ୍ଚଳର ଆକାଶ ନାୟକ (୨୯)। ବଡ଼ବଜାର ଥାନା ଅଞ୍ଚଳର ଜୈନିକା ଯୁବତୀଙ୍କ ସହ ଅଭିଯୁକ୍ତ ଆକାଶଙ୍କର ୨୦୧୯ ରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଆକାଶ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ଜଣକ ବିବାହ କଥା କହିବାରୁ ଆକାଶ ଦିନ ଗଡ଼ାଇ ଚାଲିଥିଲେ। ବାରମ୍ବାର ବିବାହ କଥା କହିବାରୁ ପରେ ଝଗଡ଼ା ହୋଇ କିଛିଦିନ କଥାବାର୍ତ୍ତା ବନ୍ଦ ରହିଥିଲା। ଆକାଶ ବର୍ତ୍ତମାନ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିବାକୁ ଯୁବତୀ ଜଣକ ବଡ଼ ବଜାର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଆକାଶକୁ କାବୁ କରିବା ପରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏପରିକି ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ସେ କହିଛନ୍ତି।



## ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

ବ୍ରହ୍ମପୁର,୮ ।୫(ସମିସ): ସହର ଉପକଣ୍ଠ ମୋହଡ଼ା ସ୍ଥିତ ସରକାରୀ ଭୈରବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଧନୁ ସେଠୀଙ୍କ ପୌରୋହିତ୍ୟରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଆଶିଷ କୁମାର ପାଢ଼ୀ ଜନ୍ ହେନେରୀ ଡୁନାଣ୍ଟଙ୍କ ଜୀବନୀ ସହିତ ବିଦ୍ୟାଳୟ ପରିସରରେ ରେଡ୍‌କ୍ରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କୁ ପରୀକ୍ଷାରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁଦର୍ଶନ ମଣ୍ଡଳ, କ୍ରୀଡା ଶିକ୍ଷକ ନିଶିଥ୍ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ମନସ୍ୱିନୀ ଦାସ, ବିଷ୍ଣୁପ୍ରିୟା ସାହୁ, ସୁନନ୍ଦା ମଧୁସ୍ମିତା କହଁର, ମିନତୀ ନାୟକ ଓ ବିଜୟଲକ୍ଷ୍ମୀ ପ୍ରଧାନ ଉପସ୍ଥିତ ଥିଲେ।




### ଟିପିଏସ୍‌ଓଡିଏଲ୍‌ର ସଚେତନତାରୁ ସୌରଶକ୍ତିର ସଫଳ ଯାତ୍ରା

## ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ୮, ୯୫୫ ସୌର ପ୍ୟାନେଲ୍ ସ୍ଥାପନ

ବ୍ରହ୍ମପୁର,୮ ।୫(ସମିସ)

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ସମଗ୍ର ଦକ୍ଷିଣ ଓଡ଼ିଶାରେ ସବୁଜ ଓ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରୁଛି। ଏହିକ୍ରମରେ କମ୍ପାନୀ ତରଫରୁ ବ୍ୟାପକ ଭାବରେ ସୌର ପ୍ୟାନେଲ ସ୍ଥାପନ କରାଯାଉଛି। ବହୁ ସଂଖ୍ୟାରେ ଉପଭୋକ୍ତା ଏବେ ଏହି ଯୋଜନାରେ ସାମିଲ ହୋଇ ସୌର ଶକ୍ତିକୁ ଆପଣାଇଥିବା କାରଣରୁ ମାସିକ ବିଦ୍ୟୁତ ବିଲ୍ ଶୂନ ତଥା ଜିରୋ ବିଲ୍ ପାଉଛନ୍ତି। ଯାହା ଏକ ସ୍ଥାୟୀ ଶକ୍ତିକୁ ଆପଣାଇବା ଦିଗରେ ଏକ ବିଶେଷ ସଫଳତା। ଟିପିଏସ୍‌ଓଡିଏଲ୍ ୟୁଟିଲିଟି ଲେଡ୍ ଆଗ୍ରିଗେସନ୍ ତଥା ୟୁଏଲ୍‌ଏ ମଡେଲ ଅଧୀନରେ ମୋଟ ୨ହଜାର ୭୪୧ ସୌର ପ୍ୟାନେଲ ସମଗ୍ର ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ସ୍ଥାପନ କରିଛି। ଯେଉଁଥିରେ ଗଞ୍ଜାମର ୧୫୬୫, ଗଜପତିରେ ୧୫୨, କନ୍ଧମାଳରେ ୧୬୧, ରାୟଗଡ଼ାରେ ୯୬, କୋରାପୁଟରେ ୬୧, ନବରଙ୍ଗପୁରରେ ୨୬୦, ମାଲକାନଗିରିରେ ୨୩୯ ଏବଂ ବୌଦ୍ଧରେ ୨୦୭ଜଣ ଉପଭୋକ୍ତା ୟୁଏଲ୍‌ଏ ମଡେଲ ଅଧୀନରେ ସୌର ପ୍ୟାନେଲ ସ୍ଥାପନ କରିଛନ୍ତି। ଅନୁରୂପ ଭାବରେ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ମୋଟ ୬ହଜାର ୨୧୪ ସୌର ପ୍ୟାନେଲ ସମଗ୍ର ଦକ୍ଷିଣ ଓଡିଶାରେ ସ୍ଥାପନ ହୋଇ ସାରିଛି। ଯେଉଁଥିରେ ଗଞ୍ଜାମ ଜିଲ୍ଲାରେ ୩,୮୨୨, ଗଜପତିରେ ୨୩୦, କନ୍ଧମାଳରେ ୧୧୫, ରାୟଗଡ଼ାରେ ୬୯୫, ମାଲକାନଗିରିରେ ୧୪୨, ନବରଙ୍ଗପୁରରେ ୨୧୧, ବୌଦ୍ଧରେ ୪୦୮ ଏବଂ କୋରାପୁଟରେ ୫୯୧ଜଣ ଉପଭୋକ୍ତା ସାମିଲ ହୋଇ ଉପକୃତ ହୋଇଛନ୍ତି। ମୋଟ ୮ହଜାର ୯୫୫ ସୋଲାର ଉପଭୋକ୍ତାଙ୍କ ମଧ୍ୟରେ ୪ହଜାର ୮୫୦ ଜଣ ଉପଭୋକ୍ତା ଏପ୍ରିଲ ମାସରେ ବିଦ୍ୟୁତ ବିଲ୍‌ରେ ଶୂନ ତଥା ଜିରୋ ବିଲ୍ ପାଇଛନ୍ତି। ଯାହା ଟିପିଏସ୍‌ଓଡିଏଲର ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଏହା କିପରି ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ତଥା ସେମାନଙ୍କ ପରିବାରକୁ ବିଦ୍ୟୁତ ବିଲ୍ ହ୍ରାସ କରିବାରେ ସହାୟକ ହୋଇ ପାରିଛି ତା'ର ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରେ।

ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ଟିପିଏସ୍‌ଓଡିଏଲରେ ଆମେ ଉପଭୋକ୍ତାଙ୍କୁ ଏକ ସ୍ଥାୟୀ, ସୁଲଭ ଏବଂ ଭରସାଯୋଗ୍ୟ ଶକ୍ତି ମାଧ୍ୟମରେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ଅଟୁ। ଜିରୋ-ବିଲ୍ ଗ୍ରାହକଙ୍କ ବଢୁଥିବା ସଂଖ୍ୟା ଆମର ସୌର ଅଭିଯାନର ସଫଳତା ଏବଂ ଗ୍ରାହକଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି। ନିରନ୍ତର ସଚେତନତା ଏବଂ ପ୍ରୋତ୍ସାହନ ମାଧ୍ୟମରେ ଆମେ ଦକ୍ଷିଣ ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ଗ୍ରହଣ ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହିତ ଏକ ମଡେଲ୍ ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖିଛୁ। ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶା ପାଇଁ "ମିଶନ ସୋଲାର୍" ଲକ୍ଷ୍ୟକୁ ସାଧିତ କରିବା ଦିଗରେ ପ୍ରୟାସରତ ରହିଛି। ଯାହା ରୁଫ୍ ଟପ୍ ସୋଲାର୍ ଅଭିଯାନକୁ ବ୍ୟାପକ କରିବା, ଗ୍ରାହକ ସଚେତନତା ବୃଦ୍ଧି କରିବା ଏବଂ ଭାରତର ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ଆପଣାଇବା କ୍ଷେତ୍ରରେ ଯୋଗଦାନ କରେ।



- ୪,୮୫୦ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ଶୂନ
- ପିଏମ୍ ସୂର୍ଯ୍ୟଘର ମୁଫତ୍ ବିଜୁଳି ଯୋଜନା ଅଧୀନରେ ୬,୨୧୪ ସୌର ପ୍ୟାନେଲ ସ୍ଥାପନ



୮/୫/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୨,୬୮୦/- ସୁନା: ୫୧.୦୫୦ ଗ୍ରାମ୍ ରୁପା: ୨୧.୭୦୦ ଗ୍ରାମ୍





▶ ସେବାୟତ-ସାମ୍ବାଦିକ ମୁହାଁମୁହିଁ

# ବୁଝାଇବାକୁ ନେତା, ଅଧିକାରୀ ଝାଳନାଳ

ପୁରୀ,୮।୫(ସମିସ): ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ହୋ ହଲ୍ଲା ମଧ୍ୟରେ ଶେଷ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପ୍ରଶ୍ନବାଣର ଶିକାର ହେବାକୁ ନେଇ ବୈଠକ ବେଶ୍ ସରଗରମ୍ ରହିଥିବା ବେଳେ ଆରମ୍ଭରୁ ସେବାତୟ ଓ ସାମ୍ବାଦିକ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଅଧିକାରୀଙ୍କୁ ରଥଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତୀୟ ପ୍ରଶ୍ନ ପଚାରିବାକୁ ନେଇ ଉଭୟେ ମୁହାଁମୁହିଁ ହୋଇଥିଲେ। ଥରେ ନୁହେଁ ଏକାଧିକଥର ବୈଠକରେ ଏଭଳି ହଟ୍ଟଗୋଳ ହୋଇଥିଲା। ଏପରି କି ପରସ୍ପର ସିଟ୍‌ରୁ ଉଠି ପ୍ରତିପକ୍ଷଙ୍କ ପାଖକୁ ଆସିଯାଇଥିଲେ। ଫଳରେ ସ୍ଥିତିକୁ ସ୍ୱାଭାବିକ କରିବାକୁ ଯାଇ ଝାଳନାଳ ହୋଇଯାଇଥିଲେ ମଞ୍ଚରେ ଥିବା ନେତା ଓ ଅଧିକାରୀ। ଆରମ୍ଭରୁ ସେବାୟତ-ସାମ୍ବାଦିକଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଯୁକ୍ତିତର୍କ ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲା।

ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚାପ ବନ୍ଦ ହେବା ନେଇ ସାମ୍ବାଦିକମାନେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ସେବାୟତଙ୍କ ଜିଦ୍ ପାଇଁ ଠାକୁର ଚାପ ନ ଖେଳି ଶ୍ରୀମନ୍ଦିର ଫେରିଥିଲେ ବୋଲି କହିଥିଲେ। ଏହାକୁ ନେଇ କିଛି ସେବାୟତ ଉତ୍କ୍ଷିପ୍ତ ହୋଇଥିଲେ। ସାମ୍ବାଦିକଙ୍କ ସହ ଯୁକ୍ତିତର୍କ କରିଥିଲେ। ସେହିପରି ବରାଦୀ ଅବଢା ନେବାକୁ ଉତ୍ତର ଦ୍ୱାରରେ ଏକାଧିକ ଗାଡି ପାର୍କିଂ କରୁଥିବାରୁ ପୁରୀବାସୀ ଏପରି କି ଭକ୍ତମାନେ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନେ ଦିନେ ଅବଢା ବାହାରିବାରେ ବିଳମ୍ବ ହେଉଥିବା ବେଳେ ଗାଡିଗୁଡ଼ିକ ଯାତାୟାତ ମାର୍ଗରେ ୨/୩ ଘଣ୍ଟା ଧରି ଛିଡା ହେଉଛି। ପ୍ରଶାସନ ଏହାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଜଣେ ବରିଷ୍ଠ ସାମ୍ବାଦିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏହାକୁ ଗ୍ରହଣ କରିପାରି ନ ଥିଲେ କିଛି ସେବାୟତ। ମହାପ୍ରସାଦ ସହ ବ୍ୟବସାୟ ଶବ୍ଦ ଯୋଡିବା ଆଦୌ ଠିକ୍ ନୁହେଁ କହି ସାମ୍ବାଦିକଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଥିଲେ। ଫଳରେ ବୈଠକ ବେଶ୍ ସରଗରମ୍ ହୋଇଥିଲା। ସେହିପରି ସାମ୍ବାଦିକ କୌଣସି ପ୍ରଶ୍ନ କଲେ ଏହାକୁ ଏଡାଇ ଅଧିକାରୀଙ୍କୁ ଆଗକୁ ବଢିବାକୁ ସେବାୟତ କହୁଥିବା ସାମ୍ବାଦିକ ଅଭିଯୋଗ କରିଥିଲେ। ଏମିତି ଏକାଧିକ ପ୍ରସଙ୍ଗକୁ ନେଇ ଆରମ୍ଭରୁ ସେବାୟତ ଓ ସାମ୍ବାଦିକ ମୁହାଁମୁହିଁ ହୋଇଥିଲେ।

### ବୀମା ସହାୟତା ୧୫ ଲକ୍ଷ କରାଯାଉ

ଚଳିତବର୍ଷ ରଥଯାତ୍ରାରେ ୧୫/୨୦ଲକ୍ଷ ଭକ୍ତ, ଦର୍ଶନାର୍ଥୀ ଓ ଯାତ୍ରୀଙ୍କ ସମାଗମ ହେବା ଆଶା କରିଛି ପ୍ରଶାସନ। ତେଣୁ ଏତେ ସଂଖ୍ୟକ ଭକ୍ତ ଗୋଟିଏ ଜାଗାରେ ଏକାଠି ହେଉଥିବାରୁ ଘଟଣା ଦୁର୍ଘଟଣାର ସମ୍ଭାବନା ରହିଛି। ଭିଡ଼ ଭିତରେ ଧନ ଜୀବନ ପ୍ରତି ବିପଦ ଆଶଙ୍କାକୁ ଏଡାଇ ଦେଇହେବ ନାହିଁ। ତେଣୁ ଏହାକୁ ନଜରରେ ରଖି ରଥଯାତ୍ରା ପାଇଁ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ, ସେବାୟତ ପ୍ରମୁଖଙ୍କୁ ବୀମାଭୁକ୍ତ କରାଯିବ। ପୁରୀ ମହାନଗର ନିଗମ ଅଞ୍ଚଳରେ ରଥଯାତ୍ରା ଅବଧି ମଧ୍ୟରେ ଏହି ବୀମା କଭର କରିବ। ଏହି ସମୟରେ ଯଦି କାହାର ଅସ୍ୱାଭାବିକ, ଦୁର୍ଘଟଣାଜନିତ ମୃତ୍ୟୁ ଘଟେ ତେବେ ୫ ଲକ୍ଷ ଟଙ୍କା ବୀମା ସହାୟତା ମିଳିବ ବୋଲି ଘୋଷଣା କରାଯାଇଛି। କିନ୍ତୁ ଏହି ବୀମା ସହାୟତା ୫ଲକ୍ଷ ନୁହେଁ ଅନ୍ୟୁନ ୧୫ ଲକ୍ଷ ଟଙ୍କା କରିବାକୁ ସାମ୍ବାଦିକ ଦାବି କରିଛନ୍ତି। ଏହାକୁ ମଧ୍ୟ ସେବାୟତ ଏବଂ ବୁଦ୍ଧିଜୀବୀ ସମର୍ଥନ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ ଏହା ଉପରେ କ'ଣ ନିଷ୍ପତ୍ତି ନେଉଛି।

### ■ ଅହମ୍ମଦାବାଦରୁ ଆସିବ ରଥକନା

ତିନିରଥ ପାଇଁ ନାଲି, ସବୁଜ, ହଳଦିଆ ଓ କଳା ରଙ୍ଗର ରଥକନା ଦରକାର ପଡିଥାଏ। ପ୍ରତିବର୍ଷ ଗୁଜୁରାଟର ଅହମ୍ମଦାବାଦରୁ ଏହି ରଥ କନା ଆସିଥାଏ। ଏ ବର୍ଷ ୧,୬୦୦ ମିଟର ରଥକନା ଅହମ୍ମଦାବାଦରୁ ଆସିବା ପାଇଁ ଅର୍ଡର ଦିଆଯାଇଛି। ମେ ଶେଷ ସୁଦ୍ଧା ରଥକନା ଆସି ପହଞ୍ଚିବ ବୋଲି ନୀତି ପ୍ରଶାସକ ସୂଚନା ଦେଇଥିଲେ। ସେହିପରି ଝୁଣା ମହଜୁଦ୍ ଅଛି ଏବଂ ଅଧିକ ୨୦୦ କେଜି ମଧ୍ୟ ମଗାଯାଇଛି। ରଥଯାତ୍ରା ପାଇଁ ଆବଶ୍ୟକ ଭଲ ଚନ୍ଦନକାଠ ମହଜୁଦ୍ ଅଛି। ତାମିଲନାଡୁ କୋଏମ୍ବାଟୁରରୁ ୩୦୦ କେଜି ଚନ୍ଦନକାଠ ଆସିଛି। ଓଡ଼ିଶା ସମବାୟ କତା ନିଗମ ଚଳିତ ମାସ ଶେଷ ସୁଦ୍ଧା ୨୮ଟି ରଥ ଟଣା ଦଉଡ଼ି ଏବଂ ୬ଟି କଡର୍ନ ଦଉଡ଼ି ଯୋଗାଇଦେବ। ବାସୁଙ୍ଗାପାଟ ସାମ୍ଭୁଲ ଦଇତାପତି ସେବକମାନେ ପରଖିବା ପରେ ସେରିଫେଡ୍ ଯୋଗାଇଦେବ ବୋଲି ନୀତି ପ୍ରଶାସନ କହିଥିଲେ।


ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପ୍ରବେଶ ଏବଂ ଦର୍ଶନ ସୁବିଧା ପାଇଁ ପୁରୀବାସୀଙ୍କ ପ୍ରତିବାଦ ପଦଯାତ୍ରା ୩୮ ଦିନରେ

## ସିପିଏସ୍‌ରେ ଆଲୋଚନାଚକ୍ର

# ପ୍ରାଚୀନ ବିଦ୍ୱାନ ଉନ୍ନତ ଔଷଧ ପ୍ରଣାଳୀ ପ୍ରତିଷ୍ଠା କରିବାରେ ସିଦ୍ଧହସ୍ତ



ପୁରୀ,୮।୫(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ (ସିପିଏସ୍)ରେ 'ଇଣ୍ଡିଆନ ନଲେଜ ସିଷ୍ଟମ: ଇମ୍ପାକ୍ଟ ଅନ୍ ଫାର୍ମାସୀ ଇନ୍ ମଡର୍ଣ୍ଣ ଏରା' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ରଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୟୁଡିପିଏସ୍ ଫାର୍ମାସୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡା. ଜିତେନ୍ଦ୍ର କୁମାର ସାସମଲ ଓ ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ, ନିର୍ଦ୍ଦେଶକ ଡ. ଗଣେଷ ଦାଶ, ପ୍ରଫେସର ଡ. ନିକୁଞ୍ଜ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେମାନେ କହିଥିଲେ, ଆଧୁନିକ ଔଷଧ ଶିଳ୍ପର ବିକାଶର ବହୁ ପୂର୍ବରୁ ଆମର ପ୍ରାଚୀନ ବିଦ୍ୱାନ ଏବଂ ଚିକିତ୍ସକମାନେ ଆୟୁର୍ବେଦ, ସିଦ୍ଧ, ୟୁନାନୀ, ଯୋଗ ଏବଂ ଅନ୍ୟାନ୍ୟ ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ଉନ୍ନତ ଔଷଧ ପ୍ରଣାଳୀ ପ୍ରତିଷ୍ଠା କରିବାରେ ସିଦ୍ଧହସ୍ତ ଥିଲେ। ବର୍ତ୍ତମାନ ଭାରତୀୟ ଔଷଧର ଜ୍ଞାନ କୌଶଳ ହଜାର ହଜାର ବର୍ଷ ପୂର୍ବେ ଚରକ ସଂହିତା ଏବଂ ସୁଶ୍ରୁତ ସଂହିତା ଭଳି ପ୍ରାଚୀନ ଗ୍ରନ୍ଥର ଚିକିତ୍ସା ଏବଂ ଔଷଧ ପ୍ରସ୍ତୁତି କରିବାର ବିଧିଗୁଡିକରୁ ଆଦୃତ ହୋଇଛି। ଏହି ପୁରାତନ ଗ୍ରନ୍ଥଗୁଡିକରେ ଔଷଧୀୟ ଗଛ, ଔଷଧ ପ୍ରସ୍ତୁତି, ଶଲ୍ୟ ଚିକିତ୍ସା କୌଶଳ, ରୋଗ ନିର୍ଣ୍ଣୟ ଏବଂ ରୋଗୀ ଯତ୍ନକୁ ସଠିକ୍ ଭାବେ ଉଲ୍ଲେଖ କରାଯାଇଛି। ଫାର୍ମାସୀ ଏବଂ ସ୍ୱାସ୍ଥ୍ୟସେବାର ଛାତ୍ରଛାତ୍ରୀମାନେ ବୃତିଗତ ଭାବେ ଆଧୁନିକ ବୈଜ୍ଞାନିକ ଉନ୍ନତିକୁ ଗ୍ରହଣ କରିବା ସହିତ ଆମର ପାରମ୍ପରିକ ଜ୍ଞାନକୁ ଆପଣେଇପାରିଲେ ମାନବତାର କଲ୍ୟାଣ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ତ୍ରୈମାସିକ ସୂଚନା ପତ୍ରିକା 'ନିୟୁଜଲେଟର' ୨୦୨୫ ବର୍ଷର ୪ର୍ଥ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ସିଦ୍ଧେଶ୍ୱର ପ୍ରସାଦ ପାଟ୍ଟଯୋଶୀ, ଅନୁପ କୁମାର ପାତ୍ର, ସନ୍ଧ୍ୟାରାଣୀ ପାଟ୍ଟଯୋଶୀ, ବିଦୁସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ଆଲୋଚନାଚକ୍ର ପରିଚାଳନାରେ ସହଯୋଗ କରିଥିଲେ।

● ଉଦ୍‌ବେଗ ପ୍ରକାଶ କଲେ ବୁଦ୍ଧିଜୀବୀ

# ଅଟୋ-ଟୋଟୋ ଚାଳକଙ୍କ ଉପରେ ରହୁନି ଲଗାମ

ପୁରୀ,୮।୫(ସମିସ): ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକରେ ପୁରୀ ସହରର ପରିବହନ ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେବାୟତ, ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ପରିବହନ ବିଭାଗର ସ୍ଥାଣୁତାକୁ ନେଇ ଆର୍‌ଟିଓଙ୍କୁ ଘେରିଥିଲେ। ସେମାନେ କହିଥିଲେ ଯେ, ପୁରୀ ସହରରେ ଅଟୋ ଓ ଟୋଟୋ ଚାଳକଙ୍କ ଉପରେ ପୁଲିସ କିମ୍ବା ପରିବହନ ବିଭାଗର କୌଣସି ଲଗାମ ରହୁନାହିଁ। ସେମାନେ ବେପରୁଆ ଓ ବେଆଇନ ଭାବେ ଗାଡ଼ି ଚଳାଉଛନ୍ତି। କିଛି ଅସାମାଜିକ ଯୁବକ ମଧ୍ୟ ଅଟୋ ଚଳାଉଥିବା ଅଭିଯୋଗ ହୋଇଛି। ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର ନିକଟରେ ଏକ ଟୋଟୋକୁ ଜଣେ ମହିଳା ପୁଲିସ କନଷ୍ଟେବଲ ଅଟକାଉଥିବା ବେଳେ ଟୋଟୋ ଚାଳକ ଗାଡ଼ି ନ ଅଟକାଇ ତାଙ୍କୁ କିଛି ବାଟ ଘୋଷାଡି ନେଇଥିଲେ। ଏହି ଘଟଣା ସହରର ଆଇନ ଶୃଙ୍ଖଳା ଓ ପରିବହନ ବ୍ୟବସ୍ଥାର ସ୍ଥିତିକୁ ପଦାରେ ପକାଇଛି। ସେହିପରି ଅଟୋ ଏବଂ ଟୋଟୋ ଚାଳକମାନେ ଭକ୍ତ ଓ ପର୍ଯ୍ୟଟକଙ୍କଠାରୁ ମନଇଚ୍ଛା ଭଡ଼ା ଆଦାୟ କରୁଛନ୍ତି। ଅନ୍ୟ ସହର ତୁଳନାରେ ପୁରୀରେ ଧାର୍ଯ୍ୟ ଅଟୋ ଭଡ଼ା ସବୁଠାରୁ ଅଧିକ। ୨/୩ କିଲୋମିଟରକୁ ୧୫୦/୨୦୦ ଟଙ୍କା ନେଉଛନ୍ତି। ବସ୍‌ରେ ମଧ୍ୟ ସମାନ ଅବସ୍ଥା। ପୁରୀରୁ ଭୁବନେଶ୍ୱର ଓ କଟକ ଚଳାଚଳ କରୁଥିବା ଘରୋଇ ବସ୍‌ଗୁଡ଼ିକ ମଧ୍ୟ ନିୟମ ମାନୁନାହାନ୍ତି। ଅଧିକାଂଶ ବସ୍‌ରେ ରେଟ୍‌ଚାର୍ଟ ଲଗାଯାଉନାହିଁ। ଧାର୍ଯ୍ୟ ଭଡ଼ାଠାରୁ ୨୦ରୁ ୩୦ ଟଙ୍କା ଅଧିକ ନେଉଛନ୍ତି। ଅନେକ ଯାତ୍ରୀଙ୍କୁ ଟିକେଟ୍ ମଧ୍ୟ ଦିଆଯାଉନାହିଁ। ଯେଉଁ କେତେକ ବସ୍ ଟିକେଟ୍ ଦେଉଛନ୍ତି, ସେଥିରେ କିଲୋମିଟର, ଧାର୍ଯ୍ୟ ଭଡ଼ା ଆଦି କିଛି ଉଲ୍ଲେଖ ରହୁନାହିଁ। ଫଳରେ ଯାତ୍ରୀମାନେ ଠକେଇର ଶିକାର ହେଉଛନ୍ତି। ଆର୍‌ଟିଓ କହିଥିଲେ ଯେ, ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରି ନିୟମିତ ଯାଞ୍ଚ କରାଯାଉଛି। ଆଗକୁ ଏହିସବୁ ସମସ୍ୟାର ସମାଧାନ ଦିଗରେ ପୁଲିସ ସହଯୋଗରେ ପଦକ୍ଷେପ ନେବେ ବୋଲି କହିଥିଲେ।

**ଧାର୍ଯ୍ୟ ଭଡାଠାରୁ ଅଧିକ ନେଉଛନ୍ତି ଘରୋଇ ବସ୍**

# ଆଜିଠୁ ପୁରୀ ବକ୍ସିଂ ଏକାଡେମୀର ଗ୍ରୀଷ୍ମ ଶିବିର

ପୁରୀ,୮।୫(ସମିସ): ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ମେ ୧୦ରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା କ୍ରୀଡା ସଂକଳନଠାରେ "ମୁଷ୍ଟିଯୁଦ୍ଧ ଗ୍ରୀଷ୍ମ ଶିବିର ୨୦୨୬' ଆୟୋଜିତ ହେବ। ଏହି କ୍ୟାମ୍ପରେ ୯ ବର୍ଷରୁ ଉର୍ଦ୍ଧ୍ୱ ପୁଅ ଓ ଝିଅମାନେ ଯୋଗଦେଇ ପାରିବେ। ପ୍ରତିଦିନ ସକାଳ ୬ଟାରୁ ୮ଟା ଏବଂ ଅପରାହ୍ନ ୪ଟା ୫୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅଭ୍ୟାସ ଚାଲିବ। କ୍ୟାମ୍ପରେ ବକ୍ସିଂର ପ୍ରାଥମିକ ପ୍ରଶିକ୍ଷଣ, ଫିଟ୍‌ନେସ, ଷ୍ଟାମିନା ବୃଦ୍ଧି, ସେଲ୍ଫ ଡିଫେନ୍ସ, ଶୃଙ୍ଖଳା ଓ କ୍ରୀଡା ମନୋଭାବ ଉପରେ ପ୍ରଶିକ୍ଷଣ ଦିଆଯିବ। ଅଭିଜ୍ଞ କୋଚ ପ୍ରଶିକ୍ଷଣ ଦେବେ। ଉଲ୍ଲେଖଯୋଗ୍ୟ ଯେ, ଏକାଡେମୀର ଛାତ୍ରଛାତ୍ରୀ ପ୍ରତିବର୍ଷ ରାଜ୍ୟ ଓ ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରୁଛନ୍ତି। ଏହି କ୍ୟାମ୍ପ ଯୁବପିଢିଙ୍କୁ ଭବିଷ୍ୟତରେ ଉତ୍କୃଷ୍ଟ ବକ୍ସର ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।

# ଭାରତୀୟ କଳାଶ୍ରୀ ସମ୍ମାନ ଉଦ୍‌ଘାଟିତ

ପୁରୀ,୮।୫(ସମିସ): ଇଣ୍ଡିଆନ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲ୍‌ଚର ପକ୍ଷରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଅଷ୍ଟମ ଭାରତୀୟ କଳାଶ୍ରୀ ସମ୍ମାନ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଗୁରୁ ପ୍ରଫେସର ଡ. ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ପ୍ରଦ୍ୟୁମ୍ନ ମିଶ୍ର ଓ ରାଜେଶ ମହାପାତ୍ର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ପ୍ରଭୁଜୀ ଗୌରୀଶଙ୍କର ସିଂହାରୀ, ନୀଳମଣି ଗୁରୁ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷକ ଏବଂ ଅନୁଷ୍ଠାନର ମୁଖ୍ୟ ଡ. ମନମୋହନ ଶର୍ମା ମଞ୍ଚାସୀନ ଥିଲେ। ପ୍ରଥମ ଅଧିବେଶନରେ ପ୍ରାୟ ୯୫ଜଣ ଶିଳ୍ପୀଙ୍କୁ ପ୍ରମାଣପତ୍ର, ଉପଢୌକନ, ଟ୍ରଫି ଏବଂ ଭାରତୀୟ କଳାଶ୍ରୀ ବିନ୍ଦୁ ସମ୍ମାନ ପ୍ରଦାନ କରାଯିବା ସହିତ ଗୁରୁମାନଙ୍କୁ ଭାରତୀୟ କଳାଶ୍ରୀ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ୪୫ ଜଣଙ୍କୁ ଭାରତୀୟ କଳାଶ୍ରୀ କମଳ ସମ୍ମାନ ଓ ୩ ଜଣ ଯୁବ ଗୁରୁଙ୍କୁ ଭାରତୀୟ କଳାଶ୍ରୀ ରତ୍ନ ସମ୍ମାନ ସହିତ ଓଡିଶୀ ନୃତ୍ୟଗୁରୁ ପାଗଳ ସ୍ୱାଇଁଙ୍କୁ ଭାରତୀୟ କଳାଶ୍ରୀ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟରେ ଚଳଚଞ୍ଚଳ ହୋଇ ଉଠିଥିଲା ସଂସ୍କୃତି ଭବନ। ଗୁରୁ ବସନ୍ତ କୁମାର ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ଉପସ୍ଥାପନା କରିଥିଲେ ଦିବ୍ୟାଂଶା ଦିବ୍ୟାଂଶି। ଏହାକୁ ସଂଯୋଜନା କରିଥିଲେ ଶୁଭଲକ୍ଷ୍ମୀ ଓ ଅନ୍ୟମାନେ। ଭାରତର କୋଣାନୁକୋଣରୁ ଓଡିଶୀ, କଥକ, ଭାରତନାଟ୍ୟମ୍, କୁଚିପୁଡି ତଥା ଲୋକନୃତ୍ୟର ମହାସଙ୍ଗମ ଘଟିଥିଲା।



## ବିଶ୍ୱ ରେଡକ୍ରସ ଦିବସ ପାଳିତ

# 'ସେବା ଏକ ଐଶ୍ୱରୀୟ ଗୁଣ'

ପୁରୀ,୮।୫(ସମିସ)

ରେଡକ୍ରସ ବିଶ୍ୱର ସର୍ବବୃହତ ମାନବ ସେବାକାରୀ ଅନୁଷ୍ଠାନ। ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟର ସମ୍ମୁଖୀନ ମଣିଷ ମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବପ୍ରଥମେ ପହଞ୍ଚିଥାଏ। ତେଣୁ ଆଜିର ଯୁବପିଢି ସେବା ମୂଳକ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଶୁକ୍ରବାର ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ପୁରୀ ଜିଲ୍ଲା ରେଡକ୍ରସ ଶାଖା ମାନବ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସେବା ଏକ ଐଶ୍ୱରୀୟ ଗୁଣ। ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି ବୋଲି କହିଥିଲେ।

ରେଡ୍‌କ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରେଡ୍‌କ୍ରସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନେରୁ ଡୁନାଣ୍ଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରେଡ୍‌କ୍ରସ ପାଣ୍ଠି ସଂଗ୍ରହରେ ଅବଦାନ ରଖିଥିବା ପୁରୀ ଓ ସତ୍ୟବାଦୀ ତହସିଲଦାର ଓ ଡେପୁଟି କଲେକ୍ଟର ଜୁଡିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସକାଳ ୭ଟାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରେଡ୍‌କ୍ରସ ପତାକାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଉତ୍ତୋଳନ କରିବା ସହ ରେଡକ୍ରସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପରେ ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ଶତପଥୀଙ୍କ ଉପସ୍ଥିତିରେ ସମସ୍ତ ଅତିଥିଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଡକ୍ରସ ସଦସ୍ୟ ମାନେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟରେ ରେଡକ୍ରସ କର୍ମଚାରୀ ଆଦିତ୍ୟ କୁମାର ବରାଳ, ବିଶ୍ୱଭୂଷଣ ଦାଶ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ।

● ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ

# କିଶୋରୀଙ୍କୁ ସଚେତନ କଲା ପୁଲିସ



ପୁରୀ,୮।୫(ସମିସ): ରାଜ୍ୟ ପୋଲିସ ପକ୍ଷରୁ ଚାଲୁଥିବା 'ଜୁଭେଣ୍ଟିକା' ସଚେତନତା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୁରୀର ସବୁ ଥାନାରେ ଥାନାରେ ମଧ୍ୟ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସବୁ ଥାନା ଅଞ୍ଚଳର ପାଞ୍ଚଟି ଅଙ୍ଗନବାଡ଼ି କେନ୍ଦ୍ରର କିଶୋରୀ ଝିଅମାନଙ୍କୁ ଥାନାକୁ ଆମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀମାନେ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ସାଇବର ସଚେତନତା ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ପରାମର୍ଶ ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପୁଲିସ ପକ୍ଷରୁ କିଶୋରୀମାନଙ୍କ ସହ ମୁକ୍ତ ଆଲୋଚନା କରାଯାଇ ସେମାନଙ୍କୁ ଜଣାଇ ଦିଆଯାଇଥିଲା ଯେ, କୌଣସି ପ୍ରକାର ସମସ୍ୟା, ଅସୁବିଧା କିମ୍ବା ସାଇବର ଅପରାଧର ଶିକାର ହେଲେ ସେମାନେ ନିର୍ଭୟରେ ପୁଲିସଙ୍କ ସହାୟତା ନେଇପାରିବେ। ବହୁ ସମୟରେ ଅଜ୍ଞତା ଓ ଭୟ କାରଣରୁ ଅନେକ ଝିଅ ସାଇବର ଅପରାଧର ଶିକାର ହୋଇ ନୀରବ ରହିଥାନ୍ତି। ଫଳରେ ସେମାନେ ଅଧିକ ସମସ୍ୟାରେ ପଡିଥାନ୍ତି। ତେଣୁ ସେମାନଙ୍କୁ ଏ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା ଏବଂ ସମସ୍ତଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ଅବଢ଼ା ପାଇଁ ଝାଉଁକାଠ ଅଭାବ

# ବନ୍ଦହେବ ହବିଷ୍ୟାଳିଙ୍କ ମହାପ୍ରସାଦ

ପୁରୀ,୮।୫(ସମିସ)

ଶ୍ରୀମନ୍ଦିରରେ ମହାପ୍ରସାଦ ତଥା ଅବଢା ରାନ୍ଧିବା ପାଇଁ ଆବଶ୍ୟକ ପରିମାଣର ଝାଉଁକାଠ ମିଳୁ ନ ଥିବାରୁ ସୁଆର ମହାସୁଆର ନିଯୋଗ ସେବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ରଥଯାତ୍ରାର ପ୍ରଥମ ସମନ୍ୱୟ କମିଟି ବୈଠକରେ ନିଯୋଗ କର୍ମକର୍ତ୍ତାମାନେ ଏହି ସମସ୍ୟା ଉଠାଇଛନ୍ତି। ସେମାନେ କହିଥିଲେ ଯେ, ମହାପ୍ରଭୁଙ୍କ ଅବଢା କେବଳ ଝାଉଁକାଠରେ ପ୍ରସ୍ତୁତ ହୋଇଥାଏ। ଏହା ଏକ ପାରମ୍ପରିକ ଓ ନୀତିଗତ ବ୍ୟବସ୍ଥା। ମାତ୍ର କିଛିମାସ ହେବ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଝାଉଁକାଠ ଯୋଗାଣ ହେଉନାହିଁ। ଫଳରେ ଦୈନିକ ଅବଢା ପ୍ରସ୍ତୁତିରେ ବାଧା ସୃଷ୍ଟି ହେଉଛି। ସେବକମାନେ ଚେତାବନୀ ଦେଇ କହିଛନ୍ତି ଯେ, ପ୍ରତିବର୍ଷ କାର୍ତ୍ତିକ ମାସରେ ରାଜ୍ୟ ସରକାରଙ୍କ 'ହବିଷ୍ୟାଳି ଯୋଜନା'ରେ ପୁରୀକୁ ଆସୁଥିବା ହଜାର ହଜାର ବ୍ରତଧାରୀ ମା'ମାନଙ୍କୁ ସରକାରଙ୍କ ପକ୍ଷରୁ ମହାପ୍ରସାଦ ଯୋଗାଇ ଦିଆଯାଏ। ଏହି ମହାପ୍ରସାଦ ସୁଆର ସେବକମାନେ ହିଁ ପ୍ରସ୍ତୁତ କରିଥାନ୍ତି। ଯଦି ଝାଉଁକାଠ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ ତେବେ ଚଳିତ ବର୍ଷ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ପାଇଁ ଉଦ୍ଦିଷ୍ଟ ମହାପ୍ରସାଦ ପ୍ରସ୍ତୁତି ବନ୍ଦ କରିଦିଆଯିବ।

ନିଯୋଗ କର୍ମକର୍ତ୍ତା ସିଧା ପ୍ରଶ୍ନ କରିଛନ୍ତି ଯେ, ସରକାର ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ନିୟମିତ ଭାବେ ଟନ୍ ଟନ୍ କାଠ ଯୋଗାଉଛନ୍ତି। ମାତ୍ର ମହାପ୍ରଭୁଙ୍କ ଅବଢା ପାଇଁ, ଯାହା କୋଟି କୋଟି ଭକ୍ତଙ୍କ ଆସ୍ଥା ସହ ଜଡ଼ିତ ସେଥିପାଇଁ ଆବଶ୍ୟକ ଝାଉଁକାଠ ଯୋଗାଇବାରେ ଆନ୍ତରିକତା ଦେଖାଉ ନାହାନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ସ୍ୱର୍ଗଦ୍ୱାରରେ ଇଲେକ୍ଟ୍ରି ଚୁଲା ବ୍ୟବହାର କରାଯାଉ ବୋଲି ସେମାନେ ପ୍ରସ୍ତାବ ଦେଇଥିଲେ। ତେବେ ଏହାକୁ ଆର୍‌ଡିସି ଓ ଜିଲ୍ଲାପାଳ ଗୁରୁତର ସହ ନେଇଥିଲେ। ପୁରୀ ଡିଏଫ୍‌ଓ ମହାପ୍ରସାଦ ପାଇଁ ପର୍ଯ୍ୟାପ୍ତ କାଠ ଯୋଗାଇ ଦିଆଯାଉଛି। ୬ ମାସ ଲାଗି ଏବେ କାଠର ଅଭାବ ହେବ ନାହିଁ। ଅବଢା ପ୍ରସ୍ତୁତି ପାଇଁ ନିୟମିତ ଓ ପର୍ଯ୍ୟାପ୍ତ ଝାଉଁକାଠ ଯୋଗାଣ ସୁନିଶ୍ଚିତ କରାଯିବ ବୋଲି କହିଥିଲେ। ଝାଉଁକାଠ ଅଭାବ ଯୋଗୁଁ ଯଦି ମହାପ୍ରସାଦ ବ୍ୟବସ୍ଥା ବାଧାପ୍ରାପ୍ତ ହୁଏ ତେବେ ତାହା କେବଳ ସେବାୟତଙ୍କ ସମସ୍ୟା ନୁହେଁ ବରଂ ହଜାର ହଜାର ଭକ୍ତ ଓ ବ୍ରତଧାରୀଙ୍କ ଧାର୍ମିକ ଭାବନା ସହ ଖେଳ ହେବ। ତେଣୁ ସରକାର ତୁରନ୍ତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ବାହାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଜଗତସିଂହପୁର ଗସ୍ତ

# ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

ଜଗତସିଂହପୁର,୮।୫(ସମିସ)



ଆଜି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସେ ବୃହତ୍ ପାନୀୟ ଜଳ ପ୍ରକଳ୍ପ (୧ ମେଗା ପ୍ରକଳ୍ପ), ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ସେତୁବନ୍ଧ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୬୯୦ କୋଟି ବ୍ୟୟ ଅଟକଳରେ ୯୯ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ବାଲିକୁଦା, ଏରସମା ଓ ନାଉଗାଁ ବ୍ଲକର ୧୪୫ଟି ଗ୍ରାମ ପାଇଁ ୧୪୨ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ (୧ ମେଗା ପ୍ରକଳ୍ପ) କୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୪୫ଟି ଗ୍ରାମର ୨୬,୭୫୯ ଗୋଟି ପରିବାରଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ୨୫ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୮ଟି ଏକକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଉଦଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୩୩ ଗୋଟି ଗ୍ରାମର ୪୩୦୫ ପରିବାର ପାଇଁ ପାନୀୟ ଜଳ ଯୋଗାଣ କରାଯିବ। ଏଥିସହିତ ୧୯୮.୦୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର ପାନୀୟ ଜଳ ପ୍ରକଳ୍ପ କୁଞ୍ଜକୋଠି, ୧୪୮.୬୪ ଲକ୍ଷ ଟଙ୍କା ବ୍ୟୟ ଅଟକଳର ପାନୀୟ ଜଳ ପ୍ରକଳ୍ପ ନୂଆରତ୍ନପୁର, ୧୩୩.୦୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର ପାନୀୟ ଜଳ ପ୍ରକଳ୍ପ ବିସନପୁର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ୫୦୮୨.୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୧୨ ଗୋଟି ରାସ୍ତା ଓ ୫୪୫୮.୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୧ ଗୋଟି ସେତୁର ଉଦଘାଟନ ସହ ୩୭୮୦୯.୬୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬୭ଟି ରାସ୍ତା, ୪୪୧୫.୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭ଟି ସେତୁ ଏବଂ ୨୩୧୫.୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି କୋଠାଘରର ଶୁଭ ଶିଳାନ୍ୟାସ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା - ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜେ. ସୋନାଲ ଜିଲ୍ଲାର ସାମଗ୍ରିକ ଉନ୍ନତି ସମସ୍ତଙ୍କ ସହଭାଗିତାରେ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ମୁଖ୍ୟ ଯନ୍ତ୍ରୀ କିଶୋର କୁମାର କବି, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ପିଲ୍ଲେ ଏଥିରେ ଯୋଗଦେଇଥିଲେ। ଆର୍‌ଡବ୍ଲୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାଶ, ଡେପୁଟି ସିଇଓ ଓରମାସ ମଧୁସ୍ମିତା ସାହୁ ଏବଂ ଜିଲ୍ଲା ପରିଷଦ ଓ ଆର୍‌ଡବ୍ଲୁଏସ୍‌ଏସ୍‌ର କର୍ମକର୍ତ୍ତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ର ବୁଦ୍ଧିଜୀବୀ, ଆଇନଜୀବୀ, ପିଆରଆଇ ମେମ୍ବର, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ




ଜଗତସିଂହପୁର,୮।୫(ସମିସ): ଜଗତସିଂହପୁର ଜିଲ୍ଲା ଜୁନିଅର ରେଡ୍‌କ୍ରସ୍ ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ଆଜି ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସଂଗଠନର ସଭାପତି କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଚଳିତ ବର୍ଷର ରେଡ଼କ୍ରସ୍ ପ୍ରସଙ୍ଗ "ୟୁନିଟି ଇନ ହ୍ୟୁମାନିଟି' ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ଲକ୍ଷହୀରା ଲାବଣ୍ୟବତୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସଂଗଠନର ସମ୍ପାଦକ ଜୟନ୍ତ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ହିମାଂଶୁ କୁମାର ମହାନ୍ତି, ଚନ୍ଦନ ବେହେରା, ଶଶାଙ୍କ ଶେଖର ରଥ, ସାରଦା ଅଧିକାରୀ, ସୁଦାମ ଜେନା, ରେଡ୍‌କ୍ରସ୍ ସମ୍ବଳ ଶିକ୍ଷକ ନିରଞ୍ଜନ ବିଶ୍ୱାଳ, ବିନାୟକ ଉପାଧ୍ୟାୟ, ପ୍ରକାଶ ମାଝୀ, ପ୍ରତାପ ବେହେରା, ମଙ୍ଗରାଜ ସାହୁ, ରେଡ୍‌କ୍ରସ୍ ପରାମର୍ଶଦାତା ବିଜୟଲକ୍ଷ୍ମୀ ଦାସ, ରୋଜାଲିନ ମହାପାତ୍ର, ପ୍ରୀତିମଞ୍ଜରୀ ଭୂଇଁଆ, ରୋଜାଲିନ ସାହୁ, ବିଦ୍ୟାଳୟର ଶିକ୍ଷକ ପ୍ରତାପ ରାଉତରାୟ ଓ ଶିକ୍ଷୟିତ୍ରୀ ରିତା ମିଶ୍ର, ସୁନିତା ସୋରେନ, ଜ୍ୟୋତିପ୍ରଭା ଭୁଏ, ଗଜେନ୍ଦ୍ର ହେମ୍ବ୍ରମ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କ ସିଡିପିଓଙ୍କ କାର୍ଯ୍ୟାଳୟ ଘେରଉ



ତିର୍ତ୍ତୋଲ,୮।୫(ସମିସ): ତିର୍ତ୍ତୋଲ ବ୍ଲକରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ତିର୍ତ୍ତୋଲ ଶାଖା ପକ୍ଷରୁ ଆଜି ତିର୍ତ୍ତୋଲ ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏଥିସହ ସେମାନେ ଭୋଗୁଥିବା ସମସ୍ୟାର ସମାଧାନ ନିମନ୍ତେ ଏକ ଦାବିପତ୍ର ସିଡିପିଓଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ପୂରଣ ନହେଲେ ଆଗାମୀ ଦିନରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନରେ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ତିର୍ତ୍ତୋଲ ବ୍ଲକ ସଭାନେତ୍ରୀ ନୀଳିମା ସାହୁ ଓ ସମ୍ପାଦିକା ସ୍ୱର୍ଣ୍ଣ ଲତା ଦାସ, ସେକ୍ଟର ସ୍ତରୀୟ କର୍ମୀ ସୁପ୍ରଭା ସ୍ୱାଇଁ, ନିବେଦିତା ମହାପାତ୍ର, ସସ୍ମିତା ସ୍ୱାଇଁ, ମିନତି ଓଝା, ନିରୁପମା ମିଶ୍ର, ରଶ୍ମିତା ସାହୁ, ମୀନା କୁମାରୀ ଓଝା, ମିର୍ଲା ଲିନୀ ରାୟ, ଆଲ୍ପନି ବିଶ୍ୱାଳ, ରୋଜାଲିନ ମଲ୍ଲିକ, ଆଭାରାଣୀ ଶତପଥୀ ଓ ଶାନ୍ତିଲତା ଦଳାଇ ପ୍ରମୁଖ ସାମିଲ ହୋଇଥିଲେ।

## ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା



ବାଲିକୁଦା,୮।୫(ସମିସ): ବାଲିକୁଦା କଲେଜ ବାଲିକୁଦା ପରିସରରେ କଲେଜ ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପିକା ଦୁର୍ଗେଶ ନନ୍ଦିନୀ ସ୍ୱାଇଁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ ବିଭାଗର ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଣବ ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ବିଦାୟ କାଳୀନ ପରମ୍ପରା ଏକ ଭାଇଚାରା ସୃଷ୍ଟି କରିଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ପଦ୍ମିନୀ ରାଉତ ସୀମା ବାରିକ, ରିତୁ ଦାସ, ସ୍ୱାତୀ ଦାସ, ବୈଶାଖୀ, ସୋନାଲି, ଲିପ୍ସିତା, ରାକ୍ଷୀ, ପ୍ରଣବ, କାର୍ତ୍ତିକ, ମାମାଲୀଙ୍କ ସମେତ ଯୁକ୍ତ ୩ର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ସମସ୍ତ ଓଡ଼ିଆ ବିଭାଗର ପ୍ରଥମ, ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ବିଦାୟ ଦେଇଥିଲେ।

## ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ




ଜଗତସିଂହପୁର,୮।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ଗାନ୍ଧୀ ଗୋପବନ୍ଧୁ ଚୌଧୁରୀଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ତଥା ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ ଓ ଦେଶପ୍ରେମର ପଟାନ୍ତର ନାହିଁ ବୋଲି କହିଥିଲେ। ଆଲୋଚନାରେ ଭାଗନେଇ ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଗୋପବନ୍ଧୁ ଚୌଧୁରୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନଚେତା ମଣିଷ, ଖଟିଖିଆ ମେହନତି ମଣିଷର ସୁଖ ଦୁଃଖର ସାଥି ଓ ସର୍ବୋପରି ଓଡ଼ିଶାର ଗାନ୍ଧୀ ରୂପେ ସୁପରିଚିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବିଜୟ କୁମାର ପତି, ସତ୍ୟବାଦୀ ଦାସ, ଚନ୍ଦ୍ରଶେଖର ରାୟ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ କର୍ମମୟ ଜୀବନ, ସ୍ୱାଧୀନତା ସଂଗ୍ରାମର ମୁକ୍ତି ତୀର୍ଥ ଜଗତସିଂହପୁର ଅଳକାଶ୍ରାମଠାରୁ ଯାଜପୁରର ବରି ଆଶ୍ରମ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି ମତ ପୋଷଣ କରିଥିଲେ ଓ ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁସ୍ତକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଠାଗାରର ଉପସଭାପତି ବିଭୁତି ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ● ୧୭ ରେ ଜଗନ୍ନାଥ୍ ଟ୍ରକ୍ ମାଲିକ ସଂଘ ନିର୍ବାଚନ

# ଆଜି ଦୁଇ ପ୍ୟାନେଲ୍ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ

ପାରାଦୀପ,୮।୫(ସମିସ): ପାରାଦୀପ ଜଗନ୍ନାଥ୍ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଆଜି ଦୁଇ ପ୍ୟାନେଲ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ୨୦୨୬ରୁ ୨୮ ଦୁଇ ବର୍ଷ ପାଇଁ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଜି ଦୁଇଟି ପ୍ୟାନେଲର କର୍ମକର୍ତ୍ତାମାନେ ନିଜ ନିଜର ସମର୍ଥକଙ୍କୁ ନେଇ ପ୍ରାର୍ôଥପତ୍ର ଦାଖଲ କରିବା ପାଇଁ ବାହାରିଥିଲେ। ଗୋଟିଏ ପ୍ୟାନେଲ ପାରାଦୀପ ଜଗନ୍ନାଥ ମନ୍ଦିରରେ ନିଜର ପୂଜାର୍ଚ୍ଚନା ସାରି ବିରାଟ ରାଲିରେ ବାହାରି ଥିବା ବେଳେ ଅନ୍ୟ ଗୋଟିଏ ପ୍ୟାନେଲ ପାରାଦୀପ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ସାରି ସଙ୍ଘ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରତ୍ୟକ ପ୍ୟାନେଲରୁ ୬ଟି ପଦ ପାଇଁ ନିର୍ବାଚନ ହେବ। ପ୍ରଥମ ପ୍ୟାନେଲରେ ସଭାପତି ଭାବେ ଗୌତମ କୁମାର ନାୟକ ଥିବା ବେଳେ ସମ୍ପାଦକ ଭାବେ ରଞ୍ଜନ କୁମାର ଧଳ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ସ୍ୱାଇଁ, ଉପସଭାପତି ଭଗବାନ ସ୍ୱାଇଁ, ସହସମ୍ପାଦକ ମନୋଜ କୁମାର ବିଶ୍ୱାଳ ଓ କୋଷାଧ୍ୟକ୍ଷ ପାଇଁ ଭାରଦ୍ୱାଜ ସ୍ୱାଇଁ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ପ୍ୟାନେଲରେ ସଭାପତି ପାଇଁ ସୁଧୀର କୁମାର ଜେନା, କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର, ଉପସଭାପତି ମାନସ ପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, ସହସମ୍ପାଦକ ରତ୍ନାକର ଜେନା ଓ କୋଷାଧ୍ୟକ୍ଷ ବଳରାମ ଦାସ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ଦୁଇଟି ଯାକ ପ୍ୟାନେଲ ଆଜି ଇଲେକ୍ସନ୍ ଅଫିସର୍‌ଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆସନ୍ତା ୧୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ହେବ ପରେ ଅପରାହ୍ନରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ପୁଲିସ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ



ପାରାଦୀପ,୮।୫(ସମିସ): ପୁଲିସ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସହିତ ସମାଜରେ ଘଟୁଥିବା ବିଭିନ୍ନ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ବନ୍ଦର ନଗରୀ ପାରାଦୀପର ୫ଟି ଯାକ ଥାନା- ପାରାଦୀପ ଆଦର୍ଶ ଥାନା, ଜଟାଧାରୀ ସାମୁଦ୍ରିକ ଥାନା, ଅଭୟଚାନ୍ଦପୁର ଥାନା, ନେହେରୁବଙ୍ଗଳା ସାମୁଦ୍ରିକ ଥାନା ଓ ପାରାଦୀପ ଲକ୍ ଥାନା ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ସାମିଲ ହୋଇଥିଲେ।



ଛାତ୍ରୀ ମାନେ ସୋସିଆଲ ମିଡିଆ ବ୍ୟବହାର ଏବଂ ଏଆଇ ଦ୍ୱାରା ଫଟୋ ଭାଇରାଲ ସମ୍ପର୍କରେ ଅବଗତ କରାଯାଇଥିଲା।

**ବାଲିକୁଦା:** ବାଲିକୁଦା ଥାନା ପରିସରରେ ଥାନା ଅଧିକାରୀ କାବୁଲି ବାରିକଙ୍କ ପୌରୋହିତରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦ ବର୍ଷରୁ ୧୮ ବର୍ଷ ମଧ୍ୟରେ ଯୋଗଦେଇଥିବା କିଶୋରୀମାନଙ୍କୁ ସାଇବର କ୍ରାଇମ ସମେତ ନିଜର ଗୋପନୀୟତାର ସୁରକ୍ଷା ଓ ଅନ୍ୟାନ ପ୍ରସଙ୍ଗରେ ବୁଝା ଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଥାନା ବୁଲାଇ ଦେଖାଇଥିଲେ ପୁଲିସ କର୍ମଚାରୀ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ମହିଳା ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା ଏସ୍‌ଆଇ ସୁକାନ୍ତି କାଣ୍ଡେଲକଲ, ଏଏସ୍‌ଆଇ ଭଗବାନ ମାଝୀ, ଇତିଶ୍ରୀ ପୁଷ୍ଟି, କନଷ୍ଟେବଳ, ଭବାନୀ ଶଙ୍କର ପଟ୍ଟନାୟକ, ରୁବି ସ୍ୱାଇଁ, ସଞ୍ଜନା ସ୍ୱାଇଁଙ୍କ ସହ ସମସ୍ତ ହୋମଗାର୍ଡ, ଗ୍ରାମରକ୍ଷୀ, ଅନଙ୍ଗନବାଡି କର୍ମୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଅଗ୍ନି ସୁରକ୍ଷା ସଚେତନତା ସପ୍ତାହ ଉଦ୍‌ଯାପିତ



ପାରାଦୀପ,୮।୫(ସମିସ): ଅଗ୍ନି ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତି ପାଇଁ ସଚେତନତା ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଅଗ୍ନି ସୁରକ୍ଷା ସଚେତନତା ସପ୍ତାହ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାରାଦୀପ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ)ର ଅଗ୍ନିଶମ ବିଭାଗ ଦ୍ୱାରା, ସ୍ଥାନୀୟ ସଂଗଠନ, ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ସପ୍ତାହ ମଧ୍ୟରେ, ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଗ୍ନି ନିବାରଣ ଏବଂ ଜରୁରୀକାଳୀନ ପରିସ୍ଥିତି ଉପରେ ଶିକ୍ଷାଗତ କର୍ମଶାଳା ଏବଂ ସେମିନାର ଅଗ୍ନି ନିରାପତ୍ତା ଡ୍ରିଲ୍ ଏବଂ ବିଭିନ୍ନ ସ୍ଥାନରେ ଜନସଚେତନତା ଅଭିଯାନ, ବିଦ୍ୟାଳୟ, ଶିଳ୍ପ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ସାମୁଦାୟିକ ସମ୍ପର୍କ କାର୍ଯ୍ୟକ୍ରମ, ଶିଳ୍ପ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଦ୍ୱାରା ଆୟୋଜିତ ପ୍ରଭାବଶାଳୀ ଅଗ୍ନି ଉଦ୍ଧାର ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଦର୍ଶନ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଆଧୁନିକ ଅଗ୍ନି ନିର୍ବାପନ କୌଶଳ, ଉଦ୍ଧାର କାର୍ଯ୍ୟ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରସ୍ତୁତି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜୟଦେବ ସଦନ ଠାରେ ଆୟୋଜିତ ଉଦଯାପନୀ ସମାରୋହରେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ପାରାଦୀପ ବନ୍ଦର ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, କର୍ମଚାରୀ, ସିଆଇଏସ୍‌ଏଫ୍ କର୍ମଚାରୀ, ବନ୍ଦର ବ୍ୟବହାରକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସିଆଇଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜୟସ୍ୱାଲ ଧନ୍ୟବାଦ ଦେଇଥିଲେ।

## ■ ଶାଳକଙ୍କୁ ଅପହରଣ ଅଭିଯୋଗରେ ଭିଣୋଇ ସମେତ ୪ ଗିରଫ

# ବନ୍ଦ ଦୋକାନ ଘରୁ ଉଦ୍ଧାର ହେଲେ ପୀଡ଼ିତ

ଜଗତସିଂହପୁର/ନାଉଗାଁ,୮।୫(ସମିସ):



ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ପୁଲିସ ଜଣେ ଅପହୃତ ଯୁବକଙ୍କୁ ବନ୍ଦ ଦୋକାନ ଘରୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଭିଣୋଇ ସମେତ ୪ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ଠାରୁ ୩ଟି ମୋବାଇଲ ଫୋନ ଏବଂ ଅପହରଣ ସମୟରେ ବ୍ୟବହୃତ ମାରୁତି ଓମିନି କାର୍ ଜବତ କରାଯାଇଥିବା ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପୂର୍ଣ୍ଣ ଘଟଣା ବାବଦରେ ଶ୍ରୀ ବର୍ମା ସୂଚନା ଦେଇଥିଲେ। ଏହି ସୂଚନା ଅନୁସାରେ ନାଉଗାଁ ଥାନା ପାଳପୋଖରୀ ଗ୍ରାମର ସମୀର କୁମାର ମୁଦୁଲି ଗତ ୨୦୦୮ ମସିହା ଜୁନ ୨୫ ତାରିଖରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବଣ୍ଟିଲୋ ଗ୍ରାମର ନରେଶ ମୁଦୁଲିଙ୍କ ଝିଅ ମୋନାଲିସାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ୧୬ ବର୍ଷର ପୁଅ ମଧ୍ୟ ରହିଛି। ସ୍ୱାମୀ ସମୀରଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ଥିବା ସନ୍ଦେହକୁ ନେଇ ବିଭିନ୍ନ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପ୍ରାୟ ୨ ବର୍ଷ ତଳେ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ମୋନାଲିସା ବାପଘରକୁ ପଳାଇଥିଲେ। ସମୀର ସେଠାରେ ପହଞ୍ଚି ପରିବାର ଲୋକଙ୍କ ସହିତ ଝଗଡ଼ା କରିଥିଲେ ଏବଂ ମୋନାଲିସାଙ୍କୁ ତାଙ୍କ ସହିତ ପଠାଇବା ପାଇଁ ବାଧ୍ୟ କରିଥିଲେ। ପରେ କାକଟପୁର ଥାନା ନୂଆହାଟ ନିକଟରେ ୨୦୨୪ ମସିହା ଜୁନ ୭ ତାରିଖରେ ବିଷ ପିଇ ଦେଇଥିଲେ। ୨୭ ଦିନର ଚିକିତ୍ସା ପରେ ଘରକୁ ଫେରିଥିଲେ ସମୀର। ଗତ ଏପ୍ରିଲ ୨୦ ତାରିଖ ରାତିରେ ସମୀର ତାଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥଲେ। ସେ ପାଟି କରିବାରୁ ପୁଅ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା ବୋଲି ମୋନାଲିସା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ୨୧ ତାରିଖରେ ସେ ପୁଅକୁ ନେଇ ବାପଘରକୁ ଚାଲି ଯାଇଥିଲେ ଏବଂ ଆଉ ସ୍ୱାମୀଙ୍କ ଘରକୁ ଆସିବେନି ବୋଲି ସ୍ଥିର କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସମୀର ମୋନାଲିସାଙ୍କ ଭାଇ ସୌମ୍ୟକାନ୍ତଙ୍କୁ ଅପହରଣ ପାଇଁ ଯୋଜନା କରିଥିଲେ। ଗତ ୭ ତାରିଖ ସକାଳ ୫.୩୦ମି. ସମୟରେ ଅନ୍ୟ ୩ ସହଯୋଗୀଙ୍କ ସହିତ ଭୁବନେଶ୍ୱର ବିଡିଏ ସାଇ ମନ୍ଦିର ନିକଟରୁ ସୌମ୍ୟକାନ୍ତଙ୍କୁ ଏକ ମାରୁତି ଓମିନି କାରରେ ଅପହରଣ କରି ନାଉଗାଁ ଆଣିଥିଲେ। କଣ୍ଟୁଣିଆ ଠାରେ ଥିବା ଏକ ଦୋକାନ ଘରେ ସୌମ୍ୟକାନ୍ତଙ୍କୁ ବନ୍ଦୀ କରି ରଖିବା ସହିତ ପାଟି କଲେ ପେଟ୍ରୋଲ ଢାଳି ପୋଡି ଦେବାକୁ ଧମକ ଦେଇଥିଲେ। ମୋନାଲିସାଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଫୋନରେ ଜଣାଇବାକୁ ସୌମ୍ୟକାନ୍ତଙ୍କୁ ଅଭିଯୁକ୍ତ ମାନେ ବାଧ୍ୟ କରିଥିଲେ। ପରେ ମୋନାଲିସାଙ୍କ ପରିବାର ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା ଏବଂ ନାଉଗାଁ ପୁଲିସ କଣ୍ଟୁଣିଆରେ ପହଞ୍ଚି ସୌମ୍ୟକାନ୍ତଙ୍କୁ ଉଦ୍ଧାର କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

# ଏଏସ୍‌ଆଇ ଲରେନ୍ସ କୁଜୁରଙ୍କୁ ସମ୍ବର୍ଦ୍ଧନା



ଧାମନଗର,୮।୫(ସମିସ): ଧାମନଗର ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉକ୍ତ ଥାନାରେ ଦୀର୍ଘ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିବା ଦକ୍ଷ ପୁଲିସ ଏଏସ୍‌ଆଇ ଲରେନ୍ସ କୁଜୁରଙ୍କ ଅନ୍ୟ ଥାନାକୁ ବଦଳି ହୋଇଛି। ଏହି ଅବସରରେ ଥାନା ପରିସରରେ ଏକ ସମ୍ବର୍ଦ୍ଧନା ସଭା କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ପଞ୍ଚାୟତର ଜନସାଧାରଣଙ୍କୁ ନ୍ୟାୟ ଦେବା ସହ ଥାନା ଅଧୀନ ଲୋକଙ୍କ ମନଭିତରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ ଭାବରେ ନିଜକୁ ଗଢ଼ି ପାରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ଶୁଭ୍ରଜିତ ଦାଶ, ପ୍ରାକ୍ତନ ଥାନା ଅଧିକାରୀ ରଞ୍ଜନ ସେଠୀ, ଏସ୍‌ଆଇ ନାରାୟଣ ଚନ୍ଦ୍ର ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ ଏବଂ ଏଏସ୍‌ଆଇ ନରେନ୍ଦ୍ର ରାଉତ, ସୁଜିତ ରାଉତ, କଳ୍ପନା ରାଉତ, କନେଷ୍ଟବଳ ନୀଳମଣି ବିଳାସ ଓ ଥାନାର ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଥାନା ତରଫରୁ ଉପଢୌକନ,ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କର ନୂତନ କର୍ମକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରନ୍ତୁ ବୋଲି ଅତିଥିମାନେ କହିଥିଲେ।

# ଅଧ୍ୟାପକ ଫକୀର ଶଙ୍ଖୁଆଙ୍କୁ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୮।୫(ସମିସ):ସୋରୋ ସ୍ଥିତ ବଉଳା କଲେଜ ଅଧ୍ୟାପକ ଫକୀର ଶଙ୍ଖୁଆଙ୍କୁ ଆଗରପଡ଼ା ସ୍ଥିତ ଆଂଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପକଙ୍କ ପ୍ରେରଣା ଓ ଦିଗଦର୍ଶନ ପାଇଁ ବହୁ ଛାତ୍ରଛାତ୍ରୀ ବହୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି । ଏହି ଛାତ୍ରଛାତ୍ରୀମାନେ ଅଧ୍ୟାପକଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ କୃତଜ୍ଞତା ଜଣାଇବା ପାଇଁ ଏହିପରି ଆୟୋଜନ କରିଥିଲେ । ପ୍ରାକ୍ତନ ସରପଂଚ ରବିନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ଓ ଶିକ୍ଷକ ପଂଚାନନ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବ ରେ ବଉଳା କଲେଜ ଅଧକ୍ଷ, ଶିକ୍ଷାବିତ ଭୋଳାନାଥ ନାଥ ନାୟକ,ଜଗନ୍ନାଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଅଧ୍ୟାପକଙ୍କ ଭୂୟସୀ ପ୍ରଂଶସା କରିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଶାନ୍ତନୁ




ଭଦ୍ରକ,୮।୫(ସମିସ): ନିଜର ବିଚକ୍ଷଣ ପ୍ରତିଭା ପାଇଁ ଚଳିତ ୨୦୨୬ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ଚାନ୍ଦବାଲିର କୁନି ପୁଅ ଶାନ୍ତନୁ ଦାସ। ଚାନ୍ଦବାଲି ବ୍ଲକ ତେନ୍ତୁଳିଡ଼ିହି ଗାଁର ଚିନ୍ତାମଣି ଦାସଙ୍କ ପୁତ୍ର ଶାନ୍ତନୁ ଅଢ଼େଇ ବର୍ଷ ବୟସରେ ବିଭିନ୍ନ ପଶୁ ପକ୍ଷୀଙ୍କ ନାମ ହିନ୍ଦୀ ଆଉ ଓଡ଼ିଆରେ କହି ଦେଉଥିବା ବେଳେ ଇଂଲିଶ ଆଲଫାବେଟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଚିନ୍ତାମଣି ଦାସ ଓ ପ୍ରଜ୍ଞା ପାରମିତା ଦାସଙ୍କ ଏକମାତ୍ର ପୁଅ ଶାନ୍ତନୁ ମାନପତ୍ର ଓ ପଦକ ପାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ତାଙ୍କର ଜେଜେ ରମାକାନ୍ତ ଦାସ, କୈଳାସ ଦାସ, ଜେଜେମା କନକଲତା ଦାସ, ନିର୍ମଳା ଦାସଙ୍କ ସହ ତାଙ୍କ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ମହିଳା ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ଜୁଭେଣ୍ଟିକା'




ଧୂଷୁରୀ,୮।୫(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଅଞ୍ଚଳରେ ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଧୂଷୁରୀ ଥାନା ପକ୍ଷରୁ 'ଯୁଭେଣ୍ଟିକା' ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଶୋରୀ ଓ ମହିଳାମାନଙ୍କ ସୁରକ୍ଷା, ସାଇବର ଅପରାଧ, ବାଲ୍ୟ ବିବାହ, ନାରୀ ନିର୍ଯାତନା ଓ ଆଇନଗତ ସହାୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧୂଷୁରୀ ଥାନା ଅଧିକାରୀ ଅଜୟ କୁମାର ବାଗେ, ଓଆଇସି ସୁଜାତା ସାହୁ ଉପସ୍ଥିତ ରହି ସଚେତନତାମୂଳକ ବାର୍ତ୍ତା ଦେଇଥିଲେ। ସେହିପରି ସାହସପୁର ଅଙ୍ଗନବାଡ଼ିର ସବୁଜିମା ତ୍ରିପାଠୀ, ଲୋପାମୁଦ୍ରା ଓଝା, ମାନସୀମଞ୍ଜରୀ ମିଶ୍ର, ପାଣିସାହିର ଶାନ୍ତିଲତା ଦୁବାଇ ଓ ଧୂଷୁରୀର ପ୍ରମିଳା ବେହେରା ଯୋଗଦେଇ କିଶୋରୀମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ସମୟରେ କିପରି ସଚେତନ ଓ ସୁରକ୍ଷିତ ରହିବେ ସେ ନେଇ ପରାମର୍ଶ ଦେଇଥିଲେ। ଧୂଷୁରୀ ଥାନାର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଧୂଷୁରୀ ଅଞ୍ଚଳର ବହୁ ସଂଖ୍ୟକ କିଶୋରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମାଜରେ ମହିଳା ଓ ଶିଶୁ ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା।

## ■ ଚାନ୍ଦବାଲି ଥାନା ପକ୍ଷରୁ ଜୁଭେଣ୍ଟିକା ସଚେତନତା

ଭଦ୍ରକ,୮।୫(ସମିସ): ଚାନ୍ଦବାଲି ଥାନା ପକ୍ଷରୁ ମହିଳା ଓ ଶିଶୁ ବିରୁଦ୍ଧରେ ବଢୁଥିବା ଅପରାଧକୁ ରୋକିବା ଓ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ଚାନ୍ଦବାଲି ଥାନା ଥାନା ଅଧିକାରୀ ପରେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପୁଲିସ ଅଧିକାରୀ ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ, ସାଇବର ଅପରାଧ, ଶିଶୁ ନିର୍ଯାତନା, ଘରୋଇ ହିଂସା ଏବଂ ନିର୍ଭୟା ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଶିବିରରେ ଉପସ୍ଥିତ ମହିଳାମାନେ ଓ ଛାତ୍ରଛାତ୍ରୀମାନଙ୍କୁ କୌଣସି ଅପରାଧିକ ଘଟଣା ଘଟିଲେ ତୁରନ୍ତ ପୁଲିସକୁ ସୂଚନା ଦେବା ସହ ହେଲ୍ପଲାଇନ୍ ନମ୍ବର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ସମାଜରେ ମହିଳା ଓ ଶିଶୁଙ୍କ ପ୍ରତି ସମ୍ମାନ ଓ ସୁରକ୍ଷା ଭାବନା ବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅଧିକାରୀମାନେ କହିଥିଲେ। ଶିବିର ରେ ମହିଳା ଓ ଶିଶୁ ବିକାଶ ଡେସ୍କ ର ଅଧିକାରୀଣି ଜୟଶ୍ରୀ ଦାସ ଯୋଗ ଦେଇ ଥିବା ବେଳେ,ସିଡିପିଓ ଏକ ର ଅଧିକାରଣି ସବିତା ସେଠୀ, ମତୋ ଫାଣ୍ଡି ଅଧିକାରୀ ଆଶିଷ ସେନାପତି ସହ ସ୍ଥାନୀୟ ଲୋକପ୍ରତିନିଧି, ସମାଜସେବୀ ଓ ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

## ■ ବନ୍ତ/ଆଗରପଡ଼ା




ଓଡ଼ିଶା ପୁଲିସ ଓ ୟୁନିସେଫ ମିଳିତ ସହଯୋଗରେ ଆଗରପଡ଼ା ଥାନା ପରିସରରେ ଯୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରାଜେଶ ସେଠୀ ଓ ସବଇନ୍ସପେକ୍ଟର ଆଭାରାଣୀ ପରିଡ଼ା ଉପସ୍ଥିତ ରହି ନାରୀମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଏଲଇଡି ମାଧ୍ୟମରେ ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଥାନା କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ■ ଧାମନଗର

ଧାମନଗର ବ୍ଲକ ଅନ୍ତର୍ଗତ ଧାମନଗର ଥାନା ପରିସରରେ ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ସହଯୋଗରେ 'ଜୁଭେଣ୍ଟିକା' ନାମକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ମଧ୍ୟରେ ସୁରକ୍ଷା,ଆତ୍ମବିଶ୍ୱାସ ଓ ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି ଲକ୍ଷ୍ୟରେ ସିଡବ୍ଲ୍ୟୁପିଓ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିଳା ଓ ଶିଶୁଙ୍କ ବିରୋଧରେ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ କିଶୋରୀମାନଙ୍କୁ ସଚେତନ କରାଯାଇଥିଲା। ସାଇବର ଅପରାଧରୁ କିପରି ସୁରକ୍ଷିତ ରହିବେ,ଶିଶୁ ସୁରକ୍ଷା ଆଇନ, ନିର୍ଯାତନା ପ୍ରତିରୋଧ ଓ ଆଇନଗତ ସହାୟତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ସଚେତନତା ମାଧ୍ୟମରେ ଏକ ସୁରକ୍ଷିତ ଓ ସୁସ୍ଥ ସମାଜ ଗଠନର ସନ୍ଦେଶ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ, ଏସଆଇ ନାରାୟଣ ଚନ୍ଦ୍ର ନାୟକ,ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏବଂ ଏଏସଆଇ କଳ୍ପନା ରାଉତ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଙ୍ଗନବାଡ଼ି କର୍ମୀ ଜୟନ୍ତୀ ଜେନା,ମମିତା ମହାପାତ୍ର,ଜୁଗୁନ ବେଗମ,ଉମାମଣି ପରିଡାଙ୍କ ସହିତ ଅଂଚଳର ବହୁ କିଶୋରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ କିଶୋରୀମାନେ ପୋଲିସ ଦ୍ୱାରା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ।




## ■ ବାରିକପୁର




ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ୧୦ ରୁ ୧୮ ବର୍ଷ ଯାଏଁ ଅପ୍ରାପ୍ତ ବୟସ୍କ ବାଳିକା ମାନଙ୍କୁ ନେଇ ଜୁଭେଣ୍ଟିକା କର୍ମଶାଳା ଆୟୋଜନ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ମଧ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ବାଳିକା ଯୋଗ ଦେଇଥିବା ବେଳେ ସେମାନଙ୍କୁ ପୋଲିସ କାର୍ଯ୍ୟକାରିତା ଓ ଆଇନ ବିଷୟରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷ କରି ସାଇବର କ୍ରାଇମକୁ ନେଇ ସଚେତନତା ପ୍ରଦାନ କରାଯାଇଥିଲା। ଝିଅମାନେ କେଉଁଭଳି ନିଜକୁ ସୁରକ୍ଷିତ ରଖିପାରିବେ ଓ ପୁଲିସର ନିକଟତର ହେବେ ସେନେଇ ମଧ୍ୟ କର୍ମଶାଳାରେ ଗୁରୁତ୍ୱାରୋପ ପାଇଥିଲା। ମହିଳା ହିଂସା ଆଇନ ସଚେତନତା ପାଇଁ ଉକ୍ତ କର୍ମଶାଳା ଆୟୋଜନ ହୋଇଥିବା ଜଣାଯାଇଛି। ଏଥିରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଓ ଏଏସଆଇ ଦେବୀକାରାଣୀ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଭିଡିଓ ଚିତ୍ର ଦ୍ୱାରା ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ରଞ୍ଜୁଲତା ବାରିକ, ସଂଗୀତା ପଢିଆରି, ସୁବାଶିଷ ପରିଡା, ସବିତା ସାହୁ, ମେନକା ଅଙ୍ଗରାଇ, ଆଶିଷ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ବିଶ୍ୱ ରେଡକ୍ରସ ଦିବସ

# ଭଦ୍ରକରେ ନିର୍ମାଣ ହେବ ସ୍ୱତନ୍ତ୍ର ରେଡକ୍ରସ ଭବନ




ଭଦ୍ରକ,୮।୫(ସମିସ):ବିଶ୍ୱ ରେଡକ୍ରସ ଦିବସ ଅବସରରେ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଡକ୍ରସର ସ୍ଥାପକ ଜିନ୍ ହେନ୍ରୀ ଡୁନାଂଟଙ୍କ ଜନ୍ମଦିନ ଅବସରରେ 'ୟୁନାଇଟେଡ ହିମ୍ୟୁନିଟି' ଥିମ୍‌କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ଶାଖା ଅଧ୍ୟକ୍ଷ ଦିଲ୍ଲୀପ ରାଉତରାଏଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଉଦ୍‌ଘାଟନ ହୋଇଥିଲା। ୧୪ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାଯାଇଛି। ପୂର୍ବାହ୍ନ ୧୧ଟାରେ ବିଶ୍ୱ ଶାନ୍ତି ଓ ମାନବତାର କାମନାରେ ଉପସ୍ଥିତ ସମସ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଜିଲ୍ଲା ରେଡକ୍ରସ ଶାଖାର ସଚିବ,

## ରକ୍ତଦାନ ଶିବିର ଓ ସମ୍ମାନ ପ୍ରଦାନ

ଡେପୁଟି କଲେକ୍ଟର (ଜରୁରିକାଳୀନ) ଲୋକନାଥପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ୨୦୨୫-୨୬ ବର୍ଷର କାର୍ଯ୍ୟକଳାପ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସଦସ୍ୟମାନେ ରେଡକ୍ରସର ମାନବସେବା, ରକ୍ତଦାନ ଓ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ ରେଡକ୍ରସ ସେବାକୁ ମାନବତାର ସର୍ବୋଚ୍ଚ ପରିଚୟ ବୋଲି କହିବା ସହ ସମସ୍ତଙ୍କୁ ସ୍ୱେଚ୍ଛା ରକ୍ତଦାନ ଓ ସାମାଜିକ ସେବାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ଶୁଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ୍ ଶାଖାର ଉପାଧ୍ୟକ୍ଷ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର ଲୋକନାଥପ୍ରସାଦ ସେଠୀ, ରେଡକ୍ରସ୍‌ର ଯୁଗ୍ମ ସମ୍ପାଦିକା ବିଶ୍ୱଜିତା ବିଶ୍ୱାଳ, ଆଜୀବନ ସଭ୍ୟ ଅତିସ ବେହେରା, ମନୋରଞ୍ଜନ ଦାସ, ଶରତ ଆଚାର୍ଯ୍ୟ, ବସନ୍ତ ଦାସ, ରଞ୍ଜୁଲତା ଗାହାଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସଦର ମହକୁମାରେ ଏକ ସ୍ୱତନ୍ତ୍ର ରେଡକ୍ରସ୍ ଭବନ ସ୍ଥାପନା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ପରେ ରେଡକ୍ରସ କାର୍ଯ୍ୟକ୍ରମରେ ସହଯୋଗ ଓ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ, ରକ୍ତଦାତା ଓ ସଂଗଠନକୁ ପ୍ରଶଂସାପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା।

# ସମ୍ବର୍ଦ୍ଧିତହେଲେ ମାଟ୍ରିକ ପରୀକ୍ଷାର୍ଥୀ



ଭଣ୍ଡାରିପୋଖରୀ,୮।୫(ସମିସ): ଶନିବାର ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳରେ ଭଣ୍ଡାରିପୋଖରୀ ବ୍ଲକର ଶାରଦା ବିଦ୍ୟାମନ୍ଦିରର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍କଳ ଫାଉଣ୍ଡେସନ ତରଫରୁ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା ପରୀକ୍ଷାର୍ଥୀ ମାନେ ପିରିପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶନୀ ଦାଶ ୫୫୬ ନମ୍ବର ରଖିଛନ୍ତି। ଯାହାକି ୯୨.୬୭ ପ୍ରତିଶତ। ଏଥିସହ ବ୍ଲକ ଟପ୍ପର ସମେତ ସେହି ବିଦ୍ୟାଳୟର ଛାତ୍ର ସୁଜିତ କୁମାର ମଳିକ (୫୫୨) ଅର୍ଣ୍ଣବ କୁମାର ସେନାପତି (୫୪୪) ଓମପ୍ରକାଶ ଦାଶ (୫୪୦) ସତ୍ୟରଞ୍ଜନ ପଣ୍ଡା (୫୪୦) ଶିବଶଙ୍କର ସେଠୀ(୫୪୦) ଏବଂ ସାରୋ ଶ୍ୟାମସୁନ୍ଦର ବିଦ୍ୟାନିକେତନ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଦାଶ (୫୪୩) ବିଶ୍ୱକଲ୍ୟାଣ ସେନାପତି (୫୪୦) ନମ୍ବର ରଖି ଏ -୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ଭଣ୍ଡାରିପୋଖରୀ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ବୟାବନାପୁର ପଞ୍ଚାୟତ ମଠସାହିର ତାରାକାନ୍ତ ଦାଶଙ୍କ ଝିଅ ପ୍ରାଚୀ ପ୍ରିୟଦର୍ଶନୀ ଦାଶ ସର୍ବାଧିକ ନମ୍ବର ରଖି ବ୍ଲକ ସମେତ ନିଜ ଗାଁ ପାଇଁ ସୁନାମ ଆଣିଥିବାରୁ ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନର ଗୁରୁମା ଓ ଗୁରୁଜୀଙ୍କ ସମେତ ସବୁଆଡୁ ଶୁଭେଚ୍ଛାର ଶୁଅ ଛୁଟୁଛି। ଏ -୧ରେ ୧୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ମଧ୍ୟରୁ ୮ଜଣ ପରୀକ୍ଷାର୍ଥୀଙ୍କ ଉପରେ ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନର ଗୁରୁମା ଗୁରୁଜୀଙ୍କ ଅବଦାନ ରହିଥିବା ଛାତ୍ରଛାତ୍ରୀ ମତ ଦେଇଥିଲେ। ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନରେ ଗତ ଶନିବାର ସନ୍ଧ୍ୟା ସମୟରେ କିଛି ପରୀକ୍ଷାର୍ଥୀଙ୍କ ସମେତ ଅଭିଭାବକ ଓ ଶିକ୍ଷକମାନେ ଉପସ୍ଥିତ ରହି ମାଟ୍ରିକ ପରୀକ୍ଷା ଫଳାଫଳର କୃତକାର୍ଯ୍ୟ ନେଇ ଉତ୍ସବ ପାଳନ କରିଥିଲେ।

# ମା' ଓ ମାଟିର ଅବଦାନ ଅତୁଳନୀୟ

## ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ ଉଦ୍‌ଯାପିତ




ଭଦ୍ରକ,୮।୫(ସମିସ):ମା' ଓ ମାଟିର ଋଣ ଜଗତରେ କେହି ଶୁଝିପାରି ନାହାନ୍ତି ଏବଂ ତାଙ୍କ ଅବଦାନ ଅତୁଳନୀୟ। ତାହାର କଳନା ନାହିଁ କି ତୁଳନା ନାହିଁ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରି ବଜାରସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଉଦଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାତୃଶକ୍ତି ବନ୍ଦନ ମା' ଓ ମାଟି ମହୋତ୍ସବ କମିଟି ସଭାପତି ଇଂ.ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ତଥା ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ର ମୁଖ୍ୟ ବକ୍ତା, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଭଦ୍ରକ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, କବି ଓ ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା, ସମ୍ପାଦିକା ଅଞ୍ଜନା ମିଶ୍ର, ଭୂମି କନ୍ୟା ମହିଳା ସଙ୍ଗଠନ ସହ ସମ୍ପାଦିକା ସୁଶ୍ରୀ ସଙ୍ଗୀତା ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସ୍ମୃତିରେ ଉକ୍ତ ସନ୍ଧ୍ୟାର ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ମା' ଓ ମାଟି ମହୋତ୍ସବ କମିଟିର ସମ୍ପାଦକ ରବିନାରାୟଣ ଖିଲାର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାନେତ୍ରୀ ଚୈତାଳି ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଓ ସରକାରୀ ଅଧିବକ୍ତା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାତ୍ରୀ, ଶିକ୍ଷୟିତ୍ରୀ ମନୋରମା ରାୟ,ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଭଦ୍ରକ ମଠସାହି "ମୟୂର ଡ୍ୟାନ୍ସ ଗ୍ରୁପ୍'ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏବଂ ପରିଶେଷରେ ସମସ୍ତ କଳାକାର ଓ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ




ଭଦ୍ରକ,୮।୫(ସମିସ): ଭଦ୍ରକ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ(ଏସିଡିସି ସଭା) ଏବଂ ଜିଲ୍ଲା ଯୋଜନା ସମିତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଭଦ୍ରକର ନୂତନ ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସଭାରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକି ଦଲାୱାଜି ହବିବ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ଜିଲ୍ଲା ଯୋଜନା ଓ ପ୍ରର୍ଯ୍ୟାଲୋଚନା କାର୍ଯ୍ୟାଳୟ, ଭଦ୍ରକର ଅର୍ଥନୀତି ବିଶେଷଜ୍ଞ ଡ.ଭଗବାନ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ମଳୟ ଜେନା ଏବଂ ଅତିରିକ୍ତ ଏସ୍.ପି. ବିଶ୍ୱପତି ପଣ୍ଡା ଉପସ୍ଥିତ ଥିଲେ। ସଭାରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି, ସାଧାରଣ ଲୋକଙ୍କ ସୁବିଧା ସହ ପ୍ରଶାସନିକ ସମନ୍ୱୟ ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଲୋକାଭିମୁଖୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଧାୟକ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ସିଡିଏମ୍‌ଓ, ଏନ୍‌ଏଚ୍‌ଏଆଇ ବିଭାଗ, ଆର୍ ଆଣ୍ଡ ବି ବିଭାଗ, ଆର୍‌ଡି ବିଭାଗ, ପୁଲିସ ବିଭାଗ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀଙ୍କୁ ନେଇ ଜିଲ୍ଲାର ବିକାଶମୂଳକ ଯୋଜନା ଓ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ବିଶେଷକରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିବା ସହ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଭଦ୍ରକର ଅଧିକାରୀ ଭୋଳାନାଥ ରାଉଳ, ହରିହର ଗୁଇନ ଓ ସୁଭ୍ରାଙ୍ଗିନୀ ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ।